୬୬ତମ ବର୍ଷ | ୨୧ ଫେବ୍ରୁଆରୀ ୨୦୨୩ | ପ୍ରଥମ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

୬୬ତମ ବର୍ଷ        ୨୧ ଫେବ୍ରୁଆରୀ ୨୦୨୩        ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ        ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି

ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୨୩]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... ୫ |
| ମାତୃବାଣୀ | ... | ... | ... ୬ |
| ଆମ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ | ... | ଶ୍ରୀଅରବିନ୍ଦ | ... ୯ |
| ଧମ୍ମପଦ (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ... ୧୧ |
| ମାତୃଶକ୍ତିମାନଙ୍କ ସମ୍ପର୍କରେ | ... | ଶ୍ରୀମା | ... ୧୬ |
| ଅବତାର-ତତ୍ତ୍ୱ | ... | ଶ୍ରୀଅରବିନ୍ଦ | ... ୨୦ |
| ଭଗବତ୍ ଚାଳନା | ... | ଶ୍ରୀଅରବିନ୍ଦ | ... ୨୨ |
| ଯୋଗପଥ ଗ୍ରହଣର ଯଥାର୍ଥ ହେତୁ | ... | ଶ୍ରୀମା | ... ୨୫ |
| ପ୍ରେମର ଶକ୍ତି ଓ ସମ୍ଭାବନା | ... | ଶ୍ରୀମା | ... ୨୬ |
| ଭଗବତୀ ଜନନୀ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... ୨୯ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... ୩୦ |
| ୨୯ ଫେବ୍ରୁଆରୀ, ୧୯୬୦ | ... | ଶ୍ରୀ ଋଷଭଚାନ୍ଦ | ... ୩୩ |
| ଚାନ୍ଦ୍ରାୟଣ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... ୩୬ |
| ଏକ ସୀମାହୀନ ଚେତନା ଓ ତା'ର ସଙ୍କେତ | ... | ଶ୍ରୀ ମନୋଜ ଦାସ | ... ୪୦ |
| ପୂର୍ଣ୍ଣଯୋଗରେ ମନ୍ତ୍ର ଶକ୍ତି | ... | ମମତା ଦାଶ | ... ୪୩ |
| ବିଶ୍ୱଗତ ଆତ୍ମା (କବିତା) | ... | ଶ୍ରୀଅରବିନ୍ଦ | ... ୪୬ |
| ମା'ହିଁ ଚେତନାର ଅମୃତ ଦିଗନ୍ତ | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... ୪୭ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ଚାରିଗୋଟି ବଡ଼ ଅସୁର | ... | ଶ୍ରୀମା | ... ୫୦ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଦଶ ମହାବିଦ୍ୟା | ... | ... | ... ୫୪ |

**ଶେଷ ପୃଷ୍ଠା :**

| | | | |
|---|---|---|---|
| ଦିବ୍ୟ ଉପସ୍ଥିତିର ପ୍ରକାଶ ପାଇଁ ବାଟ ଛାଡ଼ିଦେବା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... ୫୭ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ... ୬୧ |


❖

# ଶ୍ରୀଅରବିନ୍ଦଙ୍କ ବାଣୀ

All can be done by the Divine, – the heart and nature purified, the inner consciousness awakened, the veils removed, if one gives oneself to the Divine with trust and confidence – and even if one cannot do so fully at once, yet the more one does so, the more the inner help and guidance comes and the contact and the experience of the Divine grows within. If the questioning mind becomes less active and humility and the will to surrender grow in you, this ought to be perfectly possible. No other strength and tapasya are then needed, but this alone.

(Letters on Yoga – II, p. 69) – Sri Aurobindo

ଭଗବାନ୍ ସବୁକିଛି କରିଦେଇ ପାରିବେ, — ହୃଦୟ ଓ ପ୍ରକୃତି ପରିଶୁଦ୍ଧ ହୋଇପାରିବ, ଆନ୍ତର ଚେତନା ଜାଗ୍ରତ ହୋଇପାରିବ, ଅବଗୁଣ୍ଠନ ଅପସାରିତ ହୋଇପାରିବ — ଯଦି ଆସ୍ଥା ଓ ନିର୍ଭରତାର ସହ ବ୍ୟକ୍ତି ଭଗବାନଙ୍କୁ ନିଜକୁ ଅର୍ପଣ କରିଦିଏ । ଏହା ଯଦି ଅବିଳମ୍ବେ ପୂର୍ଣ୍ଣଭାବେ କରିବା ସମ୍ଭବ ନ ହୁଏ, ତେବେ ଯେତେ ଅଧିକ ଏହା କରାଯାଏ, ସେତେ ଅଧିକ ଆନ୍ତର ସାହାଯ୍ୟ ଓ ପରିଚାଳନା ଆସେ ଓ ଭିତରେ ଭାଗବତ ଅନୁଭୂତି ବୃଦ୍ଧିପାଏ । ତର୍କଶୀଳ ମନ ଯଦି କମ୍ ସକ୍ରିୟ ହୁଏ ଏବଂ ବିନମ୍ରତା ଓ ସମର୍ପଣର ସଂକଳ୍ପ ବୃଦ୍ଧି ପାଏ, ତା'ହେଲେ ଏହି କାର୍ଯ୍ୟଟି ପୂର୍ଣ୍ଣରୂପେ ସମ୍ଭବ ହୁଏ । କେବଳ ଏତିକି ଛଡ଼ା ଆଉ କୌଣସି ସାମର୍ଥ୍ୟ ଓ ତପସ୍ୟା ଆବଶ୍ୟକ ହୁଏ ନାହିଁ ।

— ଶ୍ରୀଅରବିନ୍ଦ



# ମାତୃବାଣୀ

The only way out of your difficulty is to find the psychic being and to live entirely in its consciousness.

Life upon earth as it is now is full of miseries and any sensitive heart is full of sorrow because of that. To get in contact with the Divine Consciousness and to live in its mercy, its strength and its light is the only truly effective way to get out of this difficulty and suffering and by uniting with the psychic we can obtain this condition.

My help and blessings are with you for this purpose.

(CWM, Vol. 14, p. 231) – The Mother

ତୁମର ବାଧାବିଘ୍ନରୁ ବାହାରି ଆସିବାର ଏକମାତ୍ର ବାଟ ହେଉଛି ଚୈତ୍ୟସତ୍ତାକୁ ଆବିଷ୍କାର କରିବା ଏବଂ ପୂରାପୂରି ଏହାର ଚେତନାରେ ବାସ କରିବା ।

ପୃଥିବୀପୃଷ୍ଠରେ ଜୀବନର ବର୍ତ୍ତମାନ ଅବସ୍ଥା ନାନା ଦୁଃଖ ଦୁର୍ଦ୍ଦଶାରେ ପୂରି ରହିଛି, ଏବଂ ସେହି କାରଣରୁ ଯେକୌଣସି ସଂବେଦନଶୀଳ ହୃଦୟ ଦୁଃଖାଭିଭୂତ ହୋଇପଡ଼େ । ଭଗବତ୍ ଚେତନା ସହିତ ସଂଯୋଗ ସ୍ଥାପନ କରିବା ଏବଂ ସେହି ଚେତନାର କରୁଣା, ତାହାର ସାମର୍ଥ୍ୟ ଓ ତାହାର ଆଲୋକରେ ବାସ କରିବା ହେଉଛି ଏହିସବୁ ବାଧାବିଘ୍ନ ଓ ଦୁଃଖ-ଦୁର୍ଦ୍ଦଶାର କବଳରୁ ମୁକ୍ତ ହେବାର ଏକମାତ୍ର ଫଳପ୍ରଦ ପନ୍ଥା ଏବଂ ଚୈତ୍ୟ-ଚେତନା ସଂଗେ ଯୁକ୍ତ ହେବା ଦ୍ୱାରା ଆମେ ଏହି ଅବସ୍ଥା ଲାଭ କରିପାରିବୁ ।

ଏହି ଲକ୍ଷ୍ୟ ସାଧନ ପାଇଁ ମୋର ସହାୟତା ଏବଂ ଆଶୀର୍ବାଦ ତୁମ ସଙ୍ଗରେ ରହିଛି ।

— ଶ୍ରୀମା

# ଆମ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ

## ଶ୍ରୀଅରବିନ୍ଦ

ଏହି ବିଶ୍ୱଜଗତରେ ମନୁଷ୍ୟ ନିଜକୁ ସାବ୍ୟସ୍ତ ବା ପ୍ରତିଷ୍ଠିତ କରିବ – ଏହାହିଁ ତାହାର ପ୍ରଥମ କାମ । କିନ୍ତୁ ତହିଁ ସଙ୍ଗେ ସଙ୍ଗେ ସେ ନିଜକୁ ବିବର୍ଦ୍ଧିତ କରିବ ଓ ଶେଷରେ ନିଜକୁ ଅତିକ୍ରମ କରିଯିବ – ଏହା ମଧ୍ୟ ତା'ର ଉଦ୍ଦିଷ୍ଟ ଲକ୍ଷ୍ୟ । ନିଜର ଆଂଶିକ ସତ୍ତାକୁ ସେ ଏକ ପୂର୍ଣ୍ଣସତ୍ତାରେ ପ୍ରସାରିତ କରିଦେବ, ନିଜର ଆଂଶିକ ଚେତନାକୁ ଏକ ପୂର୍ଣ୍ଣ ଚେତନାରେ ପରିଣତ କରିବ । ପାରିପାର୍ଶ୍ୱିକ ପରିବେଶ ଉପରେ ନିଜର କର୍ତ୍ତୃତ୍ୱକୁ ପ୍ରତିଷ୍ଠିତ କରିବା ସଙ୍ଗେ ସଙ୍ଗେ ସେ ମଧ୍ୟ ମିଳିତ ହେବ ସମଗ୍ର ବିଶ୍ୱ ସଙ୍ଗରେ, ସମଗ୍ର ବିଶ୍ୱକୁ ସମନ୍ୱିତ ଓ ସୌଷମ୍ୟମଣ୍ଡିତ କରିବା ଦିଗରେ ଆଗେଇଯିବ । ନିଜ ବ୍ୟକ୍ତିତ୍ୱର ମହତ୍ତ୍ୱ ଉପଲବ୍ଧି କରିବା ସଙ୍ଗେ ସଙ୍ଗେ ସେହି ବ୍ୟକ୍ତିତ୍ୱକୁ ସଂପ୍ରସାରିତ କରିବାକୁ ହେବ ବିଶ୍ୱାତ୍ମା ଓ ବିଶ୍ୱ ଜୀବନର ଆଧ୍ୟାତ୍ମିକ ଆନନ୍ଦ ଭିତରକୁ । ନିଜର ଏକ ରୂପାନ୍ତର ଘଟାଇ, ନିଜର ମନୋଗତ ଭୂମିରେ ଯାହାକିଛି ଅଜ୍ଞାନମୟ, ଭ୍ରାନ୍ତ, ପ୍ରମାଦପୂର୍ଣ୍ଣ ଓ ତମସାବୃତ ହୋଇ ରହିଛି ସେଗୁଡ଼ିକୁ ସଂଶୋଧିତ, ମାର୍ଜିତ ଓ ବିଶୁଦ୍ଧ କରି ତାହାକୁ ଚୂଡ଼ାନ୍ତଭାବେ ପହଞ୍ଚିବାକୁ ହେବ ଜ୍ଞାନ, ସଂକଳ୍ପ, ଆବେଗ, ଅନୁଭବ, କର୍ମ ଓ ଚରିତ୍ରରେ ଏକ ମୁକ୍ତ, ଉଦାର, ପ୍ରସାରିତ, ସୌଷମ୍ୟ ଏବଂ ଜ୍ୟୋତିର୍ମୟ ଅବସ୍ଥାରେ । ଏହି ସମସ୍ତହିଁ ମନୁଷ୍ୟ ପ୍ରକୃତି ଭିତରେ ଅତି ସ୍ୱଷ୍ଟ ଅଭିପ୍ରାୟ ରୂପେ ନିହିତ ହୋଇ ରହିଛି । ସୃଜନାତ୍ମିକା ମହାଶକ୍ତି ମନୁଷ୍ୟର ବୁଦ୍ଧିକୁ ଏହି ଆଦର୍ଶ ଦ୍ୱାରାହିଁ ଅନୁପ୍ରାଣିତ କରି ରଖିଛି, ତା'ର ମନ ଓ ପ୍ରାଣର ଉପାଦାନ ଭିତରେ ଏହି ପ୍ରୟୋଜନୀୟତାଟିକୁ ରୋପଣ କରି ରଖିଛି । କିନ୍ତୁ ଏହା କେବଳ ସମ୍ପନ୍ନ ହୋଇପାରିବ ଏକ ବୃହତ୍ତର ସତ୍ତା ଓ ବୃହତ୍ତର ଚେତନା ଭିତରକୁ ମଣିଷର ବିକାଶ ଓ ଅଭିବୃଦ୍ଧିର ପ୍ରବେଶ ଦ୍ୱାରା, ଆତ୍ମପ୍ରସାରଣ ଓ ଆତ୍ମପୂର୍ଣ୍ଣତା ଦ୍ୱାରା; ବର୍ତ୍ତମାନ ସେ ତା'ର ଆପାତ ଓ ଜାଗତିକ ପ୍ରକୃତିରେ ଆଂଶିକ ଓ ଅସ୍ଥାୟୀ ଭାବରେ ଯାହା ହୋଇରହିଛି ତାହାକୁ ଅତିକ୍ରମ କରି ଆତ୍ମ-ବିବର୍ତ୍ତନ ଦ୍ୱାରା ତାକୁ ନିଜର ସେହି ପୂର୍ଣ୍ଣ ସ୍ୱରୂପରେ ପହଞ୍ଚିବାକୁ ହେବ, ଯାହା ତାହାର ଗୋପନ ଆତ୍ମା ଓ ସତ୍ତାର ନିଗୂଢ଼ ସତ୍ୟ । ତାହାର ଆତ୍ମା ଓ ଚିନ୍ମୟତା ଭିତରେ ସେହି ପରିପୂର୍ଣ୍ଣତାଟି ପ୍ରଚ୍ଛନ୍ନ ହୋଇରହିଛି ଏବଂ ସେହି କାରଣରୁହିଁ ତାହା ଅବଶ୍ୟ ତା'ର ଅଭିବ୍ୟକ୍ତ ଜୀବନରେ ନିଶ୍ଚୟ ପ୍ରକଟିତ ହେବ । ଏହି ଜଗତରେ ଯେ ମଣିଷର ସୃଷ୍ଟି ହୋଇଛି, ତାହା ପଛରେ ଏହି ମୂଳ ଉଦ୍ଦେଶ୍ୟଟି ନିହିତ ହୋଇରହିଛି । ଏହି ଆଶା ଓ ସମ୍ଭାବନାହିଁ ବିଶ୍ୱଜାଗତିକ ଯାବତୀୟ ପ୍ରତିଭାସ ମଧ୍ୟରେ ଓ ପୃଥିବୀପୃଷ୍ଠରେ ମନୁଷ୍ୟ ଜୀବନର ଯାଥାର୍ଥ୍ୟ ପ୍ରତିପାଦନ କରେ । ବାହାରୁ ଦେଖିଲେ ମନୁଷ୍ୟ କେବଳ କ୍ଷଣିକ ଲାଗି ଆସି ପୁଣି କୁଆଡ଼େ ମିଳାଇ ଯାଉଥିବା ଏକ ଅକିଞ୍ଚନ ଜୀବ ପରି ପ୍ରତୀତ ହୁଏ । ନିଜର ଜଡ଼ ଶରୀରଟା ଭିତରେ ସେ ସତେଅବା ଆବଦ୍ଧ ହୋଇରହିଛି । ଏକ ଅତି ସୀମାବଦ୍ଧ ମନର କ୍ଷୁଦ୍ରାୟତନ ଭିତରେ ବନ୍ଦି ହୋଇରହିଛି । ସେହି ବାହ୍ୟ ଓ ଆପାତ ମଣିଷକୁ ଅନ୍ତରର ସେହି ଯଥାର୍ଥ ମାନବରେ ପରିଣତ ହେବାକୁ ହେବ । ବର୍ତ୍ତମାନ ସେ ଯେପରି ନାନା ଚାପ ଭିତରେ ନିଜର ତଥା ଅବସ୍ଥାର ଅଧୀନ ହୋଇରହିଛି ସେଭଳି ନରହି ସେ ହେବ ନିଜର ତଥା ନିଜ ପରିବେଶର ପ୍ରଭୁ, ସେ ନିଜ ସତ୍ତାରେ ହୋଇଉଠିବ ବିଶ୍ୱପୁରୁଷ । କମ୍ ଦାର୍ଶନିକ ଭାଷା ଓ ଏକ ଅଧିକ ସ୍ୱଷ୍ଟ ଓ ପ୍ରାଞ୍ଜଳ ଭାଷାରେ କହିଲେ ଏବେଯାଏଁ ପ୍ରକୃତିର ଅଧୀନ ହୋଇ ରହିଥିବା ମଣିଷକୁ ବିବର୍ତ୍ତିତ ହେବାକୁ ହେବ ଏକ ଦିବ୍ୟମାନବରେ । ମୃତ୍ୟୁର ସନ୍ତାନ ହୋଇ ରହିବାକୁ ବାଧ୍ୟ ହେଉଥିବା ମନୁଷ୍ୟକୁ ଉପଲବ୍ଧି କରିବାକୁ ହେବ ସେ ଅମୃତର ସନ୍ତାନ ବୋଲି । ଏହି କାରଣରୁହିଁ ମାନବଜନ୍ମକୁ ବିବର୍ତ୍ତନ କ୍ରମରେ ଏକ ସୁନିଶ୍ଚିତ ମୋଡ଼ ଓ ପୃଥିବୀ ପ୍ରକୃତିରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସୋପାନ ବୋଲି କୁହାଯାଇପାରେ ।

ଏଥିରୁ ସଙ୍ଗେ ସଙ୍ଗେ ଏହି ସିଦ୍ଧାନ୍ତ ଆସୁଛି ଯେ ଏଥିପାଇଁ ଆମର ଯେଉଁ ଜ୍ଞାନରେ ପହଞ୍ଚିବା ଆବଶ୍ୟକ, ତାହା କୌଣସି ମାନସିକ ବୁଦ୍ଧିର ସତ୍ୟ ନୁହେଁ, ନିଜ ସମ୍ପର୍କରେ ଓ ବସ୍ତୁଗୁଡ଼ିକ ସମ୍ପର୍କରେ କେବଳ ଏକ ଯଥାର୍ଥ ବିଶ୍ୱାସ ରଖିବା ନୁହେଁ ବା ଯଥାର୍ଥ ମତପୋଷଣ ବା ତଥ୍ୟାନୁସନ୍ଧାନ ନୁହେଁ – କାରଣ ଏଗୁଡ଼ିକ ହେଉଛି ଜ୍ଞାନ ସମ୍ପର୍କରେ ବାହ୍ୟ ଓ ଉପୁରିଆ ମନର ଧାରଣା ମାତ୍ର । ଭଗବାନଙ୍କ ସମ୍ପର୍କରେ, ନିଜ ସମ୍ପର୍କରେ ବା ଜଗତ୍ ସମ୍ପର୍କରେ ଏକ ମାନସିକ ଧାରଣାରେ ପହଞ୍ଚିବା ବୁଦ୍ଧି ପାଇଁ ଏକ ଉତ୍ତମ ଲକ୍ଷ୍ୟ ହୋଇପାରେ, କିନ୍ତୁ ଆତ୍ମା ଲାଗି ତାହା ଆଦୌ ଯଥେଷ୍ଟ ନୁହେଁ, ଏହା ଆମକୁ ଅନନ୍ତଙ୍କର ସଚେତ ସନ୍ତାନରେ ପରିଣତ କରି ଦେଇପାରିବ ନାହିଁ । ଭାରତର

ପ୍ରାଚୀନ ବିଚାରଧାରାରେ ଜ୍ଞାନ କହିଲେ ଏପରି ଏକ ଚେତନାକୁ ବୁଝାଉଥିଲା ଯାହାକି ଏକ ସିଧାସଳଖ ପ୍ରତ୍ୟକ୍ଷ ଭିତରେ, ଆତ୍ମ-ଅନୁଭୂତି ଭିତରେ ସର୍ବୋଚ୍ଚ ସତ୍ୟକୁ ଲାଭ କରିଛି । ଆମେ ଯେ ପ୍ରକୃତ ଜ୍ଞାନ ଲାଭ କରିଛୁ ତା'ର ଲକ୍ଷଣ ହେଲା ଆମେ ଯାହାକୁ ସର୍ବୋଚ୍ଚ ବୋଲି ଜାଣୁ, ଯେତେବେଳେ ଆମେ ସ୍ୱୟଂ ତାହାହିଁ ହୋଇ ଉଠିବୁ । ସେହି କାରଣରୁ ସତ୍ୟ ଓ ଔଚିତ୍ୟବୋଧ ସମ୍ପର୍କରେ ଆମର ବୁଦ୍ଧିଗତ ଧାରଣା ସହ ଯେତେଦୂର ସମ୍ଭବ ଖାପ ଖୁଆଇ ଆମର ବାସ୍ତବ ଜୀବନ ଓ କର୍ମକୁ ରୂପ ଦେବା ବା ଏକ ସଫଳ ବ୍ୟାବହାରିକ ଜ୍ଞାନ ନେଇ ନୈତିକ ବା ପ୍ରାଣିକ ପୂର୍ଣ୍ଣତା ପଥରେ ଚାଲିବା — ଏଗୁଡ଼ିକ କେବେହେଲେ ଆମ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ ନୁହେଁ ବା ହୋଇପାରିବ ନାହିଁ । ଆମର ଲକ୍ଷ୍ୟ ହେବା ଉଚିତ ଆମର ଯଥାର୍ଥ ସତ୍ତାରେ, ଆମର ଆତ୍ମ-ସତ୍ତାରେ, ପରମ ଅସ୍ତିତ୍ୱ ଓ ବିଶ୍ୱଜୀବନର ସତ୍ତାରେ; ସଚ୍ଚିଦାନନ୍ଦଙ୍କ ସତ୍ତାରେ ବିକଶିତ ଓ ପରିଣତ ହୋଇଉଠିବା ।

ଆମର ସମଗ୍ର ଅସ୍ତିତ୍ୱ ନିର୍ଭର କରୁଛି ସେହି ପରମ ଅସ୍ତିତ୍ୱ ଉପରେ, ଆମ ଭିତରେ ସେହି ପରମ ସତ୍ୟହିଁ ବିବର୍ତ୍ତିତ ହେଉଛି; ଆମେ ସେହି ଦିବ୍ୟ-ଅସ୍ତିତ୍ୱରହିଁ ଏକ ସତ୍ତା, ସେହି ଦିବ୍ୟ ଚେତନାରହିଁ ଏକ ଚେତନା, ସେହି ସଚେତ ଦିବ୍ୟ ଶକ୍ତିରହିଁ ଏକ ଶକ୍ତି । ସେହି ଦିବ୍ୟ-ଆନନ୍ଦରୁ ଜନ୍ମ ନେଇଥିବା ସତ୍ତାର ଆନନ୍ଦ, ଚେତନାର ଆନନ୍ଦ, ଶକ୍ତିର ଆନନ୍ଦ ଦିଗରେ ଅଭିମୁଖୀ ହୋଇ ରହିଥିବା ଏକ ସଂକଳ୍ପ ହେଉଛୁ ଆମେ । ଆମ ଅସ୍ତିତ୍ୱର ଏହାହିଁ ହେଉଛି ମୂଳତତ୍ତ୍ୱ । ମାତ୍ର ଆମ ଜୀବନର ଉପରି ଭାଗରେ ଏହିସବୁର ଯେଉଁ ରୂପାୟଣ ହୋଇଛି, ସେହି ରୂପାୟଣଗୁଡ଼ିକ ଆମେ ସେହି ପରମ ଅସ୍ତିତ୍ୱ ବୋଲି କହିପାରିବା ନାହିଁ । ଏଠାରେ ଅଜ୍ଞାନର ଭାଷାରେ ତାହା ଯଥାର୍ଥ ଜିନିଷର ଏକ ଭୁଲ୍ ଅନୁବାଦ ମାତ୍ର । ଆମର 'ମୁଁ' କେବେହେଲେ ସେହି ଆଧ୍ୟାତ୍ମିକ ଦିବ୍ୟସତ୍ତା ନୁହେଁ ଯେକି ସେହି ପରମ ଦିବ୍ୟ-ଅସ୍ତିତ୍ୱ ଉପରେ ଦୃଷ୍ଟି ନିକ୍ଷେପ କରି କହିବ ସେହି ଦିବ୍ୟସତ୍ୟହିଁ ମୁଁ; ଆମର ମନୋଭୂମି ସେହି ଆଧ୍ୟାତ୍ମିକ ଚେତନା ନୁହେଁ, ଆମର ସଂକଳ୍ପ ଦିବ୍ୟ ଚେତନାର ସେହି ସାମର୍ଥ୍ୟ ନୁହେଁ, ଆମର ଦୁଃଖ ଓ ସୁଖ, ଏପରିକି ଆମର ଶୀର୍ଷତମ ଆନନ୍ଦ ଓ ଉଲ୍ଲାସ ସତ୍ତାର ସେହି ପରମ ଆନନ୍ଦ ନୁହେଁ । ବାହ୍ୟ ଉପରିଭାଗରେ ଆମେ ରହିଛୁ ତଥାପି ଏକ ଅହଂ ହୋଇ ଯାହା ଆତ୍ମାର ରୂପ ନେବାକୁ ଚାହୁଁଛି, ଏକ ଅଜ୍ଞାନତା ହୋଇ ଯାହା ଜ୍ଞାନରେ ପରିଣତ ହେବାକୁ ଚାହୁଁଛି, ଏକ ସଂକଳ୍ପ ହୋଇ ଯାହା ଯଥାର୍ଥ ଶକ୍ତି ଲାଭ ପାଇଁ ଆୟାସ କରିଚାଲିଛି, ଏକ କାମନା ହୋଇ ଯାହା ଅସ୍ତିତ୍ୱର ଆନନ୍ଦ ଅନ୍ୱେଷଣ କରିଚାଲିଛି । ଜଣେ ଅର୍ଦ୍ଧ-ଅନ୍ଧ ଦ୍ରଷ୍ଟା ଆତ୍ମାକୁ ଜାଣି ନଥିଲେ ମଧ୍ୟ ଆତ୍ମାର ବର୍ଣ୍ଣନା କରିବାକୁ ଯାଇ ଯେଉଁ ଅନୁପ୍ରେରଣାର ବାଣୀ ଉଚ୍ଚାରଣ କରିଥିଲେ, ତାହାକୁ ଟିକିଏ ବୁଲାଇ କରି ଆମେ କହିପାରୁ ଯେ ଆମ ନିଜକୁ ଅତିକ୍ରମ କରିହିଁ ଆମ ନିଜକୁ ଲାଭ କରିପାରିବା, ଏହି କଷ୍ଟସାଧ୍ୟ ଓ ବିପଜ୍ଜନକ ଆବଶ୍ୟକତାଟିକୁ ଆମ ଉପରେ ଲଦି ଦିଆଯାଇଛି, ନିଜ ଉପରେ ଏକ ଅଦୃଶ୍ୟ ରାଜମୁକୁଟ ବହନ କରୁଥିବା ଏକ କ୍ରୁଶକୁ ଆଣି ଆମ ଉପରେ ଲଦି ଦିଆଯାଇଛି । ସତ୍ତାର ନିମ୍ନଦେଶରେ ଥିବା ନିଶ୍ଚେତନାର ସେହି ଅନ୍ଧକାରମୟ ସ୍ଫିଙ୍କ୍ସ ବା ପ୍ରହେଳିକା ମଣିଷକୁ ତା'ର ଯଥାର୍ଥ ସ୍ୱଭାବର ରହସ୍ୟ ସମ୍ପର୍କରେ ପ୍ରଶ୍ନ କରି ଉତ୍ତର ପାଇବା ଲାଗି ଅପେକ୍ଷା କରିରହିଛି, ଗଭୀରରେ ଓ ଊର୍ଦ୍ଧ୍ୱସତ୍ତାର ଦେଶରେ ଥିବା ଅନନ୍ତ ଚେତନା ଓ ଶାଶ୍ୱତ ପ୍ରଜ୍ଞାର ଆବରଣ ପରିହିତା ଜ୍ୟୋତିର୍ମୟୀ ସ୍ଫିଙ୍କ୍ସ ବା ପ୍ରହେଳିକା ଏକ ଅବୋଧ ଦିବ୍ୟମାୟାର ବେଶରେ ତା'ର ସମ୍ମୁଖୀନ ହୋଇରହିଛି । ତେଣୁ ଅହଂକୁ ଅତିକ୍ରମ କରି ଆମ ନିଜର ଯଥାର୍ଥ ଆତ୍ମା ହୋଇଉଠିବା, ଆମ ଯଥାର୍ଥ ସତ୍ତା ସମ୍ପର୍କରେ ସଚେତନ ହେବା, ତାହାକୁ ଅଧିକାର କରିବା ଏବଂ ସତ୍ତାର ସେହି ଯଥାର୍ଥ ଆନନ୍ଦଟିକୁ ନିଜସ୍ୱ ସମ୍ପଦ ରୂପେ ଲାଭ କରିବା — ଏହାହିଁ ହେଉଛି ଇହ ଜଗତରେ ଆମ ଜୀବନର ଚରମ ଅର୍ଥ ଓ ଆମ ବ୍ୟକ୍ତିଗତ ଓ ପାର୍ଥିବ ଅସ୍ତିତ୍ୱର ଗୋପନ ମର୍ମ ।

(CWSA : Vol. 21 - 22, pp. 711 - 713) ✤

ପ୍ରଗତିର କେବେ ବି ଅନ୍ତ ନାହିଁ ଓ ପ୍ରତିଦିନ ତୁମେ ଯାହା କରୁଛ ତାକୁ ଆହୁରି ଭଲ କରି କରିବା ପାଇଁ ଶିକ୍ଷା କରିପାର ।

— ଶ୍ରୀମା

# ଧମ୍ମପଦ

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

### ଯମକବଗ୍‌ଗୋ (ଯମକବର୍ଗ)

### (୧)

ମନୋପୁବ୍‌ବଙ୍ଗମା ଧମ୍ମା ମନୋସେଟ୍‌ଠା ମନୋମୟା ।
ମନସା ଚେ ପଦୁଟ୍‌ଠେନ ଭାସତି ବା କରୋତି ବା ।
ତତୋ 'ନଂ ଦୁକ୍‌ଖମନ୍ୱେତି ଚକ୍‌କଂ' ବ ବହତୋ ପଦଂ ॥

(Mind is the foremost of all movements, mind is the highest of all movements, mind enters into all movements. If with an evil mind you speak or act, suffering will pursue even as the wheel of the cart does the hooves of the bullock.)

ସକଳ ଗତି ମଧ୍ୟରେ ମନ ସର୍ବପ୍ରଧାନ, ସକଳ ଗତି ମଧ୍ୟରେ ମନ ଉଚ୍ଚତମ, ସକଳ ଗତିରେ ମନର ସଂଯୋଗ ଥାଏ । ଯଦି ତୁମ୍ଭେ ଅସତ୍ ମନରେ କଥା କୁହ ବା କାର୍ଯ୍ୟ କର, ତାହାହେଲେ ଶଗଡ଼ ଚକ ଯେପରି ଭାର ବହନ କରୁଥିବା ବଳଦର ପଦାନୁସରଣ କରେ, ସେହିପରି ଦୁଃଖ ତୁମ୍ଭଙ୍କୁ ଅନୁସରଣ କରିବ ।

**ଶ୍ରୀମା'ଙ୍କ ଭାଷ୍ୟ :**

ସ୍ୱରୂପତଃ ଏଠାରେ ଆଲୋଚ୍ୟ ବିଷୟ ହେଲା ଭୌତିକ ଜୀବନ ସମ୍ବନ୍ଧରେ; ବିଶ୍ୱସଂସାର (Universe)ର ଏଠାରେ କୌଣସି ପ୍ରଶ୍ନ ନାହିଁ ।

ଅର୍ଥାତ୍, ପୃଥିବୀରେ ବର୍ତ୍ତମାନ ପ୍ରଚଳିତ ସାଧାରଣ ମାନବଜୀବନ ମନର ବଶୀଭୂତ । ସୁତରାଂ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ନିଜର ମନକୁ ଶାସନ କରିବା । ତେଣୁ ଆମ୍ଭମାନଙ୍କର ମନର ବିକାଶ ଓ ଶାସନ ଉଦ୍ଦେଶ୍ୟରେ ଆମ୍ଭେମାନେ 'ଧମ୍ମପଦ'ର ଏହି ଯୁଗ୍ମ ଶ୍ଲୋକଗୁଡ଼ିକରେ ବର୍ଣ୍ଣିତ ଧାରାବାହିକ ଶିକ୍ଷା ଅନୁସରଣ କରିବା । ସାଧାରଣତଃ ମନର ଗତିର ଚାରିଟି ଧାରା ଗୋଟିକ ପରେ ଗୋଟିଏ ଉପସ୍ଥିତ ହେଉଥିଲେ ସୁଦ୍ଧା ଅବଶେଷରେ ଏକକାଳୀନ ହୋଇପାରେ : ପ୍ରଥମତଃ ନିଜର ଚିନ୍ତାଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା; ଦ୍ୱିତୀୟତଃ ନିଜର ଚିନ୍ତାସମୂହ ବିଷୟରେ ସତର୍କ ରହିବା; ତୃତୀୟତଃ ନିଜର ଚିନ୍ତାରାଜିକୁ ଶାସନ କରିବା ଏବଂ ଚତୁର୍ଥତଃ ନିଜର ଚିନ୍ତାସମୂହ ଉପରେ ପ୍ରଭୁତ୍ୱ ସ୍ଥାପନ କରିବା । ପର୍ଯ୍ୟବେକ୍ଷଣ କରିବା, ସତର୍କ ରହିବା, ଶାସନ କରିବା ଏବଂ ପ୍ରଭୁତ୍ୱ ସ୍ଥାପନ କରିବା – ଏହିସବୁର ଉଦ୍ଦେଶ୍ୟ ହେଲା ଅସତ୍ ବା ଭ୍ରାନ୍ତ ମନରୁ ମୁକ୍ତିଲାଭ; କାରଣ ଆମ୍ଭମାନଙ୍କୁ କୁହାଯାଉଅଛି ଯେ ଯେଉଁ ବ୍ୟକ୍ତି ଅସତ୍ ମନରେ କାର୍ଯ୍ୟ କରେ ବା କଥା କହେ ଦୁଃଖ ତାହାର ପଛେ ପଛେ ଥାଏ, ଯେପରି ଶଗଡ଼ ଚକ ଭାର ବହନ କରୁଥିବା ବଳଦର ପଦାନୁସରଣ କରେ ।

ଏହାହିଁ ଆମ୍ଭମାନଙ୍କର ପ୍ରଥମ ଧ୍ୟାନର ବିଷୟ ।

### (୨)

ମନୋପୁବ୍‌ବଙ୍ଗମା ଧମ୍ମା ମନୋସେଟ୍‌ଠା ମନୋମୟା ।
ମନସା ଚେ ପସନ୍ନେନ ଭାସତି ବା କରୋତି ବା ।
ତତୋ 'ନଂ ସୁଖମନ୍ୱେତି ଛାୟା' ବ ଅନପାୟିନୀ ॥

(Mind is the foremost of all movements, mind is the highest of all movements, mind enters into all movements. If with a clean mind you speak or act, happiness will follow you even like your never-failing shadow.)

ସକଳ ଗତି ମଧ୍ୟରେ ମନ ସର୍ବପ୍ରଧାନ, ସକଳ ଗତି ମଧ୍ୟରେ ମନ ଉଚ୍ଚତମ, ସକଳ ଗତିରେ ମନର ସଂଯୋଗ ଥାଏ । ଯଦି ତୁମ୍ଭେ ନିର୍ମଳ ମନରେ କଥା କୁହ ବା କାର୍ଯ୍ୟ କର, ତାହାହେଲେ ସୁଖ ଅନୁକ୍ଷଣ ଛାୟା ପରି ତୁମ୍ଭର ଅନୁଗାମୀ ହେବ ।

**ଶ୍ରୀମା'ଙ୍କ ଭାଷ୍ୟ :**

ଗତଥର ଆମ୍ଭେମାନେ ଯାହା ପାଠ କରିଥିଲୁ, ଏହି ଶ୍ଲୋକଟି ତାହାର ପ୍ରତିବଚନ ବା ଉତ୍ତର । ଧମ୍ମପଦ ଅସତ୍ ମନର ପ୍ରତିବିଧାନ ରୂପେ ନିର୍ମଳ ମନ ସ୍ଥାପନ କରୁଅଛନ୍ତି । ପୂର୍ବେ କୁହାଯାଇଅଛି ଯେ ମନର ଶୋଧନ କାର୍ଯ୍ୟରେ କ୍ରମାନ୍ୱୟରେ ଚାରିଟି ପର୍ଯ୍ୟାୟ ଅଛି । ସ୍ୱଭାବତଃ ବିଶୁଦ୍ଧ ବା ନିର୍ମଳ ମନରେ ଅସତ୍ ଚିନ୍ତାର ସ୍ଥାନ ନାହିଁ ଏବଂ ଇତିପୂର୍ବରୁ ଆମ୍ଭେମାନେ ଜାଣିଛୁ ଯେ ନିର୍ମଳ ମନ ଲାଭ କରିବାକୁ ହେଲେ ନିଜର ଚିନ୍ତା ଉପରେ ପୂର୍ଣ୍ଣ ପ୍ରଭୁତ୍ୱ ସ୍ଥାପନ ପ୍ରୟୋଜନ, ଯାହାକି ଉପର୍ଯ୍ୟୁକ୍ତ ଚାରିଟି ଧାରାର ଶେଷ ପର୍ଯ୍ୟାୟ । ପ୍ରଥମ ଧାରାଟି ହେଲା ନିଜ ମନର ପର୍ଯ୍ୟବେକ୍ଷଣ ।

ବିଶ୍ୱାସ କର ନାହିଁ ଯେ ଏହା ଗୋଟିଏ ଅତି ସହଜ ବିଷୟ, କାରଣ ନିଜର ଚିନ୍ତାସମୂହର ପର୍ଯ୍ୟବେକ୍ଷଣ କରିବାକୁ ହେଲେ ପ୍ରଥମରେ ସେଗୁଡ଼ିକରୁ ନିଜକୁ ଅଲଗା କରିବାକୁ ହେବ । ସାଧାରଣ ଅବସ୍ଥାରେ ସାଧାରଣ ମନୁଷ୍ୟ ନିଜକୁ ନିଜର ଚିନ୍ତାଧାରାରୁ ପୃଥକ୍ କରେ ନାହିଁ । ଏପରିକି ସେ ଜାଣିପାରେ ନାହିଁ ଯେ ସେ ଚିନ୍ତା କରୁଅଛି । ଅଭ୍ୟାସବଶରେ ସେ ଚିନ୍ତା କରେ ଏବଂ ହଠାତ୍ ତାହାକୁ ଯଦି ପ୍ରଶ୍ନ କରାଯାଏ –'ତୁମ୍ଭେ କ'ଣ ଭାବୁଛ ?' – ସେ ବିଷୟରେ ସେ କିଛି ମାତ୍ର ଜାଣେ ନାହିଁ । ଅର୍ଥାତ୍ ଶହେ ଥର ମଧ୍ୟରେ ପଞ୍ଚାନବେ ଥର ସେ ଉତ୍ତର ଦେବ – 'ମୁଁ ଜାଣେ ନା' । କାରଣ ଏପରି ଅବସ୍ଥାରେ ସତ୍ତାର ଚେତନା ଓ ଚିନ୍ତାର ଧାରା ଏକାକାର ହୋଇଥାଏ ।

ଚିନ୍ତାର ପର୍ଯ୍ୟବେକ୍ଷଣ ନିମିତ୍ତ ପ୍ରଥମେ ପ୍ରୟୋଜନ ନିଜକୁ ତହିଁରୁ ପଛକୁ ଘୁଞ୍ଚାଇ ନେବା ଏବଂ ତାହାକୁ ନିରୀକ୍ଷଣ କରିବା; ନିଜର ଚିନ୍ତାରୁ ନିଜକୁ ପୃଥକ୍ କରିବା ଯେପରିକି ଚେତନା ଓ ଚିନ୍ତାର ଧାରା ଗୋଳାଇ ହୋଇ ନ ଯାଏ । ସୁତରାଂ ଯେତେବେଳେ କୁହାଯାଏ ଯେ ବ୍ୟକ୍ତି ନିଜର ଚିନ୍ତାରାଜିକୁ ପର୍ଯ୍ୟବେକ୍ଷଣ କରିବ, ସେତେବେଳେ ବିଶ୍ୱାସ କର ନାହିଁ ଯେ ଏହା ଏତେ ସହଜ; ଏହା ପ୍ରଥମ ପଦକ୍ଷେପ । ମୁଁ ପ୍ରସ୍ତାବ କରୁଛି ଯେ ଏହି ପ୍ରଥମ ଅନୁଶୀଳନ ଆଜି ସନ୍ଧ୍ୟାରେ ଆମ୍ଭମାନଙ୍କର ଧ୍ୟାନର ବିଷୟ ହେଉ ଯାହାର ଧ୍ୟେୟ ବିଷୟ ହେଲା ନିଜର ଚିନ୍ତାରୁ ନିଜକୁ ପଛକୁ ହଟାଇ ନେବା ଏବଂ ଚିନ୍ତାକୁ ନିରୀକ୍ଷଣ କରିବା ।

## (୩)

ଅକୋଚ୍ଛି ମଂ ଅବଧି ମଂ ଅଜିନି ମଂ ଅହାସି ମେ ।
ଯେ ଚ ତଂ ଉପନୟ୍ହନ୍ତି ବେରଂ ତେସଂ ନ ସମ୍ମତି ॥

(''I am blamed, I am beaten, I am defeated, I am robbed''– they who cherish such thoughts can never quieten their enmity.)

''ମୁଁ ତିରସ୍କୃତ, ମୁଁ ପ୍ରହୃତ, ମୁଁ ପରାଜିତ, ମୁଁ ଲୁଣ୍ଠିତ''– ଯେଉଁମାନେ ଏପରି ଚିନ୍ତା ପୋଷଣ କରନ୍ତି, ସେମାନେ ସେମାନଙ୍କର ବିଦ୍ୱେଷକୁ କଦାପି ପ୍ରଶମିତ କରିପାରନ୍ତି ନାହିଁ ।

**ଶ୍ରୀମା'ଙ୍କ ଭାଷ୍ୟ :**

ପ୍ରଥମରେ ଧମ୍ମପଦ କହନ୍ତି ଯେ ସକଳ ଅସତ୍ ଚିନ୍ତା ଦୁଃଖର ଏବଂ ସକଳ ସତ୍ ଚିନ୍ତା ସୁଖର କାରଣ ଅଟେ । ବର୍ତ୍ତମାନ ସେ ଉଦାହରଣ ଦେଉଛନ୍ତି ଯେ ଅସତ୍ ଚିନ୍ତା କ'ଣ ଏବଂ କହୁଛନ୍ତି କି ଉପାୟରେ ଦୁଃଖ ପରିହାର କରାଯାଏ । ଏହି ପ୍ରଥମ ଦୃଷ୍ଟାନ୍ତର ମୁଁ ପୁନରୁଲ୍ଲେଖ କରୁଛି :– ''ମୁଁ ତିରସ୍କୃତ, ମୁଁ ପ୍ରହୃତ, ମୁଁ ପରାଜିତ, ମୁଁ ଲୁଣ୍ଠିତ'' ଏବଂ ଆହୁରି ନିର୍ଦ୍ଦେଶ କରୁଛନ୍ତି ଯେ ''ଯେଉଁମାନେ ଏପରି ଚିନ୍ତାସମୂହକୁ ମନରେ ପୋଷଣ କରନ୍ତି ସେମାନେ ସେମାନଙ୍କର ବିଦ୍ୱେଷକୁ କଦାପି ଶାନ୍ତ କରିପାରନ୍ତି ନାହିଁ ।''

ମାନସିକ ବିକାଶର କ୍ରମପର୍ଯ୍ୟାୟକୁ ଭିତ୍ତି କରି ଆମ୍ଭେମାନେ ମାନସିକ ଶୃଙ୍ଖଳା ବିଧାନର କାର୍ଯ୍ୟ ଆରମ୍ଭ କରିଅଛୁ ଏବଂ ଆମ୍ଭେମାନେ ବୁଝିଅଛୁ ଯେ ପର୍ଯ୍ୟାୟକ୍ରମେ ଚାରୋଟି ଧାରା ଏହି ଶୃଙ୍ଖଳାର ଅନ୍ତର୍ଗତ । ଏହା ପୂର୍ବେ ବର୍ଣ୍ଣିତ ହୋଇଅଛି ଏବଂ ଏହା ତୁମ୍ଭେ ନିଶ୍ଚୟ ସ୍ମରଣ ରଖିଥିବ – ପର୍ଯ୍ୟବେକ୍ଷଣ, ସତର୍କତା ଅବଲମ୍ବନ, ଶାସନ ଓ ପ୍ରଭୁତ୍ୱ ସ୍ଥାପନ କରିବା । ଏବଂ ଗତଥର ପାଠରୁ ଆମ୍ଭେମାନେ ଶିକ୍ଷା କରିଅଛୁ (ମୁଁ ଏହା ଆଶା କରେ) ଯେ ମନୋଯୋଗୀ ଦର୍ଶକ ରୂପେ ଚିନ୍ତାସମୂହକୁ ପର୍ଯ୍ୟବେକ୍ଷଣ କରିବାକୁ ସକ୍ଷମ ହେବା ନିମିତ୍ତ ଆମ୍ଭମାନଙ୍କୁ ଆମ୍ଭମାନଙ୍କର ଚିନ୍ତାସମୂହରୁ ପଛକୁ ଘୁଞ୍ଚାଇ ନେବାକୁ ହେବ ।

ଆଜି ଆମ୍ଭମାନଙ୍କୁ ଶିକ୍ଷା କରିବାକୁ ହେବ କିପରି ଚିନ୍ତାସମୂହ ଉପରେ ସତର୍କ ଦୃଷ୍ଟି ରଖିବାକୁ ହେବ । ପ୍ରଥମେ ସେଗୁଡ଼ିକୁ ନିରୀକ୍ଷଣ କରିବାକୁ ହେବ ଏବଂ ତତ୍ପରେ ସେଗୁଡ଼ିକ ଉପରେ ସତର୍କ ନଜର ରଖିବାକୁ ହେବ । ଜଣେ ଜ୍ଞାନଦୀପ୍ତ ବିଚାରକ ଭାବରେ ସେଗୁଡ଼ିକୁ ନିରୀକ୍ଷଣ କରିବାକୁ ଶିକ୍ଷା କରିବା, ଯେପରିକି ତନ୍ମଧ୍ୟରେ ଭଲ ଓ ମନ୍ଦ, ହିତକର ଓ ଅହିତକର ଏବଂ ବିଜୟ ଲାଭ ଦିଗକୁ ଚାଳିତ କରୁଥିବା ଗଠନମୂଳକ ଚିନ୍ତାଧାରା ଓ ତାହାଠାରୁ ଦୂରେଇ ନେଉଥିବା ହତାଶାମୂଳକ ଚିନ୍ତାଧାରାକୁ ପୃଥକ୍ ଭାବେ ନିର୍ଣ୍ଣୟ କରିପାରିବା । ବର୍ତ୍ତମାନ ଆମ୍ଭମାନଙ୍କୁ ଏହି ବିଶ୍ଳେଷଣାତ୍ମକ ବିଚାର କ୍ଷମତା ଅର୍ଜନ କରିବାକୁ ହେବ ଏବଂ ଆଜି ରାତ୍ରିରେ ଏହାହିଁ ଆମ୍ଭେମାନଙ୍କ ଧ୍ୟାନର ବିଷୟ ହେବ ।

ମୁଁ ତୁମ୍ଭମାନଙ୍କୁ ଇତିପୂର୍ବରୁ କହିଅଛି ଯେ ଧମ୍ମପଦ କେତେକ ଦୃଷ୍ଟାନ୍ତ ଦେବେ, କିନ୍ତୁ ଦୃଷ୍ଟାନ୍ତସବୁ ଦୃଷ୍ଟାନ୍ତ ମାତ୍ର । ଅବଶ୍ୟ ଆମ୍ଭମାନଙ୍କୁ ଶିକ୍ଷା କରିବାକୁ ହେବ କିପରି ସତ୍ ଓ ଅସତ୍ ଚିନ୍ତା ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରାଯାଏ ଏବଂ ଏଥିନିମିତ୍ତ ମୁଁ ଯେପରି କହିଅଛି, ତୁମ୍ଭଙ୍କୁ ନିରୀକ୍ଷଣ କରିବାକୁ ହେବ ଜଣେ ଜ୍ଞାନଦୀପ୍ତ ବିଚାରକ ରୂପେ ଅର୍ଥାତ୍, ଯଥାସମ୍ଭବ ନିରପେକ୍ଷ ଭାବେ; ଏହାହିଁ ହେଲା ଅପରିହାର୍ଯ୍ୟ ବିଧାନସମୂହର ଅନ୍ୟତମ ।

## (୪)

ଅକୋଚ୍ଛି ମଂ ଅବଧି ମଂ ଅଜିନି ମଂ ଅହାସି ମେ ।
ଯେ ତଂ ନ ଉପନୟ୍ହନ୍ତି ବେରଂ ତେସୂପସମ୍ମତି ॥

("I am abused, I am beaten, I am defeated, I am robbed"– they who do not cherish such thoughts will have their enmity quietened.)

''ମୁଁ ତିରସ୍କୃତ, ମୁଁ ପ୍ରହୃତ, ମୁଁ ପରାଜିତ, ମୁଁ ଲୁଣ୍ଠିତ''– ଯେଉଁମାନେ ଏପରି ଚିନ୍ତା ପୋଷଣ କରନ୍ତି ନାହିଁ, ସେମାନଙ୍କର ବିଦ୍ୱେଷ ପ୍ରଶମିତ ହୁଏ ।

**ଶ୍ରୀମା'ଙ୍କ ଭାଷ୍ୟ :**

ସେଦିନ ଆମ୍ଭେମାନେ ଯାହା ପାଠ କରିଥିଲୁ ଏହା ତାହାର ପ୍ରତିବଚନ ବା ଉତ୍ତର । ଯେଉଁସବୁ ଚିନ୍ତା ଘୃଣାଭାବ ଉଦ୍ରେକ କରେ କେବଳ ସେଗୁଡ଼ିକ ଏଠାରେ ଆଲୋଚ୍ୟ ବିଷୟ ନୁହେଁ । କାରଣ ମାନବର ଦୁଃଖ ଦୁର୍ଦ୍ଦଶାର ସର୍ବାଧିକ ବ୍ୟାପକ କାରଣଗୁଡ଼ିକ ମଧ୍ୟରୁ ଅନ୍ୟତମ ହେଲା ବିଦ୍ୱେଷଯୁକ୍ତ ଘୃଣାଭାବ ।

କିନ୍ତୁ ଘୃଣାଭାବ ପରିହାର କରିବା କିପରି ? ଅବଶ୍ୟ ଉଦାର ଓ ବଦାନ୍ୟ ହୃଦୟ ଏହାର ଉତ୍କୃଷ୍ଟ ଉପାୟ କିନ୍ତୁ ଏହା ସର୍ବସାଧାରଣଙ୍କର ଆୟତ୍ତ ନୁହେଁ । ନିଜର ଚିନ୍ତାକୁ ଶାସନ କରିବା ସାଧାରଣଙ୍କ ପକ୍ଷେ ଅଧିକ ଉପଯୋଗୀ ପ୍ରଣାଳୀ ।

ମାନସିକ ଶୃଙ୍ଖଳା ବିଧାନର ତୃତୀୟ ପଦକ୍ଷେପ ହେଲା ଚିନ୍ତାର ଶାସନ । ଯଦି ଆମ୍ଭମାନଙ୍କର ଚେତନା ଅନ୍ତର୍ଗତ ଜ୍ଞାନଦୀପ୍ତ ବିଚାରକ ହିତକର ଓ ଅହିତକର ଚିନ୍ତାରାଜି ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିପାରେ, ତାହାହେଲେ ଆମ୍ଭମାନଙ୍କର ଆନ୍ତର ପ୍ରହରୀ ସମ୍ମୁଖକୁ ଆସି କେବଳ ଅନୁମୋଦିତ ଚିନ୍ତାରାଜିକୁ ପ୍ରବେଶର ଅନୁମତି ଦେବେ ଏବଂ ସକଳପ୍ରକାର ଅବାଞ୍ଛନୀୟ ଉପାଦାନର ପ୍ରବେଶକୁ କଠୋର ଭାବେ ନିଷେଧ କରିବେ ।

ଏକ ଉନ୍ନତ ନିର୍ଦ୍ଦେଶ ଦ୍ୱାରା ଆମ୍ଭମାନଙ୍କର ଆନ୍ତର ପ୍ରହରୀ ପ୍ରତ୍ୟେକ କୁଚିନ୍ତାର ପ୍ରବେଶକୁ ନିରୋଧ କରିବେ ଏବଂ ଯେତେଦୂର ସମ୍ଭବ ତାହାକୁ ଦୂରକୁ ହଟାଇ ଦେବେ ।

ମନର ଏହି ପ୍ରକାର ସ୍ୱୀକାର ଏବଂ ଅସ୍ୱୀକାର କରିବାର ଗତିଧାରାକୁ ଆମ୍ଭେମାନେ ଚିନ୍ତାର ଶାସନ କହୁ ଏବଂ ଏହାହିଁ ଆଜି ରାତିରେ ଆମ୍ଭମାନଙ୍କର ଧ୍ୟାନର ବିଷୟ ହେବ ।

## (୫)

ନ ହି ବେରେନ ବେରାନି ସମ୍ମନ୍ତୀଧ କୁଦାଚନଂ ।
ଅବେରେନ ଚ ସମ୍ମନ୍ତି ଏସ ଧମ୍ମୋ ସନନ୍ତନୋ ॥

(By being an enemy enmities are never quietened here below, they are quietened only by not being an enemy,– such has been the Law Eternal.)

ବିଦ୍ୱେଷ ଦ୍ୱାରା କଦାପି ବିଦ୍ୱେଷ ପ୍ରଶମିତ ହୁଏ ନାହିଁ, ବିଦ୍ୱେଷହୀନତା ଦ୍ୱାରାହିଁ ବିଦ୍ୱେଷ ପ୍ରଶମିତ ହୁଏ, ଏହାହିଁ ସନାତନ ଧର୍ମ ।

**ଶ୍ରୀମା'ଙ୍କ ଭାଷ୍ୟ :**

ପ୍ରାୟଶଃ ଉଦ୍ଧୃତ ହେଉଥିବା ଧମ୍ମପଦର ସର୍ବୋତ୍କୃଷ୍ଟ ସାରଗର୍ଭକ ଶ୍ଳୋକଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ । ମୁଁ ଖୁବ୍ ପସନ୍ଦ କରିଥା'ନ୍ତି ଯଦି ମୁଁ କହିପାରିଥା'ନ୍ତି ଯେ ଏହି ଶିକ୍ଷାଟି ''ଜଗତରେ ଅଧିକାଂଶ ସମୟରେ ପାଳିତ ହୁଏ'', କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଯେ ଏହା ସତ୍ୟ ନୁହେଁ । କାରଣ ଲୋକେ ଏହି ଶିକ୍ଷା ବିଷୟରେ ବହୁତ କହନ୍ତି, କିନ୍ତୁ ତାହାକୁ ଅନୁସରଣ କରନ୍ତି ନାହିଁ ।

ତଥାପି ଏହି ସମସ୍ୟାର ଏପରି ଏକ ଦୃଷ୍ଟିକୋଣ ଅଛି ଯାହା ବିଷୟରେ ଅଳ୍ପ କୁହାଯାଇଥାଏ; କିନ୍ତୁ ତୁମ୍ଭେ ଯଦି ଜଗତର ନାନା ବିଷୟର ପରିବର୍ତ୍ତନ ବାଞ୍ଛା କର ତାହାହେଲେ ଏହା ଏକ ଜରୁରୀ ବିଷୟ ଯାହା ସମ୍ବନ୍ଧରେ ଲୋକେ ଆଦୌ ଚିନ୍ତା କରନ୍ତି ନାହିଁ । ଏଠାରେ ମୁଁ ତୁମ୍ଭମାନଙ୍କୁ ବିସ୍ମିତ କରିବି । କଥାଟି ହେଲା ଏହି ଯେ ଜଗତର ପରିବର୍ତ୍ତନ ନିମନ୍ତେ ଯଦି ପ୍ରେମହିଁ ଘୃଣାଭାବର ପ୍ରତ୍ୟୁତ୍ତର ହୁଏ, ତାହାହେଲେ ପରମ ପ୍ରେମଠାରେ ପ୍ରେମ ନିବେଦନ ଆହୁରି ଅଧିକ ସ୍ୱାଭାବିକ ହେବ ନାହିଁ କି ?

ଜଗତରେ ମାନବର ଜୀବନ, କର୍ମ ଏବଂ ହୃଦୟ ଯେପରି ଅବସ୍ଥାରେ ଅଛି ତାହା ଦେଖିଲେ ଜଣେ ପ୍ରକୃତରେ ବିସ୍ମିତ ହେବ ଯେ ଜଗତବାସୀଙ୍କ ଉପରେ ଭଗବତ୍ କୃପା ଯେଉଁ ଅସୀମ ପରମ ପ୍ରେମଧାରା ବର୍ଷଣ କରୁଅଛନ୍ତି ତାହାର ପ୍ରତିଦାନସ୍ୱରୂପ ମନୁଷ୍ୟ କିପରି ଯାବତୀୟ ଘୃଣା, ଅବଜ୍ଞା ଏବଂ ଖୁବ୍ ଭଲ ହେଲେ ଉଦାସୀନତା ପ୍ରଦର୍ଶନ କରୁଅଛି । ଏହି ଅସୀମ ପରମ ପ୍ରେମ ପ୍ରତିମୁହୂର୍ତ୍ତରେ କ୍ରିୟାଶୀଳ ହୋଇ ଜଗତକୁ ପରମାନନ୍ଦ ଆଡ଼କୁ ପରିଚାଳିତ କରୁଛନ୍ତି, କିନ୍ତୁ ମାନବ ହୃଦୟରେ ଏହା ଏପରି ଅକିଞ୍ଚିତ୍କର ପ୍ରତ୍ୟୁତ୍ତର ପାଉଅଛି । କିନ୍ତୁ ଲୋକେ କେବଳ ଦୁଷ୍ଟ, ଅଶକ୍ତି, ଅବାଞ୍ଛନୀୟ, ଶୁଷ୍କ ଓ ନଷ୍ଟ ଫଳ ପ୍ରତି କରୁଣା ପ୍ରଦର୍ଶନ କରନ୍ତି – ଯଥାର୍ଥରେ ଏହା ପାପାଚାର ଓ ଅପାରଗତାକୁ ଉତ୍ସାହିତ କରେ ।

ଯଦି ସମସ୍ୟାର ଏହି ଦିଗରେ କେହି କିଛି ଅଧିକ ଚିନ୍ତା କରେ, ତାହାହେଲେ ସମ୍ଭବତଃ ସେ ଘୃଣାଭାବର ପ୍ରତିଦାନସ୍ୱରୂପ ପ୍ରେମ ନିଦର୍ଶନର ଆବଶ୍ୟକତା ବିଷୟରେ ଜିଦ୍ କରିବାର ଅଳ୍ପ ପ୍ରୟୋଜନ ବୋଧ କରିବ । କାରଣ ମାନବ ହୃଦୟ ପରମ ପ୍ରେମଧାରା ଦ୍ୱାରା ପ୍ଲାବିତ ହେଉଅଛି; ଏବଂ ମାନବ ହୃଦୟ ଯଦି ଏହା ହୃଦୟଙ୍ଗମ ଓ ଅବଧାରଣ କରି ପୂର୍ଣ୍ଣ ଆନ୍ତରିକତା ଓ ହୃଦୟର ସ୍ୱତଃସ୍ଫୂର୍ତ୍ତ କୃତଜ୍ଞତା ସହ ପରମ ପ୍ରେମଙ୍କଠାରେ ପ୍ରେମ ନିବେଦନ କରେ, ତାହାହେଲେ ଅଚିରେ ଜଗତର ନାନା ବିଷୟର ପରିବର୍ତ୍ତନ ଘଟିବ ।

(୬)

ପରେ ଚ ନ ବିଜାନନ୍ତି ମୟମେତ୍ଥ ଯମାମସେ ।
ଯେ ଚ ତତ୍ଥ ବିଜାନନ୍ତି ତତୋ ସମ୍ମନ୍ତି ମେଧଗା ॥

(Others do not know that we must cease to exist here, for those who know it, the passions cease.)

ଏଠାରେ ଦିନେ ଯେ ଆମ୍ଭମାନଙ୍କର ଅସ୍ତିତ୍ୱର ଅବସାନ ଘଟିବ ତାହା ଅନ୍ୟ ଲୋକେ ଜାଣନ୍ତି ନାହିଁ, କିନ୍ତୁ ଯେଉଁମାନେ ଜାଣନ୍ତି ସେମାନଙ୍କର ରାଗର ବିରତି ହୁଏ ।

**ଶ୍ରୀମା'ଙ୍କ ଭାଷ୍ୟ :**

ଯେତେବେଳେ ତୁମେ ଚିନ୍ତା କର ଯେ ପର ମୁହୂର୍ତ୍ତରେ ତୁମର ମୃତ୍ୟୁ ଘଟିପାରେ, ତତ୍କ୍ଷଣାତ୍ ତୁମ ମଧ୍ୟରେ ଭୌତିକ ବିଷୟଗୁଡ଼ିକ ପ୍ରତି ଆସ୍ପୃହା ଜାତ ହୁଏ । ଏହା ଯୁକ୍ତିଯୁକ୍ତ ଯେ ସେତେବେଳେ ତୁମେ କେବଳ ସେହି ବିଷୟ ଚିନ୍ତା କର ଯାହା ତୁମର ଜଡ଼ ଜୀବନ ଉପରେ ନିର୍ଭର କରେ ନାହିଁ ଏବଂ ଯାହା ଶରୀର ତ୍ୟାଗ କରିବା ପରେ ମଧ୍ୟ ତୁମର ନିଜସ୍ୱ ଥିବ – ଅର୍ଥାତ୍, ତୁମର ''ଶାଶ୍ୱତ ସତ୍ତା'' । ବୁଦ୍ଧଦେବ ଏଠାରେ ''ଭଗବାନ୍'' ଶବ୍ଦ ବ୍ୟବହାର କରୁ ନାହାନ୍ତି, କିନ୍ତୁ ମୁଖ୍ୟତଃ ଉଭୟର ଅର୍ଥ ଏକ ।

ପରମୁହୂର୍ତ୍ତରେ ନିଜର ଯେ ମୃତ୍ୟୁ ଘଟିପାରେ ଏପରି ଚିନ୍ତା କରିବା ପ୍ରାଚୀନ କାଳର ଦୀକ୍ଷା ଥିଲା । ଏହି ଶିକ୍ଷା ଏକ ନିର୍ଦ୍ଦିଷ୍ଟ ସମୟରେ ବ୍ୟକ୍ତିକୁ ଅନୁସରଣ କରିବାକୁ ହେଉଥିଲା; କେଉଁ କାରଣରୁ ତାହା ମୁଁ ବର୍ତ୍ତମାନ କହିଅଛି ଏବଂ ଏହାର ଅନ୍ୟ ଗୋଟିଏ ଉଦ୍ଦେଶ୍ୟ ଥିଲା, ଅର୍ଥାତ୍ ସମସ୍ତ ମୃତ୍ୟୁ ଭୟ ଜୟ କରିବା ଏବଂ ସେଥିରେ ଅଭ୍ୟସ୍ତ ହେବା ନିମିତ୍ତ । ସେ କାଳରେ ଏବଂ ଯେତେବେଳେ 'ଧମ୍ମପଦ' ବୁଦ୍ଧଙ୍କ ଦ୍ୱାରା କଥିତ

ହେଉଥିଲା, ସେତେବେଳେ ପୃଥିବୀରେ ଅମୃତତ୍ୱର ସମ୍ଭାବନା ବିଷୟରେ ଉଲ୍ଲେଖ କରାହୋଇ ନ ଥିଲା; କାରଣ ସେ ସମୟରେ ଏହାର ସମ୍ଭାବନା ଭବିଷ୍ୟତ୍ ଦୃଷ୍ଟିରେ ଏତେ ଦୂରବର୍ତ୍ତୀ ଥିଲା ଯେ ଏ ବିଷୟରେ ଉଲ୍ଲେଖ କରିବାର କୌଣସି ପ୍ରସଙ୍ଗ ନ ଥିଲା ।

ବର୍ତ୍ତମାନ ଶ୍ରୀଅରବିନ୍ଦ କହୁଛନ୍ତି ଯେ ଏହି ସମ୍ଭାବ୍ୟତା ଖୁବ୍ ନିକଟବର୍ତ୍ତୀ ଏବଂ ଆମ୍ଭମାନଙ୍କୁ କେବଳ ସେଥିପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । କିନ୍ତୁ ଏହି ପ୍ରସ୍ତୁତିକ୍ରିୟାକୁ ସମ୍ଭବ କରିବା ପାଇଁ ଅତ୍ୟାବଶ୍ୟକ ନିୟମ ହେଲା ମୃତ୍ୟୁ ଭୟକୁ ସମ୍ପୂର୍ଣ୍ଣ ଲୋପ କରିବା ।

ତୁମେ ଅବଶ୍ୟ ମୃତ୍ୟୁକୁ ଭୟ କରିବ ନାହିଁ ବା ମୃତ୍ୟୁ କାମନା କରିବ ନାହିଁ । ଏହାର ଊର୍ଦ୍ଧ୍ୱରେ, ପରମ ପ୍ରଶାନ୍ତିରେ ଦଣ୍ଡାୟମାନ ହୁଅ – ମୃତ୍ୟୁକୁ ଭୟ କର ନାହିଁ କିଂବା କାମନା କର ନାହିଁ ।

("Mother's Commentary on the Dhammapada"
ଶ୍ରୀମା'ଙ୍କ ଭାଷ୍ୟସମ୍ବଳିତ ଧମ୍ମପଦ, ପୃଷ୍ଠା : ୩ -୧୧
ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ)

ଗୋଟିଏ ଶକ୍ତି ଅଛି ଯାହା ନୂତନ ଚେତନାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ବୃଦ୍ଧିପାଏ ଏବଂ ସେହି ଚେତନାର ଆବିର୍ଭାବ ଓ ତାହାର ପରିଣତିକୁ ସାହାଯ୍ୟ କରେ । ଏହାର ନାମ ହେଲା ଯୋଗଶକ୍ତି । ଆମ୍ଭମାନଙ୍କର ଆନ୍ତର କେନ୍ଦ୍ର ବା ଚକ୍ରଗୁଡ଼ିକରେ ଏହି ଶକ୍ତି କୁଣ୍ଡଳୀକୃତ ହୋଇ ନିଦ୍ରିତ ଅଛି । ମୂଳାଧାରର ସୁପ୍ତ ଶକ୍ତିକୁ ତନ୍ତ୍ରଶାସ୍ତ୍ର ନାମ ଦେଇଛି କୁଣ୍ଡଳିନୀ ଶକ୍ତି । କିନ୍ତୁ ଏହି ଯୋଗଶକ୍ତି ଆମ୍ଭମାନଙ୍କ ମସ୍ତକ ଊର୍ଦ୍ଧ୍ୱରେ ଦିବ୍ୟଶକ୍ତି ରୂପେ ବି ରହିଛି – କିନ୍ତୁ ସେଠାରେ କୁଣ୍ଡଳୀକୃତ, ନିଦ୍ରିତ, ଜଡ଼ିତ ଅବସ୍ଥା ନାହିଁ; ବରଂ ରହିଛି ଜାଗ୍ରତ, ସଚେତନ, ସମର୍ଥ, ପ୍ରସାରିତ, ବିଶାଳ ରୂପେ; ଏହା ଅଭିବ୍ୟକ୍ତି ସକାଶେ ଅପେକ୍ଷା କରୁଛି; ଏହି ଦିବ୍ୟଶକ୍ତି ଆଡ଼କୁ ଅର୍ଥାତ୍ ମାତୃଶକ୍ତି ଆଡ଼କୁ ଆମ୍ଭମାନଙ୍କୁ ଉନ୍ମୁକ୍ତ ହେବାକୁ ହେବ । ଏହା ମନ ମଧ୍ୟରେ ବ୍ୟକ୍ତ ହୁଏ ଦିବ୍ୟ ବା ସାର୍ବଭୌମ ମନଃଶକ୍ତି ରୂପେ; ବ୍ୟକ୍ତିଗତ ମାନସ ଯାହା କରି ନ ପାରେ, ଏହା ସେସବୁ କରିପାରେ – ଏହାହିଁ ଯୌଗିକ ମନଃଶକ୍ତି । ସେହିପରି ଯେବେ ପ୍ରାଣରେ ବା ଦେହରେ ଏହି ଶକ୍ତି ଅଭିବ୍ୟକ୍ତ ଓ କ୍ରିୟାଶୀଳ ହୁଏ, ତେବେ ତାହାକୁ ଯୌଗିକ ପ୍ରାଣଶକ୍ତି ବା ଯୌଗିକ ଦେହଶକ୍ତି ରୂପରେ ଆମେ ଦେଖୁ । ଏହି ସକଳ ରୂପ ମଧ୍ୟରେ ସେ ଜାଗ୍ରତ୍ ହୋଇପାରେ, ଊର୍ଦ୍ଧ୍ୱକୁ ଓ ବାହାରକୁ ଉଚ୍ଛୁଳି ପଡ଼ିପାରେ, ନିମ୍ନରୁ ବ୍ୟାପ୍ତି ମଧ୍ୟକୁ ନିଜକୁ ପ୍ରସାରିତ କରିପାରେ ଅଥବା ନିମ୍ନକୁ ଉତରି ଯାଇପାରେ ଏବଂ ସେଠାରେ ଏକ ବିଶିଷ୍ଟ କାର୍ଯ୍ୟକାରୀ ଶକ୍ତିର ରୂପ ଧରିପାରେ; ଅଥବା ଊର୍ଦ୍ଧ୍ୱରୁ ଉତରି ଚତୁର୍ଦ୍ଦିଗରେ ପ୍ରସାରିତ ହୋଇ, କ୍ରିୟାରତ ହୋଇ ଏବଂ ନିଜର ପ୍ରଭାବ ସ୍ଥାପିତ କରି ନିଜକୁ ଦେହ ମଧ୍ୟରେ ଢାଳି ଦେଇପାରେ ଏବଂ ଆମ୍ଭମାନଙ୍କ ମଧ୍ୟରେ ଥିବା ନିମ୍ନତମ ସହିତ ଉଚ୍ଚତମର ଯୋଗ ସ୍ଥାପନ କରିପାରେ, ବ୍ୟକ୍ତିକୁ ସାର୍ବଭୌମ ବିଶ୍ୱଗତ ବା ସର୍ବାତୀତ ପରାତ୍ପର ତତ୍ତ୍ୱରେ ମୁକ୍ତ କରିପାରେ ।

*

ଅବଶ୍ୟ, ଗୋଟିଏ ଅର୍ଥରେ ଊର୍ଦ୍ଧ୍ୱତନ ଶକ୍ତିରାଜିର ଅବତରଣହିଁ ହେଲା ମା'ଙ୍କ ଅବତରଣ – କାରଣ ମା' ସେମାନଙ୍କ ମଧ୍ୟରେ ଉତରି ଆସନ୍ତି ।

(ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ, ପୃ. ୩୬୨) – ଶ୍ରୀଅରବିନ୍ଦ

# ମାତୃଶକ୍ତିମାନଙ୍କ ସମ୍ପର୍କରେ

## ଶ୍ରୀମା

*ପ୍ରଶ୍ନ : ମହାକାଳୀଙ୍କ ମୂର୍ତ୍ତି ସଂପର୍କରେ ଯେଉଁସବୁ ଗଳ୍ପ ଓ ପ୍ରବାଦ ପ୍ରଚଳିତ ଅଛି, ସେଗୁଡ଼ିକ କ'ଣ ସତ୍ୟ ?*

**ଶ୍ରୀମା** : କେଉଁସବୁ ଗଳ୍ପ ? ସେ ସଂପର୍କରେ ତ ଶହ ଶହ ଗଳ୍ପ କୁହାଯାଇଥାଏ । ତୁମେ କେଉଁ ଗଳ୍ପ ଓ ପ୍ରବାଦ କଥା ପଚାରୁଛ ? କେଉଁ ମହାକାଳୀ ? ତାଙ୍କର ଯେଉଁସବୁ ପ୍ରତିକୃତି, ଯେଉଁସବୁ ମୂର୍ତ୍ତି ଓ ବିଗ୍ରହ ଗଢ଼ାଯାଇଛି ? ସେଗୁଡ଼ିକ ହେଉଛି ମଣିଷର ଦୃଷ୍ଟି ନେଇ ସତ୍ୟକୁ ଦେଖିବା । ପ୍ରକୃତରେ ତାଙ୍କର ରୂପ ସେପରି ନୁହେଁ ।

ମୋର ମନେହୁଏ, ତୁମକୁ ମୁଁ ଥରେ କହିସାରିଛି ଯେ ନିଜ ନିଜର ଉଚ୍ଚତର ସତ୍ୟରେ ମୂଳ ସତ୍ତାସବୁ ରହିଛନ୍ତି, ଏବଂ ସେମାନଙ୍କର ଏକ ସୁନିର୍ଦ୍ଦିଷ୍ଟ ଧରଣ ମଧ୍ୟ ରହିଛି । କିନ୍ତୁ ଯେତେବେଳେ ସେମାନେ ପୃଥିବୀର ନିକଟରୁ ନିକଟତର ହୋଇ ରହିଥିବା ଅଧିକରୁ ଅଧିକତର ଭୌତିକ ବସ୍ତୁମୟ ଜଗତଗୁଡ଼ିକରେ ପ୍ରକଟିତ ହୁଅନ୍ତି, ସେମାନେ ବିଭିନ୍ନ ପ୍ରକାର ରୂପ ପରିଗ୍ରହ କରନ୍ତି ଏବଂ ସେମାନଙ୍କର ସଂଖ୍ୟା ମଧ୍ୟ ଏକପ୍ରକାର ଅଦ୍ଭୁତ ଭାବରେ ବହୁଗୁଣିତ ହୁଏ । ତୁମେ ଯଦି ବୁଝିବାକୁ ଚାହଁ ତେବେ ଦେଖିବ ଶ୍ରୀଅରବିନ୍ଦ ଏଠାରେ ଯେଉଁ ଦିବ୍ୟସତ୍ତାମାନଙ୍କ କଥା କହୁଛନ୍ତି, ସେମାନେ ଅତିମାନସର ଖୁବ୍ ନିକଟବର୍ତ୍ତୀ ଜଗତର ଅନ୍ତର୍ଗତ, ଅତିମାନସ ଉତ୍ସ ସହ ସେମାନଙ୍କର ଖୁବ୍ ସୁସ୍ପଷ୍ଟ ଓ ସଚେତ ସଂପର୍କ ରହିଛି । ଏହି ସତ୍ତାମାନେ ମଧ୍ୟ ସେହି ଜଗତଗୁଡ଼ିକରେ ଅଭିବ୍ୟକ୍ତ ହୁଅନ୍ତି, ଶ୍ରୀଅରବିନ୍ଦ ଯାହାକୁ କହିଛନ୍ତି ଅଧିମାନସ ଜଗତ୍ । ସେଠାରେ ସେମାନଙ୍କର ରୂପ ଅଧିକ ସୁଚିହ୍ନିତ, ଅଧିକ ସୁନିର୍ଦ୍ଦିଷ୍ଟ ହୋଇଥାଏ କିନ୍ତୁ ତହିଁ ସଙ୍ଗେ ସଙ୍ଗେ ସେମାନଙ୍କ ଶକ୍ତି ଓ କ୍ଷମତାର ମଧ୍ୟ କିଛିଟା ହ୍ରାସ ହୋଇଥାଏ । ତା'ପରେ ଅଧିମାନସରୁ ସେମାନେ ଓହ୍ଲାଇ ଆସନ୍ତି ମଣିଷ ମନର ଜଗତକୁ – ଜାଗତିକ ମନର ସ୍ତରକୁ ଏବଂ ସେଠାରେ... ଉଦାହରଣସ୍ୱରୂପ ବିଚାରା ମହାକାଳୀଙ୍କ ଦୃଷ୍ଟାନ୍ତ ନିଅ; ଏଠାରେ ତୁମର ଅସଂଖ୍ୟ କାଳୀ ସ୍ଥାନ ପାଇଛନ୍ତି, ଗୋଟିକଠାରୁ ଅନ୍ୟଟି ଆହୁରି ଭୟାନକ, କେତେକ ତ ପୂରା ଭୟଙ୍କରୀ ଓ ଭୀଷଣା, ଭୟପ୍ରଦା ଏବଂ ବେଳେବେଳେ ସେମାନେ ବିସ୍ପୃହା ଉଦ୍ରେକକାରୀ ଓ ବୀଭତ୍ସ ସତ୍ତାର ରୂପ ନେଇଥା'ନ୍ତି, କିନ୍ତୁ ସେଗୁଡ଼ିକ ପୂରାପୂରି ମଣିଷ ମନର ଗଠନ ଅର୍ଥାତ୍ ସେମାନଙ୍କର ସେହି ବାହ୍ୟ ଆକୃତିକୁ ମଣିଷର କଳ୍ପନାହିଁ ରୂପ ଦେଇଥାଏ, ମଣିଷ ମନର ଗଠନ କ୍ଷମତାହିଁ ରୂପ ଦେଇଥାଏ । ସେହିସବୁ ରୂପ ଭିତରେ ହୁଏତ ମହାକାଳୀଙ୍କ ପ୍ରଚଣ୍ଡ ଶକ୍ତିର କିଛିଟା ଝାପ୍‌ସା ପ୍ରତିବିମ୍ବ ରହି ପାରିଥାଏ କିନ୍ତୁ ତାହା ଏତେ ହ୍ରାସ ପ୍ରାପ୍ତ, ଏପରି ବିକୃତ ଓ ହାନିଗ୍ରସ୍ତ ହୋଇ ମଣିଷ ଚେତନାର ପରିସର ଭିତରକୁ ଅଣାଯାଇଥାଏ ଯେ ସତରେ ସେ ପୂରାପୂରି ଅସ୍ୱୀକାର କରିପାରନ୍ତି ଯେ ତାହା ହେଉଛି ସ୍ୱୟଂ ସେ ! ମହାକାଳୀଙ୍କୁ ପ୍ରତିନିଧିତ୍ୱ କରିବା ଉଦ୍ଦେଶ୍ୟରେ ଗଠିତ ଅନେକ ବିଗ୍ରହ ଓ ମୂର୍ତ୍ତିରେ ମୁଁ ଯେତେ ପ୍ରକାର ସମ୍ଭାବ୍ୟ ଭୟପ୍ରଦ ବୀଭତ୍ସତା ଦେଖିଛି, ଆମେ ସେହି ମୂର୍ତ୍ତିଗୁଡ଼ିକ ବିଷୟରେ କିଛି କହିବା ନାହିଁ । ଯଦି ବଡ଼ ବଡ଼ ଶିଳ୍ପୀ କୌଣସି ମୂର୍ତ୍ତିଗଠନ କରିଥା'ନ୍ତି ତେବେ ତଥାପି କିଛି ସୌନ୍ଦର୍ଯ୍ୟ ହୁଏତ ରହିଯାଇଥାଏ, କିନ୍ତୁ ସାଧାରଣତଃ ଯେହେତୁ ବେଶୀ ଭାଗରେ ଏହିସବୁ ଶିଳ୍ପୀ ବା ଚିତ୍ରକାରଙ୍କର ଆଦୌ କୌଣସି କୁଶଳତା ନ ଥାଏ, ସେମାନଙ୍କ ଅଙ୍କନ ବା ମୂର୍ତ୍ତିରେ ସେହି ସୌନ୍ଦର୍ଯ୍ୟର କିଛି ବି ରହେ ନାହିଁ । ଆଉ ସେହି ପ୍ରତିକୃତିଗୁଡ଼ିକ, ତାହା ମୂର୍ତ୍ତି ହେଉ ବା ଚିତ୍ରାଙ୍କନ ହେଉ, ଯେଉଁଗୁଡ଼ିକୁ ମନ୍ଦିରରେ ସ୍ଥାପନ କରାଯାଇଥାଏ, ସେହି ଉଦ୍ଦେଶ୍ୟରେ ଏକ ଧାର୍ମିକ ଉତ୍ସବ ଅନୁଷ୍ଠିତ ହୁଏ ଏବଂ ସେହି ପୂଜକ-ପୁରୋହିତ ବା ତାଙ୍କ ସହକାରୀ ଯଦି ଗୂଢ଼ବିଦ୍ୟାର ଜ୍ଞାନ ଓ ଶକ୍ତିସମ୍ପନ୍ନ କୌଣସି ବ୍ୟକ୍ତି ହୋଇଥା'ନ୍ତି, ଏପରିକି ଖୁବ୍ ସୀମିତ ଶକ୍ତିସମ୍ପନ୍ନ ହୋଇଥିଲେ ମଧ୍ୟ, ସେ ତାଙ୍କର ଅଭୀପ୍ସା ଦ୍ୱାରା ଓ ପୂଜାପାଠ ମନ୍ତ୍ର ଆଦିର କ୍ରିୟା ଦ୍ୱାରା ସେହି ବିଗ୍ରହ ବା ପ୍ରତିକୃତି ଭିତରକୁ ଏକ ଅପାର୍ଥିବ ସୂକ୍ଷ୍ମଜଗତର ଚେତନାକୁ ଆବାହନ କରି ଆଣି ପାରନ୍ତି । ଏହାହିଁ ହେଉଛି ଅର୍ଚ୍ଚନା ଆଉ ପୂଜା ଆଦିର ନୀତି । ତୁମକୁ କୁହାଯାଏ ଏହା ଏକ କାଷ୍ଠଖଣ୍ଡ ନୁହେଁ, ପାଷାଣ-ପ୍ରସ୍ତର ନୁହେଁ, ଖାଲି ଏକ ଚିତ୍ରପଟ ନୁହେଁ, ଏହା ଭିତରେ ରହିଛି ଏକ ଶକ୍ତି ଯାହାକୁ କି ଧାର୍ମିକ ପୂଜାନୁଷ୍ଠାନ ଆଦି ଦ୍ୱାରା ଆନୀତ କରାଯାଇଛି ଏବଂ

ସେହି ଶକ୍ତିକୁହିଁ ତୁମେ ପୂଜା-ପ୍ରାର୍ଥନା କରିପାର । ଏହା ଠିକ୍; କିନ୍ତୁ ସେହି ପୂଜକଙ୍କ ସ୍ୱଭାବ-ପ୍ରକୃତି ସଂପର୍କରେ, ତାଙ୍କର ଗୁହ୍ୟଜ୍ଞାନ ଆଦି ସଂପର୍କରେ ଏବଂ ସେ ଯୋଗାଯୋଗ ରଖିଥିବା ଓ ଆବାହନ କରୁଥିବା ଶକ୍ତି ସଂପର୍କରେ ତୁମର ଯଥାର୍ଥ ଜ୍ଞାନ ଓ ଧାରଣା ଥିବା ଉଚିତ । ତେଣୁ ସେହି କ୍ଷେତ୍ରରେ ଅନେକ କିଛି ଜିନିଷ ରହିପାରିଥାଏ । ସେଠାରେ 'କିଛି ଶକ୍ତି' ରହିଥାଏ (ଯଦି ଅବଶ୍ୟ ଏପରି ହୋଇଥାଏ ଯେ ସେହି ପୂଜା ଅନୁଷ୍ଠାନକୁ ଏପରି କେହି ମୂର୍ଖ, ନିର୍ବୋଧ ପୂଜକ ସମ୍ପନ୍ନ କରିଛି, ଯାହାର କି ଆଦୌ କୌଣସି ଶକ୍ତି ନାହିଁ, ଯେ କୌଣସି କିଛିକୁ ଆବାହନ କରି ଆଣି ପାରି ନାହିଁ ଓ ଖାଲି କେବଳ ଲୋକ ଦେଖାଣିଆ କିଛି ଆଚାର ଅନୁଷ୍ଠାନ ମାତ୍ର କରିଛି – କିନ୍ତୁ ଏପରି କ୍ୱଚିତ୍ ଘଟିଥାଏ, ବେଶୀ ଭାଗ କ୍ଷେତ୍ରରେ ଏପରି ଘଟେ ବୋଲି ମୁଁ କହିପାରିବି ନାହିଁ, କେବଳ କ୍ୱଚିତ୍ ଏପରି ଘଟିଥାଏ), ତା' ନ ହେଲେ ସାଧାରଣତଃ 'କିଛି ଗୋଟାଏ' ରହିଥାଏ, କିନ୍ତୁ ସେପରି କ୍ଷେତ୍ରରେ ଏହି 'କିଛି ଗୋଟାଏ'ର ଗୁଣ ଓ ସ୍ୱଭାବ ଅନନ୍ତ ପ୍ରକାରର ହୋଇଥାଏ, ଏଗୁଡ଼ିକ ଭିତରେ ସୀମାହୀନ ତାରତମ୍ୟ ରହିଥାଏ ଏବଂ ସମୟ ସମୟରେ ଏହା ଖୁବ୍ ଅନର୍ଥକର ହୋଇଥାଏ । ମୁଁ ମହାକାଳୀଙ୍କର ଉଦାହରଣ ଦେଲି କାରଣ ମଣିଷ ଚେତନାରେ ମହାକାଳୀଙ୍କର ଧାରଣା ବିଶେଷ ଭାବରେ ଭୟଙ୍କରୀ ହୋଇଥାଏ । ଆମେ ଯେତେବେଳେ ଅନ୍ୟାନ୍ୟ ଦେବଦେବୀଙ୍କ କଥା ନେଉ, ଦୃଷ୍ଟାନ୍ତସ୍ୱରୂପ ମହାସରସ୍ୱତୀ, ତାଙ୍କ ଉପରେ ସମସ୍ତ ପ୍ରକାର କଳା, ସାହିତ୍ୟ ଆଦି ବିଦ୍ୟାର ଗୁଣ ଓ କ୍ଷମତା ଆରୋପ କରାଯାଇଥାଏ, ସେ ଆମ ଆଗରେ ଏପରି ଭୀଷଣା ଓ ଭୟଙ୍କରୀ ହୋଇ ରହି ନ ଥା'ନ୍ତି । କିନ୍ତୁ ଅନ୍ୟ କେତେକ ଦେବଦେବୀ ବିଶେଷ ଭାବରେ ମହାକାଳୀଙ୍କର ଉଗ୍ରଶକ୍ତି, ପ୍ରଚଣ୍ଡତା, ସମରନିପୁଣ ଧ୍ୱଂସକାରୀ କ୍ଷମତା ଆଦି ସଂପର୍କରେ ଏପରି ଭୀଷଣ ଓ ଭୟଙ୍କର ଧାରଣାସବୁ ରଖାଯାଇଥାଏ ଯେ ସେହିସବୁ ଦେବଦେବୀ ଯେଉଁ ଶକ୍ତି ନିଜ ସଙ୍ଗରେ ନେଇ ଆସିଥା'ନ୍ତି ତାହା ଆବାହନ କରୁଥିବା ଲୋକମାନଙ୍କ ପାଇଁ ବେଶ୍ ବିପଜ୍ଜନକ ହୋଇପଡ଼େ । ଭାରତକୁ ଆସିବା ପରେ ମୁଁ ଏ ସଂପର୍କରେ  ଅସଂଖ୍ୟ କାହାଣୀ ଶୁଣିଛି । ଏହିପରି ଅସଂଖ୍ୟ ବିଗ୍ରହଙ୍କ ସଂସ୍ପର୍ଶରେ ଆସିଛି ଏବଂ ଏପରି ଅନେକ ଲୋକଙ୍କୁ ଜାଣିଛି, ଯେଉଁମାନଙ୍କ ଘରେ କାଳୀ-ବିଗ୍ରହର ପୂଜା ହୋଇଥାଏ ଓ କେତେକ କ୍ଷେତ୍ରରେ ସେମାନଙ୍କ ପାଇଁ ନାନା ଭୟଙ୍କର ଘଟଣା ଘଟିଛି । ମୁଁ ବରାବର ସେମାନଙ୍କୁ ସତର୍କ କରିଦିଏ; ମୁଁ ସେମାନଙ୍କୁ କୁହେ ଯେ ''କେବେହେଲେ ଏପରି ଭାବ ନାହିଁ ଯେ ତୁମର ଦୁର୍ଭାଗ୍ୟ ପାଇଁ ମହାକାଳୀହିଁ ଦାୟୀ, ସେଥିପାଇଁ ତାଙ୍କୁ ଆଦୌ ଦାୟୀ କରାଯାଇ ନପାରେ । କିନ୍ତୁ ଏପରି ହୋଇପାରେ ଯେ ତୁମ ଘରେ ଯେଉଁ କାଳୀ ମୂର୍ତ୍ତିକୁ ତୁମେ ପୂଜା କରୁଛ ତାହା  ଭିତରେ କୌଣସି ଅପଶକ୍ତି, ପ୍ରତିହିଂସା-ପରାୟଣ କୌଣସି ସତ୍ତାର ଆବିର୍ଭାବ ହୋଇଛି; ହୁଏତ ଅତ୍ୟନ୍ତ ଈର୍ଷାପରାୟଣ, ଭୀଷଣ ଓ ସ୍ୱେଚ୍ଛାଚାରୀ ଏବଂ ଏକ ଭୟାନକ ପ୍ରତିଶୋଧର ଭାବ ପୋଷଣ କରୁଥିବା ଏକ ସତ୍ତା ସେଠାରେ ଆସନ ଜମାଇଛି; ଏବଂ ଯେହେତୁ ତୁମର ବିଶ୍ୱାସ ଅଛି ଏବଂ ସାଧାରଣତଃ ଏଗୁଡ଼ିକ ପ୍ରାଣସତ୍ତାର ଅପଶକ୍ତି ହୋଇଥା'ନ୍ତି, ତେଣୁ ପ୍ରକୃତରେ ନାନା ସାଙ୍ଘାତିକ ପରିଣାମ ଓ ବିପଦ ଘଟିପାରେ ।'' ମୁଁ ଏପରି ଲୋକଙ୍କୁ ଜାଣେ ଯେଉଁମାନେ ଏହି ଧରଣର ନାନା ଦୁର୍ଭୋଗର ଅନୁଭୂତି ପରେ ଓ ସେମାନଙ୍କ ଘରୁ ଏହି ମହାକାଳୀ ବିଗ୍ରହକୁ ଉଠାଇ ନେଇ ଗଙ୍ଗାରେ ନିକ୍ଷେପ କରି ଦେଇଛନ୍ତି । ଯଦି ତାହା ସାଙ୍ଗକୁ ସେମାନେ ନିଜର ମନୋଭାବରେ କିଛିଟା ସ୍ୱାଧୀନତା ବା ମୁକ୍ତିର ଭାବ ଅର୍ଜନ କରି ପାରନ୍ତେ ତା'ହେଲେ ସେମାନଙ୍କର ସମସ୍ତ କ୍ଷତି ଓ ଦୁର୍ଭୋଗ ପୂରାପୂରି ଦୂର ହୋଇ ଯାଇପାରନ୍ତା କିନ୍ତୁ ସେମାନଙ୍କ ଭିତରୁ କେତେକେ ନିଜର କାର୍ଯ୍ୟ ଯୋଗୁଁ ଏପରି ଭୟଭୀତ ହୋଇ ପଡ଼ନ୍ତି ଯେ ସେହିସବୁ ଦୁର୍ଭୋଗ ସେହିପରି  ଗଡ଼ିଚାଲେ ।

ଗୁହ୍ୟବିଦ୍ୟା ସଂପର୍କରେ ଅନ୍ତତଃ ପ୍ରାଥମିକ ଜ୍ଞାନ ନଥିଲେ ଏସବୁ ଜିନିଷରେ ଆଦୌ ହାତ ଦେବା ଉଚିତ ନୁହେଁ । ଦୁର୍ଭାଗ୍ୟବଶତଃ ସମସ୍ତ ଧର୍ମରେ,– ଖାଲି ଏଠାରେ ନୁହେଁ ସବୁ ଧର୍ମରେ – ଯେ ପ୍ରକୃତରେ ବିଶ୍ୱସ୍ତ ବା ଅଧିକାରୀ ତାହାକୁ ଏ ଜ୍ଞାନ ଦିଆଯାଏ ନାହିଁ । ସମୟ ସମୟରେ ଧର୍ମଯାଜକ ବା ପୁରୋହିତମାନଙ୍କ ପାଖରେ ଏହି ଗୁହ୍ୟବିଦ୍ୟାର ଜ୍ଞାନ ରହିଥାଏ (ସବୁ ସମୟରେ ଥାଏ ବୋଲି ମୁଁ କହୁ ନାହିଁ) କିନ୍ତୁ, ଯେତେବେଳେ ସେମାନଙ୍କ ପାଖରେ ଏହି ଜ୍ଞାନ ଥାଏ, ସେମାନେ ତାହାକୁ ବିଶ୍ୱସ୍ତ ବା ଅଧିକାରୀ ଲୋକମାନଙ୍କ ହାତରେ ନଦେବା ପାଇଁ ସମସ୍ତ ଯତ୍ନ ଓ ସତର୍କତା ନେଇଥା'ନ୍ତି । କାରଣ ତା'ହେଲେ ସେମାନେ ନିଜର କ୍ଷମତା ଓ କର୍ତ୍ତୃତ୍ୱରୁ ବଞ୍ଚିତ ହୋଇଯିବେ ବୋଲି ଭୟ କରନ୍ତି । ସମସ୍ତ ଧର୍ମାନୁଷ୍ଠାନ ଭିତରେ ଏହାହିଁ ପ୍ରକୃତରେ ନିନ୍ଦନୀୟ ଏକ ମନ୍ଦ ମିଥ୍ୟାଚାର ।

ସେ ଯାହାହେଉ, ଆମ ଆଲୋଚ୍ୟ ବିଷୟରୁ ଅନେକ ଦୂରକୁ ଚାଲି ଆସିଲେଣି । ଆମର ଆଲୋଚ୍ୟ ବିଷୟକୁ ଏଥରକ ଫେରିଯିବା । ପୃଥିବୀର ବାତାବରଣରେ ଅବଶ୍ୟ ଏକ କାଳୀ ପ୍ରକୃତରେ ରହିଛନ୍ତି ଯେ କି ପାର୍ଥିବ ଜିନିଷଗୁଡ଼ିକୁ ନେଇ ନାନା କାର୍ଯ୍ୟ କରିଥା'ନ୍ତି । ସେ ମହାକାଳୀଙ୍କଠାରୁ ସଂପୂର୍ଣ୍ଣ ସ୍ୱାଧୀନ ବା ସ୍ୱତନ୍ତ୍ର ବୋଲି କୁହାଯାଇ ନପାରିଲେ ମଧ୍ୟ ତାହାକୁ ପୂରାପୂରି ମହାକାଳୀଙ୍କର ଅଭିବ୍ୟକ୍ତି ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ । କିନ୍ତୁ ସେ ମହାକାଳୀଙ୍କର ସଂପୂର୍ଣ୍ଣ ଆଜ୍ଞାଧୀନା ଓ ବଶବର୍ତ୍ତିନୀ ଏବଂ ତାଙ୍କର ପ୍ରଧାନ ଗୁଣଗୁଡ଼ିକର ଅଧିକାରିଣୀ । କ୍ଷମତା ଓ ଫଳପ୍ରଦତା ଦୃଷ୍ଟିରୁ ସେଗୁଡ଼ିକ ଅନେକ ହ୍ରାସପ୍ରାପ୍ତ ହେଲେ ମଧ୍ୟ ତାଙ୍କଠାରେ ମହାକାଳୀଙ୍କର ସେହି ଗୁଣଗୁଡ଼ିକ ରହିଛି ଓ ସେହି ସ୍ୱଭାବର ସୌନ୍ଦର୍ଯ୍ୟ ମଧ୍ୟ ରହିଛି । ସମ୍ଭବତଃ ତୁମମାନଙ୍କ ଭିତରୁ କେତେକଙ୍କର ସେହି ମହାକାଳୀଙ୍କ ସହ ସଂପର୍କ ରହିଛି । ସେ କେବେହେଲେ ପ୍ରତିଶୋଧପରାୟଣା ହୋଇ କିଛି କରନ୍ତି ନାହିଁ, ଯେଉଁମାନେ ତାଙ୍କୁ ଭଲ ପାଆନ୍ତି ସେ କେବେହେଲେ ସେମାନଙ୍କର କିଛି କ୍ଷତି କରନ୍ତି ନାହିଁ । ଯେଉଁ ଦେଶ ବା ଜାତି ତାଙ୍କୁ ଉପଯୁକ୍ତ ସମ୍ମାନ ଓ ଶ୍ରଦ୍ଧା ନ ଦେଖାଇଲା ସେ କେବେହେଲେ ତାଙ୍କୁ ଶାସ୍ତି ଦେବା ପାଇଁ ମହାମାରୀ ପଠାନ୍ତି ନାହିଁ । କିନ୍ତୁ ସେ ବଳ ପ୍ରୟୋଗକୁ ଭଲ ପାଆନ୍ତି, ଯୁଦ୍ଧକୁ ଭଲ ପାଆନ୍ତି, ତାଙ୍କର ନ୍ୟାୟ ଚୂର୍ଣ୍ଣବିଚୂର୍ଣ୍ଣ କରିଦିଏ ।...

(*'ମା' ବହି ପ୍ରସଙ୍ଗରେ* : ଶ୍ରୀମା, ପୃଷ୍ଠା : ୮୬ - ୯୧)

*

*ପ୍ରଶ୍ନ : ଆମେ ମହାସରସ୍ୱତୀଙ୍କର ଯେଉଁ ଚିତ୍ରରୂପ ଦେଖୁ ତାହା କ'ଣ ସତ୍ୟ ?*

**ଶ୍ରୀମା** : ହେ, ଭଗବାନ୍ ! (*ହାସ୍ୟ*) ଯେତେବେଳେ ଗୋଟିଏ ଛୋଟ ପିଲା କୌଣସି ବ୍ୟକ୍ତିଙ୍କର ପ୍ରତିକୃତି ଆଙ୍କିବାକୁ ଚେଷ୍ଟା କରେ ତାହା କ'ଣ ସେହି ବ୍ୟକ୍ତିଙ୍କ ଅନୁରୂପ ହୁଏ ? ଏ କ୍ଷେତ୍ରରେ ମଧ୍ୟ କଥାଟି ସେହିପରି; ବେଳେବେଳେ ଆହୁରି ଖରାପ ! କାରଣ ପିଲାଟିର ମନୋଭାବ ସ୍ୱଚ୍ଛ ଓ ଆନ୍ତରିକ, କିନ୍ତୁ ଯେଉଁ ଲୋକ ଦେବଦେବୀଙ୍କ ଚିତ୍ର ଆଙ୍କେ ବା ମୂର୍ତ୍ତି ଗଢ଼େ ତାହାର ଗୁଡ଼ିଏ ବଦ୍ଧମୂଳ ଓ ପୂର୍ବକଳ୍ପିତ ଧାରଣା ଥାଏ କିଂବା ନ ହେଲେ ଅନ୍ୟମାନେ ସେ ବିଷୟରେ ଯାହା କହିଛନ୍ତି ବା ଶାସ୍ତ୍ରରେ ଯାହା ଲେଖା ଅଛି ବା ଅନ୍ୟମାନେ ଯେପରି ଦେଖିଛନ୍ତି ସେହିଗୁଡ଼ିକହିଁ ତା' ଭିତରେ ଭର୍ତ୍ତି ହୋଇ ରହିଥାଏ । ତେଣୁ ସେହିଗୁଡ଼ିକ ଦ୍ୱାରାହିଁ ସେ ଆବଦ୍ଧ ହୋଇ ରହିଥାଏ । ସମୟ ସମୟରେ, ବିଭିନ୍ନ କାଳରେ ଏପରି ସବୁ ଶିଳ୍ପୀ ଦେଖାଦିଅନ୍ତି ଯେଉଁମାନଙ୍କର ଏକ ଆନ୍ତର ଦୃଷ୍ଟି ଥାଏ, ଏକ ବିରାଟ ଅଭୀପ୍ସା ଥାଏ, ନିଜର ଦୃଷ୍ଟି ଓ ଆନ୍ତର ସତ୍ତାରେ ଏକ ବିପୁଳ ଶୁଦ୍ଧତା ଥାଏ; ସେହିମାନେହିଁ ଏପରି କିଛିକୁ ରୂପ ଦେଇଥାଆନ୍ତି ଯାହାକୁ ବେଶ୍ ଉତ୍ତମ ବୋଲି କୁହାଯାଇପାରିବ । କିନ୍ତୁ ଏପରି ଦୃଷ୍ଟାନ୍ତ ଖୁବ୍ ବିରଳ । ସାଧାରଣତଃ ଏହାର ବିପରୀତଟାହିଁ ଅଧିକ ଦେଖାଯାଏ ।

ମୁଁ ପ୍ରାଣ ଓ ମନର ଜଗତରେ ଏହି ଧରଣର କେତେକ ରୂପ ଦେଖିଛି ଯେଉଁଗୁଡ଼ିକ ପ୍ରକୃତରେ ମନୁଷ୍ୟର ସୃଷ୍ଟି । ଊର୍ଦ୍ଧ୍ୱରୁ ଏକ ଶକ୍ତି ଅଭିବ୍ୟକ୍ତ ହୋଇଥାଏ । କିନ୍ତୁ ମିଥ୍ୟାର ଏହି ତ୍ରିଧା ଜଗତରେ ମଣିଷ ପ୍ରକୃତରେ ତା'ର ନିଜର ପ୍ରତିଛବିରେହିଁ ଭଗବାନଙ୍କୁ ସୃଷ୍ଟି କରିଛି — ଊଣା ଅଧିକେ — ଏବଂ ଏପରିସବୁ ସତ୍ତା ରହିଛନ୍ତି ଯେଉଁମାନେ ସେହିସବୁ ରୂପ ନେଇ ପ୍ରକାଶ ପାଆନ୍ତି ଯାହାକି ମଣିଷର ଗଠନଧର୍ମୀ ଚିନ୍ତାରହିଁ ଫଳ । ଏବଂ ଏପରି କ୍ଷେତ୍ରରେ ଦେଖିବ ଏହା ପ୍ରକୃତରେ ଭୟଙ୍କର ହୋଇଥାଏ ! ମୁଁ ଏହିପରି କେତେକ ରୂପ ଗଠନ ମଧ୍ୟ ଦେଖିଛି (*ନୀରବତା*) ଏବଂ ଏଗୁଡ଼ିକ ଏତେ ଅଜ୍ଞାନପ୍ରସୂତ, ଏତେ ଅବୋଧଗମ୍ୟ, ଏତେ ପ୍ରକାଶହୀନ... ।

(*'ମା' ବହି ପ୍ରସଙ୍ଗରେ* : ଶ୍ରୀମା, ପୃଷ୍ଠା : ୨୦୨-୨୦୩)

*

*''ମହାସରସ୍ୱତୀ ହେଲେ ମା'ଙ୍କର କର୍ମଶକ୍ତି, ତାଙ୍କରି ପୂର୍ଣ୍ଣତା ଓ ଶୃଙ୍ଖଳାର ମୂର୍ତ୍ତି । ଶକ୍ତିଚତୁଷ୍ଟୟଙ୍କ ମଧ୍ୟରେ ସେ କନିଷ୍ଠା, କାର୍ଯ୍ୟ ନିଷ୍ପାଦନର କ୍ଷମତାରେ ପରମ ନିପୁଣା, ସ୍ଥୂଳ ପ୍ରକୃତିର ନିକଟତମା । ...ସିଦ୍ଧକର୍ମୀର ଅନ୍ତରଙ୍ଗ ଓ ଯଥାଯଥ ଜ୍ଞାନ, ସୂକ୍ଷ୍ମବୋଧ ଓ ଧୈର୍ଯ୍ୟ, ଅନ୍ତର୍ଜ୍ଞାନୀ ମନର ଏବଂ ସଚେତନ ହସ୍ତର ତଥା ସୂକ୍ଷ୍ମଦର୍ଶୀ ସୃଷ୍ଟିରେ ନିର୍ଭୁଲତା ଏହିସବୁ ମହାସରସ୍ୱତୀ ନିଜର ପ୍ରକୃତି ମଧ୍ୟରେ ନିରନ୍ତର ଧାରଣ କରି ରହିଛନ୍ତି ଏବଂ ଯାହାକୁ ସେ ବାଛି ନିଅନ୍ତି ତାହାକୁ ସେ ସେହି ସକଳ ସମ୍ପଦ ଦାନ କରନ୍ତି ।''*

('ମା' ପୁସ୍ତକ, ପୃଷ୍ଠା - ୫୦) — ଶ୍ରୀଅରବିନ୍ଦ

**ଶ୍ରୀମା** : ଅଭିବ୍ୟକ୍ତିର ଶୃଙ୍ଖଳାରେ ସେ ହେଉଛନ୍ତି ଶେଷ ବା ସର୍ବକନିଷ୍ଠା । ଏବଂ ତାଙ୍କର ବିଶେଷ ସ୍ୱଭାବରେ, ତାଙ୍କର ଭାବସ୍ପନ୍ଦନର ଗୁଣ ଓ ବୈଶିଷ୍ଟ୍ୟରେ ସେ ଏପରିକି ଏକ ଛୋଟ ପିଲାର ପାଖାପାଖି । ସେ କିଶୋର ଓ ପିଲାମାନଙ୍କୁ ଭଲ ପାଆନ୍ତି, ଯାହା କିଛି ଗଢ଼ି ହେଉଥାଏ, ରୂପାନ୍ତର ଓ ପୂର୍ଣ୍ଣତା ଲାଭ ପାଇଁ ଯାହା ଆଗରେ ଦୀର୍ଘପଥ ରହିଛି ସେମାନଙ୍କୁ ସେ ପସନ୍ଦ କରନ୍ତି । କିଶୋରମାନଙ୍କ କାମକୁ ସେ ଭଲ ପାଆନ୍ତି । ସ୍ୱଭାବରେ ସେ ସର୍ବକନିଷ୍ଠା କିଶୋରୀ ଓ ଅଭିବ୍ୟକ୍ତିର ଶେଷରେ ସେ ଆସିଛନ୍ତି ।

*ପ୍ରଶ୍ନ : ଶ୍ରୀଅରବିନ୍ଦ ଏକ 'ସଚେତନ ହସ୍ତ' କଥା କହିଛନ୍ତି, ତାହାର ଅର୍ଥ କ'ଣ ?*

**ଶ୍ରୀମା** : କ'ଣ ! ମୁଁ ତୁମକୁ ଏ ବିଷୟରେ ଯେ କେତେଥର କହିସାରିଛି, ତା'ର ହିସାବ ନାହିଁ, ମୁଁ ତୁମକୁ ଶହେଥର ଏହି ବିଷୟ ବ୍ୟାଖ୍ୟା କରିଥିଲେ ବି ତୁମେ ପୁଣି ସେହି ପ୍ରଶ୍ନ ପଚାରୁଛ ? ମୁଁ ତୁମକୁ କହିଛି ଯେ ଯେକୌଣସି କାମଟିଏ ହାତକୁ ନିଅ ନା କାହିଁକି ତୁମର ପ୍ରଥମ କାମ ହେଉଛି ନିଜ ହାତର ଦେହକୋଷଗୁଡ଼ିକରେ ଚେତନାର ସଂଚାରଣ କରିବା । ତୁମେ ଯଦି ଖେଳିବାକୁ ଯାଉଛ, ଯଦି କୌଣସି କାମ କରିବାକୁ ଯାଉଛ, ତୁମ ହାତଦେଇ ଯେକୌଣସି କାମ କରିବାକୁ ଯାଉଛ, ତୁମ ହାତର ଦେହକୋଷସବୁରେ ଯଦି ଚେତନାର ସଂଚାରଣ ନ କର ତେବେ ତୁମେ କାମଟି ଆଦୌ ଭଲ ଭାବରେ କରିପାରିବ ନାହିଁ । ମୁଁ ଏ ବିଷୟରେ ତୁମକୁ କେତେଥର କହିଛି ? ଏବଂ ଚେତନାର ଏହି ସ୍ଥାପନ ବା ସଞ୍ଚାରଣକୁ ପୂରା ଅନୁଭବ କରିହୁଏ । ତୁମେ ଏହା ଅନୁଭବ କରିପାରିବ । ତୁମେ ଏହି ଦକ୍ଷତାଟି ଅର୍ଜନ କରିପାରିବ । ହସ୍ତକୁ ସଚେତ କରିବା ପାଇଁ ନାନା ପ୍ରକାର କୌଶଳ ଅଭ୍ୟାସ କରିପାର ଏବଂ ଗୋଟିଏ ମୁହୂର୍ତ୍ତ ଆସିବ ଯେତେବେଳେ ଏହା ଏପରି ସଚେତ ହୋଇଉଠିବ ଯେ କାମଗୁଡ଼ିକ କରିବା ପାଇଁ ଏହା ଉପରେ ସଂପୂର୍ଣ୍ଣ ଭାବରେ ଛାଡ଼ିଦେଇପାରିବ, ତୁମର କ୍ଷୁଦ୍ର ମନର କୌଣସି ହସ୍ତକ୍ଷେପ ବିନା ତାହା ସେ କାମଗୁଡ଼ିକ ସମ୍ପନ୍ନ କରିପାରିବ ।

*ପ୍ରଶ୍ନ : ଶ୍ରୀଅରବିନ୍ଦ ମହାଲକ୍ଷ୍ମୀଙ୍କ ସଂପର୍କରେ କହିଛନ୍ତି ''ଯାହାକିଛି ହୀନ ...ସେହିସବୁ ତାଙ୍କ ଆଗମନରେ ପ୍ରତିବନ୍ଧକ ହୁଏ ।''*

('ମା' ପୁସ୍ତକ, ପୃଷ୍ଠା - ୪୭-୪୮) — ଶ୍ରୀଅରବିନ୍ଦ

**ଶ୍ରୀମା** : ହଁ, ଯାହାକିଛି ହୀନ, ଯେଉଁଠି ଉଦାରତା ନାହିଁ, ଯେଉଁଠି ଅନୁରାଗ ନାହିଁ, ଯେଉଁଠି ମର୍ଯ୍ୟାଦା ନାହିଁ, ଯେଉଁଠି ଆନ୍ତର ସମୃଦ୍ଧିର ଅଭାବ ରହିଛି, ସେହି ସମସ୍ତ ନୀରସ, ଶୁଷ୍କ, ଆତ୍ମସ୍ୱାର୍ଥପରାୟଣ ସଂକୀର୍ଣ୍ଣତା ମହାଲକ୍ଷ୍ମୀଙ୍କ ଆଗମନରେ ପ୍ରତିବନ୍ଧକ ହୁଏ । ଏଠାରେ ପ୍ରକୃତରେ ଅର୍ଥ-ସମ୍ପଦର ପ୍ରଶ୍ନ ଉଠୁ ନାହିଁ, ଜଣେ ଅତ୍ୟନ୍ତ ବିତ୍ତଶାଳୀ ଧନୀ ଲୋକ ମଧ୍ୟ ମହାଲକ୍ଷ୍ମୀଙ୍କ ଦୃଷ୍ଟିକୋଣରୁ ଅତ୍ୟନ୍ତ ଦରିଦ୍ର ହୋଇପାରେ । ଏବଂ ଜଣେ ଅତି ଦରିଦ୍ର ଲୋକ ମଧ୍ୟ, ଯଦି ତା'ର ହୃଦୟ ମହତ୍ ଓ ଉଦାର ହୋଇଥାଏ ତେବେ ମହାଲକ୍ଷ୍ମୀଙ୍କ ଦୃଷ୍ଟିରୁ ତାହାକୁ ବିପୁଳ ସଂପଦର ଅଧିକାରୀ ବୋଲି କୁହାଯିବ ।

*ପ୍ରଶ୍ନ : ଆମେ ଯେତେବେଳେ କାହାକୁ 'ଅତି ଦରିଦ୍ର ଲୋକ' ବୋଲି କହୁ, ସେତେବେଳେ ଠିକ୍ କେଉଁ ଅର୍ଥରେ କାହାକୁ 'ଦରିଦ୍ର ଲୋକ' ବୋଲି କୁହାଯିବ ?*

**ଶ୍ରୀମା** : ସେହି ଲୋକହିଁ ପ୍ରକୃତରେ ଦରିଦ୍ର ଯାହାର କୌଣସି ଗୁଣ ନାହିଁ, କୌଣସି ଶକ୍ତି ବା ସାମର୍ଥ୍ୟ ନାହିଁ, କୌଣସି ଉଦାର ବଦାନ୍ୟତା ନାହିଁ । ସେ ନିଜେ ମଧ୍ୟ ପ୍ରକୃତରେ ଜଣେ ଦୁଃଖୀ, ମ୍ରିୟମାଣ ଅସୁଖୀ ଲୋକ । ଅଧିକନ୍ତୁ ସେହି ଲୋକହିଁ ଅସୁଖୀ ହୁଏ ଯାହା ଭିତରେ ଉଦାରତା ବା ବଦାନ୍ୟତା ନାହିଁ, ଯଦି ଜଣକର ପ୍ରକୃତି ବଦାନ୍ୟ ହୁଏ, ବିନିମୟରେ ପାଇବାର କୌଣସି ଆଶା ନରଖି, କୌଣସି ହିସାବ କିତାବ ନକରି ଯେ ଦାନ କରିପାରେ, ସେ କେବେହେଲେ ଅସୁଖୀ ହୁଏ ନାହିଁ । ଯେଉଁ ଲୋକମାନେ ସବୁବେଳେ ଖାଲି ନିଜର ସ୍ୱାର୍ଥ ଖୋଜନ୍ତି, ସବୁ ଜିନିଷକୁ ନିଜ ଆଡ଼କୁ ଗୋଟାଇ ଆଣିବାକୁ ଲୋଭ କରନ୍ତି, କେବଳ ନିଜର ସ୍ୱାର୍ଥ ଓ ଲାଭର ଦୃଷ୍ଟିନେଇ ଦୁନିଆର ସବୁକିଛିକୁ ଦେଖନ୍ତି, ସେହିମାନେହିଁ ଅସୁଖୀ ହୁଅନ୍ତି । କିନ୍ତୁ ଯେତେବେଳେ ଜଣେ କୌଣସି ହିସାବ କିତାବ ନକରି, ମାପଚୁପ ନକରି ନିଜକୁ ଉଦାର ଓ ଅକୃପଣ ଭାବରେ ଦେଇ ଦେଇପାରେ ସେ କେବେହେଲେ ଅସୁଖୀ ହେବ ନାହିଁ, କେବେହେଲେ ନୁହେଁ । ଯେ କେବଳ ନିଜ ପାଇଁ ନେଇ ନେବାକୁ ଚାହେଁ ସେ ଅସୁଖୀ, ଯେ ନିଜକୁ ଦେଇ ଦେବାକୁ ଚାହେଁ ସେ କେବେ ବି ଅସୁଖୀ ହୁଏ ନାହିଁ ।

(*'ମା' ବହି ପ୍ରସଙ୍ଗରେ* : ଶ୍ରୀମା, ପୃଷ୍ଠା : ୯୯-୧୦୨) ✜

# ଅବତାର-ତତ୍ତ୍ୱ

## ଶ୍ରୀଅରବିନ୍ଦ

ସାଧାରଣ ଭାବରେ କହିବାକୁ ଗଲେ ଜଣେ ଅବତାର ତାଙ୍କ ମଧ୍ୟରେ ଜନ୍ମ ନେଇଥିବା ଭଗବାନଙ୍କ ଶକ୍ତି ଓ ଉପସ୍ଥିତି ବିଷୟରେ ସର୍ବଦା ସଚେତନ ଥା'ନ୍ତି । ସେହି ଦିବ୍ୟଶକ୍ତି ତାଙ୍କ ମଧ୍ୟରେ ଜନ୍ମରୁ ଥାଏ ଅଥବା ତାଙ୍କ ମଧ୍ୟକୁ ଅବତରଣ କରିଥାଏ; ଏବଂ ତାଙ୍କ ଆନ୍ତର ସତ୍ତା ମଧ୍ୟରେ ଥାଇ ତାଙ୍କ ସଂକଳ୍ପ, ଜୀବନ ଓ କ୍ରିୟା ପ୍ରଭୃତିକୁ ନିୟନ୍ତ୍ରିତ କରିଥାଏ । ସେ ନିଜ ଭିତରେ ଭଗବାନଙ୍କର ଶକ୍ତି ଏବଂ ଉପସ୍ଥିତି ସହିତ ଏକୀଭୂତ ହୋଇ ଥିବାର ଅନୁଭବ କରିଥା'ନ୍ତି । କିନ୍ତୁ ଜଣେ ବିଭୂତି, ଭଗବାନଙ୍କର ଏକ ବିଭାବ ଯେତେବେଳେ ଶରୀର ଗ୍ରହଣ କରିଥାଏ, ତଦ୍ଦ୍ୱାରା ସେ ସମସ୍ତ କାର୍ଯ୍ୟ ବିପୁଳ ଶକ୍ତି ସହ କରିବା ପାଇଁ ସମର୍ଥ ହୁଏ । ବିଭୂତି ହେବା ପାଇଁ ତାହାହିଁ ଯଥେଷ୍ଟ : ଶକ୍ତି ହୁଏତ ବିରାଟ ବା ମହାନ୍ ହୋଇପାରେ; କିନ୍ତୁ ସେହି ଚେତନା ସହଜାତ ଓ ଅନ୍ତର୍ନିହିତ ଭଗବାନଙ୍କ ଦିବ୍ୟତ୍ୱ ନୁହେଁ ।

ଅବତାର ତାଙ୍କ ସତ୍ତାର କର୍ମ-ନିରତ ଅଂଶ ମାଧ୍ୟମରେ ସମଗ୍ର ମଣିଷଜାତିର ପ୍ରକୃତିକୁ ନିଜ ଉପରେ ବହନ କରି ନେଇପାରନ୍ତି — ଯଦିଓ ଅନ୍ତରାଳରେ ପ୍ରଚ୍ଛନ୍ନ ଭାବରେ କାର୍ଯ୍ୟ କରୁଥିବା ତାଙ୍କର ଚେତନା ହେଉଛି ଦିବ୍ୟ । ସେଥିରେ ଅବତାରଙ୍କର, ମଣିଷ ଭାବରେ ତାଙ୍କ ଜୀବନ ଓ କାର୍ଯ୍ୟ ପାଇଁ ପ୍ରକୃତିର ବିଭାବସବୁକୁ ବ୍ୟବହାର କରିବାରେ ତାହା କୌଣସି ବାଧା ସୃଷ୍ଟି କରେ ନାହିଁ । ସ୍ୱୟଂ ଭଗବାନ୍ ଯେ ନିଜକୁ ପ୍ରକଟ କରିଛନ୍ତି ତାହା ନିଶ୍ଚିତ ରୂପେ ପାର୍ଥିବ-ଚେତନା ସକାଶେ ଏକ ମହିମମୟ ଗୌରବ ।

*

ଭଗବାନ୍ ଯେତେବେଳେ ମଣିଷର ରୂପ ନେଇଥା'ନ୍ତି ଓ ତାଙ୍କର ବାହ୍ୟ ମଣିଷ ପ୍ରକୃତିକୁ ନିଜ ଉପରେ ନେଇଥା'ନ୍ତି, ତାହା କେବଳ ମଣିଷକୁ ପଥ ଦେଖାଇବା ପାଇଁ; କିନ୍ତୁ ସେ କେବେ ମଧ୍ୟ ଭଗବାନ୍ ହୋଇ ରହିବାରୁ ବିରତ ହୁଅନ୍ତି ନାହିଁ । ଏହା ଭଗବତ୍ ଚେତନାର ଏକ ପରିପ୍ରକାଶ କିଂବା କ୍ରମବର୍ଦ୍ଧମାନ ଏକ ଭାଗବତ ଚେତନା । ତଦ୍ଦ୍ୱାରା ସେ ମଣିଷରୁ ଭଗବାନରେ ପରିଣତ ହେଉ ନାହାଁନ୍ତି । ଶ୍ରୀମା ଆନ୍ତର ଚେତନାରେ ମଣିଷ ଚେତନାଠାରୁ ବହୁ ଊର୍ଦ୍ଧ୍ୱରେ, ଏପରିକି ଅତ୍ୟନ୍ତ ବାଲ୍ୟକାଳରୁ ମଧ୍ୟ ।

*

ଯେତେବେଳେ ଭଗବାନ୍ ଅବତାର ହୋଇ ଆସନ୍ତି, ସେତେବେଳେ ସେ ମଣିଷଜାତିର ସମସ୍ତ ବୋଝକୁ ସ୍ୱୟଂ ବହନ କରନ୍ତି, ସେସବୁକୁ ଅତିକ୍ରମ କରିବାକୁ — ସେ ମଣିଷର ରୂପ ପରିଗ୍ରହ କରନ୍ତି, କାରଣ ମଣିଷରୁ ଭଗବାନରେ ପରିଣତ ହେବାର ଉପାୟ ଦେଖାଇ ଦେବା ନିମନ୍ତେ ସେ ସେପରି କରିଥା'ନ୍ତି । କିନ୍ତୁ ଯଦି ତାହା ମଧ୍ୟରେ ପରମଙ୍କର ଉପସ୍ଥିତି ନ ଥାଏ ବା ତାହାର ପଶ୍ଚାତରେ ଦିବ୍ୟଶକ୍ତି ନ ଥାଏ ତେବେ ତାହା ହେବା ସମ୍ଭବ ନୁହେଁ । ସେଥିପାଇଁ ସେ ଯଥେଷ୍ଟ ବଳଶାଳୀ ହେବା ଆବଶ୍ୟକ, କାରଣ ଯେଉଁମାନେ ଦିବ୍ୟଚେତନାକୁ ଗ୍ରହଣ କରିବାକୁ ଉତ୍ସୁକ, ସେମାନଙ୍କ ଭିତରେ ସେହି ଶକ୍ତିର ସଞ୍ଚାର ସେ କରାଇ ପାରିବେ । ସେଥିସକାଶେ ତାଙ୍କର ଥାଏ ଦୁଇଟି ବିଭାବ — ଆପାତଃ ଦୃଷ୍ଟିରେ ମଣିଷ ଓ ପଶ୍ଚାତରେ ଭଗବାନ୍ । ସେହି ଭଗବତ୍ ବ୍ୟକ୍ତିତ୍ୱ ଅନ୍ୟ ଏକ ଚେତନା ଅନୁସାରେ କାର୍ଯ୍ୟ କରେ; ତାହା ହେଉଛି ଊର୍ଦ୍ଧ୍ୱସ୍ଥ ଦିବ୍ୟସତ୍ୟର ଚେତନା ଓ ନିମ୍ନସ୍ଥ ଲୀଳା ପାଇଁ ଚେତନା ଏବଂ ଏହା ଲୀଳାର ପ୍ରୟୋଜନୀୟତା ଅନୁସାରେ କାର୍ଯ୍ୟ କରେ, ଏହା କିପରି କାର୍ଯ୍ୟ କରିବା ଉଚିତ ବା ଉଚିତ ନୁହେଁ ସେ ସମ୍ପର୍କରେ ମନୁଷ୍ୟମାନଙ୍କ ଧାରଣା ଅନୁସାରେ ତାହା କାର୍ଯ୍ୟ କରେ ନାହିଁ ।

ଭଗବାନଙ୍କ ଅବତାର ଗ୍ରହଣ, ଏପରିକି ଯେତେବେଳେ ତାହା ମାନସିକ ଓ ମାନୁଷୀ ଚେତନା ମଧ୍ୟରେ ପ୍ରକଟ ହୁଏ, ତାହାର ପଶ୍ଚାତରେ ଥାଏ ମାନସ ଅପେକ୍ଷା ଅଧିକ ଶକ୍ତିଶାଳୀ ଏକ ଚେତନା, ଯାହା ଅଜ୍ଞାନ ମଣିଷଜାତିର କ୍ଷୁଦ୍ର ମାନସିକ ଓ ନୈତିକ ପରମ୍ପରା ମଧ୍ୟରେ ସୀମିତ ନ ଥାଏ । ତେଣୁ ମଣିଷର ସ୍ୱଭାବ, ତାହାର ଚିରାଚରିତ ଧାରଣା ଓ ଆଲୋକରେ ସେ ଭଗବାନଙ୍କୁ ବିଚାର କରେ ବା ତାଙ୍କ ଉପରେ ଜାହିର କରିବାକୁ ଚେଷ୍ଟା କରେ; ଯାହା ଅତ୍ୟନ୍ତ ଅଯୌକ୍ତିକ ଓ ଅବାସ୍ତବ ।

*

ପ୍ରଥମେ ମଣିଷ ରୂପରେ ଭଗବାନ୍ ସ୍ୱୟଂ ପୃଥିବୀ ସକାଶେ ସାଧନା କରନ୍ତି ଓ ତା'ପରେ ଊର୍ଦ୍ଧ୍ୱରୁ ଅବତରଣ କରାଇଥିବା ଦିବ୍ୟଶକ୍ତି ସମୂହକୁ ମଣିଷ ମଧ୍ୟରେ ଉତ୍ସାରିତ କରନ୍ତି । ତେଣୁ ଶ୍ରୀମାହିଁ ପ୍ରତ୍ୟେକ ସାଧକ ମଧ୍ୟରେ ସାଧନା କରୁଛନ୍ତି — କିନ୍ତୁ ତାହା ସାଧକର ଆଗ୍ରହ ଓ ଗ୍ରହଣଶୀଳତା ଅନୁସାରେ ନିର୍ଦ୍ଧାରିତ ହୋଇଥାଏ ।

*

ଶ୍ରୀମାଙ୍କ ଉପରେ ବିଶ୍ୱାସ ରଖି ସାଧକ ନିଜକୁ ଖୋଲା ରଖିବା ଅଧିକ ସହଜ — କାରଣ ଶ୍ରୀମା ତାଙ୍କ କାର୍ଯ୍ୟର ରୀତି ଅନୁସାରେ ସାଧକର ଚେତନା ସହିତ ନିଜ ଚେତନାକୁ ଏକୀଭୂତ କରନ୍ତି — କାରଣ ତଦ୍ଦ୍ୱାରା ସେ ସାଧକର ବାଧାବିଘ୍ନକୁ ଓ ତା'ର ପ୍ରକୃତିରେ ଥିବା ହଳାହଳକୁ ନିଜ ମଧ୍ୟରେ ଗ୍ରହଣ କରନ୍ତି; ଏତତ୍ ବ୍ୟତୀତ ବିଶ୍ୱଗତ ପାର୍ଥିବ ପ୍ରକୃତିର ବାଧାବିଘ୍ନକୁ ମଧ୍ୟ ନିଜ ମଧ୍ୟରେ ଗ୍ରହଣ କରନ୍ତି ଏବଂ ମୃତ୍ୟୁ ଓ ବ୍ୟାଧିସବୁର ସମ୍ଭାବନାକୁ ମଧ୍ୟ ନିଜ ମଧ୍ୟରେ ଗ୍ରହଣ କରିଥା'ନ୍ତି; କାରଣ ସେସବୁ ସହିତ ସଂଗ୍ରାମ କରି ସେସବୁକୁ ହଟାଇ ଦେବାକୁ ସେ ସେପରି କରିଥା'ନ୍ତି । ସେ ଯଦି ସେପରି ନ କରନ୍ତେ ତେବେ ଜଣେ ହେଲେ ସାଧକ ଏ ଯୋଗ କରିବାକୁ ସକ୍ଷମ ହୁଅନ୍ତେ ନାହିଁ । ଭଗବାନ୍ ମଣିଷ ମଧ୍ୟକୁ ଅବତରଣ କରି ଆସିଛନ୍ତି, କାରଣ ମଣିଷ ମଧ୍ୟ ଭଗବାନଙ୍କ ମଧ୍ୟକୁ ଉଠିଯାଇ ପାରିବ । ଏହା ଏକ ସରଳ ସତ୍ୟ, କିନ୍ତୁ ମନେ ହୁଏ କେହି ହେଲେ ଏହି କଥା ହୃଦୟଙ୍ଗମ କରି ନାହିଁ ଯେ ଭଗବାନ୍ ତାହା କରି ପାରିବେ ଏବଂ ତତ୍ ସଙ୍ଗେ ସଙ୍ଗେ ସେମାନଙ୍କଠାରୁ ଭିନ୍ନ ଥାଇ ମଧ୍ୟ ଭଗବାନ୍ ହୋଇ ରହି ପାରିବେ ।

*

ଏପରି ଧରିନେବା ଠିକ୍ ନୁହେଁ ଯେ ଅବତାର ମଣିଷର ଜୀବନ-ଧାରାଠାରୁ ଭିନ୍ନ ଭାବରେ କାର୍ଯ୍ୟ କରନ୍ତି — ସେ ମାନୁଷୀ କ୍ରିୟାକଳାପକୁ ନେଇ, ମାନୁଷୀ ରୀତିରେ ଏବଂ ମାନୁଷୀ ଚେତନା ସହିତ ବାହ୍ୟ ଭାବରେ କାର୍ଯ୍ୟ କରନ୍ତି । କିନ୍ତୁ ତାହା ସହିତ ପଶ୍ଚାତରେ ଥାଏ ତାଙ୍କର ଭଗବତ୍ ଚେତନା । ଯଦି ସେପରି ସେ ନ କରନ୍ତେ ତେବେ ମଣିଷ-ଶରୀର ଗ୍ରହଣ କରିବାର କୌଣସି ଅର୍ଥ ରହନ୍ତା ନାହିଁ, କିଂବା ଅନ୍ୟମାନଙ୍କ ପାଇଁ ତାହା କୌଣସି କାର୍ଯ୍ୟରେ ଲାଗନ୍ତା ନାହିଁ — ସେ କେବଳ ଊର୍ଦ୍ଧ୍ୱରେ ଥାଇ ସେହିଠାରୁହିଁ କାର୍ଯ୍ୟ କରୁଥା'ନ୍ତେ ।

*

ଅବତାରଙ୍କ ମଧ୍ୟରେ ଭଗବାନଙ୍କର ପ୍ରକାଶ ହୋଇଥାଏ କେବଳ ମାନବଜାତିର ସହାୟତା ସକାଶେ । କାରଣ ତଦ୍ଦ୍ୱାରା ମଣିଷ ନିଜ ମଧ୍ୟରେ ଥିବା ଦିବ୍ୟତ୍ୱକୁ ନିଜେ ଆବିଷ୍କାର କରିବ ଓ ଉପଲବ୍ଧି କରିବ ।

ଅବତାରଙ୍କର ଦୁଇଟି ବିଭାବ ରହିଛି — ଭଗବତ୍ ଚେତନା ଓ ଏକ ନିମିତ୍ତ ହେବାର ବ୍ୟକ୍ତିତ୍ୱ । ଭଗବତ୍ ଚେତନା ସର୍ବଶକ୍ତିମାନ୍ । କିନ୍ତୁ ପ୍ରକୃତିର ସର୍ତ୍ତସକଳ ଅନୁଯାୟୀ ସେ ତାଙ୍କର ମାଧ୍ୟମ-ବ୍ୟକ୍ତିତ୍ୱକୁ ପ୍ରକୃତି ମଧ୍ୟରେ ପ୍ରକଟିତ କରିଛନ୍ତି ଏବଂ ସେ ଲୀଳାର ନିୟମଗୁଡ଼ିକ ମଧ୍ୟରେହିଁ ପ୍ରକୃତିର ଶକ୍ତିସବୁକୁ ବ୍ୟବହାର କରନ୍ତି — ଯଦିଓ କେବେ କେବେ ସେହିସବୁ ନିୟମକୁ ସେ ପରିବର୍ତ୍ତନ ମଧ୍ୟ କରନ୍ତି ।

ଭଗବାନଙ୍କର ନିଜ ପାଇଁ କେବେ କଷ୍ଟ ସହିବା ବା ସଂଗ୍ରାମ କରିବା ଦରକାର ହୁଏ ନାହିଁ; ଏସବୁ ଯଦି ସେ ନିଜ ଉପରେ ନେଇଥା'ନ୍ତି ତାହା ପୃଥିବୀର ବୋଝକୁ ବହନ କରିବା ଯୋଗୁଁ ଓ ମଣିଷଜାତିକୁ ସାହାଯ୍ୟ କରିବା ଯୋଗୁଁ ସହ୍ୟ କରନ୍ତି । ଭଗବାନ୍ ସେସବୁକୁ ବହନ କରନ୍ତି ଓ ସହ୍ୟ କରନ୍ତି ଏବଂ ପଥ ଦେଖାଇ ଦିଅନ୍ତି କିପରି ସେସବୁରୁ ମଣିଷ ମୁକ୍ତ ହେବ; ନତୁବା ତାଙ୍କର ମଣିଷ ରୂପ ଗ୍ରହଣ କରି ଅବତାର ହେବାର କୌଣସି ଯାଥାର୍ଥ୍ୟ ନାହିଁ । ମୁଁ କହିଛି ଯେ ମଣିଷକୁ ଊର୍ଦ୍ଧ୍ୱତର ଚେତନା ମଧ୍ୟକୁ ଯିବା ପାଇଁ ଅବତାର ପଥ ପ୍ରଦର୍ଶନ କରିଥା'ନ୍ତି ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପ୍ରଥମ ଖଣ୍ଡ
ପୃଷ୍ଠା : ୪୫ - ୪୯) ✜

ପୃଥିବୀର ପ୍ରାରମ୍ଭରୁ, ଯେଉଁଠାରେ ଓ ଯେତେବେଳେ ବି ପରମ ଚେତନାର ଗୋଟିଏ ରଶ୍ମିକୁ ମଧ୍ୟ ପ୍ରକାଶ କରି ଆଣିବାର ଏକ ସମ୍ଭାବନା ଉପସ୍ଥିତ ହୋଇଥିଲା ସେଠାରେ ମୁଁ ଥିଲି ।

— ଶ୍ରୀମା

# ଭଗବତ୍ ଚାଳନା

## ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କ ମୂଳ ଅଧ୍ୟାତ୍ମଗ୍ରନ୍ଥଗୁଡ଼ିକ ସାଧାରଣ ମନ ପକ୍ଷରେ ଦୁରଧିଗମ୍ୟ । ସାଧନାର ପ୍ରାଥମିକ ଅବସ୍ଥାରେ ସାଧକଙ୍କୁ ଏପରି କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ହୁଏ ଯାହା ଗୁରୁଙ୍କର ପ୍ରତ୍ୟକ୍ଷ ନିର୍ଦ୍ଦେଶ ବ୍ୟତୀତ କେବଳ ଗ୍ରନ୍ଥ-ଅଧ୍ୟୟନ ଦ୍ୱାରା ପୂର୍ଣ୍ଣ ରୂପେ ସମାଧାନ କରିବା ସମ୍ଭବ ନୁହେଁ । ତେଣୁ ବହୁ ସାଧକ ସେମାନଙ୍କ ସାଧନା-ପଥରେ ଉପସ୍ଥିତ ହୋଇଥିବା ସମସ୍ୟା ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖି ସେସବୁର ଉତ୍ତର ପାଉଥିଲେ ।]

ତୁମେ ଯେଉଁ ପ୍ରଶ୍ନ ଉଠାଇଛ ତାହା ଖୁବ୍ ଦୁରୂହ ଓ ଜଟିଳ ସମସ୍ୟାମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ଏ ବିଷୟରେ ବିଶଦ ଭାବରେ ଆଲୋଚନା କରିବାକୁ ଗଲେ, ''ଦିବ୍ୟ-ଜୀବନ'' ଗ୍ରନ୍ଥର ଦୀର୍ଘତମ ଅଧ୍ୟାୟଠାରୁ କମ୍ ଜାଗାରେ ତାହା ସମ୍ଭବ ନୁହେଁ । ମୁଁ ଏଠାରେ କେବଳ ଏ ସମ୍ପର୍କରେ ମୋର ନିଜର ବିଚାରକୁ ଉପସ୍ଥାପିତ କରିବି ଯାହା ଖାଲି ଯୁକ୍ତି-ବୁଦ୍ଧି ଉପରେ ନୁହେଁ, ପ୍ରତ୍ୟକ୍ଷ ଅନୁଭୂତି ଉପରେ ପ୍ରତିଷ୍ଠିତ — ତା' ହେଉଛି ନିଶ୍ଚିତ ରୂପେ ଏକ ଦିବ୍ୟ-ଚାଳନା ରହିଛି ଏବଂ ଏହି ବିଶ୍ୱରେ କୌଣସିଟା ମଧ୍ୟ ନିରର୍ଥକ ବା ବୃଥା ନୁହେଁ ।

ଆମେ ଯଦି କେବଳ ବାହ୍ୟ ଘଟଣାବଳିକୁ ସେମାନଙ୍କ ବାହ୍ୟ ଆକୃତିରୁ ବିଚାର କରୁ ବା ଯଦି ଆମ ଚତୁଃପାର୍ଶ୍ୱରେ ଯାହା ଘଟୁଥାଏ ସେସବୁକୁ ଚୂଡ଼ାନ୍ତ ବୋଲି ଧରିନେଉ ଏବଂ ସେଗୁଡ଼ିକୁ ବିକାଶଶୀଳ ଏକ ସମଗ୍ରର କ୍ଷଣିକ ପ୍ରକ୍ରିୟା ବୋଲି ବିଚାର ନକରୁ ତେବେ ଏହି ଭଗବତ୍ ଚାଳନା ସ୍ପଷ୍ଟ ହୁଏ ନାହିଁ, ଅତି ବେଶୀରେ ଆମେ ଦେଖିପାରୁ ସାମୟିକ ବା ବାରଂବାର କୌଣସି ହସ୍ତକ୍ଷେପ ।

ଯଦି ଆମେ ବାହ୍ୟ ରୂପର ପଶ୍ଚାତକୁ ଯାଇ କ୍ରିୟା କରୁଥିବା ଶକ୍ତିଗୁଡ଼ିକର ସ୍ୱରୂପ, କ୍ରିୟାର ଧାରା ତଥା ସେମାନଙ୍କର ନିଗୂଢ଼ ତାତ୍ପର୍ଯ୍ୟସବୁକୁ ବୁଝିବାକୁ ଆରମ୍ଭ କରୁ, ତାହେଲେ କେବଳ ଏହି ଚାଳନା ଆମ ଆଗରେ ସ୍ପଷ୍ଟ ହୋଇଉଠିବ । ପ୍ରକୃତରେ ଯଥାର୍ଥ ଜ୍ଞାନ — ଏପରିକି ବୈଜ୍ଞାନିକ ଜ୍ଞାନ ମଧ୍ୟ ଲାଭ କରାଯାଏ ବାହ୍ୟ ସ୍ୱରୂପର ପରଦା ଭେଦକରି ବିଷୟର ପଶ୍ଚାତରେ ଥିବା ପ୍ରଚ୍ଛନ୍ନ ପଦ୍ଧତି ଓ କାରଣସବୁକୁ ଜାଣିବା ଦ୍ୱାରା । ଏହା ନିଃସନ୍ଦେହ ଯେ ଏହି ଜଗତ୍ ଦୁଃଖ-ଯନ୍ତ୍ରଣାରେ ପରିପୂର୍ଣ୍ଣ ଏବଂ ଏତେ ଅନିତ୍ୟ ଯେ ଏ ସମ୍ପର୍କରେ ଗୀତାର ବର୍ଣ୍ଣନା 'ଅନିତ୍ୟମ୍ ଅସୁଖମ୍' ଖୁବ୍ ଯଥାର୍ଥ ବୋଲି ମନେହୁଏ । ପ୍ରଶ୍ନ ହେଉଛି ଏହି ଜଗତ୍ କେବଳ ଆକସ୍ମିକ ଏକ ସୃଷ୍ଟି, ଯାହାକି ଯାନ୍ତ୍ରିକ ନିଶ୍ଚେତନର ନିୟମ ଦ୍ୱାରା ପରିଚାଳିତ ନା ଏହି ସୃଷ୍ଟିର କୌଣସି ନିଗୂଢ଼ ଅର୍ଥ ରହିଛି, ଯାହା ଅଭିମୁଖରେ ଆମ୍ଭେମାନେ ଗତି କରୁଛୁ । ଯଦି ଏହି ସୃଷ୍ଟିର କିଛି ଅର୍ଥ ଥାଏ ଏବଂ ଯଦି ଏପରି କିଛି ଲକ୍ଷ୍ୟ ଥାଏ ଯେଉଁ ଦିଗରେ ସବୁକିଛି ବିବର୍ତ୍ତିତ ହେଉଛି, ତେବେ ନିଶ୍ଚିତ ଓ ଅନିବାର୍ଯ୍ୟ ଭାବରେ ଏକ ଦିବ୍ୟ-ଚାଳନା ମଧ୍ୟ ରହିଛି — ଯାହାର ଅର୍ଥ ହେଉଛି ଏସବୁକୁ ଧାରଣ କରି ଏକ ଦିବ୍ୟଚେତନା ଓ ଇଚ୍ଛାଶକ୍ତି ରହିଛି ଯାହା ସଙ୍ଗେ ଆମେ ଆନ୍ତର ସମ୍ପର୍କ ସ୍ଥାପନ କରିପାରୁ । ଯଦି ଏପରି ଏକ ଚେତନା ଓ ସଂକଳ୍ପ ଥାଏ, ତେବେ ଏହା ସମ୍ଭବ ନୁହେଁ ଯେ ସେ ପୃଥିବୀର ସମସ୍ତ ଅର୍ଥକୁ ବାତିଲ କରିଦେଇ ବା ଏହାକୁ ଏକ ନିରର୍ଥକ ବା ଚୂଡ଼ାନ୍ତ ନିଷ୍ଫଳତାରେ ପରିଣତ କରି ନିଜକୁ ନିଜେ ବ୍ୟର୍ଥ ଓ ଅପଦସ୍ଥ କରିବାକୁ ଚାହିଁବ ।

ଏହି ପୃଥିବୀର ଏକ ଦ୍ୱିମୁଖୀ ବିଭାବ ରହିଛି । ମନେହୁଏ ଏକ ଜଡ଼ ନିଶ୍ଚେତନା ଏବଂ ସେହି ନିଶ୍ଚେତନାରେ ପରିପୂର୍ଣ୍ଣ ଏକ ଅଜ୍ଞାନ ମନ ଓ ଜୀବନ ହେଉଛି ପୃଥିବୀର ଭିତ୍ତି ଏବଂ ଏହାର ଅନିବାର୍ଯ୍ୟ ପରିଣତି ହେଲା ଭ୍ରାନ୍ତି ଓ ଶୋକ, ମୃତ୍ୟୁ ଓ ଯାତନା । କିନ୍ତୁ ଏହା ସଙ୍ଗେ ସଙ୍ଗେ ମଧ୍ୟ ଆଂଶିକ ଭାବରେ ସଫଳ ଏକ ପ୍ରୟାସ ଏବଂ ଆଲୋକ, ଜ୍ଞାନ, ସତ୍ୟ, ଶୁଭ, ଆନନ୍ଦ, ସଙ୍ଗତି ଓ ସୌନ୍ଦର୍ଯ୍ୟ ଦିଗରେ ଏକ ଅପରିପୂର୍ଣ୍ଣ ବିକାଶ ପରିଲକ୍ଷିତ ହୁଏ; ଅନ୍ତତଃ ଏହିସବୁର ଏକ ଆଂଶିକ ପରିସ୍ଫୁଟନ ଦେଖାଯାଏ । ତେଣୁ ଏହି ଦୁଇଟିର ଦ୍ୱନ୍ଦ୍ୱ ଭିତରେହିଁ ଜଗତର ଅର୍ଥ ନିହିତ ରହିଛି; ଏହା ନିଶ୍ଚିତ ରୂପେ ଏକ ବିବର୍ତ୍ତନ ଯାହା ପ୍ରାଥମିକ ଅନ୍ଧକାରମୟ ରୂପ ଭିତରୁ ଉଚ୍ଚତର ଲକ୍ଷ୍ୟ ଦିଗରେ ଗତି କରୁଛି ବା ସଂଗ୍ରାମ କରିଚାଲିଛି । ଅତଏବ ଯାହାକିଛି ଚାଳନା ରହିଛି ତାହା ଏହି ବିରୋଧ ଓ ସଂଘାତର ଅବସ୍ଥା ଭିତରେହିଁ କ୍ରିୟାଶୀଳ ହେଉଛି ଏବଂ ସେହିସବୁ ଉଚ୍ଚତର ଲକ୍ଷ୍ୟ ଦିଗରେ ଜଗତକୁ ଆଗେଇ ନେଉଛି । ଏହା ନିଃସନ୍ଦେହ ଭାବରେ

ବ୍ୟକ୍ତିକୁ ଚାଳିତ କରୁଛି ଏବଂ ସମ୍ଭବତଃ ଜଗତକୁ ମଧ୍ୟ ପରିଚାଳିତ କରୁଛି ସେହି ଉଚ୍ଚତର ଅବସ୍ଥା ଦିଗରେ, କିନ୍ତୁ ପରସ୍ପର ବିରୋଧୀ ଦୁଇଟି ବିଭାବ ଭିତର ଦେଇ ଜ୍ଞାନ ଓ ଅଜ୍ଞାନ, ଆଲୋକ ଓ ଅନ୍ଧକାର, ଜୀବନ ଓ ମୃତ୍ୟୁ, ଆନନ୍ଦ ଓ ନିରାନନ୍ଦ, ସୁଖ ଓ ଦୁଃଖର ଦ୍ୱନ୍ଦ୍ୱ ଭିତର ଦେଇ । ସେଇ ଉଚ୍ଚତର ଅବସ୍ଥାରେ ନ ପହଞ୍ଚିବା ପର୍ଯ୍ୟନ୍ତ ଏବଂ ତହିଁରେ ସମ୍ପୂର୍ଣ୍ଣ ଭାବେ ପ୍ରତିଷ୍ଠିତ ନ ହେଲା ପର୍ଯ୍ୟନ୍ତ ଏହି ଧାରା ଚାଲିଥିବ ।

ସାଧାରଣତଃ ଏହା ଏପରି ଏକ ଚାଳନା ବା ପଥପ୍ରଦର୍ଶନ ନୁହେଁ ବା ହୋଇ ପାରେନା ଯାହା ସଙ୍ଗେ ସଙ୍ଗେ ଅନ୍ଧକାରର ଦିଗଟିକୁ ପୂରାପୂରି ଦୂର କରିଦେବ ଏବଂ ଏହା ମଧ୍ୟ ଆହୁରି ଅସମ୍ଭବ ଯେ ଏହି ଚାଳନା ଆମ ପାଇଁ ସବୁବେଳେ କେବଳ ଆନନ୍ଦ, ସାଫଲ୍ୟ ଓ ସୌଭାଗ୍ୟହିଁ ଆଣୁଥିବ । ଏହାର ପ୍ରଧାନ କାମ ହେଲା ଆମ ସତ୍ତା ଓ ଚେତନାର ଅଭିବୃଦ୍ଧି, ଉଚ୍ଚତର ଏକ ଆତ୍ମସତ୍ତା ଦିଗରେ, ଭଗବାନଙ୍କ ଦିଗରେ ଓ ପରିଣାମରେ ଊର୍ଦ୍ଧ୍ୱତନ ଏକ ଜ୍ୟୋତିଃ, ସତ୍ୟ ଓ ଆନନ୍ଦ ଦିଗରେ ଅଭିବୃଦ୍ଧି, — ବାକି ସବୁ ହେଉଛି ଗୌଣ, କେତେବେଳେ କେବଳ ଉପାୟ କିଂବା କେତେବେଳେ ପରିଣାମ ମାତ୍ର, କିନ୍ତୁ ମୁଖ୍ୟ ଉଦ୍ଦେଶ୍ୟ ନୁହେଁ ।

ଏହି ଭଗବତ୍ ଚାଳନାର ଯଥାର୍ଥ ସତ୍ୟ ସ୍ପଷ୍ଟତର ହୋଇଉଠେ ଯେତେବେଳେ ଆମେ ନିଜର ଗଭୀର ଅନ୍ତରରେ ପ୍ରବେଶ କରୁ ଏବଂ ସେଇଠୁ ଆହୁରି ଘନିଷ୍ଠ ଭାବରେ ଶକ୍ତିସବୁର କ୍ରିୟାକୁ ଦେଖୁ ଏବଂ ସେସବୁର ପଶ୍ଚାତରେ ଥିବା ଦିବ୍ୟ-ସଂକଳ୍ପର ନିର୍ଦ୍ଦେଶ ପାଉ, ବାହାରର ମନ କେବଳ ଅପୂର୍ଣ୍ଣ ଓ ଝାପ୍‌ସା ସଙ୍କେତ କିଛି ପାଇପାରେ । ଆମେ ଯେତେବେଳେ ଭଗବାନଙ୍କ ସହ ସଂସ୍ପର୍ଶରେ ଆସୁ ବା ଆନ୍ତର ଜ୍ଞାନ ଓ ସୂକ୍ଷ୍ମ ଦୃଷ୍ଟିର ସନ୍ଧାନ ପାଉ, ସେତେବେଳେ ଆମେ ଜୀବନର ସମସ୍ତ ପରିସ୍ଥିତିକୁ ସମ୍ପୂର୍ଣ୍ଣ ଏକ ନୂତନ ଆଲୋକରେ ଦେଖିବାକୁ ଆରମ୍ଭ କରୁ । ସେତେବେଳେ ଆମେ ଦେଖିପାରୁ ଯେ କିପରି ଆମର ଅଜାଣତରେ ସେ ସମସ୍ତହିଁ ସାହାଯ୍ୟ କରିଛି ଆମ ଚେତନା ଓ ସତ୍ତାର ବିକାଶ ଦିଗରେ ବା ଆମ ପାଇଁ ଉଦ୍ଦିଷ୍ଟ ଥିବା କର୍ମ ସମ୍ପନ୍ନ ଦିଗରେ, ଆମର ଆବଶ୍ୟକୀୟ କୌଣସି ଉନ୍ନତି ଦିଗରେ । କେବଳ ଶୁଭ, ସୌଭାଗ୍ୟମଣ୍ଡିତ ଓ ସଫଳତାର ପଥରେ ନୁହେଁ, — ସଂଘର୍ଷ, ବିଫଳତା, ବାଧାବିଘ୍ନ ଓ ବିପର୍ଯ୍ୟୟ ଭିତର ଦେଇ ମଧ୍ୟ ଏହା ଆମକୁ ଆଗେଇ ନେଇଛି । କିନ୍ତୁ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ତାହା ସ୍ୱଭାବ, ଜୀବନର ପରିସ୍ଥିତି, ଚେତନାର ଗଠନ, ବିକାଶର ପର୍ଯ୍ୟାୟ ଓ ଅଧିକ ଅଭିଜ୍ଞତା ପାଇଁ ତା'ର ପ୍ରୟୋଜନ ଅନୁସାରେ ଏହି ଚାଳନା ଭିନ୍ନ ଭିନ୍ନ ଭାବରେ କାର୍ଯ୍ୟ କରିଥାଏ । ଆମେ ଏକ ସ୍ୱୟଂକ୍ରିୟ ଯନ୍ତ୍ର ନୋହୁଁ, ଆମେ ହେଉଛୁ ଚେତନଶୀଳ ସତ୍ତା ଏବଂ ଆମର ମନ, ସଙ୍କଳ୍ପ ଓ ତାହାର ନିଷ୍ପତ୍ତି, ଜୀବନ ସମ୍ପର୍କରେ ଆମର ଦୃଷ୍ଟିକୋଣ ଓ ଜୀବନଠାରୁ ଆମର ଦାବି, ଆମର ଉଦ୍ଦେଶ୍ୟ ଓ ସମସ୍ତ ଗତିବୃତ୍ତି — ଏ ସମସ୍ତ ଆମର ଗତିପଥ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଥାଆନ୍ତି । ସେମାନେ ଖୁବ୍ ଦୁଃଖଯାତନା ଓ ଅଶୁଭର ପଥରେ ଆମକୁ ନେଇଯାଇ ପାରନ୍ତି; କିନ୍ତୁ ସେ ସମସ୍ତ ଭିତରେ ବି ଭଗବତ୍ ଚାଳନା ଆମର ଅଭିଜ୍ଞତାର ଅଭିବୃଦ୍ଧି ନିମନ୍ତେ ଓ ପରିଣାମରେ ଆମର ସତ୍ତା ଓ ଚେତନାର ବିକାଶ ନିମନ୍ତେ ସେସବୁର ସଦ୍‌ବ୍ୟବହାର କରିଥାଏ । ପଥ ଯେତେ ବିଚ୍ୟୁତିପୂର୍ଣ୍ଣ ଓ ଜଟିଳ ହେଉନା କାହିଁକି ଏପରିକି ଯାହାକି ପଶ୍ଚାଦପସରଣ ବା ସମ୍ପୂର୍ଣ୍ଣ ବିପଥଗମନ ବୋଲି ମନେହୁଏ, ସେସବୁ ଭିତରେ ବି ଆତ୍ମାର ନିୟତି ଦୃଷ୍ଟିରୁ ଆବଶ୍ୟକୀୟ ସର୍ବବିଧ ଅଭିଜ୍ଞତା ସଞ୍ଚୟ କରି ସମସ୍ତେ ଅଗ୍ରସର ହେଉଥାଆନ୍ତି ।

ଆମେ ଯେତେବେଳେ ଭଗବାନଙ୍କସହ ଘନିଷ୍ଠ ସମ୍ପର୍କରେ ଥାଉ, ଏକ ରକ୍ଷାକାରୀ ଶକ୍ତି ଆସି ଆମକୁ ସାହାଯ୍ୟ କରିପାରେ ବା ପ୍ରତ୍ୟକ୍ଷ ଭାବରେ ଆମକୁ ଚାଳିତ କରିପାରେ ବା ପଥ ଦେଖାଇ ନେଇପାରେ, କିନ୍ତୁ ତାହା ସମସ୍ତ ବାଧାବିଘ୍ନ ବା ଦୁଃଖଭୋଗ ଓ ବିପଦ-ଆପଦକୁ ଏକ ମୁହୂର୍ତ୍ତରେ ଦୂର କରିଦିଏ ନାହିଁ, ସେସବୁର ଭିତରେହିଁ ଏହା ଆମକୁ ପଥ ଦେଖାଇ ନେଇ ସେସବୁରୁ ଉଦ୍ଧାର କରିଦିଏ; କେବଳ ସେଇ କ୍ଷେତ୍ରରେହିଁ ଏହାର ଅନ୍ୟଥା ହୁଏ, ଯଦି କୌଣସି ବିଶେଷ କାରଣରୁ ଏହାର ବିପରୀତଟାହିଁ ଘଟିବା ଆମର ଦରକାର ଥାଏ ।

ବିଶ୍ୱଗତିବୃତ୍ତିର ଚାଳନା କ୍ଷେତ୍ରରେ ଠିକ୍ ଏଇୟାହିଁ ଘଟେ, ଯଦିଓ ଆହୁରି ବ୍ୟାପକ ଓ ଅଧିକ ଜଟିଳ ଭାବରେ । ମନେହୁଏ ଏହି ଚାଳନା କ୍ରିୟା କରେ ତତ୍କାଳୀନ ବିଭିନ୍ନ ଶକ୍ତିରାଜିର ଅବସ୍ଥା ଓ ନିୟମ ଅନୁଯାୟୀ ନାନା ଉତ୍‌ଥାନ-ପତନ ଭିତରେ, କିନ୍ତୁ ତଥାପି ତାହା ଭିତରେ ଏପରି କିଛି ରହିଥାଏ, ଯାହା ବିବର୍ତ୍ତନର ଲକ୍ଷ୍ୟ ଦିଗରେ ସବୁକିଛିକୁ ଆଗେଇ ନେଉଥାଏ । ଅବଶ୍ୟ ବ୍ୟକ୍ତି-ଜୀବନର ଚେତନା ଓ ଜୀବନର ଅନ୍ତରଙ୍ଗ କ୍ଷୁଦ୍ର ପରିସର ତୁଳନାରେ ବିଶ୍ୱ କ୍ଷେତ୍ରରେ ଏହି

ଚାଳନାକୁ ଦେଖିବା, ବୁଝିବା ଓ ଅନୁସରଣ କରିବା ଅପେକ୍ଷାକୃତ କଷ୍ଟସାଧ୍ୟ । ବିଶ୍ୱକ୍ରିୟାର ବା ମାନବ ଇତିହାସର କୌଣସି ନିର୍ଦ୍ଦିଷ୍ଟ ସନ୍ଧିକ୍ଷଣରେ ଯାହା ଘଟେ, ତାହା ଯେତେ ଧ୍ୱଂସାତ୍ମକ ବୋଲି ମନେହେଲେ ମଧ୍ୟ ତାହା ଦ୍ୱାରା ଚୂଡ଼ାନ୍ତ ଭାବରେ କିଛି ନିର୍ଦ୍ଧାରିତ ହୁଏ ନାହିଁ । ଏ କ୍ଷେତ୍ରରେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସମୟରେ ବା ନିର୍ଦ୍ଦିଷ୍ଟ ଘଟଣାରେ କେବଳ ବାହ୍ୟ ଶକ୍ତିଗୁଡ଼ିକର କ୍ରିୟାକୁ ଦେଖିଲେ ଚଳିବ ନାହିଁ, ଆମକୁ ସେସବୁର ଅନ୍ତର୍ବର୍ତ୍ତୀ ନିଗୂଢ଼ କ୍ରିୟା, ତାର ସୁଦୂର ପରିଣତି ଏବଂ ତାହାକୁ ଅତିକ୍ରମ କରୁଥିବା ଘଟଣାସବୁକୁ ଏବଂ ସେସବୁର ପଶ୍ଚାତରେ ଥିବା ଦିବ୍ୟ-ସଂକଳ୍ପକୁ ଦେଖିବାକୁ ହେବ । ପୃଥିବୀରେ ସର୍ବତ୍ର ମିଥ୍ୟା ଓ ଅନ୍ଧକାରର ଶକ୍ତିମାନେ ପ୍ରବଳ ରହିଛନ୍ତି, ବରାବର ଥିଲେ ଏବଂ ସମୟେ ସମୟେ ସେହିମାନେହିଁ ପ୍ରାଧାନ୍ୟ ବିସ୍ତାର କରିଥିବାର ମନେହୁଏ । କିନ୍ତୁ ତା' ସଙ୍ଗେ ସଙ୍ଗେ ମଧ୍ୟ ଆଲୋକର କେବଳ ସାମୟିକ ଝାପ୍‌ସା ଆବିର୍ଭାବ ନୁହେଁ, ବିପୁଳ ଉଦ୍ଭାସ ମଧ୍ୟ ଦେଖାଦେଇଛି । ଘଟଣାବଳୀର ସାମଗ୍ରିକତା ଭିତରେ, ସମୟର ଦୀର୍ଘ ପ୍ରବାହ ଭିତରେ କୌଣସି କୌଣସି ବିଶେଷ ଯୁଗ ବା ଗତିଧାରାର ବାହ୍ୟ ରୂପ ଯାହା ହେଉନା କାହିଁକି, ଆଲୋକର ଅଭିବୃଦ୍ଧି ବରାବର ଅବ୍ୟାହତ ରହିଛି ଏବଂ ଅଧିକ ଉନ୍ନତି ଓ ମଙ୍ଗଳ ଦିଗରେ ସଂଗ୍ରାମ ଅପ୍ରତିହତ ରହିଛି । ବର୍ତ୍ତମାନ ସମୟରେ ମିଥ୍ୟା ଓ ଅନ୍ଧକାରର ଶକ୍ତିମାନେ ସେମାନଙ୍କର ଶକ୍ତି ସଂଗ୍ରହ କରି ଅତ୍ୟନ୍ତ ପରାକ୍ରମଶାଳୀ ହୋଇଉଠିଛନ୍ତି, କିନ୍ତୁ ଆଦିକାଳରୁ ମୁନି-ଋଷି, ଦ୍ରଷ୍ଟା ଓ ମହାପୁରୁଷମାନେ ଦୃଢ଼ଭାବରେ ଏହି ସିଦ୍ଧାନ୍ତ ଘୋଷଣା କରି ଆସିଛନ୍ତି ଯେ ସତ୍ୟର ଏକ ମହାନ୍ ପ୍ରକାଶ ପୂର୍ବରୁ ଅନ୍ଧକାର ଶକ୍ତିର ଏହିପରି ପ୍ରାଦୁର୍ଭାବ ଦେଖାଯିବ ଏବଂ ଏପରିକି ଏସବୁ ହେଉଛି ସତ୍ୟର ସେହି ଆଗମନୀ ଦିଗରେ ସ୍ୱଷ୍ଟ ସୂଚନା । ଏହିପରି ମତସବୁକୁ କେହି ଯଦି ଗ୍ରହଣ କରିବାକୁ ରାଜି ନହୁଏ ତଥାପି ମଧ୍ୟ ଏହା ନିଶ୍ଚିତ ଯେ ଅନ୍ଧକାରର ଏହି ପ୍ରାଦୁର୍ଭାବ କେବେହେଲେ ମିଥ୍ୟାର କୌଣସି ଚୂଡ଼ାନ୍ତ ବିଜୟ, ଏପରିକି ସାମୟିକ ବିଜୟର ମଧ୍ୟ ସୂଚନା ଦିଏ ନାହିଁ । ଏହା କେବଳ ସୂଚାଇ ଦିଏ ଯେ ସତ୍ୟ ଏବଂ ମିଥ୍ୟାର ଶକ୍ତିମାନଙ୍କ ଭିତରେ ସଂଘର୍ଷ ତା'ର ଚରମ ଅବସ୍ଥାରେ ପହଞ୍ଚିଛି । ଏହାର ପରିଣତି ହୋଇପାରେ ସତ୍ୟ ଓ ଶୁଭତର ଶକ୍ତିମାନଙ୍କର ଏକ ବିପୁଳ ବିଜୟ ଓ ମହାନ୍ ଅଭ୍ୟୁଦୟ, କାରଣ ପୃଥିବୀର ଗତିଧାରା ଅନେକ ସମୟରେ ଏହିପରି ଭାବରେ କାର୍ଯ୍ୟ କରେ । ଆଉ ଅଧିକ କିଛି ନ କହି ମୁଁ ବିଷୟଟିକୁ ଏଇଠି ଛାଡ଼ି ଦେଉଛି ।

(୧୭ ଫେବ୍ରୁଆରୀ, ୧୯୪୨)

(Letters on Yoga, Part - II, pp. 175-178) ✜

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଯୋଗପଥ ଗ୍ରହଣର ଯଥାର୍ଥ ହେତୁ

## ଶ୍ରୀମା

ଯେଉଁମାନେ ଯଥାର୍ଥ ମାର୍ଗଟି ଅନୁସରଣ କରିବାକୁ ଚାହାନ୍ତି, ଏହା ସ୍ୱାଭାବିକ ଯେ ସେମାନଙ୍କୁ ଅସଦିଚ୍ଛାର ସମସ୍ତ ଶକ୍ତି ଆକ୍ରମଣ କରିବାକୁ ଆଗେଇ ଆସିବ, କାରଣ ସେହି ଶକ୍ତିସବୁର ବୁଝିବାର ଶକ୍ତି ଯେ ନାହିଁ ଖାଲି ସେତିକି ନୁହେଁ, ସେମାନେ ଯାହା ବୁଝିପାରନ୍ତି ନାହିଁ ସାଧାରଣତଃ ତାହା ପ୍ରତି ଏକ ଘୃଣା ଓ ବିଦ୍ୱେଷର ଭାବ ପୋଷଣ କରନ୍ତି ।

ଲୋକମାନେ ତୁମ ସଂପର୍କରେ ଯେଉଁ ଆକ୍ରୋଶପୂର୍ଣ୍ଣ ନିର୍ବୋଧ କଥା ସବୁ କହନ୍ତି ତୁମେ ଯଦି ତହିଁରେ ବ୍ୟସ୍ତ ଓ ବିଚଳିତ ହୋଇପଡ଼, ବିବ୍ରତ ଓ ବିକ୍ଷୁବ୍ଧ ହୋଇଉଠ, ତା'ହେଲେ ତୁମେ ଏ ଯୋଗପଥରେ ବେଶୀ ଦୂର ଅଗ୍ରସର ହୋଇ ପାରିବ ନାହିଁ । ତୁମର ଦୁର୍ଭାଗ୍ୟ ହେତୁ ବା ତୁମ କପାଳରେ କୌଣସି ସୁଖ ଲେଖା ନାହିଁ ବୋଲି ଯେ ଏଇ ଜିନିଷଗୁଡ଼ିକ ତୁମ ପାଇଁ ଘଟୁଛି, ଆଦୌ ତାହା ନୁହେଁ, ବରଂ ବିପରୀତ ପକ୍ଷେ ଦିବ୍ୟଚେତନା ଓ କୃପା ତୁମର ସଂକଳ୍ପକୁ ସମସ୍ତ ଗୁରୁତ୍ୱ ଦେଇ ଗ୍ରହଣ କରିଛି ଏବଂ ସେହିସବୁ ପରିସ୍ଥିତିକୁ ଆସିବା ପାଇଁ ଛାଡ଼ି ଦେଉଛି ଯେପରି ସେଗୁଡ଼ିକ ତୁମର ଅଗ୍ରଗତି ପଥରେ କଷଟି ପଥର ପରି ହୋଇଉଠେ, କାରଣ ଏହା ଦେଖିବାକୁ ଚାହେଁ ତୁମେ ନିଜର ସଂକଳ୍ପରେ କେତେ ଆନ୍ତରିକ ଓ ବାଧାବିଘ୍ନର ସମ୍ମୁଖୀନ ହେବା ପାଇଁ କେତେ ଦୃଢ଼ ।

ତେଣୁ କେହି ଯଦି ତୁମକୁ ବିଦ୍ରୂପ କରେ ବା ତୁମ ସଂପର୍କରେ କିଛି ଅପ୍ରୀତିକର ସୌଜନ୍ୟହୀନ କଥା କୁହେ ତେବେ ତୁମର ପ୍ରଥମ କାମଟି ହେଉଛି ନିଜ ଭିତରକୁ ଚାହିଁବା ଏବଂ ଦେଖିବାକୁ ଚେଷ୍ଟା କରିବା ଯେ ତୁମ ଭିତରେ ଏପରି କେଉଁ ଦୁର୍ବଳତା ବା ଅପୂର୍ଣ୍ଣତା ଅଛି ଯାହା ଫଳରେ ଏପରି କଥା ଶୁଣିବାକୁ ପଡ଼ିଲା । ତୁମେ ଯାହାକୁ ନିଜର ଯଥାର୍ଥ ମୂଲ୍ୟ ବୋଲି ଭାବୁଛ, ଲୋକମାନେ ତାହାର ପ୍ରଶଂସା କରୁ ନାହାନ୍ତି ବୋଲି ତୁମେ ତହିଁରେ ଅସହିଷ୍ଣୁ, ଆକ୍ରୋଶ-ପରାୟଣ ବା ମ୍ରିୟମାଣ ହୋଇ ନ ପଡ଼ି ବରଂ ଅନ୍ୟ ପକ୍ଷରେ ଦିବ୍ୟକୃପାକୁ ତୁମର ଧନ୍ୟବାଦ ଦେବା ଉଚିତ ଯେ ତାହା ତୁମ ଆଗରେ ସେହି ଦୁର୍ବଳତା, ଅପୂର୍ଣ୍ଣତା ଓ ବିରୂପତାକୁ ନିର୍ଦ୍ଦେଶ କରିଦେଇଛି, ଯାହା ତୁମକୁ ସଂଶୋଧନ କରିବାକୁ ହେବ ।

ତେଣୁ ଅସୁଖୀ ହେବା ପରିବର୍ତ୍ତେ, ତୁମର ପୂର୍ଣ୍ଣ ସନ୍ତୋଷ ଆସିବା ଉଚିତ ଓ କେହି ତୁମର ଯେଉଁ କ୍ଷତି ସାଧନ କରିବାକୁ ବସିଥିଲା ତାହାର ସୁଯୋଗ, ଏକ ବିରାଟ ସୁଯୋଗ ଭାବେ ଗ୍ରହଣ କରିବା ଉଚିତ ।

ତା'ଛଡ଼ା ତୁମେ ଯଦି ପ୍ରକୃତରେ ମାର୍ଗର ଅନୁସରଣ କରିବାକୁ ଓ ଯୋଗ ସାଧନା କରିବାକୁ ଚାହଁ, ତେବେ ସେଥିପାଇଁ ତୁମେ ଲୋକମାନଙ୍କ ପ୍ରଶଂସା ବା ସମ୍ମାନଭାଜନ ହେବା ପାଇଁ ତାହା କରିବା ଉଚିତ ନୁହେଁ । ତୁମେ ତାହା କରୁଛ କାରଣ ତାହା ତୁମ ସତ୍ତା ପାଇଁ ଏକ ଅପରିହାର୍ଯ୍ୟ ପ୍ରୟୋଜନୀୟତା ଏବଂ କେବଳ ସେହି ଭାବରେହିଁ ତୁମେ ସୁଖୀ ହୋଇ ପାରିବ । ଲୋକମାନେ ତୁମକୁ ପ୍ରଶଂସା କରନ୍ତୁ ବା ନ କରନ୍ତୁ ତାହାର ଆଦୌ କୌଣସି ମୂଲ୍ୟ ବା ଗୁରୁତ୍ୱ ନାହିଁ । ତୁମେ ନିଜକୁ ଆଗରୁ ଏହି କଥା କହି ରଖିବା ଉଚିତ ଯେ ସାଧାରଣ ଲୋକମାନଙ୍କଠାରୁ ତୁମେ ଯେତେ ଦୂରେଇ ଯିବ, ଇତର ଜୀବମାନଙ୍କ ପଥ ପାଇଁ ତୁମେ ଯେତେ ବିଦେଶୀ ଓ ଅପରିଚିତ ହୋଇଉଠିବ, ତୁମକୁ ଲୋକମାନେ ସେତିକି କମ୍ ପସନ୍ଦ କରିବେ – ଏହା ଖୁବ୍ ସ୍ୱାଭାବିକ, କାରଣ ସେମାନେ ତୁମକୁ ବୁଝିପାରିବେ ନାହିଁ । ଏବଂ ମୁଁ ପୁଣି ଥରେ ଜୋର୍ ଦେଇ କହୁଛି, ଏଗୁଡ଼ିକର କୌଣସି ଗୁରୁତ୍ୱ ନାହିଁ ।

ଯଥାର୍ଥ ଆନ୍ତରିକତା ରହିଛି ପଥଟିର ଅନୁସରଣ କରିବାରେ, କାରଣ ତୁମେ ତାହା ଛଡ଼ା ଅନ୍ୟ କିଛି କରି ପାରିବ ନାହିଁ; ରହିଛି ଦିବ୍ୟ ଜୀବନ ପ୍ରତି ତୁମର ଉତ୍ସର୍ଗରେ, କାରଣ ତୁମେ ତାହା ଛଡ଼ା ଅନ୍ୟ କିଛି କରିପାରିବ ନାହିଁ, ରହିଛି ତୁମର ସତ୍ତାକୁ ରୂପାନ୍ତରିତ କରିବାରେ ଓ ଦିବ୍ୟ ଆଲୋକ ଭିତରକୁ ଉତ୍ତୀର୍ଣ୍ଣ ହେବାରେ, କାରଣ ତାହା ଛଡ଼ା ତୁମେ ଅନ୍ୟ କିଛି କରିପାରିବ ନାହିଁ, କାରଣ ଏହାହିଁ ହେଉଛି ଏକମାତ୍ର ହେତୁ ଯେଉଁଥି ପାଇଁ ତୁମେ ଜୀବନ ଧାରଣ କରି ବାସ କରୁଛ ।

ଯେତେବେଳେ ଏହା ଏହିପରି ହୋଇଥାଏ ସେତେବେଳେ ତୁମେ ନିଶ୍ଚିତ ହୋଇପାର ଯେ ତୁମେ ନିର୍ଭୁଲ ମାର୍ଗର ଅନୁସରଣ କରୁଛ ।

# ପ୍ରେମର ଶକ୍ତି ଓ ସମ୍ଭାବନା

## ଶ୍ରୀମା

*ଶିଷ୍ୟ : ଆମର ପ୍ରାଣସତ୍ତାକୁ କ'ଣ ଦିବ୍ୟପ୍ରେମରେ ଭାଗ ନେବାକୁ ହେବ ? ଯଦି ତାହା ଭାଗ ନିଏ ତେବେ ସେହି ଅଂଶଗ୍ରହଣର ଯଥାର୍ଥ ଓ ନିର୍ଭୁଲ ରୂପ କ'ଣ ହେବା ଉଚିତ ?*

ଶ୍ରୀମା : ଦିବ୍ୟପ୍ରେମର ଅଭିବ୍ୟକ୍ତି କ'ଣ କେଉଁଠି ଅଟକି ଯିବା ପାଇଁ ଉଦ୍ଦିଷ୍ଟ ? ଏହା କ'ଣ ଖାଲି କୌଣସି ଅବାସ୍ତବ ଓ ଅମୂର୍ତ୍ତ, ଅପାର୍ଥିବ କ୍ଷେତ୍ରରେହିଁ ସୀମିତ ରହିବ ? ଦିବ୍ୟପ୍ରେମ ନିଜର ଅଭିବ୍ୟକ୍ତିକୁ ପୃଥିବୀ ଉପରେ ସବୁଠୁ ଭୌତିକ ଜଡ଼ ପର୍ଯ୍ୟନ୍ତ ମଧ୍ୟ ପ୍ରସାରିତ କରି ତହିଁରେ ନିଜକୁ ନିମଜ୍ଜିତ କରିଛି । ଅବଶ୍ୟ ମାନୁଷୀ-ଚେତନାର ସ୍ୱାର୍ଥପର ବିକୃତି ଭିତରେ ଏହା ନିଜକୁ ଖୋଜିପାଏ ନାହିଁ; କିନ୍ତୁ ସ୍ୱୟଂ ପ୍ରାଣ ହେଉଛି ସମଗ୍ର ବ୍ୟକ୍ତ ଜଗତ୍ ପାଇଁ ଯେପରି, ସେହିପରି ଦିବ୍ୟପ୍ରେମର ମଧ୍ୟ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ପ୍ରାଣର ମାଧ୍ୟମ ବିନା କୌଣସି ଗତିବୃତ୍ତି ବା ଅଗ୍ରଗତି ସମ୍ଭବ ନୁହେଁ । କିନ୍ତୁ ଯେହେତୁ ବିଶ୍ୱପ୍ରକୃତିର ଏହି ଶକ୍ତି ଏତେ କଦର୍ଯ୍ୟ ଭାବରେ ବିକୃତ ହୋଇଯାଇଛି, କେତେକ ଲୋକ ବିଶ୍ୱାସ କରିବାକୁ ପସନ୍ଦ କରନ୍ତି ଯେ ଏହାକୁ ପୂରାପୂରି କାଢ଼ି ଫୋପାଡ଼ି ଦେବାକୁ ହେବ । କିନ୍ତୁ କେବଳ ପ୍ରାଣର ମାଧ୍ୟମରେହିଁ ଆତ୍ମାର ରୂପାନ୍ତରକାରିଣୀ ଶକ୍ତି ଜଡ଼କୁ ସ୍ପର୍ଶ କରିପାରେ । ଯଦି ପ୍ରାଣ ନିଜର ସକ୍ରିୟ ଗତିଶୀଳତା ଓ ଜୀବନ୍ତ ଶକ୍ତିକୁ ଜଡ଼ ଭିତରେ ଅନୁପ୍ରବିଷ୍ଟ ଓ ସଞ୍ଚାରିତ କରୁ ନ ଥା'ନ୍ତା ତା'ହେଲେ ଜଡ଼ କେବଳ ମୃତପିଣ୍ଡ ହୋଇହିଁ ରହିଥାଆନ୍ତା, କାରଣ ସତ୍ତାର ଉଚ୍ଚତର ଅଂଶସବୁ ପୃଥିବୀ ସଙ୍ଗେ ସମ୍ପର୍କ ସ୍ଥାପନ କରିପାରି ନ ଥା'ନ୍ତେ, ଜୀବନ ଭିତରେ ବାସ୍ତବ ଓ ମୂର୍ତ୍ତରୂପ ନେଇ ପାରି ନ ଥା'ନ୍ତେ ଏବଂ ଅତୃପ୍ତ ହୋଇ ପ୍ରତ୍ୟାବର୍ତ୍ତନ କରିବାକୁ ଓ ଅନ୍ତର୍ଦ୍ଧାନ ହେବାକୁହିଁ ଚାହିଁ ଥାଆନ୍ତେ ।

ଯେଉଁ ଭଗବତ୍ ପ୍ରେମ ବିଷୟରେ ମୁଁ କହିଥାଏ ତାହା ହେଉଛି ସେହି ଦିବ୍ୟପ୍ରେମ ଯାହା ଏହିଠାରେ, ଏହି ସ୍ଥୂଳ ଭୌତିକ ପୃଥିବୀ ଉପରେ, ଏହି ଜଡ଼ ଭିତରେହିଁ ଅଭିବ୍ୟକ୍ତ ହୁଏ, କିନ୍ତୁ ଏଠାରେ ମୂର୍ତ୍ତ ରୂପ ଗ୍ରହଣ କରିବାକୁ ହେଲେ ତାହାକୁ ସମସ୍ତ ମାନବୀୟ ବିକୃତିରୁ ମୁକ୍ତ ଓ ଶୁଦ୍ଧ ରହିବାକୁ ହେବ । ଅନ୍ୟ ସମସ୍ତ ଅଭିବ୍ୟକ୍ତିର କ୍ଷେତ୍ରରେ ଯେପରି, ଏ କ୍ଷେତ୍ରରେ ମଧ୍ୟ ସେହିପରି, ପ୍ରାଣ ହେଉଛି ଏକ ଅପରିହାର୍ଯ୍ୟ ମାଧ୍ୟମ । କିନ୍ତୁ ଯେପରି ସଦାସର୍ବଦା ହୋଇଥାଏ, ଏହି ସବୁଠୁ ଅମୂଲ୍ୟ ବସ୍ତୁଟି ଉପରେ ବିରୋଧୀ ଶକ୍ତିମାନେ ସେମାନଙ୍କ ଅଧିକାର ବଳବତ୍ତର କରି ଚାଲିଛନ୍ତି । ପ୍ରାଣର ଶକ୍ତିହିଁ ଏହି ନିଷ୍କ୍ରିୟ, ମାନ୍ଦା, ସଂବେଦନହୀନ ଜଡ଼ ଭିତରେ ପ୍ରବିଷ୍ଟ ହୋଇ ତାହାକୁ ସଂବେଦନଶୀଳ ଓ ଜୀବନ୍ତ କରିଛି । କିନ୍ତୁ ବିରୋଧୀ ଶକ୍ତିମାନେ ତାହାକୁ ବିକୃତ କରି ଦେଇଛନ୍ତି; ସେମାନେ ଏହାକୁ ହିଂସା, ସ୍ୱାର୍ଥପରତା, କାମନା-ବାସନା ଏବଂ ଅନ୍ୟ ସବୁପ୍ରକାର କୁତ୍ସିତତାର କ୍ଷେତ୍ରରେ ପରିଣତ କରି ଦେଇଛନ୍ତି ଏବଂ ଭଗବାନଙ୍କ କାମରେ ଭାଗ ନେବାକୁ ଛାଡ଼ି ନ ଦେଇ ଏହା ଆଗରେ ସମସ୍ତ ପ୍ରକାର ବାଧା ପ୍ରତିବନ୍ଧକ ଛିଡ଼ା କରାଇଛନ୍ତି । ଏକମାତ୍ର ଯାହା ଆମକୁ କରିବାକୁ ହେବ ତା' ହେଉଛି ଏହାକୁ ପରିବର୍ତ୍ତିତ ବା ରୂପାନ୍ତରିତ କରିବା, ଏହାର ଗତିବୃତ୍ତିଗୁଡ଼ିକୁ ଦମନ ବା ଧ୍ୱଂସ କରିଦେବା ନୁହେଁ । କାରଣ ଏହି ପ୍ରାଣଶକ୍ତି ବିନା କୌଣସି କ୍ଷେତ୍ରରେ କୌଣସି ନିବିଡ଼ତା ବା ତୀବ୍ରତା ସମ୍ଭବ ନୁହେଁ । ଆମ ଭିତରେ ପ୍ରାଣ ହେଉଛି ସେହି ଜିନିଷ ଯାହାର ସ୍ୱଭାବ ହେଉଛି ନିଜେ ନିଜକୁ ପୂରାପୂରି ଦେଇଦେବା । ଯେଉଁ କାରଣରୁ ଏହାର ସବୁ ସମୟରେ ଗ୍ରହଣ କରିବାର ପ୍ରବୃତ୍ତି ଓ ସାମର୍ଥ୍ୟ ରହିଥାଏ, ଠିକ୍ ସେହି କାରଣରୁହିଁ ଏହା ନିଜକୁ ପୂରାପୂରି ଦେଇଦେବା ପାଇଁ, ପୂରାପୂରି ଉତ୍ସର୍ଗ କରିଦେବା ପାଇଁ ସମର୍ଥ ହୋଇଥାଏ । ଯେହେତୁ ଏହା ଜାଣେ କିପରି ଅଧିକାର କରିବାକୁ ହୁଏ, ସେଇଥିଯୋଗୁଁ ଏହା ମଧ୍ୟ ଜାଣେ କିପରି ନିଜ ପାଇଁ କିଛି ନ ରଖି, ଅକୁଣ୍ଠ ଭାବରେ ନିଜକୁ ସମ୍ପୂର୍ଣ୍ଣ ରୂପେ ନିଃସ୍ୱ କରି ଦେଇ ହୁଏ ଓ ଅଜାଡ଼ି ଦେଇ ହୁଏ । ସମସ୍ତ ଗତିବୃତ୍ତି ଭିତରେ ଏହି ଯଥାର୍ଥ ପ୍ରାଣର ଗତିବୃତ୍ତି ହେଉଛି ସବୁଠୁ ସୁନ୍ଦର ଓ ମହିମମୟ କିନ୍ତୁ ଏହାକୁ ଏପରି ମୋଡ଼ାମୋଡ଼ି ଓ ବଙ୍କାଟଙ୍କା କରିଦିଆ ଯାଇଛି ଯେ ଏହା ନେଇଛି ସବୁଠୁ କୁତ୍ସିତ, ସବୁଠୁ ବିକୃତ ଓ ବିରକ୍ତିକର ଏକ ରୂପ । ଯେଉଁଠି ଯେଉଁଠି ମାନୁଷୀ ପ୍ରେମର କାହାଣୀରେ ଶୁଦ୍ଧ ପ୍ରେମର ଅଣୁ ମାତ୍ର ପ୍ରବେଶ ସମ୍ଭବ ହୋଇଛି ଏବଂ ବିଶେଷ କିଛି ବିକାର

ବିନା ଏହାକୁ ଅଭିବ୍ୟକ୍ତ ହେବାକୁ ଦିଆଯାଇଛି, ଆମେ ସେଇଠି ସେଇଠି ଏକ ଯଥାର୍ଥ ସତ୍ୟ ଓ ସୁନ୍ଦର ଜିନିଷ ଦେଖିବାକୁ ପାଉ । ଏବଂ ଏହି ଗତିବୃତ୍ତିଟି ଯଦି ଅଧିକ କାଳ ସ୍ଥାୟୀ ନ ହୁଏ ତେବେ ତା'ର କାରଣ ହେଉଛି ଏହା ନିଜର ଲକ୍ଷ୍ୟ ସମ୍ପର୍କରେ ଓ ନିଜେ କ'ଣ ଖୋଜୁଛି ସେ ସମ୍ପର୍କରେ ସଚେତ ହୋଇ ନାହିଁ; ତା'ର ଏହି ଜ୍ଞାନ ନ ଥାଏ ଯେ ଗୋଟିଏ ସତ୍ତା ସହିତ ଆଉ ଗୋଟିଏ ସତ୍ତାର ମିଳନ ନୁହେଁ, ସେ ଖୋଜୁଛି ଭଗବାନଙ୍କ ସହ ସମସ୍ତ ସତ୍ତାମାନଙ୍କର ମିଳନ ଓ ଏକତ୍ୱ ।

ପ୍ରେମ ହେଉଛି ଏକ ପରମ ଶକ୍ତି, ଯାହାକୁ ଶାଶ୍ୱତ ଦିବ୍ୟ-ଚେତନା ନିଜ ଭିତରୁ ପଠାଇଛି ଏକ ଅଜ୍ଞାନ ଓ ତମସାଚ୍ଛନ୍ନ ଜଗତ ଭିତରକୁ ଯେପରିକି ସେହି ଜଗତକୁ ଓ ତା'ର ଜୀବମାନଙ୍କୁ ତାହା ପୁଣି ଥରେ ଭଗବାନଙ୍କ ନିକଟକୁ ଫେରାଇ ଆଣିପାରେ । ନିଜର ଅନ୍ଧକାର ଓ ଅଜ୍ଞାନରେ ବୁଡ଼ି ଯାଇଥିବା ଏହି ସ୍ଥୂଳ, ଭୌତିକ ଜଗତ୍ ଭଗବାନଙ୍କୁ ଭୁଲି ଯାଇଥିଲା । ପ୍ରେମହିଁ ଆସିଥିଲା ସେହି ଅନ୍ଧକାର ଭିତରକୁ, ଏବଂ ସେଠାରେ ଯାହାସବୁ ସୁପ୍ତ ଓ ନିଦ୍ରିତ ହୋଇ ରହିଥିଲା ସେସମସ୍ତଙ୍କୁ ଜାଗରିତ କରିଦେଲା, ଏବଂ ନିବୁଜ ହୋଇଯାଇଥିବା କର୍ଣ୍ଣ-କୁହରସବୁକୁ ଖୋଲିଦେଇ ତହିଁରେ ମୃଦୁସ୍ୱରରେ ଏହି ସନ୍ଦେଶ ଶୁଣାଇଲା ଯେ, ''ଏପରି କିଛି ବସ୍ତୁ ରହିଛି ଯାହା ପ୍ରତି ତୁମେ ଜାଗ୍ରତ ହେବାର, ଯାହା ପାଇଁ ତୁମର ଜୀବନ ଧାରଣ କରିବାର କିଛି ମୂଲ୍ୟ ରହିଛି — ତାହା ହେଉଛି ପ୍ରେମ ।'' ଏବଂ ପ୍ରେମ ପ୍ରତି ଏହି ଜାଗରଣ ସହିତ ଭଗବାନଙ୍କ ନିକଟକୁ ପୁଣି ଫେରି ଆସିବାର ସମ୍ଭାବନାଟି ଜଗତ୍ ଭିତରକୁ ପ୍ରବିଷ୍ଟ ହେଲା । ପ୍ରେମ ଜରିଆରେହିଁ ସମଗ୍ର ସୃଷ୍ଟି ଭଗବାନଙ୍କ ଅଭିମୁଖରେ ଊର୍ଦ୍ଧ୍ୱ ଆଡ଼କୁ ଉଠି ଚାଲିଛି ଏବଂ ତାହାର ଉତ୍ତର ସ୍ୱରୂପ ସୃଷ୍ଟିକୁ ଭେଟିବା ପାଇଁ ଭଗବାନଙ୍କ ପ୍ରେମ ଓ କୃପା ନିମ୍ନ ଆଡ଼କୁ ଆନତ ହୋଇ ରହିଛି । ପ୍ରେମ ତା'ର ଶୁଦ୍ଧ ସୌନ୍ଦର୍ଯ୍ୟ ନେଇ ରହିପାରିବ ନାହିଁ, ନିଜର ସହଜାତ ସ୍ୱାଭାବିକ ଶକ୍ତି ଓ ନିଜ ପୂର୍ଣ୍ଣତାର ପ୍ରଗାଢ଼ ଆନନ୍ଦ ନେଇ ରହିପାରିବ ନାହିଁ, ଯେପର୍ଯ୍ୟନ୍ତ ପୃଥିବୀ ଓ ପରମଙ୍କ ଭିତରେ, ସୃଷ୍ଟି ପ୍ରତି ଭଗବାନଙ୍କର ଏହି ପ୍ରେମ ଓ ଭଗବାନଙ୍କ ପ୍ରତି ସୃଷ୍ଟିର ଏହି ପ୍ରେମ ଭିତରେ ଯଥାର୍ଥ ଆଦାନ-ପ୍ରଦାନ ଓ ମିଳନ ସଂଘଟିତ ନ ହୋଇଛି । ଏହି ଜଗତ୍ ଏକ ମୃତ ଜଡ଼ ପିଣ୍ଡ ମାତ୍ର ଥିଲା, ଯେତେବେଳେ କି ଏହା ଭିତରକୁ ଦିବ୍ୟପ୍ରେମର ଅବତରଣ ହେଲା ଏବଂ ଏହାକୁ ଜୀବନ ପ୍ରତି ଜାଗ୍ରତ କରିଦେଲା । ସେହି ଦିନଠାରୁ ଏହା ଜୀବନର ସେହି ଆଦି ଦିବ୍ୟ ଉତ୍ସର ସନ୍ଧାନରେ ବାହାରି ତାହାକୁ ଖୋଜି ଚାଲିଛି, କିନ୍ତୁ ଏହା ନିଜ ଅନ୍ୱେଷଣରେ ସମସ୍ତ ପ୍ରକାରର ଭୁଲ୍ ମୋଡ଼ ଓ ଭୁଲ୍ ରାସ୍ତା ଗ୍ରହଣ କରି ଅନ୍ଧକାରରେ ଇତସ୍ତତଃ ଘୂରି ବୁଲିଛି । ଏହି ସୃଷ୍ଟିର ସମଗ୍ର ଉପାଦାନ ଅଜଣାର ସନ୍ଧାନରେ ଏକ ଅନ୍ଧ ବ୍ୟକ୍ତି ପରି ନିଜ ରାସ୍ତାରେ ବାହାରି ପଡ଼ିଛି, ଖୋଜି ଚାଲିଛି, କିନ୍ତୁ କ'ଣ ଖୋଜୁଛି ସେ ସଂପର୍କରେ ତାହାର କୌଣସି ଜ୍ଞାନ ନାହିଁ । ଏ ସମ୍ପର୍କରେ ମନୁଷ୍ୟ ଯେଉଁ ସର୍ବାଧିକ ଧାରଣାରେ ପହଞ୍ଚିଛି ତା' ହେଉଛି ସନ୍ତାନ ପ୍ରତି ଜନନୀର ପ୍ରେମ ଭଳି କିଛି; ମନୁଷ୍ୟ ପାଇଁ ତାହାହିଁ ମନେ ହୋଇଛି ପ୍ରେମର ସର୍ବୋଚ୍ଚ ରୂପ, ତାହାର ସବୁଠୁ ଶୁଦ୍ଧ ଓ ନିଃସ୍ୱାର୍ଥପର ରୂପ ବୋଲି । ପ୍ରେମର ଏହି ମାନୁଷୀ ଗତିବୃତ୍ତି ଏପର୍ଯ୍ୟନ୍ତ ଯାହା ପାଇଛି ତା'ଠାରୁ ଅଧିକ ଅନ୍ୟ କିଛିକୁ ଏହା ଗୋପନରେ ଖୋଜି ଚାଲିଛି, କିନ୍ତୁ ଜାଣେ ନାହିଁ ପ୍ରକୃତରେ ଏହା କେଉଁଠି ମିଳିବ, ଏପରିକି ଏହା ଜାଣେ ନାହିଁ ପ୍ରକୃତରେ ସେହି ଜିନିଷଟି କ'ଣ । ଯେଉଁ ମୁହୂର୍ତ୍ତରେ ମନୁଷ୍ୟର ଚେତନା ଦିବ୍ୟପ୍ରେମ ପ୍ରତି ଜାଗ୍ରତ ହେବ, ଯାହାକି ସବୁମନ୍ତେ ଶୁଦ୍ଧ ଓ ଯେଉଁ ପ୍ରେମ ମାନବରୂପଗୁଡ଼ିକ ଭିତରେ ହେଉଥିବା ନିଜର ଅଭିବ୍ୟକ୍ତିଠାରୁ ପୂରା ସ୍ୱତନ୍ତ୍ର ଓ ମୁକ୍ତ, ସେତେବେଳେ ଯାଇ ସେ ଜାଣିପାରିବ କେଉଁ ଜିନିଷଟି ପାଇଁ ତା'ର ହୃଦୟ ସବୁ ସମୟରେ ଆକୁଳିତ ହେଉଥିଲା । ଏହାହିଁ ହେଉଛି ଆତ୍ମାର ଅଭୀପ୍ସାର ଆରମ୍ଭ, ଯାହା ଆଣିଦିଏ ଚେତନାରେ ଜାଗୃତ ଭଗବାନଙ୍କ ସଙ୍ଗେ ମିଳିତ ଓ ଏକ ହେବା ପାଇଁ ଏହାର ଆକୂତି । ସେହି ମୁହୂର୍ତ୍ତରୁହିଁ ଅଜ୍ଞାନର ସମସ୍ତ ରୂପ ଓ ଯେଉଁ ବିକୃତିସବୁ ଏହା ଲଦି ଦେଇଥିଲା ତାହା ମ୍ଳାନ ଓ ଅନ୍ତର୍ଦ୍ଧାନ ହୋଇଯିବାକୁ ଆରମ୍ଭ କରିବ ଓ ତାହା ସ୍ଥାନରେ ଆବିର୍ଭାବ ହେବ ସେହି ଗୋଟିଏ ମାତ୍ର ଏକକ ଗତିବୃତ୍ତିର, ଯେଉଁଥିରେ ଭଗବାନଙ୍କ ପ୍ରତି ନିଜର ସମସ୍ତ ପ୍ରେମ ନେଇ, ଏହି ସୃଷ୍ଟି ଉତ୍ତର ପ୍ରଦାନ କରିଥାଏ ସେହି ଦିବ୍ୟପ୍ରେମକୁ । ଥରେ ଏହି ସୃଷ୍ଟି ଭଗବାନଙ୍କ ପାଇଁ ପ୍ରେମ ପ୍ରତି ସଚେତ ଜାଗ୍ରତ ଓ ଉନ୍ମୋଚିତ ହୋଇଗଲେ ସେହି ଦିବ୍ୟ ପ୍ରେମ କୌଣସି ସୀମା ନ ରଖି ନିଜକୁ ବର୍ଷଣ କରିଚାଲେ ସୃଷ୍ଟି ଭିତରକୁ । ଏହି ଗତିବୃତ୍ତିଟି ପୁଣି ବୃତ୍ତାକାରରେ ନିଜ ଉପରକୁ ଫେରି ଆସେ ଏବଂ ପ୍ରାନ୍ତଗୁଡ଼ିକ ପରସ୍ପର ସହ ମିଳି ଏକ ହୋଇଯାଆନ୍ତି; ଉଭୟ ଚରମ ସତ୍ୟ ଅର୍ଥାତ୍ ପରମ ଆତ୍ମା ଏବଂ ପ୍ରକାଶୋନ୍ମୁଖ ଜଡ଼ ଏକତ୍ର ମିଳିତ ହୋଇଯାଆନ୍ତି ଏବଂ ସେମାନଙ୍କର ସେହି ଦିବ୍ୟମିଳନ ପୂର୍ଣ୍ଣ ଓ ନିରନ୍ତର ହୋଇଉଠେ ।

ଦିବ୍ୟ ପ୍ରେମର ସାର୍ବଭୌମ ଶୁଦ୍ଧତା ଓ ଶକ୍ତିର କିଛି ଅଂଶକୁ ଏଠାରେ ଉତାରି ଆଣିବା ପାଇଁ ମହାନ୍ ଆତ୍ମାମାନେ ଏହି ପୃଥିବୀରେ ଜନ୍ମ ଗ୍ରହଣ କରିଛନ୍ତି । ସେମାନଙ୍କ ଭିତରେ ଦିବ୍ୟ ପ୍ରେମ ନିଜକୁ ଏକ ବ୍ୟକ୍ତିଗତ ରୂପରେ ପ୍ରକଟ କରିଛି ଯେପରିକି ସଂସାର ଭିତରେ ତାହାର ସିଦ୍ଧି ଏକ ସଙ୍ଗରେ ଆହୁରି ସହଜ ଓ ପୂର୍ଣ୍ଣତର ହେବ । ଦିବ୍ୟପ୍ରେମ ଯେତେବେଳେ ଏକ ବ୍ୟକ୍ତିସତ୍ତା ଭିତରେ ଅଭିବ୍ୟକ୍ତ ହୁଏ, ସେତେବେଳେ ତାହାକୁ ଉପଲବ୍ଧି କରିବା ଅଧିକ ସହଜ ହୁଏ, କିନ୍ତୁ ଏହାର ଅପ୍ରକଟ ବା ନୈର୍ବ୍ୟକ୍ତିକ ଗତିବୃତ୍ତିଗୁଡ଼ିକ ଭିତରେ ଏହାକୁ ଉପଲବ୍ଧି କରିବା ଅଧିକ କଷ୍ଟସାଧ୍ୟ । ଏକ ମାନବ ସତ୍ତା ଯେତେବେଳେ ଏହି ବ୍ୟକ୍ତିଗତ ସ୍ପର୍ଶ ଓ ଏହି ବ୍ୟକ୍ତିଗତ ପ୍ରଗାଢ଼ତା ଲାଭ କରି ଦିବ୍ୟପ୍ରେମର ଚେତନା ପ୍ରତି ଜାଗ୍ରତ ହୁଏ, ସେତେବେଳେ ସେ ଅନୁଭବ କରେ ଯେ ତା'ର କାମଟି, ତା'ର ପରିବର୍ତ୍ତନଟି ଅଧିକ ସହଜ ହୋଇ ଯାଉଛି ଏବଂ ସେ ଯେଉଁ ମିଳନର ପ୍ରତ୍ୟାଶୀ ତାହା ଆହୁରି ସ୍ୱାଭାବିକ ଓ ଆହୁରି ଘନିଷ୍ଠ ହୋଇ ଉଠୁଛି । ଏବଂ ସେହି ମିଳିନ, ସେହି ସିଦ୍ଧି ତା' ପାଇଁ ମଧ୍ୟ ହୋଇ ଉଠୁଛି ଅଧିକ ପୂର୍ଣ୍ଣ, ଅଧିକ ଅଭ୍ରାନ୍ତ; କାରଣ ସେତେବେଳେ ଏକ ବିଶ୍ୱଗତ ଓ ନୈର୍ବ୍ୟକ୍ତିକ ଦିବ୍ୟପ୍ରେମର ବିପୁଳ ଏକରୂପତା ତା' ଆଗରେ ଦେଦୀପ୍ୟମାନ ଓ ଭାସ୍ୱର ହୋଇଉଠେ ଏବଂ ତାହା ଭଗବାନଙ୍କ ସହ ସମସ୍ତ ସମ୍ଭାବ୍ୟ ସଂପର୍କର ବର୍ଣ୍ଣବିଭା ଓ ସୌନ୍ଦର୍ଯ୍ୟରେ ମଣ୍ଡିତ ହୋଇ ଉଦ୍ଭାସିତ ହୁଏ । ❖

A life consecrated to union with the Divine is the only life worth living.

(CWM. Vol. 15, p. 186) – THE MOTHER

*With best compliments from* :

SRI JAGANNATH RICE MILL

**MAITAPUR, BALASORE (ODISHA)**

# ଭଗବତୀ ଜନନୀ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ମାନବିକ ଦୁର୍ବଳତାରେ ଆଚ୍ଛନ୍ନ ହୋଇ ଆମ୍ଭେମାନେ ଭଗବତୀ ଜନନୀଙ୍କୁ ଦେଖୁ କେବଳ ଜନନୀ ରୂପେ, ଭୁଲିଯାଉ ଯେ ସେ ଭଗବତୀ । ତାଙ୍କର ଅପରୂପ ନାମର ଶେଷାଂଶଟିକୁ ଆମ୍ଭେମାନେ ପୂର୍ଣ୍ଣ ବୋଲି ଗ୍ରହଣ କରୁ, ପ୍ରଥମ ଅଂଶଟି ଯେ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଏହା ଆମ୍ଭେମାନେ ଲକ୍ଷ୍ୟ କରୁ ନାହିଁ । ସନ୍ତାନ ଉପରେ ମାନୁଷୀ ମା'ର ଯେପରି ସ୍ନେହ-ମମତା, ତାଙ୍କଠାରୁ ଆମ୍ଭେମାନେ ସେହିପରି ସ୍ନେହ-ମମତା ଆଶା କରୁ । ତାଙ୍କ ପ୍ରତି ଆମର ପ୍ରେମ ମାନବିକ – ଅଜ୍ଞାନାଚ୍ଛନ୍ନ, ମାନବିକ ପ୍ରେମ – ଲୋଭ ଓ ଇନ୍ଦ୍ରିୟ ପ୍ରରୋଚନା ତଥା ଅଧିକାର ବାସନାରେ ପରିପୂର୍ଣ୍ଣ – ମା' ଯେପରି ଆମ୍ଭମାନଙ୍କର ସ୍ୱାର୍ଥ ଚରିତାର୍ଥ କରିବାର ନିମିତ୍ତ-ମାତ୍ର ।

ସେ ନିଶ୍ଚୟହିଁ ଜନନୀ, କିନ୍ତୁ ଦିବ୍ୟ-ଜନନୀ । ସେ ଚାହାଁନ୍ତି ଆମ୍ଭମାନଙ୍କୁ ତାଙ୍କ ପାଖକୁ ଯିବାକୁ ମାନବିକ ଭାବରେ ନୁହେଁ, ବରଂ ଦିବ୍ୟ ଭାବରେ । କାରଣ ଏହି ଦିବ୍ୟ ଭାବରେହିଁ ଆମ୍ଭେମାନେ ଉଠିଯାଉ ଆମ୍ଭମାନଙ୍କ ସତ୍ତାର ଉତ୍ତୁଙ୍ଗ ଶିଖରରେ, ପହଞ୍ଚିପାରୁ ଗଭୀରତମ ଗଭୀରରେ ଏବଂ ତାଙ୍କୁ ପ୍ରାପ୍ତ କରୁ ପରିପୂର୍ଣ୍ଣ ରୂପେ ଓ ନିଃଶେଷରେ ଅବଗାହନ କରୁ ତାଙ୍କର କରୁଣାର ଅମୃତଧାରାରେ । ମାନବିକ ଭାବ, ମାନବୀୟବୋଧ ଓ ଅନୁଭବର କ୍ଷୁଦ୍ରତା ଓ ତୁଚ୍ଛତା କେବଳ ଆମ୍ଭମାନଙ୍କୁ ବାନ୍ଧି ରଖେ । ବହୁତ ସମୟରେ ଏହି ମାନବିକ ଭାବର ଧାରା ଅଧିକ ଆଦରରେ ବଢ଼ିଥିବା ଭ୍ରଷ୍ଟ-ସନ୍ତାନର ଧାରା ତୁଲ୍ୟ । ଯଦିବା ଅନ୍ତରର ନିମ୍ନତମ ଭୂମିରେ ଏକ ବିନ୍ଦୁ ଶୁଦ୍ଧ ପ୍ରେମ ଥାଇପାରେ ତଥାପି ତାହା ପୁଞ୍ଜୀଭୂତ ଅଜ୍ଞାନ ଓ ରାଶୀକୃତ ପଙ୍କିଳ କ୍ଲେଦ ମଧ୍ୟରେ ଆଚ୍ଛାଦିତ ହୋଇ ରହିଅଛି ।

ତଥାପି ସେ ଭଗବତୀ ହୋଇ ମଧ୍ୟ ଜନନୀ । ସେ ଭଗବତୀ କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ସୁଦୂର, ସମ୍ପର୍କହୀନ ଓ ବିଶ୍ୱାତୀତ ବ୍ରହ୍ମଙ୍କ ତୁଲ୍ୟ, ନିର୍ମମ ଓ ଉଦାସୀନ । ବସ୍ତୁତଃ ଭଗବତୀ ଜନନୀଙ୍କର ମାତୃ-ସ୍ନେହ ମାନବିକ ମାତୃ-ସ୍ନେହ ଅପେକ୍ଷା ବହୁ ଗୁଣରେ ପରିପୂର୍ଣ୍ଣ । କାରଣ ମାନବିକ ମା' ହେଲେ ସେହି ଆଦି ଜଗତର ଦିବ୍ୟ-ଜନନୀଙ୍କର ଗୋଟାଏ ଅସ୍ପଷ୍ଟ ପ୍ରତିଧ୍ୱନି ବା ପ୍ରତିଚ୍ଛାୟା ବା ବିକୃତି ମାତ୍ର ।

ବିଶ୍ୱାତୀତା ହୋଇ ମଧ୍ୟ ଭଗବତୀ ଜନନୀ ଆମ୍ଭମାନଙ୍କ ମାନୁଷୀ ଆଧାର ମଧ୍ୟରେ ଅବତରଣ କରି ଅଛନ୍ତି, ଆମ୍ଭମାନଙ୍କ ପରି ମନୁଷ୍ୟ ରୂପ ଧାରଣ କରି ଅଛନ୍ତି, ଆତ୍ମ-ସ୍ୱରୂପ ହୋଇ ଆମ୍ଭମାନଙ୍କ ମଧ୍ୟରେ ରହି ଅଛନ୍ତି, ତା' ସଙ୍ଗେ ସଙ୍ଗେ ସାଥୀ ଓ ଗୁରୁ ରୂପେ ରହି ଅଛନ୍ତି । ଯଦି ଆମ୍ଭେମାନେ ତାଙ୍କୁ କାର୍ଯ୍ୟ କରିବାକୁ ଛାଡ଼ି ଦେଉ, ସେ ଆମ୍ଭମାନଙ୍କ ହାତ ଧରି ଉଠାଇ ନେଇ ଯାଆନ୍ତି, କିପରି ଆମ୍ଭର ଏହି କ୍ଷୁଦ୍ର ମାନବିକ ସତ୍ତାକୁ ଅତିକ୍ରମ କରିଯିବାକୁ ହେବ ତାହା ଶିକ୍ଷା ଦିଅନ୍ତି, ଆଉ ଆମ୍ଭମାନଙ୍କ ପ୍ରେମ ଯଦି ତାଙ୍କ ଦିବ୍ୟ ପ୍ରେମର ପୂର୍ଣ୍ଣ ଉତ୍ତର ଦିଏ, ତେବେ ଅତି ଆଶ୍ଚର୍ଯ୍ୟ ରୂପେ ତାଙ୍କର ପ୍ରେମ ଦ୍ୱାରା ଆମକୁ ତାଙ୍କ ଦିବ୍ୟ-ପ୍ରକୃତି ଓ ସତ୍ତାରେ ବଢ଼ି ଉଠିବାକୁ ସହାୟତା କରନ୍ତି ।

ଆମ୍ଭେମାନେ ତାଙ୍କର ଯଥାର୍ଥ ସନ୍ତାନ ହୋଇପାରୁ ଯଦି ତାଙ୍କର ଏହି ଦ୍ୱିବିଧ ସତ୍ୟ ସ୍ମରଣ ରଖିପାରୁ – ତାଙ୍କର ପ୍ରେମର ଦୁଇଟି ବାହୁ – ଯାହା ଦ୍ୱାରା ସେ ଆମ୍ଭମାନଙ୍କୁ କରୁଣାବଶରେ ଘେରି ରଖି ଅଛନ୍ତି । ❖

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :**

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ମି. ମୁଧୋଲ୍‌କରଙ୍କ ସମ୍ପର୍କରେ ''ଷ୍ଟେଟ୍‌ସ୍‌ମ୍ୟାନ୍''

ଯେଉଁ ପଥ ଦେଇ ସାମ୍ପ୍ରତିକ ଘଟଣାବଳୀ ସମସ୍ତ ଆଙ୍ଗ୍ଲୋ-ଭାରତୀୟମାନଙ୍କୁ ଗୋଟିଏ ପକ୍ଷରେ ''ଉଦାରବାଦୀ'' କିଂବା ''ପ୍ରତିକ୍ରିୟାଶୀଳ'' ଏବଂ ଆଉ ଗୋଟିଏ ପକ୍ଷରେ ସମସ୍ତ ଭାରତୀୟ ରାଜନୀତିଜ୍ଞମାନଙ୍କୁ ''ନରମପନ୍ଥୀ'' କିଂବା ''ଚରମପନ୍ଥୀ'' ଏହିପରି ଦୁଇଟି ପକ୍ଷକୁ ପରସ୍ପର ପାଖରେ ଆଣି ଛିଡ଼ା କରାଇଛି ତା' ଅପେକ୍ଷା ଅଧିକ ଶିକ୍ଷଣୀୟ କିଛି ନ ଥାଇପାରେ । ଏଥିରୁ ପ୍ରମାଣିତ ହୁଏ ଯେ ନାନା ସ୍ୱାର୍ଥ ବିଜଡ଼ିତ ଏହି ରହସ୍ୟମୟ ବିଭାଜନ ଦୁଇପକ୍ଷଙ୍କ ମଧ୍ୟରେ ସୃଷ୍ଟି କରିଛି ଏକ ଅପୂରଣୀୟ ବ୍ୟବଧାନ, ଗୋଟିଏ ପଟେ ଦେଶକୁ ଅଧିକାର କରି ବସିଥିବା ବିଦେଶୀମାନେ ଆଉ ଅପରପକ୍ଷରେ ଦେଶବାସୀଗଣ ରହିଛନ୍ତି, ଯିଏ ଯାହାର ଆକାଂକ୍ଷାର ଭିନ୍ନ ପରିମାପ ନେଇ ।

ଆଙ୍ଗ୍ଲୋ-ଭାରତ ଏବଂ ଜନସାଧାରଣଙ୍କର ଯେକୌଣସି ଗୋଷ୍ଠୀ ମଧ୍ୟରେ ଦେଖିବାକୁ ମିଳୁଥିବା ମିତ୍ରତା ହେଉଛି କେବଳ ଆପଣା ଆପଣା ସ୍ୱାର୍ଥ କିଂବା ନୀତି ମଧ୍ୟରେ ସାମୟିକ ବୁଝାମଣା । ଯେତେବେଳେ ଘଡ଼ିସନ୍ଧି ମୁହୂର୍ତ୍ତ ଆସି ଉପନୀତ ହୁଏ, ପ୍ରତ୍ୟେକେ ନିଜ ନିଜର ଶିବିରକୁ ନିଶ୍ଚୟ ବାହୁଡ଼ି ଯିବେ ଏବଂ ନିଜର ନୂତନ ମିତ୍ର ବିରୋଧରେ କଡ଼ା ଭାଷାରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିବେ । ଷ୍ଟେଟ୍‌ସ୍‌ମ୍ୟାନ୍ ଏବେ ନିକଟରେ ତା'ର ଯେଉଁ ଅସଲ ଚେହେରାଟା ପ୍ରକଟ କରିଦେଲା ସେ ସମ୍ପର୍କରେ ଜୋର୍‌ଦାର ଟିପ୍ପଣୀ ଦେବା ପାଇଁ ଆମକୁ ସୁଯୋଗ ମିଳିଯାଇଛି । ମି. ମୁଧୋଲ୍‌କରଙ୍କ ଉପରେ ସେଇ ସମ୍ବାଦପତ୍ରର କଟୁ ତଥା ନୀତିହୀନ ଆକ୍ଷେପ ଦ୍ୱାରା ଏ ସଂକ୍ରାନ୍ତରେ ଗତକାଲି ଗୁରୁତ୍ୱ ଆରୋପ କରାଯାଇଥିଲା । ମି. ମୁଧୋଲ୍‌କର ହେଉଛନ୍ତି ବେରାର୍‌ମାନଙ୍କର ଏକ ନେତୃସ୍ଥାନୀୟ ନରମପନ୍ଥୀ ରାଜନୀତିଜ୍ଞ, ସେ ଏମିତି ଏକ ମଣିଷ ଯାହାର ସତର୍କତା ଅବଲମ୍ବନ କରିବା ଦିଗରେ ପ୍ରାୟ ସାହସ ନଥାଏ ଆଉ ଯିଏ ହେଉଛନ୍ତି ନୂତନ ଜାତୀୟତାବାଦର ମୁଖ୍ୟ ବିରୋଧୀମାନଙ୍କ ଭିତରୁ ଜଣେ । ତେଣୁ ଜଣେ ଯେ କେହି ହୁଏତ ଭାବୁଥିବ ଯେ ଷ୍ଟେଟ୍‌ସ୍‌ମ୍ୟାନ୍ ଅନ୍ତତଃ ଶାଳୀନତା ରକ୍ଷା କରି ତାଙ୍କୁ ସମ୍ମାନ ଜଣେଇବାର କୃତ୍ରିମ ଭାବ ପ୍ରଦର୍ଶନ କରିବ । କିନ୍ତୁ ତାଙ୍କ ସହିତ ଅତି ବାଜେ ଧରଣର ଯେଭଳି ଅସୌଜନ୍ୟ ଆଚରଣ କରାଯାଇଛି, ମାରଧର ହୋଇଛି ଆଉ ଅଭଦ୍ରୋଚିତ ଭାଷାରେ ଗାଳିଗୁଲଜ କରା ହୋଇଛି, ସତେ ଯେମିତି ସେଠାରେ ତାଙ୍କ ପରିବର୍ତ୍ତେ ଜଣେ ତିଳକ କିଂବା ଜଣେ ବିପିନ୍ ପାଲ ଥିଲେ । ଆକ୍ରମଣଟା କେବଳ ଅଭଦ୍ରୋଚିତ ନଥିଲା; ଏହା ନିହାତି ଅନୈତିକ କାର୍ଯ୍ୟ ମଧ୍ୟ ଥିଲା । ନିଜ ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ଷ୍ଟେଟ୍‌ସ୍‌ମ୍ୟାନ୍ ମି. ମୁଧୋଲ୍‌କରଙ୍କ ସମ୍ବନ୍ଧରେ ମିଥ୍ୟା ବିବରଣୀ ପ୍ରଦାନ କରିଛି । ଏହିଭଳି ଏକ ଦୃଷ୍ଟାନ୍ତ ଭିତରେ ସେ ମି. ମୁଧୋଲ୍‌କର ଲେଖିଥିବା ଚିଠିଟିର ମର୍ମକୁ କଦର୍ଥ କରି ଦେଇଛି : ''ଆରମ୍ଭରୁ ଆମେ ପଢ଼ିଛୁ ସାମ୍ପ୍ରଦାୟିକ ଉତ୍ତେଜନାର ତତ୍ତ୍ୱ ହେଉଛି ଯେମିତି ହାସ୍ୟାସ୍ପଦ ସେମିତି ଅବାନ୍ତର; ମି. ମୁଧୋଲ୍‌କର ତାଙ୍କର ପରବର୍ତ୍ତୀ ବାକ୍ୟରେ ପ୍ରଦାନ କରିଥିବା ପରୋକ୍ଷ ସୂଚନାରେ ସ୍ୱୀକାର କରିଛନ୍ତି ଯେ ଅଳ୍ପ କେତେଜଣ ବିଚାରହୀନ ଯୁବକଙ୍କର ଆଚରଣହିଁ ଦଙ୍ଗା ପାଇଁ ସହସା ପରିସ୍ଥିତିକୁ ଆଣି ସୃଷ୍ଟି କଲା । ଏହା ବର୍ତ୍ତମାନ ନିଧାର୍ଯ୍ୟଭାବେ ପ୍ରତିପାଦିତ ହୋଇ ସାରିଛି ବୋଲି ଆମର ବିଶ୍ୱାସ ।'' ଯେ କେହି ସାମାନ୍ୟ କଷ୍ଟ ସ୍ୱୀକାର କରି ମି. ମୁଧୋଲ୍‌କରଙ୍କ ଚିଠିକୁ ପଢ଼ିଲେ ହଠାତ୍ ଦେଖିବ, ପରୋକ୍ଷ କିଂବା ପ୍ରତ୍ୟକ୍ଷ ଭାବେ ହେଉ ସେ କେଉଁଠି ହେଲେ ସ୍ୱୀକାର କରି ନାହାନ୍ତି ଯେ ଦଙ୍ଗା ପାଇଁ ଗୋଟିଏ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ସେ କହିଛନ୍ତି, ''ମନେ କରାଯାଉ ଯେ ଜାତୀୟତାବାଦୀ ସ୍ୱେଚ୍ଛାସେବୀମାନଙ୍କର ସ୍ୱଦେଶ ଜାତ ସାମଗ୍ରୀ ପ୍ରତି ଭାବାପ୍ଲୁତ ସମର୍ଥନ ମୁସଲମାନମାନଙ୍କ ମନ ମଧ୍ୟରେ ଅସୂୟାପୂର୍ଣ୍ଣ ଭାବ ଉଦ୍ରେକ କରୁଥିଲା ଆଉ ଯାହା ଏବେ ବି ପ୍ରମାଣ ସାପେକ୍ଷ, ଏହା କିପରି ଏମିତି ଗୋଟିଏ କ୍ରୋଧରଞ୍ଜିତ ଉତ୍ତେଜନାର କାରଣ ହୋଇ ପାରିଲା ?'' ଆଉ ଏହି ପୂର୍ବକଳ୍ପିତ ଧାରଣା ନେଇ ସେ ପରବର୍ତ୍ତୀ ବାକ୍ୟଟିରେ ପଚାରିଛନ୍ତି ଯେ କିପରି ମେଳାରେ ମାତ୍ର ଅଳ୍ପ କେତେଜଣ ଯୁବକ ସେମାନଙ୍କ ଉପରେ ଆରୋପ ହୋଇଥିବା ଏଭଳି ଅବିଚାରିତ କାର୍ଯ୍ୟ କରି ପାରିଲେ ଯାହା ଯୋଗୁଁ ଏତେ ଭୟାନକ ଦଙ୍ଗା ଘଟିଗଲା ? ମି. ମୁଧୋଲ୍‌କରଙ୍କ ଯୁକ୍ତିକୁ ଉଦ୍ଦେଶ୍ୟମୂଳକ ଭାବେ ବିକୃତ କରିନି ବୋଲି ମନେ

ମନେ ଭାବି ନେବାଟା ଯେ ଷ୍ଟେଟ୍‌ସ୍‌ମ୍ୟାନ୍‌ର ଇଂରେଜୀ ଭାଷାରେ ବେଶ୍ ନିର୍ବୋଧତା ଆଉ ଅଜ୍ଞତାର ପରିଚୟ, ଏଇ ଆରୋପଟା ଆମେ ତା' ଉପରେ ଲଦି ଦେଇ ପାରିବୁ ନାହିଁ ।

ଆଉ ଆମେ ତା'ହେଲେ ପଚାରିପାରୁ କି କେତେବେଳେ ଏହି କଥାଟି ''ନିଧାର୍ଯ୍ୟ ବୋଲି ସାବ୍ୟସ୍ତ ହେଲା'' ଯେ ମାତ୍ର କେତେଜଣ ସ୍ୱେଚ୍ଛାସେବୀଙ୍କର ଅବିଚାରିତ କାର୍ଯ୍ୟ ଯୋଗୁଁ ଦଙ୍ଗା ଘଟିଗଲା ? ଆମେ ଜାଣିଛୁ ଯେ ଆଙ୍ଗ୍ଲୋ-ଭାରତୀୟ ଖବର କାଗଜଗୁଡ଼ିକର ପତ୍ରକାରମାନଙ୍କ ଦ୍ୱାରା ଏମିତି ବକ୍ତବ୍ୟ ପ୍ରାପ୍ତ ହୋଇଛି ଯାହାର ପ୍ରମାଣ ଖାଲି ଜନଶ୍ରୁତି ହୋଇଥିବାରୁ କିଛି ହେଲେ ତା'ର ମୂଲ୍ୟ ନାହିଁ ଆଉ ଆମେ ଅନୁମାନ କରି ନେଉଛୁ ଯେ ଏଇ କଥାଟା ସେମାନଙ୍କୁ ସେଇ ପୁଲିସ କର୍ମକର୍ତ୍ତାଙ୍କ ଦ୍ୱାରା କୁହାଯାଇଛି ଯେଉଁମାନେ ପୂର୍ଣ୍ଣ ସତର୍କତା ସହକାରେ ପ୍ରସ୍ତୁତ ଏକ ଫାନ୍ଦ ଭିତରକୁ ହିନ୍ଦୁମାନଙ୍କୁ ନେଇଯିବା ଭଳି ଦୁଷ୍କର୍ମର ଭାଗୀଦାର ଥିଲେ ବୋଲି ଅଭିଯୁକ୍ତ ହୋଇଛନ୍ତି । କିନ୍ତୁ ଯେଉଁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରାଯାଇଥିଲା ସେମାନଙ୍କ ବିବରଣୀ ଏପର୍ଯ୍ୟନ୍ତ ମଧ୍ୟ କୌଣସି ସ୍ୱତନ୍ତ୍ର ସାକ୍ଷ୍ୟ ପ୍ରମାଣ ଦ୍ୱାରା ବିବାଦ ଭିତରକୁ ଆସିନି କିଂବା କୌଣସି ନିର୍ଭରଯୋଗ୍ୟ ଅନୁସନ୍ଧାନ ଦ୍ୱାରା ତାକୁ ଖଣ୍ଡନ କରାଯାଇନି । ଷ୍ଟେଟ୍‌ସ୍‌ମ୍ୟାନ୍ ଏହି ମାମଲାଟିର ଦୁର୍ବଳତା ଅନୁଭବ କରି, ମୁସଲମାନ ଗୁଣ୍ଡାମାନଙ୍କର କାର୍ଯ୍ୟକୁ ଠିକ୍ ବୋଲି ସାବ୍ୟସ୍ତ କରିବାକୁ ଯାଇ କହିଛି ଯେ ସ୍ୱଦେଶୀ ଆନ୍ଦୋଳନର ପରଣତି ସ୍ୱରୂପ ଜମାଲପୁରର ଚାରିଆଡ଼େ ଦରଦାମ ବୃଦ୍ଧି ପାଇଛି । ଷ୍ଟେଟ୍‌ସ୍‌ମ୍ୟାନ୍‌ର ମତ ଅନୁସାରେ ଏହା କୁଆଡ଼େ ଗମ୍ଭୀର ଉତ୍ତେଜନାମୂଳକ ପରିସ୍ଥିତି ପାଇଁ ଯଥେଷ୍ଟ ! ଆଚ୍ଛା, ସମ୍ଭବତଃ ଏଇୟା । ଆମେ ଜାଣିଛୁ ବ୍ରିଟିଶ ଦ୍ୱାରା ଅଧିକୃତ ହୋଇଯିବାରୁ ସମଗ୍ର ଭାରତରେ ଦରଦାମ୍ ବହୁତ ପରିମାଣରେ ବଢ଼ି ଯାଇଛି ଯାହା ତୁଳନାରେ ବର୍ତ୍ତମାନର ଦରବୃଦ୍ଧି ଆଦୌ ସେମିତି କିଛି ନୁହେଁ । ତା'ହେଲେ ଷ୍ଟେଟ୍‌ସ୍‌ମ୍ୟାନ୍‌ର ମତ ଅନୁସାରେ ଏହାହିଁ କ'ଣ ସମଗ୍ର ଭାରତବର୍ଷ ପାଇଁ ସଶସ୍ତ୍ର ବିଦ୍ରୋହଜନିତ ଦଙ୍ଗାରେ ମାତି ଉଠିବା ସକାଶେ ପର୍ଯ୍ୟାପ୍ତଭାବେ ଗମ୍ଭୀର ଉତ୍ତେଜନା ବୋଲି ବିଚାର କରାଯିବ ?

ମି. ମୁଧୋଲ୍‌କରଙ୍କ ଯୁକ୍ତି ପ୍ରତି ଷ୍ଟେଟ୍‌ସ୍‌ମ୍ୟାନ୍‌ର କିଛି ହେଲେ ଯଥାର୍ଥ ଉତ୍ତର ନାହିଁ । ତାଙ୍କ ପ୍ରତି ଏହାର ଉତ୍ତର ହେଉଛି ଖାଲି ଅତିରଞ୍ଜିତ ଭାଷାର ବିରକ୍ତିକର ଲମ୍ବା ଅଭିଯୋଗ । ପୂର୍ବବଙ୍ଗର ପରିସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ ମି. ମୁଧୋଲ୍‌କର ଅରାଜକତା, ଲୁଟପାଟ, ଅପବିତ୍ରୀକରଣ, ରକ୍ତପାତ ଇତ୍ୟାଦି ଶବ୍ଦଗୁଡ଼ିକର ସାହାଯ୍ୟ ନେଇଥିଲେ । ଷ୍ଟେଟ୍‌ସ୍‌ମ୍ୟାନ୍ ଏଇସବୁ ଶବ୍ଦକୁ ''ବାସ୍ତବ ଘଟଣା ପରିପ୍ରେକ୍ଷୀରେ ହାସ୍ୟୋଦ୍ଦୀପକ ଭାବେ ଅସଙ୍ଗତ'' ବୋଲି ଘୋର ନିନ୍ଦା କରିଛି । ସତରେ ? ଅସଲ ଘଟଣା ହେଲା ଅନେକ ସପ୍ତାହ ଧରି ଗ୍ରାମ ପରେ ଗ୍ରାମଗୁଡ଼ିକ ଲୁଣ୍ଠିତ ହୋଇ ଚାଲିଲା, ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତିକୁ ହଡ଼ପ କରାଗଲା; ତଥାପି ଏଭଳି ଘଟଣାକୁ ଜଘନ୍ୟ ଲୁଟପାଟ ବୋଲି ଭାଷା ପ୍ରୟୋଗ କରିବାକୁ ଆମର ଉପାୟ ନାହିଁ । ଠିକ୍ ସେହି ସମୟରେ ବିଗ୍ରହଗୁଡ଼ିକୁ ଧ୍ୱଂସ କରାଗଲା, ମନ୍ଦିରଗୁଡ଼ିକ ଉପରେ ଆକ୍ରମଣ ହେଲା ଓ ସେସବୁକୁ ଅପବିତ୍ର କରାଗଲା, ଗୋଟିଏ ସଶସ୍ତ୍ର ଗୁଣ୍ଡାଦଳଙ୍କ ଦ୍ୱାରା ଏକ ଧାର୍ମିକ ଉତ୍ସବକୁ ନିଷେଧ କରି ଦିଆଗଲା; ତଥାପି ଏ ସମସ୍ତ ଘଟଣାରୁ କ'ଣ ମନ୍ଦିରଗୁଡ଼ିକର ଅପବିତ୍ରୀକରଣ ହୋଇ ନଥିଲା ବୋଲି ବୁଝିବାକୁ ହେବ ! ଜନଜୀବନ ଅସୁରକ୍ଷିତ ଥିଲା, ଅନେକ ମଣିଷ ଆଘାତପ୍ରାପ୍ତ ହେଲେ, କିଛି ଲୋକ ଏମିତି ଗୁରୁତର ଭାବେ ଆଘାତ ପାଇଲେ ଯେ ସେମାନଙ୍କୁ ହସ୍‌ପିଟାଲ ନେବା ଜରୁରୀ ହୋଇ ପଡ଼ିଲା, ଦୁଇ, ତିନିଜଣଙ୍କୁ ନିର୍ମମଭାବେ ହତ୍ୟା କରାଗଲା, ତଥାପି ଷ୍ଟେଟ୍‌ସ୍‌ମ୍ୟାନ୍‌ର ଧାରଣା ଯେ ଆଦୌ ରକ୍ତପାତ ହୋଇନି । ଏହି ସମୟ ମଧ୍ୟରେ ଧନ, ଜୀବନ ଓ ନାରୀମାନଙ୍କର ଇଜ୍ଜତ ଏକ ବିଶାଳ ଭୂଖଣ୍ଡ ବ୍ୟାପୀ ଅସୁରକ୍ଷିତ ରହିଥିଲା, ହିନ୍ଦୁମାନଙ୍କୁ ଜମାଲପୁର ଛାଡ଼ି ଚାଲିଯିବାକୁ ପଡ଼ିଥିଲା ଆଉ ସମସ୍ତ ଆଖପାଖ ଇଲାକାଗୁଡ଼ିକରେ ନିଜର ସୁରକ୍ଷା ନିଜେ ସେମାନଙ୍କୁ କରିବାକୁ ହୋଇଥିଲା, ତା' ସାଙ୍ଗକୁ ଆତଙ୍କ, ଦଙ୍ଗାଗୋଳ ଆଉ ଘୋର ଅତ୍ୟାଚାରର ଅଖଣ୍ଡ ଆଧିପତ୍ୟ ଅନୁଭୂତ ହୋଇଥିଲା ଯେତେବେଳେ କି ସେଠାରେ ନିୟୋଜିତ ହୋଇଥିବା କର୍ତ୍ତୃପକ୍ଷମାନେ ଆକ୍ରମଣ ଓ ଧମକର ଶିକାର ହୋଇ ପଡ଼ିଥିବା ସମ୍ପ୍ରଦାୟ ଉପରେ ଦମନ ଲୀଳା ଚଳେଇବାରେ ନିଜକୁ ବ୍ୟସ୍ତ ରଖିଥିଲେ ଦଙ୍ଗାଗୋଳକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ କରିବା ପାଇଁ ଅବାଧରେ ଛାଡ଼ି ଦେଇ; କିନ୍ତୁ ଇଏ ତା'ହେଲେ କ'ଣ ଅରାଜକତା ନୁହେଁ ! ନା ଭାରତର ଏଇ ଅଜବ ବନ୍ଧୁ ଜଣକ କହୁଛନ୍ତି, ଏସବୁ କେବଳ ସ୍ଥାନୀୟ ଉପଦ୍ରବମାନ ଯାହା ଶହେ ବର୍ଷର ବ୍ରିଟିଶ ଶାସିତ ଉପନିବେଶ-ଗୁଡ଼ିକରେ ଶାନ୍ତି (Pax Brittanica) ବିଦ୍ୟମାନ ନଥିଲେ ହୁଏତ କାହାରି ନଜରରେ ପଡ଼ି ଥାଆନ୍ତା କି ନାହିଁ ସନ୍ଦେହ । ଆପଣଙ୍କ ଭାରତୀୟ ବନ୍ଧୁମାନଙ୍କର ମତାମତଗୁଡ଼ିକ ଲକ୍ଷ୍ୟ କରନ୍ତୁ

ତ ଦେଖି । ଆପଣମାନଙ୍କର ମନ୍ଦିରଗୁଡ଼ିକ ଅପବିତ୍ର ହୋଇଗଲା, ନାରୀମାନଙ୍କ ପ୍ରତି ମର୍ଯ୍ୟାଦାର ଉଲ୍ଲଂଘନ ହେଲା, ଆପଣମାନଙ୍କ ସମ୍ପତ୍ତିକୁ ଆଖିବୁଜା ଲୁଟ୍ କରାଗଲା, ଏଭଳି ସବୁ ଘଟଣା ଯାହା କ୍ୱଚିତ୍ ତାଙ୍କର ଦୃଷ୍ଟି ଆକର୍ଷଣ କରିଛି ।

ରାଓଲପିଣ୍ଡି ଘଟଣାକୁ ନେଇ ଅତିରଞ୍ଜିତ କରି କୁଆଡ଼େ କହିଥିବାରୁ ଷ୍ଟେଟ୍‌ସ୍‌ମ୍ୟାନ୍ ପୁଣି ମୁଧୋଲ୍‌କରଙ୍କୁ ଭର୍ତ୍ସନା କରିଛି କାରଣ ଷ୍ଟେଟ୍‌ସ୍‌ମ୍ୟାନ୍‌ର କହିବା କଥା ଯେ ଏ ଘଟଣାଟି ନିହାତି ସାଧାରଣ, ଆଉ ସେ ଭାବୁଛି, ଯେହେତୁ ମି. ମୁଧୋଲ୍‌କର ଏ ଘଟଣା ସହିତ ଅନ୍ୟ ଘଟଣାଗୁଡ଼ିକର ଅତିରଞ୍ଜିତ ବ୍ୟାଖ୍ୟା କରି ପକେଇଛନ୍ତି, ତେଣୁ ଭାରତୀୟମାନେ ନିଜ ମାମଲାଗୁଡ଼ିକର ଶାସନ ଦାୟିତ୍ୱ ନିଜେ ତୁଲେଇବା ସକାଶେ ଅଯୋଗ୍ୟ । ତଥାପି ଲାଲା ଲଜପତ୍ ରାୟ ନିର୍ଦ୍ଦୋଷ ଥିଲେ ମଧ୍ୟ ତାଙ୍କ ନିର୍ବାସନ ଯଥାର୍ଥ ଥିଲା ବୋଲି ଷ୍ଟେଟ୍‌ସ୍‌ମ୍ୟାନ୍ ସେଇ ଲେଖାରେ ପ୍ରତିପାଦିତ କରିଛି, କାରଣ ସରକାରଙ୍କ ବିଚାରରେ ପଞ୍ଜାବରେ ଘଟି ଯାଇଥିବା ଘଟଣାଗୁଡ଼ିକ ଏମିତି ସାଂଘାତିକ ଆକାର ଧାରଣ କରିଥିଲା ଯେ ଲଜପତ୍ ରାୟଙ୍କ ବହିଷ୍କାର ଜରୁରୀ ହୋଇ ଉଠିଥିଲା । ଏଇଠି ତା'ହେଲେ ନ୍ୟାୟବନ୍ତ ଭାରତ ବନ୍ଧୁ ଦେଖା ଦେଇଛନ୍ତି ! କିନ୍ତୁ ଯଦି ରାଓଲପିଣ୍ଡିରେ ଘଟିଥିବା ଗଣ୍ଡଗୋଳଗୁଡ଼ିକ ସମ୍ପର୍କରେ ମି. ମୁଧୋଲ୍‌କରଙ୍କ ଅତିରଞ୍ଜିତ ଚିନ୍ତାଧାରା ତାଙ୍କ ଦେଶବାସୀଙ୍କୁ ନିଜକୁ ଶାସନ କରିବାରେ ଅଯୋଗ୍ୟ କରି ପକେଇଛି, ତଥାପି ସାର୍ ଡେନ୍‌ଜିଲ୍ ଇବ୍‌ବେଟ୍‌ସନ୍ (Sir Denzil Ibbetson)ଙ୍କ ଏବଂ ସି. ଏମ୍ ଗେଜେଟ୍‌ରେ ସେଇସବୁ ଘଟଣା ସଂକ୍ରାନ୍ତରେ ପ୍ରକାଶିତ ଆହୁରି ଅଧିକ ଅତିରଞ୍ଜିତ ଚିନ୍ତାଧାରାଗୁଡ଼ିକ ପ୍ରମାଣ କରେ ଯେ ଇଂରେଜ ଅଧିବାସୀ ଭାରତକୁ ଶାସନ କରିବା ପାଇଁ ଅଯୋଗ୍ୟ ।

ଏ ପ୍ରକାର ମନମୁଖୀ ଏବଂ ପ୍ରଜାପୀଡ଼ନକାରୀ କାର୍ଯ୍ୟଧାରା ବ୍ରିଟିଶ ଆଇନ ସୂତ୍ରଗୁଡ଼ିକର ଘୋର ପରିପନ୍ଥୀ ବୋଲି ଯେଉଁ ବିଶ୍ୱାସ ମି. ମୁଧୋଲ୍‌କରଙ୍କର ଥିଲା ତାକୁ ଷ୍ଟେଟ୍‌ସ୍‌ମ୍ୟାନ୍ ଯେତେବେଳେ ଖଣ୍ଡନ କରି ସାରିଛି ତେଣୁ ଏଇ ଗୋଟିକ ସାରକଥାହିଁ ସେ ତାଙ୍କ ବିରୋଧରେ ବ୍ୟବସ୍ଥା କରି ରଖିଛି । ଏହି ଭ୍ରମକୁ ନରମପନ୍ଥୀମାନେ ବର୍ତ୍ତମାନ ପରିତ୍ୟାଗ କରିବା ଉଚିତ । ସେମାନେ ସବୁବେଳେ ଏହି ଭ୍ରମର ବଶବର୍ତ୍ତୀ ହୋଇ ପ୍ରୟାସ କରି ଚାଲିଛନ୍ତି ଯେ ଯେହେତୁ ବ୍ରିଟିଶ ସରକାର ନିଜର ସ୍ଥାନୀୟ ସାଧନଗୁଡ଼ିକରୁ ଦୂରରେ ରହି ଆଇନର ପରିଧି ମଧ୍ୟରେ କାର୍ଯ୍ୟ କରିଥାଏ ତେଣୁ ଏହା ଅତ୍ୟାଚାର କରିବା ପାଇଁ ଅସମର୍ଥ । ଅନ୍ୟପକ୍ଷରେ, ଷ୍ଟେଟ୍‌ସ୍‌ମ୍ୟାନ୍‌ର ସୂଚନା ଅନୁଯାୟୀ, ବ୍ରିଟିଶର ଆଇନଗୁଡ଼ିକ ନିରଙ୍କୁଶ ଦମନଲୀଳାର ନିୟମ ସଙ୍ଗତ ପନ୍ଥା ପାଇଁ ଯଥେଷ୍ଟ ସୁଯୋଗ ପ୍ରଦାନ କରିଛି ଆଉ ପର୍ଯ୍ୟାପ୍ତ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ଯୋଗେଇ ଦେଇଛି ଯାହାର ପ୍ରକାର ଭେଦକୁ ନିରୂପଣ କରି ହେବନି, ଯଦିଓ ସେଇ ପନ୍ଥାଗୁଡ଼ିକ ଋଷିଆର ପନ୍ଥା ତୁଳନାରେ ସେତେ ରୋକଠୋକ ଓ ବର୍ବର ନୁହେଁ ।

ଷ୍ଟେଟ୍‌ସ୍‌ମ୍ୟାନ୍ ନିଜର ବକଧର୍ମ ସ୍ୱଭାବ ପ୍ରଦର୍ଶନ କରି କହିଛି ଯେ ଭାରତର ରାଜନୈତିକ ମୁକ୍ତି କ୍ଷେତ୍ରରେ ଆମେମାନେ ନିଜେ ଯାହା କରିଛୁ ତା' ଅପେକ୍ଷା ଅଧିକ ଉତ୍ସର୍ଗୀକୃତ ଭାବେ ଆଉ କେହି ସେମିତି ପ୍ରୟାସ କରି ନାହାନ୍ତି । ଆମ ପୂର୍ବଜମାନଙ୍କ ସମୟରୁ ଗଢ଼ି ଆସିଥିବା କେତେକ କିଂବଦନ୍ତୀ ଆମେ ଶୁଣିବାକୁ ପାଇଛୁ, ସେମାନଙ୍କ ସାମ୍ବିଧାନିକ ଆନ୍ଦୋଳନ ପ୍ରତି ଷ୍ଟେଟ୍‌ସ୍‌ମ୍ୟାନ୍‌ର କେତେବେଳେ କେମିତି ସକ୍ରିୟ ସହଯୋଗ ସମ୍ପର୍କରେ । କିନ୍ତୁ କାହିଁ ଆମେ ତ ଜାଣିନୁ, ସେ ନିକଟ ଅତୀତରେ କ'ଣ ବା କରିଛି, ସଂସ୍କାର ପାଇଁ ସେ ଅଙ୍ଗୀକାରବଦ୍ଧ ହୋଇଛି ସତ କିନ୍ତୁ ସେ ସଂସ୍କାର କେବେ ବି ଆସିନି ଆଉ ସେ ତିଷ୍ଠି ରହିଛି ଭାରତୀୟ ଜନସାଧାରଣଙ୍କ ସମର୍ଥନକୁ ଆଧାର କରି । ନିଃସନ୍ଦେହରେ କହିବାକୁ ଗଲେ ଜନମତର ପ୍ରବକ୍ତାମାନଙ୍କ ମଧ୍ୟରୁ ଜଣକୁ ଭର୍ତ୍ସନା କରିବା ପାଇଁ ଆଉ ''ବାକ୍‌ଚାତୁରୀପୂର୍ଣ୍ଣ ପ୍ରଚାରକ'' ରୂପେ ତାଙ୍କୁ ଗାଳିଗୁଲଜ ଦେବା ପାଇଁ ଏହାଙ୍କୁ ଅଧିକାର ପ୍ରଦାନ କରିବା ଯଥେଷ୍ଟ ନୁହେଁ । ମି. ମୁଧୋଲ୍‌କର ଏଥିରୁ ଉଚିତ ଶିକ୍ଷା ପାଇବେ ଯେ ଇଂରେଜ ଶାସକବର୍ଗ ଓ ଇଂରେଜ ସମ୍ବାଦପତ୍ରମାନଙ୍କୁ ନିବେଦନ କରିବାରୁ ଆଉ ତାଙ୍କ ନିଜ ଦେଶବାସୀଙ୍କୁ ଯେ ସେ ନିଜେ ସମ୍ବୋଧିତ କରିବା କାର୍ଯ୍ୟରୁ କ୍ଷାନ୍ତ ରହିବେ, ଏହା ଆମେ ଆଶା କରୁଛୁ । ସେ ଆସି ଆମ ସହିତ ତାଙ୍କ ଦୁଇ ହାତକୁ ସାମିଲ କରି ଦିଅନ୍ତୁ ଯେପରି ପ୍ରଶିକ୍ଷଣ ପାଇ ସେ ହାତ ଏକ ଶକ୍ତିରେ ପରିଣତ ହୋଇଉଠିବ; ସେଇ ଶକ୍ତିହିଁ ସୃଷ୍ଟି କରିବ ଆହୁରି ମହା ସୁରକ୍ଷାର ବଳୟ ଆମର ଚାରିପଟେ ''ଅରାଜକତା, ଲୁଟପାଟ, ଅପବିତ୍ରୀକରଣ ଓ ରକ୍ତପାତ'' ବିରୋଧରେ – ଶାସନତନ୍ତ୍ରର ସୁରକ୍ଷାଦାୟିନୀ ବାହୁଛାୟା କିଂବା ଷ୍ଟେଟ୍‌ସ୍‌ମ୍ୟାନ୍‌ର ବନ୍ଧୁତା ଅପେକ୍ଷା ।

[ବନ୍ଦେ ମାତରମ୍, ମେ ୨୦, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ୨୯ ଫେବ୍ରୁଆରୀ, ୧୯୬୦

## ଶ୍ରୀ ଋଷଭଚାନ୍ଦ

୧୯୬୦ ମସିହା ଫେବ୍ରୁଆରୀ ୨୯ ତାରିଖରେ, ଶ୍ରୀଅରବିନ୍ଦ ଆଶ୍ରମରେ ଏକ ମହତ୍ତ୍ୱପୂର୍ଣ୍ଣ ଓ ଅପୂର୍ବ ସୁନ୍ଦର ଉତ୍ସବ ପାଳିତ ହୋଇଥିଲା । ପାର୍ଥିବ ଚେତନା ମଧ୍ୟରେ ଅତିମାନସ ବା ଋତ ଚିତ୍ ବା ସତ୍ୟ-ଚେତନାର ଅବତରଣର ଏହାହିଁ ପ୍ରଥମ ବାର୍ଷିକ ଉତ୍ସବ । ଚାରିବର୍ଷ ପୂର୍ବେ (୧୯୫୬) ଏହି ୨୯ ତାରିଖ ଫେବ୍ରୁଆରୀ ଅଧିବର୍ଷ (ଲିପ୍-ଇୟର)ରେ ଏହି ମହାନ୍ ଅବତରଣ ଘଟିଥିଲା ଏବଂ ସ୍ୱୟଂ ଶ୍ରୀମା ଏହି ସମୟରେ ଘୋଷଣା କରିଥିଲେ :

''ହେ ପ୍ରଭୁ, ତୁମେ ଯାହା ସଂକଳ୍ପ କରିଥିଲ ମୁଁ ତାହା କାର୍ଯ୍ୟରେ ପରିଣତ କରୁଅଛି; ଗୋଟିଏ ନବଜ୍ୟୋତି ପୃଥିବୀ ଉପରେ ପ୍ରକାଶିତ ହେଉଅଛି, ଗୋଟିଏ ନୂତନ ଜଗତ୍ ଜନ୍ମ ଲାଭ କରିଅଛି, ଯେଉଁସବୁ ବସ୍ତୁର ପ୍ରତିଶ୍ରୁତି ଦିଆ ଯାଇଥିଲା, ଆଜି ତାହା ପୂର୍ଣ୍ଣ ହେଉଅଛି ।''

ଚାରିବର୍ଷ ପରେ ଯେତେବେଳେ ସେହି ଅଧିବର୍ଷ (ଲିପ୍-ଇୟର)ର ୨୯ ତାରିଖ ଫେବ୍ରୁଆରୀ ଆସିଗଲା, ସେହି ଦିବସକୁ ଗୋଟିଏ ଯଥାଯଥ ଉତ୍ସବ ରୂପେ ପାଳନ କରିବା ନିମିତ୍ତ ଏକ ପରିକଳ୍ପନା କରାଗଲା । ସମଗ୍ର ଆଶ୍ରମ ନୂତନ ଉତ୍ସାହ ଓ ଉଦ୍ଦୀପନାରେ ନାଚି ଉଠିଲା । ଅତି ବିରାଟ ଆକାରରେ ଉତ୍ସବ ନିମିତ୍ତ ଆୟୋଜନ ହେବାକୁ ଲାଗିଲା । ସୁବର୍ଣ୍ଣ ଯାହାକି ଅତିମାନସର ସ୍ୱାଭାବିକ ରଙ୍ଗ (କାରଣ ଅତିମାନସକୁ ଉପନିଷଦ୍‌ରେ ହିରଣ୍ମୟ-ପୁରୁଷ ବୋଲି ବର୍ଣ୍ଣନା କରାଯାଇଛି ।) ତାହା ସହାସ୍ୟ ବଦନରେ ଚତୁର୍ଦିଗରେ ଏହାର ଶୁଭ ଆଗମନକୁ ଅଭିନନ୍ଦନ ଜଣାଇବାକୁ ଲାଗିଲା । ତା' ପୂର୍ବରୁ ୧୪ ଫେବ୍ରୁଆରୀରେ ଶ୍ରୀମା ଆଶ୍ରମର ଛୋଟ ବାଳିକାମାନଙ୍କୁ ସ୍ୱର୍ଣ୍ଣ ରଙ୍ଗର ଫ୍ରକ୍ ଏବଂ ଆଶ୍ରମ ସାଧିକା ଓ ବାହାରରୁ ଆଗତ ଦର୍ଶନାର୍ଥୀ ଭଦ୍ର ମହିଳାମାନଙ୍କୁ ସ୍ୱର୍ଣ୍ଣ ରଙ୍ଗର ଧଡ଼ିଥିବା ଶାଢ଼ୀ ବିତରଣ କରିଥିଲେ ।

୨୯ ତାରିଖ ଆସିଗଲା । ଦିବସଟି ମା'ଙ୍କ ପ୍ରାତଃ ଦର୍ଶନରେ ଆରମ୍ଭ ହେଲା । ପୂର୍ବ ଦିନ ପରି ମା' ଠିକ୍ ସକାଳ ୬ଟା ୧୫ ମିନିଟରେ ବାଲକୋନିରେ ଦର୍ଶନ ଦେଲେ ଉପସ୍ଥିତ ସହସ୍ରାଧିକ ଜନସମଷ୍ଟିକୁ – ଆଶ୍ରମବାସୀ, ଦେଶର ବିଭିନ୍ନ ପ୍ରାନ୍ତରୁ ଆଗତ ଓ ବିଦେଶାଗତ ଦର୍ଶକମାନଙ୍କୁ ପ୍ରାୟ ୧୫ ମିନିଟ ପର୍ଯ୍ୟନ୍ତ ସମବେତ ଧ୍ୟାନ କରାଇ ଥିଲେ । ଯେଉଁଠାରେ ମା' ପ୍ରତ୍ୟହ ଛିଡ଼ା ହୋଇ ଦର୍ଶନ ଦିଅନ୍ତି – ବାଲକୋନିର ଏହି ଅଂଶ ସ୍ୱର୍ଣ୍ଣ ରଙ୍ଗର ରେଶମ କପଡ଼ାରେ ସଜ୍ଜିତ ହୋଇଥିଲା ।

ପ୍ରାୟଶଃ ସେହି ଦିନ ୧୦ଟା ବେଳେ ମା' ତାଙ୍କର ନୂତନ ଅର୍ଗାନ ସଙ୍ଗୀତ ବଜାଇ ଥିଲେ ଏବଂ ଅଧଘଣ୍ଟା ନିମିତ୍ତ ସମସ୍ତ ଆଶ୍ରମ ସେହି ସଙ୍ଗୀତର ସ୍ୱର୍ଗୀୟ ମୂର୍ଚ୍ଛନାରେ ମୁଖରିତ ହୋଇ ଉଠିଥିଲା । ଆଶ୍ରମର ସକଳ ଅଂଶରେ ଦର୍ଶନାର୍ଥୀ ଓ ସାଧକମାନେ ଯେପରି ଏହି ସଙ୍ଗୀତ ଶ୍ରବଣ କରିପାରନ୍ତି ତାହାର ସୁବନ୍ଦୋବସ୍ତ କରା ଯାଇଥିଲା । ଏହି ସଙ୍ଗୀତବାଦନ ସମୟରେ ଏକ ପୂର୍ଣ୍ଣ ଧ୍ୟାନରତ ନୀରବତା ରାଜତ୍ୱ କଲା ଏବଂ ସେହି ସ୍ୱର୍ଗୀୟ ସଙ୍ଗୀତର ଅପୂର୍ବ ଝଙ୍କାର ସମସ୍ତ ପରିବେଶକୁ ଏକ ବିଶାଳ ଶାନ୍ତି, ସାମର୍ଥ୍ୟ ଓ ଜ୍ୟୋତିଃରେ ଭରି ଦେଲା ।

ଏହି ସୁଯୋଗରେ ଧ୍ୟାନ-ଗୃହ (Meditation Hall) ଅପୂର୍ବଶ୍ରୀ ଓ ଅଭୂତପୂର୍ବ ସୌନ୍ଦର୍ଯ୍ୟ ଧାରଣ କଲା, କାରଣ ଏହିଠାରେହିଁ ଶ୍ରୀମା ଆଶୀର୍ବାଦ ଦେବେ ବୋଲି ସ୍ଥିର ହୋଇଥିଲା । ଗୃହର ପ୍ରତ୍ୟେକଟି ଅଂଶ ସ୍ୱର୍ଣ୍ଣ ରଙ୍ଗର ରେଶମୀ ପର୍ଦାରେ ବିଭୂଷିତ ହେଲା । ଗୃହର ସିଲିଙ୍ଗ ସ୍ୱଚ୍ଛ ରୌପ୍ୟ ବର୍ଣ୍ଣର ଆଲୁମିନିୟମ ଚାଦର ଦ୍ୱାରା ଆଚ୍ଛାଦିତ ହେଲା । ତାହାର ଧାରେ ଧାରେ ବୈଦ୍ୟୁତିକ ଟ୍ୟୁବଲାଇଟ୍ ରହି ସ୍ୱର୍ଣ୍ଣଆଭା ବିକିରଣ କରୁଥିଲା । ଉପର ମହଲାରେ ଶ୍ରୀମାଙ୍କ କୋଠରି ଏବଂ ଯେଉଁ ବାଟ ଦେଇ ଶ୍ରୀମା ଯା' ଆସ କରିବା କଥା ସେସବୁ ସ୍ୱର୍ଣ୍ଣ ରଙ୍ଗର ଗାଲିଚା ଓ ପରଦା ଦ୍ୱାରା ଉଜ୍ଜ୍ୱଳ ହୋଇ ଉଠିଲା । ବାସ୍ତବରେ ଏହା ଯେପରି ସୁବର୍ଣ୍ଣ ଓ ସ୍ୱର୍ଣ୍ଣମୟ ଆଲୋକ ମାଳାର ଏକ ମହୋତ୍ସବ ଥିଲା ।

ଅପରାହ୍ଣ ଦୁଇଟାରୁ ଆଶ୍ରମବାସୀ ଓ ଦର୍ଶନାର୍ଥୀମାନେ ଆଶ୍ରମ ଆଡ଼କୁ ଛୁଟିବାକୁ ଲାଗିଲେ । ସମସ୍ତଙ୍କ ମନରେ ଉତ୍ସାହ ଓ ବ୍ୟଗ୍ରତାର ଭାବ – କିପରି ମା'ଙ୍କଠାରୁ ଆଶୀର୍ବାଦ ପାଇବାକୁ ଲମ୍ବିଥିବା ଦୀର୍ଘ ତଥା ଶୃଙ୍ଖଳିତ ଧାଡ଼ିରେ ଯାଇ ଶୀଘ୍ର ଛିଡ଼ା ହେବେ; ଯଦିଚ ଚାରିଟାବେଳେ ଆଶୀର୍ବାଦ ଗ୍ରହଣ ଆରମ୍ଭ ହେବାର କଥା । ଶୃଙ୍ଖଳିତ ଦୀର୍ଘ ଧାଡ଼ିଟି ଯାହାକି ଅଜଗର

ସାପର ଏକ ଲମ୍ବା ଲାଞ୍ଜ ଭଳି ଦେଖା ଯାଉଥିଲା, ଏହା ଆଶ୍ରମର ପୂର୍ବ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱର ପଥକୁ ଆଚ୍ଛାଦିତ କରି ରାସ୍ତାର ବହୁଦୂର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ପ୍ରାୟ ସାଢ଼େ ତିନିଟା ବେଳେ ମା' ତାଙ୍କ କୋଠରିରୁ ତଳକୁ ଆସିଲେ ଏବଂ ପନ୍ଦର ମିନିଟ ମଧ୍ୟରେ ଆଶୀର୍ବାଦ ଆରମ୍ଭ ହୋଇଗଲା । ଗୋଟିଏ ମାତ୍ର ଲମ୍ବା ଓ ସୁଶୃଙ୍ଖଳିତ ଧାଡ଼ିରେ ସମସ୍ତେ ଧ୍ୟାନ ଗୃହ ଆଡ଼କୁ ଆଗେଇ ଚାଲିଲେ । ୨୫୦୦ ଲୋକଙ୍କର ସମାବେଶ – ଧୀର-ସ୍ଥିର ଏବଂ ଧ୍ୟାନମଗ୍ନ ଚିତ୍ତରେ ସମସ୍ତେ ଆଗେଇ ଚାଲିଲେ, ସତେ ଯେପରି ଗଭୀର ଭକ୍ତି ଓ ନୀରବତା ହଠାତ୍ ସେମାନଙ୍କ ମଧ୍ୟରେ ଅବତରଣ କରିଥିଲା । ମନେ ହେଉଥିଲା ସତେ ଯେପରି ବହୁ କ୍ଷୁଧାର୍ତ୍ତ ଆତ୍ମା ବକ୍ରାକାର ପଥରେ ଅଗ୍ରସର ହେଉଛନ୍ତି ଏକ ସ୍ୱର୍ଗୀୟ ଏବଂ ଆଧ୍ୟାତ୍ମିକ ଖାଦ୍ୟର ବିତରଣ କର୍ତ୍ତ୍ରୀଙ୍କ ପାଖକୁ । ଇତ୍ୟବସରରେ ସମସ୍ତ ବାୟୁମଣ୍ଡଳରେ ଏକ ପ୍ରଶାନ୍ତ ଆଧ୍ୟାତ୍ମିକ ଆନନ୍ଦ ଓ ପ୍ରାର୍ଥନାପୂର୍ଣ୍ଣ ଆଗ୍ରହର ଅପୂର୍ବ ସମ୍ମିଳନ ଘଟିଥିଲା ।

ଯେଉଁମାନେ ପୂର୍ଣ୍ଣଯୋଗର ସାଧକ ଏବଂ ଯେଉଁମାନେ ଆଶ୍ରମ ସହିତ ଘନିଷ୍ଠ ଭାବେ ଜଡ଼ିତ, ସେମାନେ ଆତ୍ମୋନ୍ମୀଳନ ଏବଂ ଗ୍ରହଣଶୀଳତା ସହ ସ୍ୱତନ୍ତ୍ର ଉଦ୍ଦୀପନା ଦ୍ୱାରା ଶ୍ରୀମାଙ୍କୁ ପ୍ରାର୍ଥନା କରିବାରେ ବିଶେଷ ଯତ୍ନଶୀଳ ଥିଲେ । କାରଣ ସେମାନେ ଅନୁଭୂତି ଦ୍ୱାରା ଜାଣନ୍ତି ଯେ ଶ୍ରୀମା ସେହି ବିଶିଷ୍ଟ ଉତ୍ସବରେ ଏକ ମହାନ୍ ଜ୍ୟୋତିଃ ବା ଶକ୍ତିକୁ ପ୍ରତ୍ୟେକ ବ୍ୟକ୍ତିର ଆନ୍ତର ସ୍ଥିତି ଓ ଆବଶ୍ୟକତା ଅନୁଯାୟୀ ଦାନ କରିବେ – ଯାହାହିଁ ଭାଗବତୀ କରୁଣା ଏବଂ ଯାହାର ମୂଲ୍ୟ ଆଧ୍ୟାତ୍ମିକ ସାଧନା ପଥରେ ଅକଳନୀୟ । ବାସ୍ତବରେ ଏହା କ'ଣ ଏକ ସ୍ୱତନ୍ତ୍ର ଏବଂ ବିଶିଷ୍ଟ ମହତ୍ତ୍ୱପୂର୍ଣ୍ଣ ଦିବସର ବାର୍ଷିକୋତ୍ସବ ନୁହେଁ କି – ଯେଉଁ ଦିନ ପାର୍ଥିବ ଜଗତର ଇତିହାସରେ ପ୍ରଥମ ଥର ପାଇଁ ଅତିମାନସ ଜ୍ୟୋତିଃ ଓ ଶକ୍ତି ପୃଥିବୀରେ ଅବତରଣ କରିଥିଲା !

ଧ୍ୟାନ ବାରନ୍ଦାର ଭିତର ଅଂଶରେ ଏକ ସ୍ୱର୍ଣ୍ଣ ରଙ୍ଗର ଶାଢ଼ୀ ପରିଧାନ କରି ସୂଚି-କାର୍ଯ୍ୟ ଖଚିତ ତଥା ସ୍ୱର୍ଣ୍ଣ ରଞ୍ଜିତ ପର୍ଦ୍ଦା ଇତ୍ୟାଦିର ପୃଷ୍ଠଭୂମି ଉପରେ ଶ୍ରୀମା ଆସନ ଗ୍ରହଣ କଲେ – ସେତେବେଳର ସୌନ୍ଦର୍ଯ୍ୟ ଏକ ସ୍ୱର୍ଗୀୟ ଶୋଭାର ସ୍ୱପ୍ନ ଭଳି ବୋଧ ହେଉଥିଲା । ତାଙ୍କ ଚକ୍ଷୁର ଗଭୀର ପ୍ରଦେଶରୁ ପ୍ରେମ ଓ ଜ୍ୟୋତିଃର ଧାରା ପ୍ରବାହିତ ହେଉଥିଲା ଏବଂ ତାଙ୍କର ଓଷ୍ଠାଧରରେ ଅପୂର୍ବ ସ୍ମିତହାସ୍ୟ, ଅବର୍ଣ୍ଣନୀୟ ମାଧୁରୀ ଏବଂ ଅନୁକମ୍ପା ଫୁଟି ଉଠୁଥିଲା । ଏହି ଅବସ୍ଥାରେ ସେ ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଫଳକ ଦାନ କରିଥିଲେ । ଫଳକଗୁଡ଼ିକ ଏହି ବିଶେଷ ଉତ୍ସବ ଉପଲକ୍ଷ୍ୟରେ ସ୍ୱତନ୍ତ୍ର ଡିଜାଇନ୍‌ରେ ତିଆରି ହୋଇଥିଲା ଏବଂ ସେଗୁଡ଼ିକର ଗୋଟିଏ ପାର୍ଶ୍ୱରେ ୨୯ ତାରିଖ ଫେବ୍ରୁଆରୀ ୧୯୫୬ ଏବଂ ୨୯ ତାରିଖ ଫେବ୍ରୁଆରୀ ୧୯୬୦ – ଏହି ଦୁଇ ତାରିଖ ଲେଖା ହୋଇଥିଲା । ପୃଥିବୀ ଉପରେ ଅତିମାନସ ବା ଦିବ୍ୟ ଜୀବନ ସ୍ଥାପନାର ଏହା କ'ଣ ମାଗ୍ନାକାର୍ଟା ନୁହେଁ ?

ଅଳ୍ପ କେତେକ ପାଦ ଗଲା ପରେ ଧ୍ୟାନ ଗୃହ ଭିତରେ ଶ୍ରୀମା ତାଙ୍କ ଉପରମହଲା କୋଠରିକୁ ଯିବା ଶିଡ଼ି ନିକଟରେ ଗୋଟିଏ ବାଳିକା ଛିଡ଼ା ହୋଇ ଏହି ଉତ୍ସବ ଉଦ୍ଦେଶ୍ୟରେ ମା'ଙ୍କର ବିଶେଷ ବାଣୀ ବିତରଣ କରୁଥିଲା । ୧୯୫୬ ମସିହାରେ ପୃଥିବୀ ଉପରେ ଅତିମାନସର ଆବିର୍ଭାବ ବେଳେ ଶ୍ରୀମା ଏହି ବାଣୀ ଲେଖିଥିଲେ । କିନ୍ତୁ ଚାରିବର୍ଷ ପରେ ୧୯୬୦ ମସିହା ଫେବ୍ରୁଆରୀ ୨୯ ତାରିଖରେ ଏହା ଆତ୍ମପ୍ରକାଶ କଲା । ସେହି ବାଣୀଟି ନିମ୍ନମତେ :

(୧୯୫୬ ସାଲ ୨୯ ଫେବ୍ରୁଆରୀ ବୁଧବାରର ସମବେତ ଧ୍ୟାନରେ)

''ଆଜି ସନ୍ଧ୍ୟାରେ ଭଗବାନଙ୍କ ସାନ୍ନିଧ୍ୟ ତୁମ୍ଭମାନଙ୍କ ମଧ୍ୟରେ ସଶରୀର ଓ ବାସ୍ତବ ହୋଇ ଦେଖା ଦେଇଅଛି । ମୋର ଶରୀର ହୋଇଥିଲା ଏକ ଜୀବନ୍ତ ସ୍ୱର୍ଣ୍ଣର ରୂପ – ବିଶ୍ୱଠାରୁ ବୃହତ୍ତର । ଦେଖିଲି ଏକ ବିଶାଳ, ବିପୁଳ ସ୍ୱର୍ଣ୍ଣ ଦ୍ୱାର ସମ୍ମୁଖରେ ମୁଁ ଛିଡ଼ା ହୋଇଅଛି, ଯାହା ଜଗତକୁ ଭଗବାନଙ୍କ ଠାରୁ ପୃଥକ୍ କରି ରଖିଥିଲା ।

''ସେହି ଦ୍ୱାର ଆଡ଼କୁ ମୁଁ ଦୃଷ୍ଟି ଦେଇ ଜାଣି ପାରିଲି ଏବଂ ସଂକଳ୍ପ କଲି – ଯାହା ଏକହିଁ ଚେତନାର ଯୁଗପତ୍ କ୍ରିୟା – 'ସମୟ ଆସିଛି ଏଥର'; ଏବଂ ଗୋଟିଏ ସୁବୃହତ୍ ସ୍ୱର୍ଣ୍ଣ ହାତୁଡ଼ି ଦୁଇ ହାତରେ ଧରି ସେହି ଦ୍ୱାର ଉପରେ ଏକ ଆଘାତ କଲି – ଗୋଟିଏ ମାତ୍ର ଆଘାତ ଯେଉଁଥିରେ ଦ୍ୱାରଟି ସମ୍ପୂର୍ଣ୍ଣ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ।

''ସେତିକିବେଳରୁ ଅତିମାନସ ଜ୍ୟୋତିଃ, ଶକ୍ତି ଓ ଚେତନା ଅବିଚ୍ଛିନ୍ନ ଧାରାରେ ପୃଥିବୀ ଉପରେ ପ୍ରବଳ ବେଗରେ ପ୍ରବାହିତ ହେବାକୁ ଲାଗିଲା ।''

– ଶ୍ରୀମା

ବାଣୀଟିର ଅର୍ଥ ସ୍ଫଟିକ ଭଳି ସ୍ୱଚ୍ଛ ଏବଂ ସ୍ପଷ୍ଟ । ଏକ

ସ୍ୱର୍ଣ୍ଣ କବାଟ ପୃଥିବୀକୁ ଭଗବାନଙ୍କଠାରୁ ପୃଥକ୍ କରି ରଖିଥିଲା – ଉପନିଷଦ୍‌ରେ ଯେପରି କୁହାଯାଇଛି, ''ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍'' । ଏହି କବାଟର ଆବରଣ ଯୋଗୁଁ ଚତୁଷ୍ପାଦ ବ୍ରହ୍ମଙ୍କର ସୃଜନୀ-ପରାପ୍ରା ସତ୍ୟ-ଚେତନା (supermind) ଏତେ କାଳ ବ୍ୟାପୀ ପୃଥିବୀକୁ ଅଣା ଯାଇ ପାରି ନଥିଲା । ଯେଉଁମାନେ ପୂର୍ଣ୍ଣବ୍ରହ୍ମ ସଚ୍ଚିଦାନନ୍ଦଙ୍କ ନିମିତ୍ତ ଅଭୀପ୍ସା କରୁଥିଲେ ସେମାନଙ୍କୁ ପୃଥିବୀ ତ୍ୟାଗ କରି ଉର୍ଦ୍ଧ୍ୱ ଲୋକକୁ ପଳାୟନ କରିବାକୁ ହେଉଥିଲା । କିନ୍ତୁ ଜୀବନକୁ ତ୍ୟାଗ କରି ପଳାୟନ କରିବା ଅର୍ଥ ଜୀବନ ସମସ୍ୟାର ସମାଧାନ ନୁହେଁ । ଏହିପରି ଅଳ୍ପ କେତେକ ବ୍ୟକ୍ତିଙ୍କର ନିର୍ବାଣ ବା ମୁକ୍ତିରେ ପୃଥିବୀ ତିଳେ ମାତ୍ର ପ୍ରଭାବିତ ନ ହୋଇ ସେହିପରି ଚାଲୁଅଛି, ଜୀବନ ସେହିପରି ଗତି କରୁଅଛି । ଅଜ୍ଞାନ, ଅନ୍ଧ, ଦୁଷ୍ଟ ଓ ଦୁଃଖଦାୟକ, ବିଶୃଙ୍ଖଳା ଓ ବିଧ୍ୱଂସର ଶକ୍ତିଚୟ ମାନବ ପ୍ରକୃତି ଉପରେ ଅନାଦି କାଳରୁ ବିନା ପ୍ରତିରୋଧରେ ରାଜତ୍ୱ କରି ଚାଲି ଆସୁ ଅଛନ୍ତି ଏବଂ ଭଗବାନଙ୍କର ପ୍ରେମ, ଆନନ୍ଦ ଓ ଜ୍ୟୋତିଃ ପାର୍ଥିବ ଅନ୍ଧକାରକୁ କେବେହେଁ ଭେଦ କରିପାରୁ ନାହିଁ ।

କେବଳ ସେହି ବିଜ୍ଞାନ-ଲୋକର ଅତିମାନସ ଶକ୍ତିର (ଯାହାକୁ ବେଦ ଓ ଉପନିଷଦ୍ ବିଶ୍ୱର ସ୍ରଷ୍ଟା ବୋଲି କହି ଅଛନ୍ତି) ସାମର୍ଥ୍ୟ ଅଛି ଏହି ଅନ୍ଧକାରମୟ ଅପଶକ୍ତିକୁ ପାର୍ଥିବ ସତ୍ତାର ମୂଳ ଭିତ୍ତିରୁ ଉତ୍ପାଟନ କରି ମନୁଷ୍ୟକୁ ଭଗବାନଙ୍କ ସ୍ୱରୂପରେ ରୂପାନ୍ତରିତ କରିପାରିବ । ଆଉ ଶ୍ରୀମା ଓ ଶ୍ରୀଅରବିନ୍ଦ ଏହି ଅତିମାନସକୁ ପୃଥିବୀପୃଷ୍ଠରେ ଅବତରଣ କରାଇବା ନିମିତ୍ତ ବହୁ ବର୍ଷ ଧରି ଅକ୍ଳାନ୍ତ ଏକାଗ୍ରତା ଓ କଠୋର ତପସ୍ୟା କରି ଅଛନ୍ତି । ପୁନଶ୍ଚ ଏହି ଅତିମାନସର ଶୀଘ୍ର ଅବତରଣ ନିମିତ୍ତ ଶ୍ରୀଅରବିନ୍ଦ ନିଜ ଶରୀରକୁ ତ୍ୟାଗ କଲେ । ତାଙ୍କ ମହାପ୍ରୟାଣ ପରେ ବି ସେ ଏବଂ ଶ୍ରୀମା ଉଭୟ ସ୍ୱୀୟ ତପସ୍ୟାରେ ଅଟଳ ରହିଲେ । ୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖରେ ସେହି ଚିର ଈପ୍ସିତ ଅବତରଣ ଘଟିଲା ଏବଂ ଏହା ମଧ୍ୟରେହିଁ ନିହିତ ଥିଲା ନୂତନ ସୃଷ୍ଟିର ଆବିର୍ଭାବ, ସୁସ୍ପଷ୍ଟ ପ୍ରତିଶ୍ରୁତି ଓ ସାମର୍ଥ୍ୟ ।

''ବିଶାଳ ଏବଂ ବିପୁଳ ସ୍ୱର୍ଣ୍ଣ ଦ୍ୱାର'' ଖଣ୍ଡ ବିଖଣ୍ଡ ହୋଇ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ଏବଂ ଅତିମାନସ ଜ୍ୟୋତିଃ, ଶକ୍ତି ଓ ଚେତନା ଅବିଚ୍ଛିନ୍ନ ଧାରାରେ ପୃଥିବୀ ଉପରେ ପ୍ରବଳ ବେଗରେ ପ୍ରବାହିତ ହେବାକୁ ଲାଗିଲା ।

ଏହାହିଁ ''ଦେବ ମୁହୂର୍ତ୍ତ'', ''ବ୍ରାହ୍ମ ମୁହୂର୍ତ୍ତ'' – ଯେତେବେଳେ ମନୁଷ୍ୟ ମଧ୍ୟରେ ଆସି ବିତରଣ କରନ୍ତି ଚିନ୍ମୟ ଦେବ, ଭଗବାନଙ୍କ ନିଃଶ୍ୱାସର ସୁରଭି; ଆତ୍ମମାନଙ୍କ ଜୀବନର ସାଗର ଉପରେ ବିଚ୍ଛୁରିତ ହୋଇପଡ଼େ । ଯେଉଁ ନୂତନ ଯୁଗର ଉଷାକାଳ ସମାଗତ ତାହା ପୂର୍ବବର୍ତ୍ତୀ ସମସ୍ତ ସତ୍ୟଯୁଗ ଠାରୁ ମହତ୍ତର ଓ ଉଜ୍ଜ୍ୱଳତର ନିଶ୍ଚୟହିଁ ହେବ, କାରଣ ଏହିପରି ଭାବରେହିଁ ବିବର୍ତ୍ତନଗତ ଏଷଣା ନିଜକୁ ପରିପୂର୍ଣ୍ଣ କରେ ଓ ସାର୍ଥକ କରେ । ଆଜି ପୁରାତନ ମୂଲ୍ୟବୋଧ ଓ ସଂସ୍କାର ସମୂହ ଧୂଳିସାତ୍ ହେଉଅଛି, ଯେଉଁଥିରେ ଅତିମାନସ ଶକ୍ତି ଏକ ନୂତନ ଜୀବନଧାରା ଓ ନୂତନ ସଂସ୍କୃତିର ବିଧାନକୁ ପ୍ରବର୍ତ୍ତନ କରିପାରେ । ଜଗତରେ ଆଜି ଯାହା ଆମ୍ଭେମାନେ ଦେଖୁଅଛୁ ଏହା କେବଳ ବିଶୃଙ୍ଖଳା ଓ ବିଧ୍ୱଂସର ବିଭ୍ରାଟ ନୁହେଁ ବରଂ ଏହାହିଁ ପାର୍ଥିବ ବିବର୍ତ୍ତନର ଏକ ଚରମ ସନ୍ଧିକ୍ଷଣ, ଅତିମାନସ ଯୁଗର ପ୍ରସବ ବେଦନା ।

ଯେପରି ମାନବାତ୍ମା କ୍ରମ-ବିବର୍ତ୍ତନର ପ୍ରବାହରେ ଜଡ଼ରୁ ପ୍ରାଣ ଏବଂ ପ୍ରାଣରୁ ମନସ୍ତରକୁ ଆରୋହଣ କରିଅଛି ସେହିପରି ଏହା ଅତିମାନସ ଅନନ୍ତ ସତ୍ୟ ଚେତନାକୁ ନିଶ୍ଚୟହିଁ ଆରୋହଣ କରିବ । ଦ୍ୱନ୍ଦ୍ୱଗତ ଓ ବିଭେଦ ମୂଳକ ମାନବ ମନ ବିବର୍ତ୍ତନର ଚରମ ସ୍ତର ହୋଇ ନପାରେ । ଯଦି ସଚ୍ଚିଦାନନ୍ଦ ଜଡ଼ ମଧ୍ୟରେ ନିବର୍ତ୍ତିତ ହୋଇ ଅଛନ୍ତି, ତେବେ ତାଙ୍କର ସର୍ବାଙ୍ଗୀନ ଓ ପରିପୂର୍ଣ୍ଣ ବିବର୍ତ୍ତନହିଁ ପ୍ରକୃତିର ଏକ ଯୁକ୍ତିଯୁକ୍ତ ଓ ଅବଶ୍ୟମ୍ଭାବୀ ପରିଣାମ ।

ସ୍ୱର୍ଣ୍ଣ ଦ୍ୱାର ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବା ଫଳରେ ବର୍ତ୍ତମାନ ଭଗବାନ୍ ଓ ପୃଥିବୀ ମଧ୍ୟରେ ସମସ୍ତ ବିଭେଦ ଦୂର ହୋଇଅଛି । ଆଉ ପୃଥିବୀରୁ ଉର୍ଦ୍ଧ୍ୱଲୋକକୁ ପଳାୟନ କରିବାର କୌଣସି ଯୁକ୍ତି ନାହିଁ । ଏକ ସର୍ବସମନ୍ୱୟକାରୀ ସକ୍ରିୟ ଆଧ୍ୟାତ୍ମିକତା, ଅତିମାନସ ଶକ୍ତି ଦ୍ୱାରା ସମଗ୍ର ପୃଥିବୀକୁ ଏହା ଜୟ କରିବ ଏବଂ ଅଧ୍ୟାତ୍ମ ଓ ଜଡ଼, ସ୍ୱର୍ଗ ଓ ମର୍ତ୍ତ୍ୟ, କାଳାତୀତ ଶାଶ୍ୱତ ଓ ପ୍ରବହମାନ ସମୟ ମଧ୍ୟରେ ନିବିଡ଼ ଆଲିଙ୍ଗନରେ ଐକ୍ୟ ସ୍ଥାପନ କରିବ । ଦିବ୍ୟ ପୂର୍ଣ୍ଣତାର ମହତ୍ତ୍ୱ ଏବଂ ବିଶାଳତାକୁ ଅଭିବ୍ୟକ୍ତ କରି ମନୁଷ୍ୟ ଏକ ବୈଚିତ୍ର୍ୟଯୁକ୍ତ ଏବଂ ସୃଜନଶୀଳ ଜୀବନ ଗ୍ରହଣ କରିବ । ଏହାହିଁ ୨୯ ତାରିଖ ଫେବ୍ରୁଆରୀର ମହତ୍ତ୍ୱ, ଯେଉଁ ତାରିଖକୁ ସ୍ୱୟଂ ଶ୍ରୀମା ''ଭଗବାନଙ୍କ ଦିବସ'' ବୋଲି ଘୋଷଣା କରି ଅଛନ୍ତି । ❖

# ଚାନ୍ଦ୍ରାୟଣ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ମହାକାଶଚାରୀଗଣ (Astronauts) ଚନ୍ଦ୍ରକୁ ଯାଇ ଚନ୍ଦ୍ରର ମାଟି ଆଣିଛନ୍ତି । କିନ୍ତୁ ଚନ୍ଦ୍ରରେ ପ୍ରକୃତରେ ମାଟି ନାହିଁ, ଅଛି ଖାଲି ବାଲି, ଧୂଳିକଣା । ପୃଥିବୀର ମାଟି ହେଲା ଜଳ ଦ୍ୱାରା ପ୍ରସ୍ତୁତ, ଚନ୍ଦ୍ରରେ ଜଳ ନାହିଁ । ମାଟି ଓ କାଦୁଆ ମାଟି କେବଳ ପୃଥିବୀର ବସ୍ତୁ – ଅଠାଳିଆ ମାଟି ହାତ, ପାଦରେ ଲାଗିଲେ ତାହା (ଚୀନର) ଜୋକ ପରି ଲାଗି ରହିଥାଏ; ଚନ୍ଦ୍ରରେ ଥିବା ମାଟିର ବୈଶିଷ୍ଟ୍ୟ ହେଲା ଧୂଳି ଭଳି ଶୁଷ୍କ ଗୁଣ୍ଡ, ଦେହରେ ଲାଗିଯାଏ, ଉପରେ ବସିଯାଏ କିନ୍ତୁ ଭଲ କରି ଝାଡ଼ି ଦେଲେ ପରିଷ୍କାର ହୋଇଯାଏ; କିନ୍ତୁ କାଦୁଅ ବା ମାଟିକୁ ସେପରି ପରିଷ୍କାର କରିହୁଏ ନାହିଁ । ମହାକାଶଚାରୀମାନେ ଆହୁରି କହିଛନ୍ତି, ଚନ୍ଦ୍ରମାଟିର ଗୋଟିଏ ବିଶେଷ ଗନ୍ଧ ଅଛି – ଗୋଟିଏ ବିଶେଷ କଡ଼ା ଗନ୍ଧ ଯେପରି ଗୋଟାଏ ଅତି ପୋଡ଼ା ଗନ୍ଧ । ପୃଥିବୀ ମାଟିର ମଧ୍ୟ ଗନ୍ଧ ଅଛି, ତାକୁ ''ମାଟିଆ'' ଗନ୍ଧ ବୋଲି କହିହେବ । ସେଥିରେ ଜଳର ସ୍ୱାଦ ଯେପରି ଲାଗି ରହିଛି ।

ପୃଥିବୀ ବକ୍ଷରେ ଆର୍ଦ୍ର ମାଟି ଲାଗି କରି ରହିଯାଏ, ସହଜରେ ତାକୁ ଛଡ଼ାଇ ହୁଏ ନାହିଁ – ଏହା ହେଲା ପୃଥିବୀ ମାଟିର ଆଉ ଗୋଟିଏ ଗୁଣ ବା ଲକ୍ଷଣ । ଆମେ ଜାଣୁ ପୃଥିବୀର ଗୋଟିଏ ଆକର୍ଷଣ ଶକ୍ତି ଅଛି; ଯାହାକୁ ମାଧ୍ୟାକର୍ଷଣ ଶକ୍ତି ବୋଲି କୁହାଯାଏ, ଯାହା ସୃଷ୍ଟି କରିଥାଏ ବସ୍ତୁର ଭାର ବା ଓଜନ । ଚନ୍ଦ୍ରର ମଧ୍ୟ ଏପରି ଆକର୍ଷଣ ଅଛି କିନ୍ତୁ ତାହା ପୃଥିବୀ ତୁଳନାରେ ଅତି କମ୍, ଏକଷଷ୍ଠାଂଶ ମାତ୍ର । ଏଠାରେ ପୃଥିବୀରେ ଆମ୍ଭମାନଙ୍କର ଅଙ୍ଗ ସଞ୍ଚାଳନ କରିବାକୁ ହୁଏ ଗୋଟିଏ ବାଧାର ବିରୋଧରେ ଚାପ ଦେଇ – ପବନର ବିରୋଧରେ, ମାଧ୍ୟାକର୍ଷଣ ବିରୋଧରେ ଏଠାରେ କୌଣସି କାର୍ଯ୍ୟ କରିବା ପାଇଁ ଶରୀରରେ ଗୋଟିଏ ଜୋର୍ ଖଟାଇବାକୁ ହୁଏ – ଚନ୍ଦ୍ରରେ ସେ ଅସୁବିଧା ନାହିଁ, ସେଠାରେ ପବନ ନାହିଁ, ମାଧ୍ୟାକର୍ଷଣ ଶକ୍ତି ପ୍ରାୟ ନାହିଁ, ସେଠାରେ କୌଣସି ବଳ ପ୍ରୟୋଗ କରିବା ଦରକାର ନାହିଁ । ଥରେ ଚାଲିବାକୁ ଆରମ୍ଭ କଲେ ପାଦ ସ୍ୱତଃ ଗତି କରେ, ଗୋଡ଼ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗେଇ ଯାଏ; ସେଠାରେ ସମାନ୍ତରାଳ ବା ତିର୍ଯ୍ୟକ୍ (ବଙ୍କା ବଙ୍କା) ଚଳନ ବେଶୀ ସ୍ୱାଭାବିକ, କିନ୍ତୁ ଆଲମ୍ବ (ଅବଲମ୍ବନଯୁକ୍ତ) ଗତି ସେତେ ସହଜ ନୁହେଁ, ଗତିବିଧି ସେଠାରେ ଭାସି ଭାସି, ଉଡ଼ି ଉଡ଼ି ଯିବା ପରି ।

ଜଳକୁହିଁ ଜୀବନ ବୋଲି ଆମେ କହିଥାଉ । ସୁତରାଂ ଜଳ ଯେଉଁଠି ନାହିଁ, ସେଠାରେ ଜୀବନ ମଧ୍ୟ ନାହିଁ – ସେଠାରେ ଜୀବନ୍ତ, ସଜୀବ, ସବୁଜ କିଛି ବି ନାହିଁ । ସେଥିପାଇଁ ବୈଜ୍ଞାନିକମାନେ କହୁଛନ୍ତି, ଚନ୍ଦ୍ର ଗୋଟିଏ ଅତୀତର ଦୃଷ୍ଟାନ୍ତ, ଯେଉଁ ଅତୀତକୁ ପୃଥିବୀ ବହୁ ଦୂରରେ ଯୁଗଯୁଗାନ୍ତର ପୂର୍ବରୁ ପଛରେ ପକାଇ ଆସିଛି – ହୁଏତ କୋଟି କୋଟି ବର୍ଷ ପୂର୍ବର ଏକ ଜଗତର ଭୂତାବଶେଷ । ଆହୁରି ଅନ୍ୟାନ୍ୟ ଗ୍ରହ-ଉପଗ୍ରହ ପରି ଏହାର ଉପାଦାନ, ଆବେଷ୍ଟନ ପରୀକ୍ଷା କରି ଆମ୍ଭେ ବୁଝି ପାରିବୁ ଆଦ୍ୟରୁ ଆମେ କେଉଁଠି ଥିଲୁ, କିପରି ଅବସ୍ଥାରେ ଥିଲୁ, ବର୍ତ୍ତମାନ କେଉଁଠାରେ ପହଞ୍ଚିଛୁ ବା କ'ଣ ହୋଇଛୁ ।

ଆଜିକାଲି ବୈଜ୍ଞାନିକମାନେ କହୁଛନ୍ତି, ''ଚନ୍ଦ୍ର ସହିତ ପୃଥିବୀର ଜଡ଼-ଗଠନରେ ମଧ୍ୟ ଗୋଟାଏ ବିଶେଷ ପାର୍ଥକ୍ୟ ଥିବା କଥା; ପୃଥିବୀ ଜଡ଼ ମଣ୍ଡଳଟି ନାନା ରକମ ସ୍ତର ଦ୍ୱାରା ଗଠିତ, ବହିର୍ଭାଗଟି କଠିନ, ନାତ୍ୟୁଷ୍ଣ, କ୍ରମଶଃ ତଳକୁ ବା ଭିତରକୁ ଗଲେ ଦେଖାଯାଏ ସ୍ତର ପରେ ସ୍ତର ବିଭିନ୍ନ ପ୍ରକୃତିର କଠିନ, ତରଳ, ବାଷ୍ପୀୟ ବା ଅଗ୍ନିମୟ ଜଳବାୟୁ । ଏପରିକି କୁହାଯାଏ ପୃଥିବୀର କେନ୍ଦ୍ର ବା ଅନ୍ତଃସ୍ଥ ଅନ୍ତଃତମ କେନ୍ଦ୍ର ପ୍ରଜ୍ୱଳନ୍ତ ଅଗ୍ନିକୁଣ୍ଡ ପରି ଅଛି । ଚନ୍ଦ୍ରରେ ଏପରି ସ୍ତର ବିନ୍ୟାସ ନାହିଁ, ତାହାର ସମସ୍ତଟାହିଁ ଖଣ୍ଡିଏ ନିରାଟ କଠିନ ସତେ ଯେପରି ପଥରର ଏକ ଗୋଲାକାର ବସ୍ତୁ ! କୌଣସି ରକମ କ୍ରମ-ପରିବର୍ତ୍ତନ, କ୍ରମ-ପରିଣତିର ଚିହ୍ନ ନାହିଁ ସେଠାରେ । ଆଦ୍ୟରୁ ଯେପରି ଅବସ୍ଥାରେ ଥିଲା ସେହିପରି ରହିଛି କୋଟି କୋଟି ବର୍ଷ ଧରି ଅଚଞ୍ଚଳ ସ୍ଥାଣୁବତ୍, ବିବର୍ତ୍ତନର ସ୍ରୋତ ସେଠାରେ ପ୍ରବହମାନ ନୁହେଁ । ସେଥିପାଇଁ ଗୋଟିଏ ବୈଜ୍ଞାନିକ ଧାରଣା ଥିଲା ଯେ ଚନ୍ଦ୍ର ହେଲା ପୃଥିବୀଠାରୁ ବିଚ୍ୟୁତ ଗୋଟିଏ ଅଂଶ (କୁହାଯାଏ ଏହା ପ୍ରଶାନ୍ତ ମହାସାଗରର ପ୍ରସାରିତ ଅଂଶ), ବର୍ତ୍ତମାନ ତାହା ପ୍ରାମାଣ୍ୟ ବୋଲି ଗ୍ରହଣ କରାହୁଏ ନାହିଁ ।

ବର୍ତ୍ତମାନ କୁହାଯାଉଛି ଯେ ଅନ୍ୟାନ୍ୟ ଗ୍ରହମାନଙ୍କ ପରି ଏହା ମଧ୍ୟ ବହିରାଗତ ଗୋଟିଏ ଜଡ଼ମଣ୍ଡଳ ।

ତେବେ ଚନ୍ଦ୍ରରେ ବା ଅନୁରୂପ ଅନ୍ୟାନ୍ୟ ଜଡ଼ ମଣ୍ଡଳରେ କୌଣସି ଜୀବ ବା ଜୀବନ୍ତ ସତ୍ତା ନାହିଁ ବୋଲି ଅନ୍ୟ କୌଣସି ସତ୍ତା ଯେ ନାହିଁ ଏପରି ସିଦ୍ଧାନ୍ତ କରିବା ହୁଏତ ଠିକ୍ ନୁହେଁ, ଭିନ୍ନ ଆବେଷ୍ଟନୀ ଓ ଭିନ୍ନ ବ୍ୟବସ୍ଥା ମଧ୍ୟରେ ଅନ୍ୟ ରକମ ସତ୍ତା ରହି ପାରିଥିବା ଖୁବ୍ ସମ୍ଭବ । ପାଶ୍ଚାତ୍ୟର ପୁରାଣ କାହାଣୀରେ ସାଲାମାଣ୍ଡାର ନାମରେ ଏକ ଜାତୀୟ ଜୀବ କଥା କୁହାଯାଇଛି, ସେଗୁଡ଼ିକ ହେଲା ଅଗ୍ନିର ଜୀବ, ସେମାନଙ୍କର ବସବାସ ଜୀବନ ଧାରଣ ଜ୍ୱଳନ୍ତ ଅଗ୍ନି ମଧ୍ୟରେ । ତେବେ ସେସବୁ ସତ୍ତାର ଗଢ଼ଣ, ତାହାର ଉପାଦାନ ନିଶ୍ଚୟ ଭିନ୍ନ ରକମ । ସ୍ଥୂଳ ମାଟି ସତ୍ତାର ଯେପରି ଜଡ଼ ଦେହ ଅଛି, ତାହାର ଗଢ଼ଣ ଯେପରି କଠିନ ଜମାଟ, ଅନ୍ୟ ଲୋକରେ ସତ୍ତାମାନଙ୍କର ଦେହ ସେପରି ନୁହେଁ । ଖୁବ୍ ବେଶୀରେ ସେଗୁଡ଼ିକ ସୂକ୍ଷ୍ମ ଜଡ଼ ଉପାଦାନରେ ତିଆରି : ଏହି ସୂକ୍ଷ୍ମର ପରିମାଣ ଓ ପ୍ରକାର ବିଭିନ୍ନ ରକମର, ବିଭିନ୍ନ ସ୍ତର ଏବଂ ଲୋକ ଅନୁସାରେ । ଚନ୍ଦ୍ରରେ ବସବାସ କରିବାକୁ ହେଲେ କି ଆକାର ଓ ଗଢ଼ଣ ମନୁଷ୍ୟ ପକ୍ଷରେ ଆବଶ୍ୟକ ତା'ର ଗୋଟାଏ ନମୁନା ଦେଖିବୁ ସେଠାକୁ ଯାଇଥିବା ଆକାଶଚାରୀମାନଙ୍କ ବେଶଭୂଷାରୁ । ଅବଶ୍ୟ ଚନ୍ଦ୍ରର ଅଧିବାସୀମାନଙ୍କର ଯେ ସେଇ ରକମ କିଛି ହେବା ଦରକାର ତା' ନୁହେଁ, ସେମାନଙ୍କର ନିଶ୍ଚୟ ତାଙ୍କର ନିଜସ୍ୱ ଗଢ଼ଣ, ନିଜସ୍ୱ ପ୍ରକରଣ ରହିବ । ତେବେ ଜଡ଼ ଜଗତର ଅନ୍ତର୍ଭୁକ୍ତ ବୋଲି ସେମାନଙ୍କର ଆକାର ପ୍ରକାରରେ ଜଡ଼ ଧର୍ମର ଲକ୍ଷଣ ବା ଚିହ୍ନ କିଛି ନିଶ୍ଚୟ ରହିବ । ଆମ୍ଭେମାନେ ପରୀମାନଙ୍କ କଥା ଜାଣିଛୁ, ସେମାନଙ୍କ ସହିତ ଅନେକ ସୂକ୍ଷ୍ମଦର୍ଶୀମାନଙ୍କର ସାକ୍ଷାତ୍ ହୋଇଛି, ସେମାନେ ଅନେକାଂଶରେ କ୍ଷୁଦ୍ରାକାର ମନୁଷ୍ୟରହିଁ ପ୍ରତିରୂପ । ଶ୍ରୀଅରବିନ୍ଦ କହିଛନ୍ତି, "The other Earths" (ଅନ୍ୟ ପୃଥିବୀ ସକଳ), ତାହାର ଅର୍ଥ ଏହି ଦୃଶ୍ୟମାନ ଜଡ଼ ପୃଥିବୀ ବ୍ୟତୀତ ଏହାର ଅନୁରୂପ ଅନେକ ସୂକ୍ଷ୍ମତର ପୃଥିବୀ ଅଛି । ବିଭିନ୍ନ ସ୍ଥୂଳ ଲୋକରେ ଗ୍ରହ-ଉପଗ୍ରହର ବାସିନ୍ଦାମାନେ ବିଭିନ୍ନ ରକମର ସୂକ୍ଷ୍ମ-ଉପାଦାନରେ ଗଠିତ ହେବା ସମ୍ଭବ । ଧ୍ୱନିର-ସ୍ପନ୍ଦନରେ ଯେପରି ବିଭିନ୍ନ ଏବଂ ନାନା ପ୍ରକାର ସ୍ୱର ଉଠିପାରେ, ଆଲୋକ ତରଙ୍ଗ ଯେପରି ନାନା ରକମର, ପ୍ରତ୍ୟେକ ତରଙ୍ଗ ତିଆରି କରେ ବିଭିନ୍ନ ରଙ୍ଗ, ସେଇପରି ବିଭିନ୍ନ ଲୋକରେ ଅଧିବାସୀମାନେ ବିଭିନ୍ନ ଗୁଣ-ତରଙ୍ଗର ସମଷ୍ଟି, ଆକାର-ପ୍ରକାରରେ ବିବିଧ, ଧର୍ମ-କର୍ମରେ ମଧ୍ୟ ଭିନ୍ନ ଭିନ୍ନ ।

ତେବେ ଏହି ପୃଥିବୀ ଗୋଟିଏ ଅଦ୍ଭୁତ ବସ୍ତୁ, ଆଉ ପୃଥିବୀର ମନୁଷ୍ୟ ଆହୁରି ଅଦ୍ଭୁତ । କାରଣ ପୃଥିବୀ ସମସ୍ତ ସୃଷ୍ଟିର ପ୍ରତୀକ; ପୃଥିବୀ ମଧ୍ୟରେ ରହିଛି ସୃଷ୍ଟିର ସବୁ ସ୍ତରର, ସବୁ ଅଙ୍ଗର, ସବୁ ଗୁଣର ପ୍ରତିରୂପ ଓ ପ୍ରତିଛାୟା । ମହାଭାରତ ପରି ଯାହା ଅଛି ସୃଷ୍ଟିରେ, ତାହା ଅଛି ପୃଥିବୀରେ । ଆଉ ଯାହା ପୃଥିବୀରେ ନାହିଁ ତାହା ଆଉ କେଉଁଠି ହେଲେ ନାହିଁ । ମଣିଷ ସମ୍ବନ୍ଧରେ ମଧ୍ୟ ସେଇ ଏକା କଥା, ମଣିଷ ସର୍ବଗୁଣସମ୍ପନ୍ନ, ସର୍ବସତ୍ତାମୟ (ସବୁ ସତ୍ତା ଯେ ଧାରଣ କରିଛି), ବିଶ୍ୱର ପ୍ରତୀକ ପୁରୁଷ ସିଏ । ଅନ୍ୟାନ୍ୟ ଲୋକ, ଅନ୍ୟାନ୍ୟ ସତ୍ତା ନିଜ ଭିତରେ ନିଜେ ସଂପୂର୍ଣ୍ଣ । ପ୍ରତ୍ୟେକର ଗୋଟିଏ ପୂର୍ଣ୍ଣ ବ୍ୟଷ୍ଟିତ୍ୱ, ତା' ଭିତରେ ଅନ୍ୟ ବ୍ୟଷ୍ଟିର ସ୍ଥାନ ନାହିଁ । ପ୍ରତ୍ୟେକେ କୌଣସି ଗୋଟିଏ ବିଶେଷ ଗୁଣର ଆଧାର, ଚନ୍ଦ୍ରଲୋକ, ସୂର୍ଯ୍ୟଲୋକ, ନକ୍ଷତ୍ରଲୋକ ସବୁ ନିଜ ନିଜର ବିଶେଷ ରୂପ, ବିଶେଷ ଗୁଣ ଧରି ନିଜେ ନିଜ ଢଙ୍ଗରେ ଚଳୁଛନ୍ତି, ମଣିଷ ଓ ପୃଥିବୀ ଏଇ ଭଳି ଗୋଟିଏ ଗୋଟିଏ ଏକକ ନୁହନ୍ତି; ସେମାନେ ହେଲେ ସର୍ବମୟ । ସେଥିପାଇଁ କୁହାଯାଏ ସମସ୍ତ ସୃଷ୍ଟି ରହିଛି ମଣିଷ ମଧ୍ୟରେ; ମଣିଷର ଲୀଳାକ୍ଷେତ୍ର, ଧର୍ମକ୍ଷେତ୍ର ଯାହା ପୃଥିବୀର ସ୍ୱରୂପ ମଧ୍ୟ ସେଇଆ । ଜଡ଼ ଆଧାରରେ ପୃଥିବୀର ଯେପରି ସ୍ତରବିନ୍ୟାସ, ମନୁଷ୍ୟ ମଧ୍ୟରେ ମଧ୍ୟ ସେହିପରି ସ୍ତରବିନ୍ୟାସ ରହିଛି । ଅନ୍ତରର ଅନ୍ତଃସ୍ଥଳରେ ତାହାର ମଧ୍ୟ ଗୋଟିଏ ଅଗ୍ନିକୁଣ୍ଡ ରହିଛି, ତାହାହେଲା ହୃଦ୍‌କୁଣ୍ଡ ।

ମଣିଷ ଆଧାରରେ ଯେତେବେଳେ ବିଶ୍ୱ ପ୍ରକୃତି ସମ୍ପୁଟିତ (ଧରି ରଖିଛି) ଓ ସଂହତ ହୋଇ ରହିଛି ସେତେବେଳେ ମଣିଷ ତା'ର ଏହି ଅନ୍ତର୍ନିହିତ ବିଶ୍ୱର ପ୍ରତିରୂପକୁ ଆଶ୍ରୟ କରିହିଁ ବାସ୍ତବ ବିଶ୍ୱର ସମ୍ବାଦ ବା ଜ୍ଞାନ ଲାଭ କରିପାରେ । ଏପରି ମଧ୍ୟ ହୋଇପାରେ ମାନବ ଆଧାରର ବିଶେଷ ବିଶେଷ କଣା ବା କୋଷ ବା ଅଙ୍ଗ ବିଶ୍ୱର ଲୋକବିଶେଷର ବା ମଣ୍ଡଳବିଶେଷର ପ୍ରତିନିଧି । ଅନେକ ଯୋଗୀମାନଙ୍କ ସମ୍ବନ୍ଧରେ କୁହାଯାଏ ଯେ ସେମାନେ ସେମାନଙ୍କ ଶରୀରରୁ ବାହାରି ଯାଇ (ଉତ୍‌କ୍ରାନ୍ତ ହୋଇ) ଲୋକ-ଲୋକାନ୍ତରକୁ ଚାଲି ଯାଆନ୍ତି ଏବଂ ସେସବୁ ସଂପର୍କରେ ଜ୍ଞାନ-ବିଜ୍ଞାନ ଗ୍ରହଣ କରନ୍ତି, ରାଜ-ଯୋଗରେ ଏଇ ରକମ ଗୋଟିଏ ସିଦ୍ଧିର ନାମ ଦିଆଯାଇଛି

ସଂଯମ । ଏହି ଉତ୍କ୍ରାନ୍ତି ସମ୍ଭବ, କାରଣ ଉତ୍କ୍ରାନ୍ତ ହୋଇ ମଣିଷ ଯେଉଁଠାରେ ପହଞ୍ଚିବ ସେହି ଗନ୍ତବ୍ୟ ସ୍ଥାନହିଁ ବିନ୍ଦୁ ରୂପରେ ଏହି ପାର୍ଥିବ ଆଧାର ମଧ୍ୟରେ ତା'ର ରହିଛି, ଏହି ବିନ୍ଦୁକୁ ଆଶ୍ରୟ କରି ସୂତ୍ରକୁ ଧରି ଧରି ଜଣେ ଯେପରି ଯାଇପାରିବ ।

ସୁତରାଂ ଯୋଗୀ ତା'ର ଚେତନାକୁ ଆଶ୍ରୟ କରି ବିଶ୍ୱ ସହିତ, ବିଶ୍ୱର ଯାବତୀୟ ବସ୍ତୁ ସହିତ ଏକୀଭୂତ ହୋଇ ପାରନ୍ତି ଏବଂ ସେହି ଏକତ୍ୱ ଫଳରେ ସେମାନଙ୍କ ସମ୍ବନ୍ଧରେ ଜ୍ଞାନ ଆହରଣ କରି ପାରନ୍ତି । ତେବେ ଏଇ ଚେତନା ନାନା ସ୍ତରର ହୋଇପାରେ, ମାନସ ଚେତନା ବା ମାନସୋତ୍ତର ଚେତନା ଆପଣାକୁ ବିଶ୍ୱଭୂତ କରି ଧରିପାରେ । ସେ ଚେତନାରେ ବିଶ୍ୱର ଏବଂ ବସ୍ତୁର ଏକ ପ୍ରକାର ଚିତ୍ର ପ୍ରତିଫଳିତ ହୁଏ, ସେହିପରି ପ୍ରାଣମୟ ଚେତନାର ଆଶ୍ରୟରେ ବିଶ୍ୱପ୍ରାଣ ମଧ୍ୟରେ ନିଜକୁ ବିଚ୍ଛୁରିତ କରି ଦିଆଯାଇପାରେ ଏବଂ ବିଶ୍ୱ ପ୍ରାଣର ରହସ୍ୟ ଅବଧାରଣ କରା ଯାଇପାରେ । ନିମ୍ନତର ପ୍ରାଣରେ ଏବଂ ସୂକ୍ଷ୍ମଜଡ଼ରେ ସଂହତ ଚେତନାର ସାହାଯ୍ୟରେ ଜଗତର ଆଉ ଏକ ବିଚିତ୍ରଜ୍ଞାନ ଅର୍ଜନ କରାଯାଇପାରେ । ଯୋଗୀର ସଶରୀରରେ ଚନ୍ଦ୍ରକୁ ଯିବା ପ୍ରୟୋଜନ ହୁଏ ନାହିଁ, ସେ ନିଜର ଅନ୍ତରସ୍ଥ ଯେକୌଣସି ଚେତନାର ସ୍ତରରେ ବିନ୍ଦୁବିଶେଷକୁ ଆଶ୍ରୟ କରି ଚନ୍ଦ୍ରଲୋକରେ ପହଞ୍ଚି ପାରନ୍ତି; କିନ୍ତୁ ଚନ୍ଦ୍ରର ଯେଉଁ ରୂପ ସେ ଦେଖିବେ ତାହା ତାଙ୍କର ସେଇ ବିଶିଷ୍ଟ ଚେତନାର ବିଧିବିଧାନ ଅନୁସାରେ । ଏହିପରି ଭାବରେ ସେମାନେ (ଯୋଗୀମାନେ) ଚନ୍ଦ୍ରର ନାନାରକମ ସୂକ୍ଷ୍ମ ମୂର୍ତ୍ତିସବୁ ଆଙ୍କି ଦେଇଛନ୍ତି, ତେବେ ଏହି ସୂକ୍ଷ୍ମଦୃଷ୍ଟି ସାହାଯ୍ୟରେ ବା ସୂକ୍ଷ୍ମ ଜଡ଼ ଦୃଷ୍ଟି ସାହାଯ୍ୟରେ ମଧ୍ୟ ସ୍ଥୂଳ ଜଡ଼-ବାସ୍ତବ ସମ୍ବନ୍ଧରେ କେତେଟା ଜ୍ଞାନ ଅର୍ଜନ କରାଯାଇପାରେ ତା' ବିବେଚ୍ୟ । ହୁଏତ ଅନେକଟା ଜଣାଯାଇ ପାରେ ।

ଦଳେ ବୈଜ୍ଞାନିକ ମଧ୍ୟ ଆଜିକାଲି କହୁଛନ୍ତି ଯେ ଚନ୍ଦ୍ରର ଖବର ଜାଣିବା ପାଇଁ ଚନ୍ଦ୍ରକୁ ସଶରୀରରେ ଯିବାର କୌଣସି ପ୍ରୟୋଜନ ନାହିଁ । ବର୍ତ୍ତମାନ ଯାନ୍ତ୍ରିକ କୌଶଳ ମଧ୍ୟ ଏପରି ପରିଣତ ଯେ ପୃଥିବୀର ପରୀକ୍ଷାଗାରରେ ବସି ବିଶ୍ୱର ଯାବତୀୟ ଜ୍ଞାନ ଅର୍ଜନ କରାଯାଇ ପାରିବ । ଘରେ ବସି ଦୂରଦୂରାନ୍ତରକୁ ଯନ୍ତ୍ର ପଠାଯାଇ ପାରିବ, ଯାନ୍ତ୍ରିକ ଖବର ସଂଗ୍ରହ କରାଯାଇ ପାରିବ ଏବଂ ତାହାର ସତ୍ୟତା ମଧ୍ୟ ପ୍ରମାଣ କରାଯାଇ ପାରିବ । ଗ୍ରହ ଗ୍ରହାନ୍ତରକୁ ମଣିଷ ପଠାଇବାର ପ୍ରୟୋଜନ ନାହିଁ, ଏଥିରେ କେବଳ ଅର୍ଥ ନଷ୍ଟ, ନିରର୍ଥକ ପ୍ରାଣହାନି ଏବଂ ଅଯଥା ପରିଶ୍ରମ ।

ସେ ଯାହାହେଉ – ଏଇ ଯେ ସଶରୀରରେ ଗ୍ରହାନ୍ତର ପର୍ଯ୍ୟଟନ ଏହାର ସାର୍ଥକତା କ'ଣ, ଉଦ୍ଦେଶ୍ୟ କ'ଣ, ଅସଲ ଅର୍ଥ କ'ଣ ଏ ବିଷୟରେ ବ୍ୟୋମଚାରୀମାନେ ନିଜେ ମଧ୍ୟ ଜିଜ୍ଞାସା କରିଛନ୍ତି – ସେମାନେ ମଧ୍ୟ କହୁଛନ୍ତି ଏକ ଗଭୀର ଆସ୍ତିକ-ବୁଦ୍ଧି-ପ୍ରଣୋଦିତ ହୋଇ ସତେ ଅବା ଅନ୍ତରାତ୍ମାର ଗୋଟିଏ ପ୍ରେରଣା ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଏହା ହେଲା ମାନବ ଶକ୍ତିର ଜୟଯାତ୍ରା । ମଣିଷ ପାର୍ଥିବ-ପରିଧି ମଧ୍ୟରେ ଆଉ ଆବଦ୍ଧ ହୋଇ ରହିବାକୁ ଚାହୁଁ ନାହିଁ, ମଣିଷର ପ୍ରସାରିତ ସାମର୍ଥ୍ୟ ପାଖରେ ପୃଥିବୀ ଛୋଟ ହୋଇ ଯାଇଛି, ବର୍ତ୍ତମାନ ସେ ଚାହୁଁଛି ତା'ର ପରିକ୍ରମା ପାଇଁ ବୃହତ୍ତର ଅବକାଶ, ଅସୀମର ପ୍ରସାର ।

ଅନ୍ତରସ୍ଥ ଆନ୍ତର ଚେତନାର ଆକାଶରେ ସ୍ଥିତି ଓ ବିଚରଣ ଆବଶ୍ୟକ, ଅନ୍ତଶ୍ଚେତନା ସାହାଯ୍ୟରେ ବିଶ୍ୱବସ୍ତୁ ସହିତ ଏକାତ୍ମ ହୋଇ ହୁଏ ଏବଂ ତା'ର ପ୍ରୟୋଗ ଦ୍ୱାରା ବିଶ୍ୱଶକ୍ତିର ସହକର୍ମୀ ହୋଇ ହୁଏ, ମାନବ ପ୍ରତିଭାର ବିକାଶରେ ଏହା ହେଲା ଗୋଟିଏ ଦିଗ, ଯାହା ପ୍ରଥମେ ଆବଶ୍ୟକ । କିନ୍ତୁ ଏକାନ୍ତ ବାହ୍ୟ ସ୍ଥୂଳ ଜଡ଼କ୍ଷେତ୍ରରେ ମଧ୍ୟ ଅନୁରୂପ ଗୋଟିଏ ଐଶ୍ୱର୍ଯ୍ୟ ମଣିଷର ନୂତନ ଅଭିବ୍ୟକ୍ତିର ଅନ୍ତର୍ଭୁକ୍ତ – ଶରୀରରେ ଆସିବ ନୂଆ ସାମର୍ଥ୍ୟ, ନୂଆ ଧର୍ମ, ନୂଆ ଗଠନ, ନବ ଚେତନାର ପ୍ରକାଶ ଓ ଅନୁଷଙ୍ଗୀ ହୋଇ । ମହାକାଶଚାରୀମାନଙ୍କ କଲ୍ୟାଣରୁ ସେ ଦିଗରୁ କିଛି ଅନ୍ୱେଷଣ ଓ ଆହରଣ ଅବଶ୍ୟ ହୋଇଛି । ଭାରତର ଯୋଗଜ-ଉପଲବ୍ଧିରେ ଶରୀରରେ ଯେଉଁସବୁ ସିଦ୍ଧିର ଉଲ୍ଲେଖ ଅଛି ଅଷ୍ଟସିଦ୍ଧି ସେମାନଙ୍କର ଛାୟା ଓ ନିଦର୍ଶନ । ଭବିଷ୍ୟତରେ ମାନବ ଶରୀର ଆହୁରି ଅନେକ କିଛି ଅଲୌକିକ ଧର୍ମ ପ୍ରକାଶ କରିବ ଯାହା କଳ୍ପନାରେ ମଧ୍ୟ ଆସି ପାରୁନି । ଇତି ମଧ୍ୟରେ ଏ ଦିଗରେ ବିଜ୍ଞାନର ପ୍ରଚେଷ୍ଟା ବହୁତ ଅଦ୍ଭୁତ ବୋଲି ମନେ ହୁଏ; କିନ୍ତୁ ଭବିଷ୍ୟତରେ ଯାହାହେବ ତା'ର ତୁଳନାରେ ଏସବୁ ଶିଶୁର ପ୍ରଥମ ଅଙ୍ଗ ସଞ୍ଚାଳନର ପ୍ରଚେଷ୍ଟା ମାତ୍ର । ତଥାପି ପୁରାତନର ଗଣ୍ଡି – ପାର୍ଥିବ ମାଧ୍ୟାକର୍ଷଣର ମୋହ ମହାକାଶଚାରୀମାନଙ୍କର ପ୍ରୟାସରେ ଅନେକଟା କଟିଯାଇଛି । ମଣିଷର ଅଙ୍ଗ ଚେତନାରେ ଆସି ଯାଇଛି ଗୋଟିଏ ବିଶାଳତର ଛନ୍ଦ, ଯାହାକି ଅନନ୍ତରହିଁ ଛାପ ।

ବ୍ୟୋମଚାରୀମାନେ ସ୍ୱମୁଖରେ ଏଇ ଧରଣର କଥା କହିବାକୁ ଆରମ୍ଭ କରିଛନ୍ତି ।

ସେ ଯାହାହେଉ ବାହ୍ୟତଃ ଆମେ ଆକାଶରେ ଯେତେ ଉଡ଼ିପାରୁ ନା କାହିଁକି, ଆମେମାନେ ଯେତେ ଦୂରଦୂରାନ୍ତର ସହିତ ଶରୀର ସଂଯୋଗ ସ୍ଥାପନ କରି ଥାଉ ନା କାହିଁକି ତଥାପି ପୃଥିବୀହିଁ ହେଲା ଆମର କେନ୍ଦ୍ର, ଆମର କର୍ମକ୍ଷେତ୍ର, ସିଦ୍ଧିର ଆସନ । ଭାଗବତ ଐଶ୍ୱର୍ଯ୍ୟକୁ ମାଟିରହିଁ ରୂପଦେଇ ଗଢ଼ିବାକୁ ହେବ । ମୁଁ ଆଗରୁ କହିଛି ପୃଥିବୀର ବୈଶିଷ୍ଟ୍ୟ ହେଲା କାଦୁଆମାଟି, ପଙ୍କ, ଆଉ ପଙ୍କରୁହିଁ ଜନ୍ମ ନେଇପାରେ ପଙ୍କଜ, ଆଉ କେଉଁଠାରୁ ନୁହେଁ – ପୃଥିବୀରେହିଁ ଫୁଟିଉଠେ ପଙ୍କଜିନୀ ।

('ତିନି କାହିନୀ' ପୁସ୍ତକର 'ବୈଜ୍ଞାନିକୀ'ରୁ)

ଅନୁବାଦ : ମାୟାଦେବୀ ✤

## ମୁଁ ଏବଂ ମୋର ସ୍ୱଧର୍ମ
## ଭଗବାନଙ୍କର ଯଥାର୍ଥ ସେବକର ଘୋଷଣା

ମୁଁ କୌଣସି ରାଷ୍ଟ୍ର, କୌଣସି ସଭ୍ୟତା, କୌଣସି ସମାଜ, କୌଣସି ଜାତିର ନୁହେଁ, ମୁଁ କେବଳ ଭଗବାନଙ୍କର ।

ମୁଁ କୌଣସି ପ୍ରଭୁ, କୌଣସି ଶାସକ, କୌଣସି ଆଇନ, କୌଣସି ସାମାଜିକ ପ୍ରଥାର ବଶ୍ୟତା ସ୍ୱୀକାର କରେ ନାହିଁ; କରେ ଏକମାତ୍ର ଭଗବାନଙ୍କର ।

ତାଙ୍କଠାରେ ମୁଁ ସମର୍ପଣ କରିସାରିଛି ସବୁ – ସଂକଳ୍ପ, ଜୀବନ ଏବଂ ସତ୍ତା; ଯଦି ସେପରି ତାଙ୍କର ଇଚ୍ଛା ହୁଏ ତାଙ୍କ ପାଇଁ ମୁଁ ସମ୍ପୂର୍ଣ୍ଣ ଆନନ୍ଦ ସହକାରେ ମୋର ସମସ୍ତ ରକ୍ତ ବିନ୍ଦୁ ପରେ ବିନ୍ଦୁ ଦେଇ ଦେବାକୁ ପ୍ରସ୍ତୁତ; ଆଉ ତାଙ୍କ ସେବା ଲାଗି କିଛି ବି ତ୍ୟାଗରୂପେ ଗଣ୍ୟ ହୋଇ ନପାରେ, କାରଣ ସବୁ ହୋଇଯାଏ ଅବିମିଶ୍ର ଆନନ୍ଦ ।

(CWM, Vol. 13, p. 38)

*

ମୋ ଦୃଷ୍ଟିରେ ମଣିଷ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ରହିଛି ମିଶ୍ରଣ, କୌଣସି କିଛି ପୂରାପୂରି ଭଲ ନୁହେଁ କି କୌଣସି କିଛି ପୂରାପୂରି ଖରାପ ନୁହେଁ । ଏହି ମତ ବା ସେହି ମତ ପ୍ରତି, ଏହି ଲକ୍ଷ୍ୟ ବା ସେହି ଲକ୍ଷ୍ୟ ପ୍ରତି ମୁଁ ମୋର ସମ୍ପୂର୍ଣ୍ଣ ଓ ଏକୈକ ସମର୍ଥନ ଦେଇ ପାରିବି ନାହିଁ । କାର୍ଯ୍ୟକ୍ଷେତ୍ରରେ ମୋ ପାଖରେ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ହେଉଛି ଶ୍ରୀଅରବିନ୍ଦଙ୍କ କର୍ମ; ଯାହାସବୁ ସେହି କର୍ମକୁ ସାହାଯ୍ୟ କରେ, ମୋର ସଚେତ ସମର୍ଥନ ତା'ପ୍ରତି ସ୍ୱତଃ ରହିଥାଏ ଏବଂ ରହିଥାଏ, ସେହି କର୍ମକୁ ତାହା ଯେତିକି ସାହାଯ୍ୟ କରୁଥାଏ, ତା'ରି ଅନୁପାତରେ । ସେ କର୍ମ ଯେପରି ହେବା ଦରକାର, ସେହି ଭାବେ ତାହା କରାଇବାକୁ ହେଲେ ମୋର ସମସ୍ତ ସହଯୋଗ ଓ ସମସ୍ତ ସାହାଯ୍ୟ ଲୋଡ଼ା । ମୁଁ କେବଳ ଏହାକୁ ବା କେବଳ ତାହାକୁ ନେଇ ଅନ୍ୟସବୁକୁ ପରିହାର କରିପାରିବି ନାହିଁ । ମୁଁ ଏ ଦଳର ବା ସେ ଦଳର ହୋଇ ପାରିବି ନାହିଁ । ମୁଁ ଏକମାତ୍ର ଭଗବାନଙ୍କର ଏବଂ ଶ୍ରେଣୀ ଓ ଦଳ ନିର୍ବିଶେଷରେ ପୃଥିବୀପୃଷ୍ଠରେ ମୋର କାର୍ଯ୍ୟ ସର୍ବଦା ହେବ ଭଗବାନଙ୍କର ବିଜୟ ଲାଗି ।

(CWM, Vol. 13, p. 51) — ଶ୍ରୀମା

# ଏକ ସୀମାହୀନ ଚେତନା ଓ ତା'ର ସଙ୍କେତ

## ଶ୍ରୀ ମନୋଜ ଦାସ

*ପ୍ରଶ୍ନ : ଫେବୃଆରୀ ୨୧ ହେଲା ଶ୍ରୀମାଙ୍କ ଜନ୍ମଦିବସ । ପୃଥିବୀବ୍ୟାପୀ ଅସୁମାରି ନରନାରୀ ତାଙ୍କୁ ଦିବ୍ୟଜନନୀ ଭାବରେ ଦେଖନ୍ତି । ଆପଣଙ୍କ ଅନୁଭୂତି କ'ଣ ?*

**ଉତ୍ତର** : ମୋର ଅନୁଭୂତି କ'ଣ ଆପଣ ଏ ପ୍ରଶ୍ନଟି ପଚାରିବା ମାତ୍ରେ ପ୍ରଥମେ ଯେଉଁ ସ୍ମୃତି ଜାଗରିତ ହେଉଛି, ତାହା ଜୀବନରେ ପ୍ରଥମ ଦର୍ଶନର ବିସ୍ମୟ । ୧୯୬୩ ମସିହା ଫେବୃଆରୀ ୨୧ ତାରିଖର କଥା । ପ୍ରାୟ ସୂର୍ଯ୍ୟାସ୍ତ ବେଳେ ଶ୍ରୀମା ଆଶ୍ରମର ତ୍ରିତଳ ଟେରାସ୍‌ରେ ଦେଖାଦେଲେ । ମୁଁ ପୂର୍ବରୁ ମନରେ କୌଣସି କଳ୍ପନା-ଜଳ୍ପନା ନେଇ ତଳେ ଠିଆ ହୋଇ ନ ଥିଲି । ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନର ଅଭିନବତ୍ୱ ମୋତେ ଚମତ୍କୃତ କରିଥିଲା । ସେ କିନ୍ତୁ ସ୍ଥୂଳ ଶରୀରରେ ନ ଥିଲେ । ଚେତନା ଜଗତରେ ତାଙ୍କର ସେହି ଦୁଃସାହସିକ ଅଭିଯାତ୍ରାରେ ଯିଏ ଥିଲେ ଏକମାତ୍ର ସହଯାତ୍ରୀ, ତାଙ୍କୁ ଅନ୍ୟ ସହସ୍ର ମଣିଷଙ୍କ ସହ ଦୂରରୁ ନୀରବରେ ଶ୍ରଦ୍ଧାଞ୍ଜଳି ଦେବାହିଁ ଥିଲା ମୋର ଉଦ୍ଦେଶ୍ୟ ।

ଶ୍ରୀମାଙ୍କୁ ଦେଖିଲି । ସରଳ ଭାଷାରେ କହିଲେ, ପ୍ରଥମ କେତେ ସେକେଣ୍ଡ ମୁଁ ମୋ ନିଜ ଆଖିକୁ ବିଶ୍ୱାସ କରି ପାରିଲି ନାହିଁ । ଗୋଟିଏ ମାନବିକ ମୁଖମଣ୍ଡଳରେ ଏତେ ସୌନ୍ଦର୍ଯ୍ୟର ବିକାଶ ସମ୍ଭବ ହୋଇପାରେ ? ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମହିମା, ଚନ୍ଦ୍ରମାର ସ୍ନିଗ୍ଧତା, ଦୂର ଦିଗନ୍ତର ଉଦାସ ନିର୍ଜନତା, ମହାକାଶର ବ୍ୟାପ୍ତି,— ସେ ସୌନ୍ଦର୍ଯ୍ୟରେ ଥିଲା ଏ ସମସ୍ତ ବିଭବର ସମାବେଶ । କବିତା ଲେଖୁ ନାହିଁ; ନିଜ ଦୃଷ୍ଟିରେ ପାଇଥିବା ଐଶ୍ୱର୍ଯ୍ୟକୁ ଭାଷାରେ ଅଭିବ୍ୟକ୍ତ କରୁଛି ମାତ୍ର ।

ଥରେ ନିଖିଳ ଭାରତ ସମ୍ବାଦପତ୍ର ସମ୍ପାଦକ ସଂଘର ସଭାପତି, ଅଧୁନା ବିଲୁପ୍ତ ''ଦି ମେଲ୍'' ଦୈନିକର ସମ୍ପାଦକ ଭି. ପି. ଭି. ମେନନ୍ ଶ୍ରୀଅରବିନ୍ଦଙ୍କୁ ତାଙ୍କର ପ୍ରଥମେ ଦେଖିବାର ଅଭିଜ୍ଞତା କଥା ମୋତେ କହୁଥିଲେ । ସେ 'କ୍ୟୁ'ରେ ଠିଆ ହୋଇ ଧୀରେ ଧୀରେ ଅଗ୍ରସର ହେଉଥିଲେ । କେତେବେଳେ 'କ୍ୟୁ' ମୋଡ଼ ନେଲାଣି, ସେ ଅନ୍ୟମନସ୍କ ଥାଇ ବୁଝି ନ ଥିଲେ । ହଠାତ୍ ସମ୍ମୁଖରେ ପ୍ରତିଭାତ ହେଲା ବିସ୍ମୟକର କିଛି । ତାହା କ'ଣ ? ମନେ ହେଲା ସେ ନିଜ ଅଜାଣତରେ ତୁଷାର ଧବଳ କୈଳାସ ପର୍ବତ ସାମନାରେ ପହଞ୍ଚି ଯାଇଛନ୍ତି । ପର ମୁହୂର୍ତ୍ତରେ ସେ ହୃଦୟଙ୍ଗମ କଲେ ତାଙ୍କ ମନରେ ସେ ବିସ୍ମୟକର ଅନୁଭୂତି ଜଗାଇଥିବା ଦୃଶ୍ୟ ହିମାଳୟ ନୁହେଁ, ଶ୍ରୀଅରବିନ୍ଦ । ବିପୁଳ ତନୁବନ୍ତ ମେନନ୍ ମହାଶୟ ଚେତା ହରାଇ ତାଙ୍କ ଆଗରେ ଥିବା ଜଣଙ୍କ ପିଠିରେ ଲଦି ହୋଇଗଲେ । ଅବଶ୍ୟ ମୁହୂର୍ତ୍ତକ ପାଇଁ । ତା'ପରେ ସେ ପ୍ରକୃତିସ୍ଥ ହେଲେ ।

ଶ୍ରୀମାଙ୍କର ସେ ପ୍ରଥମ ଦର୍ଶନରେ ମୁଁ ଅବଶ୍ୟ ଚେତା ହରାଇଲି ନାହିଁ; କିନ୍ତୁ ଚେତନାରେ ଯେଉଁ ସ୍ପନ୍ଦନ, ଯେଉଁ ପ୍ରସାରଣ ଅନୁଭବ କରିଥିଲି, ତାହା ଅପ୍ରତ୍ୟାଶିତ, ଅଭାବନୀୟ — ଏବଂ ପରେ ଅଧ୍ୟାତ୍ମ ମନସ୍ତତ୍ତ୍ୱ ଅଧ୍ୟୟନ ଅବସରରେ ବୁଝିଥିଲି — ସେ ଅନୁଭୂତି ଅତୀନ୍ଦ୍ରିୟ ମଧ୍ୟ । ଅର୍ଥାତ୍ ଯେଉଁ ସୌନ୍ଦର୍ଯ୍ୟ ଦେଖିଥିଲି, ତାହା ସ୍ଥୂଳ ଦୃଶ୍ୟ ମାତ୍ର ନୁହେଁ । ସୂକ୍ଷ୍ମ ପର୍ଯ୍ୟାୟର ଏକ ସୌନ୍ଦର୍ଯ୍ୟ, ଏକ ଦିବ୍ୟ ଆଭା ମୋ ଆଗରେ ପ୍ରତିଭାତ ହୋଇଥିଲା ।...

*ପ୍ରଶ୍ନ : ଚମତ୍କାର ! ଏମିତି ଅନ୍ୟ କିଛି ଦିବ୍ୟ-ଅନୁଭୂତି କଥା କୁହନ୍ତୁ ।*

**ଉତ୍ତର** : ଦିବ୍ୟ-ଅନୁଭୂତି ପ୍ରକଟ କରିବା ନିଷିଦ୍ଧ । ସେ ଦିଗରେ ମୋ ପୁଞ୍ଜି ମଧ୍ୟ ସାମାନ୍ୟ । ଯେଉଁମାନଙ୍କର ବହୁତ ରହିଛି, ସେମାନେ କିଛି ବିବୃତ କରିପାରନ୍ତି । ସେତକର ବିଭୂତି ନଷ୍ଟ ହେଲେ ବି ସେମାନେ ଦରିଦ୍ର ହେବେ ନାହିଁ । ମୁଁ ସେ ଦିଗରେ ସେମିତି ଧନବାନ୍ ନୁହେଁ ।

ତେବେ ଶ୍ରୀମାଙ୍କ ସାନ୍ନିଧ୍ୟରେ ସାଧାରଣ ଅନୁଭୂତି ଭାବରେ ଆମେ ଯାହାସବୁ ଗ୍ରହଣ କରି ନେଉଥିଲୁ, ଆଜି ତାଙ୍କ ତିରୋଧାନର ତେତିଶ ବର୍ଷ (୨୦୦୬ ମସିହାରେ) ପରେ ସେସବୁ ଅସାଧାରଣ ବୋଲି ପ୍ରତ୍ୟୟ ହୁଏ । ଗୋଟିଏ ଉଦାହରଣ : ନିଜ ଜନ୍ମଦିନରେ ବା ଅନ୍ୟ କୌଣସି ଉପଲକ୍ଷେ ତାଙ୍କ ସମୀପକୁ ଯିବାର ସୁଯୋଗ ପାଇ ତାଙ୍କ କୋଠରି ଭିତରକୁ ପଶିଯିବା ମାତ୍ରେ ମୋର ଯାହା ମନେ ହେଉଥାଏ, ଆଜି ତା'ର ଭାବାନୁବାଦ ହେବ ଏହିଭଳି :

ଅତୀତ, ବର୍ତ୍ତମାନ, ଭବିଷ୍ୟତ୍ ସମନ୍ୱିତ ସମୟ-ପ୍ରବାହ ଯେମିତି ସେ କୋଠରି ବାହାରେ ଅଟକି ଯାଇଛି । ଭିତରେ ଉତ୍କଣ୍ଠା ନାହିଁ, ଉଦ୍‌ବେଗ ନାହିଁ, ଭୟ ନାହିଁ । ରହିଛି ମହାକାଳର

ଏକ ଅଜଣା ଦିଗ – ପ୍ରଶାନ୍ତ ଓ କରୁଣା ସିଞ୍ଚିତ କାଳାତୀତ ପରିବେଶ । ଚେତନାର ଗୁଣ ପରିବେଶକୁ କେତେ ପ୍ରଭାବିତ କରିପାରେ, ତାହା ଥିଲା ତା'ର ମହତ୍ତମ ଦୃଷ୍ଟାନ୍ତ ।

*ପ୍ରଶ୍ନ : ଶ୍ରୀମା ଯେଉଁ ମହନୀୟ ଚେତନାରେ ରହିବା ଫଳରେ ତାଙ୍କ ପରିବେଶ ସେଭଳି ଅଦ୍ଭୁତ ପ୍ରଶାନ୍ତ ହୋଇ ପାରୁଥିଲା, ସେ ଚେତନାରେ ଥାଇ ସେ ଆଶ୍ରମର ନାନାଦି ସମସ୍ୟା, ହାନିଲାଭ ଓ ସଙ୍ଗଠନ ବ୍ୟାପାର କିପରି ବୁଝୁଥିଲେ ?*

**ଉତ୍ତର** : ସେ ରହସ୍ୟ ବୁଝିବାକୁ ହେଲେ ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ମନେ ରଖିବାକୁ ହେବ । ସୃଷ୍ଟି ମାୟା ନୁହେଁ, ଭଗବାନଙ୍କର ଏକ ଛଦ୍ମରୂପ । ଶ୍ରୀମା ଯେତେବେଳେ ସ୍ଥୂଳ ସାଙ୍ଗଠନିକ କର୍ମରେ ମନୋନିବେଶ କରୁଥିଲେ ସେତେବେଳେ ସେ ସ୍ୱୟଂସିଦ୍ଧ ଦିବ୍ୟଚେତନାରେ ଥାଇହିଁ ତାହା କରୁଥିଲେ, କାରଣ ସେ ଦିବ୍ୟଶକ୍ତିର ଅସଂଖ୍ୟ ଛଦ୍ମ ବା ସଂଗୁପ୍ତ ବିଚିତ୍ର ରୂପମାନଙ୍କ ସହହିଁ କାରବାର କରୁଥିଲେ । ଅନ୍ୟ ଭାଷାରେ କହିଲେ ତାଙ୍କ ଚେତନାରେ ସେ ସବୁକିଛି ସମ୍ଭାଳି ପାରୁଥିଲେ । ଆଉ ଟିକିଏ ଭିନ୍ନ ଭାଷାରେ କହିଲେ, ଛୋଟ ବଡ଼ ସବୁ କାମ, ସବୁ ସମସ୍ୟା, ତାଙ୍କ ଚେତନାର ଅନ୍ତର୍ଭୁକ୍ତ ।

ତାଙ୍କ ସନ୍ତାନ ବା ଆଶ୍ରମର ଅନ୍ତେବାସୀମାନଙ୍କୁ ସେ ଶିଖାଇ ଥିଲେ, ସବୁ କର୍ମ ଭଗବାନଙ୍କୁ ଅର୍ପଣ କରା ଯାଇପାରେ । ସେତିକ କରି ପାରିଲେ କର୍ମହିଁ ହେବ ସାଧନା । ସମଗ୍ର ସୃଷ୍ଟି ଯେହେତୁ ଭଗବାନଙ୍କରହିଁ ଏକ କର୍ମକୌଶଳର ପରିଣତି, କର୍ମ ଜରିଆରେ ଜଣେ ତାଙ୍କ ସହ ନିଜକୁ ସାମିଲ କରିପାରେ । ସାଧାରଣ ଜୀବନରେ ଜଣେ ମାଆର ଦୁଇ ଶିଶୁ ପରସ୍ପର କନ୍ଦଳ କଲେ ମାଆ ଯେମିତି କାହାର କେତେ ଦୋଷ ସେକଥା ପ୍ରତି ପରୁଆ ନ କରି ଉଭୟଙ୍କୁ କୋଳେଇ ନେଇ ଶାନ୍ତ କରିପାରେ, ଶ୍ରୀମାଙ୍କ କରୁଣାର କୋଳରେ ପରସ୍ପର-ବିରୋଧୀ କେତେ ସଂସ୍କୃତି, କେତେ ରୁଚି, କେତେ ସଂସ୍କାରର ମଣିଷ ସଂହତ ହୋଇ ରହି ପାରୁଥିଲେ ।

ହଜାରେ ଲୋକଙ୍କ ଦଶ ହଜାର ଧରଣର ସମସ୍ୟା – ମୁଣ୍ଡବିନ୍ଧା, ଚୌକିରେ ଛାରପୋକଠୁ ଆରମ୍ଭ କରି ଧ୍ୟାନ-ଧାରଣା ଓ ସାଧନାର ଜଟିଳ, ଗୂଢ଼ ସମସ୍ୟା – ସବୁ ପ୍ରତି ଶ୍ରୀମାଙ୍କର ଦୃଷ୍ଟି ଥିଲା ସମାନ । ଶ୍ରୀମାଙ୍କ ଦିବ୍ୟତା ସମ୍ପର୍କରେ ସାଧକମାନଙ୍କର କେତେ ପ୍ରଗାଢ଼ ଅଭିଜ୍ଞତା ରହିଛି । ସେସବୁର ବର୍ଣ୍ଣନା ଆପାତତଃ ଥାଉ । ତାଙ୍କର ସାମାଜିକ, ସ୍ଥୂଳ ଆଚରଣହିଁ ତାଙ୍କ ଅନନ୍ୟ ମହାନତାର ପରିଚୟ ଦେଇଥାଏ – ବର୍ଷ ପରେ ବର୍ଷ ସମାନ ଭାବରେ – କ୍ରମାଗତ ଅଧିକରୁ ଅଧିକ ସଂଖ୍ୟକ ସାଧକ, ସନ୍ଧାନୀ ବା ଏପରିକି ତୁଚ୍ଛା କୌତୂହଳୀ ମଣିଷଙ୍କ ଉପରେ ସେ କରୁଣା ଢାଳି ଦେଉଥିଲେ । କାହାରି ପ୍ରତି ନିଷ୍କରୁଣ ହେବା ଦୂରର କଥା, ସେ ବିରକ୍ତ ହେବାର ଦୃଷ୍ଟାନ୍ତ ବି ନାହିଁ । ଅଥଚ ଅଜ୍ଞାନତା-ପ୍ରସୂତ କେତେ ବିରୋଧ, କେତେ କନ୍ଦଳ, କେତେ ଆକ୍ରମଣ ତାଙ୍କୁ ସହିବାକୁ ପଡ଼ିଛି ।

ସ୍ଥୂଳ ଜଗତର କୋଳାହଳ, ଦେଖା ସାକ୍ଷାତ୍, କେତେ ଦେଶ-ବିଦେଶର ରାଷ୍ଟ୍ରପତି, ରାଜା, ମହାରାଜା, ପ୍ରଧାନମନ୍ତ୍ରୀ-ମାନଙ୍କଠୁଁ ଆରମ୍ଭ କରି ଆର୍ତ୍ତ, ଅର୍ଥାର୍ଥୀ ଅସଂଖ୍ୟ ବ୍ୟକ୍ତିଙ୍କୁ ଆପଣା ସମୀପକୁ ସ୍ୱାଗତ କରିବା ଭିତରେ ଶ୍ରୀମା ଅବ୍ୟାହତ ରଖିଥା'ନ୍ତି ତାଙ୍କ ମୁଖ୍ୟ କର୍ମଧାରା – ଆପଣା ଭିତରେ ଅତିମାନସ ରୂପାନ୍ତର-ପ୍ରକ୍ରିୟା । ସୌଜନ୍ୟ, ସାମାଜିକତା ଓ ସଙ୍ଗଠନ ବଜାୟ ରଖି ସମାନ୍ତରାଳ ଭାବରେ ସେ ମହାଯୋଗର ସାଧନା – ତାହା ଏକ ଅକଳ୍ପନୀୟ ଶୃଙ୍ଖଳା । ପ୍ରଥମ ଧାରାର କର୍ମରେ ତାଙ୍କ ବିଧିବିଧାନ ପାଳନ କରିବା ଦିଗରେ, ତାଙ୍କ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ସେ ତାଲିମ ଦେଇ ତିଆରି କରିଥିଲେ ବହୁ ଯୋଗ୍ୟ ସହକାରୀ । କିନ୍ତୁ ସେମାନଙ୍କ ଭିତରୁ ଯୋଗ୍ୟତମ ବ୍ୟକ୍ତି ମଧ୍ୟ ଶ୍ରୀମାଙ୍କ ଦ୍ୱିତୀୟଧାରାର କର୍ମରେ ତାଙ୍କ ସହାୟତା କରିପାରି ନ ଥା'ନ୍ତେ । ଥରେ ଜଣେ ଅନୁଗତ ସନ୍ଧାନୀ ପ୍ରଶ୍ନ କଲେ, ''ଆମେ ଆପଣଙ୍କଠୁଁ କେଉଁ ଯଥାର୍ଥ କଥା ଆଶା କରିପାରୁ ?'' ଶ୍ରୀମାଙ୍କ ଉତ୍ତର : ''ସବୁକିଛି ।'' ସନ୍ଧାନୀ ପୁଣି ପଚାରିଲେ, ''ଆପଣ ପୃଥିବୀରେ ଆପଣଙ୍କ କର୍ମ ସିଦ୍ଧି ପାଇଁ ଆମଠୁ ତଥା ମାନବଜାତିଠୁ କ'ଣ ଆଶା କରୁଛନ୍ତି ?'' ଶ୍ରୀମାଙ୍କ ଉତ୍ତର : ''କିଛି ନୁହେଁ ।'' ପୁଣି ପ୍ରଶ୍ନ ହେଲା, ''ଆପଣଙ୍କ ଦୀର୍ଘ ଅଭିଜ୍ଞତାରୁ ଆପଣ ଆମଠୁ ଓ ମାନବଜାତିଠୁ ଯାହା ଆଶା କରୁଥିଲେ ତାହା ଯଥେଷ୍ଟ ମାତ୍ରାରେ ପୂର୍ଣ୍ଣ ହୋଇଛି କି ?'' ଶ୍ରୀମାଙ୍କ ଉତ୍ତର : ''ଯେହେତୁ ମୁଁ କିଛିହିଁ ଆଶା କରି ନାହିଁ, ତେଣୁ ଏ ପ୍ରଶ୍ନର ଉତ୍ତର ଦେଇ ପାରିବି ନାହିଁ ।''

ଅର୍ଥାତ୍ ଏକ ନୂତନ ଚେତନାର ପ୍ରତିଷ୍ଠା ଏବଂ ନିଜ ଭିତରେ ସେହି ଚେତନାକୁ ନେଇ ନାନାଦି ଦୁରୂହ ପରୀକ୍ଷା-ନିରୀକ୍ଷାରେ ସେ ଥିଲେ ସମ୍ପୂର୍ଣ୍ଣ ଏକାକୀ ଧ୍ୟାନରତ, କର୍ମରତ ମହାଯୋଗୀ ।

*ଶେଷ ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗରେ ଶ୍ରୀମାଙ୍କ ଭୂମିକା କ'ଣ ?*

**ଉତ୍ତର** : ଉତ୍ତର ଦୀର୍ଘ ହେବା ସ୍ୱାଭାବିକ । କିନ୍ତୁ ଯଥାସମ୍ଭବ ସଂକ୍ଷେପରେ କହୁଛି । ପ୍ରଥମତଃ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ । ଶ୍ରୀମାଙ୍କ ନିଜ କହିବା ଅନୁସାରେ, ଶ୍ରୀଅରବିନ୍ଦଙ୍କ ବିନା ତାଙ୍କ ଅସ୍ତିତ୍ୱହିଁ ନାହିଁ । ତାଙ୍କ ବିନା ଶ୍ରୀଅରବିନ୍ଦ ଅପ୍ରକଟିତ । ଏଥିରେ ଆମେ ବହୁ କିଛି ହୃଦୟଙ୍ଗମ କରିପାରିବା, ଯଦି କଥାଟି ଉପରେ ଚିତ୍ତନିବେଶ କରିବା । ଶ୍ରୀଅରବିନ୍ଦ ଏକ ଚେତନା – ମାନବ-କଳେବରରେ ଏଯାଏଁ ସମ୍ଭବ ମହତ୍ତମ ଚେତନା । ସେହି ଚେତନାକୁ କାର୍ଯ୍ୟକାରୀ କରାଇବା ଦିଗରେ ଶ୍ରୀମା ହେଲେ ମହାଶକ୍ତି । ଏସବୁ ଅବଶ୍ୟ ଅନୁଭବ ଓ ଉପଲବ୍ଧିର କଥା ।

ଆଧ୍ୟାତ୍ମିକ ରହସ୍ୟର ଅନ୍ୟ ଏକ ଦିଗକୁ ଆସିବା । ଆଧ୍ୟାତ୍ମିକ ସାଧନାର ଦୁଇ ପ୍ରଧାନ ମାର୍ଗ : ଯୋଗ ଏବଂ ତନ୍ତ୍ର । ଯୋଗର ଦିଗ୍‌ଦର୍ଶକ ଯୋଗେଶ୍ୱର ପ୍ରଭୁ । ତନ୍ତ୍ରର ଦିଗ୍‌ଦର୍ଶକ ପ୍ରକୃତି ବା ମହାଶକ୍ତି । ଶ୍ରୀଅରବିନ୍ଦଙ୍କର ହେଲା ପୂର୍ଣ୍ଣଯୋଗ – ଯାହା ପ୍ରକୃତିର ଦିବ୍ୟାୟନ ବା ରୂପାନ୍ତର କରିବାକୁ ସକ୍ଷମ ହେବ । ତେଣୁ ସେ ଯୋଗରେ ଉଭୟ ଈଶ୍ୱର ଏବଂ ଶକ୍ତିର ସମନ୍ୱୟ ଲୋଡ଼ା ।

ବର୍ତ୍ତମାନ ସାମାଜିକ ପର୍ଯ୍ୟାୟକୁ ଆସିବା । ଶ୍ରୀଅରବିନ୍ଦଙ୍କ ଯୋଗର ପଟ୍ଟଭୂମି ଭାରତବର୍ଷ; କିନ୍ତୁ ଏହା ସମଗ୍ର ମାନବଜାତିର ବିବର୍ତ୍ତନୀ ଭବିଷ୍ୟତ୍ ସହ ସମ୍ପୃକ୍ତ । ତେଣୁ ସେ ଦିବ୍ୟ-ଯୋଜନାରେ ପ୍ରାଚ୍ୟ ପ୍ରଜ୍ଞା ଓ ପାଶ୍ଚାତ୍ୟ ପ୍ରତିଭାର ସମନ୍ୱୟ ଥିଲା ଅନିବାର୍ଯ୍ୟ । ଶ୍ରୀମା ପାଶ୍ଚାତ୍ୟର ମହତ୍ତମ ସଂସ୍କୃତିର ଓ ଜ୍ଞାନର ପ୍ରତିଭୂ ।

ପରିଶେଷରେ ଆମକୁ ମନେ ରଖିବାକୁ ପଡ଼ିବ, ଶ୍ରୀମାଙ୍କୁ ଆମେ ସ୍ଥୂଳ କଳେବରରେ ଦେଖୁଛୁ; ତାଙ୍କ ଛବି ଦେଖୁଛୁ । କିନ୍ତୁ ପ୍ରକୃତରେ ଶ୍ରୀମା ଏକ ଦିବ୍ୟ ପ୍ରେମ; ବିଶ୍ୱବ୍ୟାପୀ ଚେତନା ଭିତରେ କର୍ମରତ ଏକ ଦିବ୍ୟ ଶକ୍ତି । ଆମ ନିଜ ନିଜ ଚେତନା ଯେତିକି ମାତ୍ରାରେ ପ୍ରସାରିତ ହେଉଥିବ ଏବଂ ସେ ମହାଚେତନା ପ୍ରତି ଶ୍ରଦ୍ଧାଶୀଳ ଓ ଉନ୍ମୁକ୍ତ ହେଉଥିବ, ଆମେ ସେତିକି ଅଧିକ ମାତ୍ରାରେ ତାଙ୍କ ପରିଚୟ ପାଉଥିବା । ସ୍ଥୂଳ ଜଗତରେ ତାଙ୍କ ସ୍ଥାୟୀ କୃତିର ଅବଶ୍ୟ ପଟାନ୍ତର ନାହିଁ । ଶ୍ରୀଅରବିନ୍ଦ ଆଶ୍ରମ, ଶିକ୍ଷାକେନ୍ଦ୍ର, ଅରୋଭିଲ୍ – ଏସବୁ ପରିକଳ୍ପନା ଓ ଏସବୁର ରୂପାୟନ ବିଶାଳ, ସନ୍ଦେହ ନାହିଁ । କିନ୍ତୁ ସମୁଦ୍ର ଉପରର ଲହରୀ ଭଳି ଏସବୁ ସେ ସୀମାହୀନ ଚେତନାର ସଙ୍କେତ ଓ ସନ୍ତକ ମାତ୍ର ।

('ସମାଜ' ସମ୍ପାଦକ ଶ୍ରୀ ଶରତ ମିଶ୍ରଙ୍କ ସହ ପ୍ରଶ୍ନୋତ୍ତର - ୨୦୦୬)


Work done in the true spirit is meditation.

(CWM Vol. 14, p. 298) – The Mother

*With best compliments from* :

**AUM SWASTIK FOODS**

**MAITAPUR, BALASORE, ODISHA**

# ପୂର୍ଣ୍ଣଯୋଗରେ ମନ୍ତ୍ର ଶକ୍ତି

## ମମତା ଦାଶ

ମନ୍ତ୍ର ଏକ ମହାନ୍ ଶକ୍ତି ହେଲେ ହେଁ ଆମେ ଜାଣୁ ଯେ ବିଭିନ୍ନ ସ୍ତରର, ବିଭିନ୍ନ ପ୍ରକାରର ଏବଂ ବିଭିନ୍ନ ଉଦ୍ଦେଶ୍ୟ ସାଧନ ନିମିତ୍ତ ମନ୍ତ୍ର ରହିଛି । ହିନ୍ଦୁଧର୍ମ, ଇସଲାମ ଧର୍ମ, ଇହୁଦୀ ଧର୍ମ, ଖ୍ରୀଷ୍ଟିଆନ ଧର୍ମ ଓ କାବାଲା ଇତ୍ୟାଦି ଅନେକ ପ୍ରାଚୀନ ଧର୍ମରେ ମଧ୍ୟ ମନ୍ତ୍ର ରହିଛି ଓ ସେସବୁର ପ୍ରୟୋଗବିଧି ମଧ୍ୟ ନିର୍ଦ୍ଦିଷ୍ଟ ହୋଇଛି ।

ଉଚ୍ଚତମ ସ୍ତରରେ ମନ୍ତ୍ର ହେଉଛି ପରମ ଚେତନାଙ୍କର, ପରମ ଉପଲବ୍ଧିର ଧ୍ୱନି ରୂପ । ମନ୍ତ୍ର ଦ୍ୱାରା ଆମେ ପରମ ଚେତନାଙ୍କୁ, ଭିନ୍ନ ଭିନ୍ନ ଦେବାଦେବୀଙ୍କୁ, ଏପରିକି ନିମ୍ନ ପ୍ରାଣ ଜଗତର ସତ୍ତାମାନଙ୍କୁ କିଂବା ଗୂଢ଼ ଜଗତରେ ରହିଥିବା ଭୂତ, ପ୍ରେତ, ଅନ୍ଧକାର ଓ ଅମଙ୍ଗଳର ଶକ୍ତିମାନଙ୍କୁ ଆବାହନ କରି ଅବତରଣ କରାଇ ପାରିବା । ମନ୍ତ୍ର ଶକ୍ତି ଜଡ଼ ଉପରେ ମଧ୍ୟ କାର୍ଯ୍ୟ କରିଥାଏ । ଧ୍ୱନିର, ସ୍ପନ୍ଦନର ଏହି ଶକ୍ତି ଜଡ଼ ବସ୍ତୁର ଅଣୁ ପରମାଣୁଙ୍କୁ ଚହଲାଇ ଦେଇଥାଏ, ତାହା ଉପରେ କର୍ତ୍ତୃତ୍ୱ ହାସଲ କରି ପାରିଥାଏ ।

ପ୍ରାଚୀନ ପରମ୍ପରାରେ ଗୁରୁମାନେ ଶିଷ୍ୟମାନଙ୍କୁ ମନ୍ତ୍ର ଦୀକ୍ଷା ଦେଉଥିଲେ । ଶିଷ୍ୟ ସତ୍ତାର ଗଠନ ଦେଖି ସେମାନଙ୍କୁ ଆବଶ୍ୟକୀୟ ମନ୍ତ୍ର ଦାନ କରାଯାଉଥିଲା । ଶିଷ୍ୟମାନଙ୍କୁ ଏଥିପାଇଁ ବେଳେବେଳେ ଦୀର୍ଘକାଳ ଅପେକ୍ଷା କରିବାକୁ ହେଉଥିଲା । ମନ୍ତ୍ର ଦୀକ୍ଷାରେ ଅନେକ ନିୟମକାନୁନ ଥିଲା । କେତେବେଳେ, କେତେ ଥର, କିପରି ଭାବରେ ମନ୍ତ୍ର ଜପ କରିବ ତାହା ମଧ୍ୟ ଶିକ୍ଷା କରିବାକୁ ହେଉଥିଲା । ମନ୍ତ୍ର ସିଦ୍ଧ ହୋଇଗଲେ ଅଭୀଷ୍ଟ ପୂର୍ଣ୍ଣ ହେଉଥିଲା ।

ବୈଦିକ ଯୁଗରେ ମନ୍ତ୍ରକୁ ଭାଗବତ ଧ୍ୱନି ବୋଲି କୁହା ଯାଉଥିଲା । ପାରମ୍ପରିକ ମନ୍ତ୍ର ହେଲା ପରା, ବୈଖରି, ମଧ୍ୟମା ଓ ପଶ୍ୟନ୍ତି । ବୈଖରି ମନ୍ତ୍ରକୁ ଗୁରୁ ଶିଷ୍ୟର କାନରେ ଉଚ୍ଚାରଣ କରିଥା'ନ୍ତି, ଯାହା ମନ ଭିତରେ ଉଚ୍ଚାରିତ ହୋଇଥାଏ କିନ୍ତୁ 'ମଧ୍ୟମା' ଓ 'ପଶ୍ୟନ୍ତି' ମନ୍ତ୍ରରେ ଧ୍ୱନି ନ ଥାଏ, ତାକୁ ଦେଖିହୁଏ । 'ପରା' ମନ୍ତ୍ର ମୂଳାଧାରରୁ ନିର୍ଗତ ହୁଏ । ଏସବୁ ବୈଦିକ ଯୁଗର ମନ୍ତ୍ର ବିଦ୍ୟାର ଧାରା । ଏସବୁ ଆପେ ଆପେ ପ୍ରକାଶିତ ହୋଇଥିଲା, ଏହାକୁ କେହି ଚିନ୍ତା କରି ଲେଖି ନଥିଲେ ।

କେତେଗୁଡ଼ିଏ ମନ୍ତ୍ରକୁ ଜାଗ୍ରତ୍ ମନ୍ତ୍ର କୁହାଯାଏ, ଯେପରି କି 'ମହାମୃତ୍ୟୁଞ୍ଜୟ ମନ୍ତ୍ର', 'ଗାୟତ୍ରୀ ମନ୍ତ୍ର' । ଏସବୁର ଦୀକ୍ଷା ନ ନେଇ ବି ଆମେ ଜପ କରି ପାରିବା । 'ଓଁ ନମଃ ଶିବାୟ', 'ଓଁ ନମୋ ଭଗବତେ ବାସୁଦେବାୟ' ଏସବୁ ମନ୍ତ୍ର ମଧ୍ୟ ଦୀକ୍ଷା ନ ନେଇ ଜପ କରି ହେବ ।

'ଓଁ' ହେଉଛି ଏକ ବିଶ୍ୱଜନୀନ ବୀଜ ମନ୍ତ୍ର । ଏହା ପ୍ରତି ମନ୍ତ୍ରର ପ୍ରଥମରେ ଲାଗିଥାଏ । ଏହାର ମହାନ୍ ଶକ୍ତି ରହିଛି । ଶ୍ରୀମା 'ଓଁ'କୁ ଖୁବ୍ ଗୁରୁତ୍ୱ ଦେଇଥା'ନ୍ତି । ସେ ଏ ମନ୍ତ୍ର ସମ୍ବନ୍ଧରେ, ଭାରତ ସମ୍ବନ୍ଧରେ କିଛି ଜାଣି ନଥିଲା ବେଳେ ବି ଫ୍ରାନ୍ସରେ ଥରେ ଗୋଟିଏ ଆଧ୍ୟାତ୍ମିକ ସଭାରେ ହିମାଳୟରେ ବହୁଦିନ ରହି ଆସିଥିବା ଜଣେ ଯୁବକ ଭାଷଣ ଦେଉ ଦେଉ, 'ଓଁ' ଏହି ମନ୍ତ୍ର ଉଚ୍ଚାରଣ କରିଥିଲେ । ଶ୍ରୀମା ଦେଖିଲେ, ହଠାତ୍ ସେ ଜାଗାଟି ଆଲୋକିତ ହୋଇ ଉଠିଲା । ଏକ ଉଜ୍ଜ୍ୱଳ ଜ୍ୟୋତିଃ କିଛି ସମୟ ପାଇଁ ଶ୍ରୀମାଙ୍କୁ ଆଚ୍ଛନ୍ନ କରି ରଖିଥିଲା । ଅନ୍ୟମାନେ ହୁଏତ କିଛି ଜାଣି ପାରିଲେ ନାହିଁ । ଶ୍ରୀମା ମଧ୍ୟ ସେ ସମ୍ବନ୍ଧରେ ଆଉ ବିଶେଷ କିଛି ଚିନ୍ତା କରି ନଥିଲେ । ପରେ ସେ ଏ ସମ୍ବନ୍ଧରେ ଜାଣିଲେ ଓ ଭାରତର ସନାତନ ଧର୍ମରେ ଏହି ବୈଦିକ ମନ୍ତ୍ରର ଗୁରୁତ୍ୱ ବୁଝି ପାରିଥିଲେ ।

ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର 'ପୂର୍ଣ୍ଣଯୋଗ'ରେ ପ୍ରଥମେ କୌଣସି ମନ୍ତ୍ର ସମ୍ବନ୍ଧରେ ଉଲ୍ଲେଖ କରାଯାଇ ନଥିଲା । କେବଳ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ନାମହିଁ ସାଧକମାନଙ୍କର ମନ୍ତ୍ର ସ୍ୱରୂପ ଥିଲା – 'ଓଁ ଆନନ୍ଦମୟି, ଚୈତନ୍ୟମୟି, ସତ୍ୟମୟି ପରମେ', 'ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ ।' ଏହି ମନ୍ତ୍ର ମଧ୍ୟ ସାଧକମାନେ ଉଚ୍ଚାରଣ କରିଥା'ନ୍ତି । କିନ୍ତୁ ଏଥିରେ ବାଧ୍ୟବାଧକତା କିଛି ନଥିଲା, ନିଜର ଇଚ୍ଛାନୁଯାୟୀ ଯେ ଯାହା ମନ୍ତ୍ର ଜପୁ ଥିଲେ ।

୧୯୫୦ ମସିହାଠାରୁ ୧୯୭୩ ମସିହା ପର୍ଯ୍ୟନ୍ତ, ଶ୍ରୀମା ପୂର୍ଣ୍ଣଯୋଗର ଶେଷ ପର୍ଯ୍ୟାୟର ସାଧନାରେ ପ୍ରଗାଢ଼ ଭାବରେ ବ୍ୟାପୃତ ରହିଲେ । ଜୀବକୋଷର ରୂପାନ୍ତର ଘଟିଲେହିଁ ଅତିମାନସ ସତ୍ତାର ସ୍ଥୂଳ ଅଭିବ୍ୟକ୍ତି ହୋଇପାରିବ ବୋଲି ସେ ଉପଲବ୍ଧି କରିଥିଲେ ।

୧୬.୯.୧୯୫୮ ମସିହା 'ଏଜେଣ୍ଡା'ରେ ସତ୍‌ପ୍ରେମ ଶ୍ରୀମା'ଙ୍କ ଠାରୁ ଗୋଟିଏ ମନ୍ତ୍ର ଲାଭ କରିବାକୁ ଚାହିଁଥିଲେ । ମା' ତା'ର ଉତ୍ତରରେ କହିଥିଲେ ଯେ ଅନେକ ମନ୍ତ୍ର ସ୍ୱତଃ ଆସିଥା'ନ୍ତି । କିନ୍ତୁ ମନ୍ତ୍ରଟି ମସ୍ତିଷ୍କରୁ ଆସିବା କଥା ନୁହେଁ । ଅବଶ୍ୟ ଯାହାର ଆନ୍ତର ଚେତନା ବୋଲି କିଛି ନାହିଁ ତା' ନିକଟକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ମନ୍ତ୍ର ଆସିବା ସମ୍ଭବ ନୁହେଁ । ସେ ଗୁରୁ ଦତ୍ତ ମନ୍ତ୍ରକୁ ଉଚ୍ଚାରଣ କରିପାରିବ ।

ଶ୍ରୀମା କହିଥିଲେ ଯେ ସେ ପଣ୍ଡିଚେରୀକୁ ଆସିବା ପୂର୍ବରୁ ଅନେକ ମନ୍ତ୍ର ବ୍ୟବହାର କରୁଥିଲେ । ଶ୍ରୀଅରବିନ୍ଦ ଶରୀରରେ ଥିବାବେଳେ ଶ୍ରୀମା'ଙ୍କ ପ୍ରତି କିଛି ବିପଦ ଆସିଲେ, ସେ କହୁଥିଲେ, 'ହେ ମୋର ପ୍ରଭୁ' ('Oh, my Lord') ଏହା ସଙ୍ଗେ ସଙ୍ଗେ କ୍ରିୟା କରୁଥିଲା । ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପରଠାରୁ ଏହି ମନ୍ତ୍ର ବନ୍ଦ ହୋଇ ଯାଇଥିଲା । ପଣ୍ଡିଚେରୀକୁ ଆସିବା ପୂର୍ବରୁ ଶ୍ରୀମା ''ହେ ମୋର ଦୟା ଓ କୃପାର ଈଶ୍ୱର'' ('Oh, my Lord of kindness and grace'), ଏହି ମନ୍ତ୍ରକୁ ଉଚ୍ଚାରଣ କରି ଚାଲିଥିଲେ । ଏହା ଥିଲା ଆରୋହଣ ଓ ଉପଲବ୍ଧିର ମନ୍ତ୍ର । ମା'ଙ୍କର ମନ୍ତ୍ର ଆପେ ଆପେ ଉଚ୍ଛୁଳି ପଡ଼ିଥାଏ । ସେଥିରେ ସେ କୌଣସି ନିୟମ ବା ସୂତ୍ର ବ୍ୟବହାର କରୁ ନ ଥିଲେ । ପଚିଶ ବର୍ଷ ଧରି ଶ୍ରୀମା ଏହି ମନ୍ତ୍ରଟିକୁ ଆବୃତ୍ତି କରିଥିଲେ । ଥରେ ଏହି ମନ୍ତ୍ର ଜପିଲା ବେଳେ ତାଙ୍କର ଈଶ୍ୱରଙ୍କ ସହିତ ସଂଯୋଗ ସ୍ଥାପିତ ହୋଇଗଲା ଓ ଶରୀର ତାଙ୍କର ଈଶ୍ୱରଙ୍କ ସହିତ ମିଶିଗଲା । ଚାରିଆଡ଼ ବିଶାଳ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଉଠିଲା । ପରେ ପରେ ଅନ୍ୟାନ୍ୟ ମନ୍ତ୍ରସବୁ ତାଙ୍କ ନିକଟକୁ ଆସିଗଲେ, ଯାହା ଏଜେଣ୍ଡାର ପ୍ରଥମ ଭାଗରେ ରହିଛି । ''ହେ ପ୍ରଭୁ, ପରମ ଈଶ୍ୱର'', ''ହେ ପ୍ରଭୁ, ସୌନ୍ଦର୍ଯ୍ୟ ଓ ସଂହତିର ଈଶ୍ୱର'', ''ହେ ପ୍ରଭୁ, ଆଲୋକ ଓ ଜ୍ଞାନର ଈଶ୍ୱର'', ''ହେ ପ୍ରଭୁ, ପ୍ରାଚୁର୍ଯ୍ୟ ଓ ଆଧିକ୍ୟର ଈଶ୍ୱର'', ''ହେ ପ୍ରଭୁ, ଶକ୍ତି ଓ ସ୍ୱାସ୍ଥ୍ୟର ଈଶ୍ୱର'' । ଏହି ମନ୍ତ୍ରମାଳାର ଶେଷ ଧାଡ଼ି ହେଲା, ''ହେ ପ୍ରଭୁ, ବିଜୟୀ ସତ୍ୟର ଈଶ୍ୱର'' । ଶ୍ରୀମା କହିଥିଲେ ଯେତେବେଳେ ଆମେ ବିଜୟ ଲାଭ କରିବା ଏହି ମନ୍ତ୍ରଗୁଡ଼ିକୁ ପ୍ରକାଶ କରିବା ।

ଥରେ ଆଶ୍ରମର ପ୍ଲେ-ଗ୍ରାଉଣ୍ଡରେ ହେଉଥିବା କୌଣସି ଏକ ସିନେମାରେ ଶ୍ରୀମା ନାରଦଙ୍କ ଦ୍ୱାରା ଉଚ୍ଚାରିତ 'ନାରାୟଣ' 'ନାରାୟଣ' ମନ୍ତ୍ର ଶୁଣିଥିଲେ ଓ ଏହା ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ଆଶ୍ରମର ସାପ୍ତାହିକ ଧ୍ୟାନ ଗୁରୁବାର ଓ ରବିବାରରେ ଯେଉଁ ମ୍ୟୁଜିକ୍ ରେକର୍ଡ଼ରେ ବାଜେ, ସେଥିରୁ ଗୋଟିକରେ ଶ୍ରୀଚଣ୍ଡୀଙ୍କୁ ଆବାହନ କରାଯାଇ ଥିବାର ଶ୍ଳୋକ ରହିଛି । ''ୟା ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା, ୟା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ୟା ଦେବୀ ସର୍ବଭୂତେଷୁ ଶାନ୍ତି ରୂପେଣ ସଂସ୍ଥିତା'' । ଏହି ମନ୍ତ୍ର ସହିତ, ''ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ, ଓଁ ନମୋ ମୀରାମ୍ବିକାୟୈ, ଓଁ ଶ୍ରୀଅରବିନ୍ଦଂ ଶରଣଂ ମମ'' – ଏସବୁ ମନ୍ତ୍ର ଉଚ୍ଚାରିତ ହେଲେ ଶରୀର ଉପରେ ଏହାର ପ୍ରଭାବ ପଡ଼ିଥାଏ । ଶରୀରର ସମସ୍ତ ଜୀବକୋଷ ସଜାଗ ହୋଇ ଉଠନ୍ତି । ଏହି ମନ୍ତ୍ରସବୁ ଉଜ୍ଜ୍ୱଳ ଧୂପ ଧୂଆଁ ପରି ଉର୍ଦ୍ଧ୍ୱକୁ ଉଠିଯାଏ ଓ ଫୁଲ ଭଳି ଚାରିଆଡ଼େ ବିଚ୍ଛୁରିତ ହୋଇଯାଏ ।

ଯଦି ତୁମର ବିପଦ ସମୟରେ କୌଣସି ମନ୍ତ୍ର ଆପେ ଆପେ ଉଚ୍ଛୁଳି ପଡ଼େ ତାହାକୁ ନିଜର ମନ୍ତ୍ର ବୋଲି ଜାଣି ରଖିବ । ଏହା ଦୁର୍ଘଟଣାଟିଏ ଘଟିବାକୁ ବନ୍ଦ କରି ଦେଇପାରେ । ସେହି ୧୯୬୨ ମସିହାରେ ଆଉ ଗୋଟିଏ ମନ୍ତ୍ର ଶ୍ରୀମା'ଙ୍କ ନିକଟକୁ ଆସିଥିଲା, ''ମହିମା ତବୈ ପ୍ରଭୁ ପରମ ଜିତ୍ୱର'' – (''ମହିମା ମଣ୍ଡିତ ହୁଅ, ହେ ପରମ ବିଜୟୀ'') । ଏହି ମନ୍ତ୍ର ଶ୍ରୀମା'ଙ୍କର ଯୋଗ ପାଇଁ ଏକ ମନ୍ତ୍ର ଥିଲା, ପାର୍ଥିବ ବିଜୟର ମନ୍ତ୍ର ।

ପରବର୍ତ୍ତୀ କାଳରେ ଜୀବନର ଶେଷ ପର୍ଯ୍ୟନ୍ତ ଶ୍ରୀମା ଗୋଟିଏ ମନ୍ତ୍ର ଜପ କରୁଥିଲେ, ତାହା ଶରୀରର ରୂପାନ୍ତରର ନିର୍ଦ୍ଦିଷ୍ଟ ମନ୍ତ୍ର ବୋଲି ଶ୍ରୀମା ଉପଲବ୍ଧି କରିଥିଲେ । ତାହା ସ୍ୱତଃ ଶ୍ରୀମାଙ୍କ ନିକଟକୁ ଆସିଥିଲା, ଏବଂ ଏହା ଏକ ଶକ୍ତିଶାଳୀ ମନ୍ତ୍ର । ''ଓଁ ନମୋ ଭଗବତେ'', ଓଁ ଅର୍ଥ ହେଲା, ''ହେ ଭଗବାନ୍, ତୁମକୁ ଆବାହନ କରୁଛି, 'ନମୋ'ର ଅର୍ଥ ହେଲା, 'ମୁଁ ତୁମ ନିକଟରେ ନିଜକୁ ସମର୍ପଣ କରୁଛି', 'ଭଗବତେ'ର ଅର୍ଥ ହେଲା, 'ମୋତେ ଦିବ୍ୟ କରି ଦିଅ ।' – (I invoke you, I prostrate before you, make me Divine)

ଶ୍ରୀମା ସଦାସର୍ବଦା ଏହି ମନ୍ତ୍ରକୁ ଜପ କରୁଥିଲେ । ଚାଲିଲା ବେଳେ, ଶୋଇଲା ବେଳେ, ବିଶ୍ରାମ କଲା ବେଳେ ଅନ୍ତର ଚେତନାରେ ଏହି ମନ୍ତ୍ର ଉଚ୍ଚାରିତ ହେଉଥିଲା । ଏହି ମନ୍ତ୍ରରେ ଶରୀର ରୂପାନ୍ତର କରିବାର ଶକ୍ତି ରହିଛି, ସେଥିପାଇଁ ଏହି ମନ୍ତ୍ର ଆବୃତ୍ତି କରିବା ମାତ୍ରେ ଶ୍ରୀମାଙ୍କର ଶରୀର ଉପରେ ଆକ୍ରମଣ ହେଉଥିଲା । ବିରୋଧୀଶକ୍ତିମାନେ ଏହି ପୃଥିବୀର ରୂପାନ୍ତର ଚାହାନ୍ତି ନାହିଁ, ତେଣୁ ଏହି ମନ୍ତ୍ରକୁ ବାଧା ଦେଉଥିଲେ ।

ଶ୍ରୀମା କିନ୍ତୁ ଖୁବ୍ ଦୃଢ଼ ରହିଥିଲେ । କହୁଥିଲେ, ବିଜୟ ଆସିବା ପର୍ଯ୍ୟନ୍ତ ଏହି ମନ୍ତ୍ରକୁ କୋଟି କୋଟି ଥର ଆବୃତ୍ତି କରି ପାରିବେ । ଶ୍ରୀମା ବିଭିନ୍ନ କର୍ମ ନିମିତ୍ତ ଏହି ମନ୍ତ୍ରକୁ ଭିନ୍ନ ଭିନ୍ନ ଢଙ୍ଗରେ ଆବୃତ୍ତି କରିଥା'ନ୍ତି ଏବଂ ଏହା ସଙ୍ଗେ ସଙ୍ଗେ କ୍ରିୟା କରିଥାଏ ।

କିନ୍ତୁ ଏହି ମନ୍ତ୍ରଟିର ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ ଉପଯୋଗିତା ହେଲା ଏହା ଭୌତିକ ମାନସ (Physical Mind) ଉପରେ କ୍ରିୟା କରେ । ମା'ଙ୍କର ଉପଲବ୍ଧି ହୋଇଥିଲା ଯେ ମଣିଷର ଜୀବକୋଷରେ ଚାରିଟି ଆବରଣ ରହିଛି । ବିଶୁଦ୍ଧ ଜୀବକୋଷଗତ ମନ (Cellular Mind) ଉପରେ ରହିଛି ଏହି ଭୌତିକ ମାନସ — ଏହା ଭିତରେ ଜୀବନର ସବୁପ୍ରକାର ଭୟ, ଆତଙ୍କ, ହତାଶାବୋଧ ଓ ନାନାଦି ଘଟଣା ଓ ଅଭିଜ୍ଞତାକୁ ବାରଂବାର ପୁନରାବୃତ୍ତି କରିବାର ଅଭ୍ୟାସ ରହିଛି । ଏହା ଉପରକୁ ରହିଛି ଇନ୍ଦ୍ରିୟଗତ ମନ (Sensory Mind), ତା' ଉପରେ ଆବେଗଗତ ମନ (Emotional Mind) ଏବଂ ଶେଷରେ ରହିଛି ବୌଦ୍ଧିକ ମନ (Intellectual Mind) । ବୌଦ୍ଧିକ ମନ, ଆବେଗଗତ ମନ, ଇନ୍ଦ୍ରିୟଗତ ମନକୁ ରୂପାନ୍ତର କରିବା ପାଇଁ ଯେଉଁ ସାଧନା ସମ୍ବନ୍ଧରେ ଶ୍ରୀମା କହିଛନ୍ତି ତାହା କଷ୍ଟକର ହେଲେହେଁ ଭୌତିକ ମନର ରୂପାନ୍ତର ସବୁଠାରୁ ବଳି କଷ୍ଟକର, କାରଣ ଏହା ଖୁବ୍ ଅବାଧ । ଅଥଚ ଏହାର ରୂପାନ୍ତର ନ ଘଟିଲେ ଶରୀରର ବିଶୁଦ୍ଧ ଜୀବକୋଷର ମନ ସ୍ତରରେ ପହଞ୍ଚ୍ ହେବ ନାହିଁ, ଏବଂ ଏହାହିଁ ଅତିମାନସିକ ସତ୍ତାର ଶରୀର ଗଠନ କରିବ । ଏହି ଭୌତିକ ମାନସର ରୂପାନ୍ତର ନିମିତ୍ତ ଶ୍ରୀମା ଏହାକୁ ବିଶେଷ ଓ ନିର୍ଦ୍ଦିଷ୍ଟ ଭାବରେ ବୁଝାଇ ଦେଇଥିଲେ । ଭୌତିକ ମାନସ ଗୋଟିଏ କଥାକୁ ପୁନରାବୃତ୍ତି କରୁଥାଏ । ମନେ କର ଶରୀରର କୌଣସି ସ୍ଥାନରେ ଛୋଟ ଭାତୁଡ଼ିଟିଏ ଉଠିଲା, ଏହି ମନହିଁ ସଙ୍ଗେ ସଙ୍ଗେ ଭୟ ପାଏ, ''ଏହା କର୍କଟ ରୋଗ ହୋଇ ନଥିବ ତ ?'' ଏହି କଥାକୁ ସେ ପୁନରାବୃତ୍ତି କରୁଥାଏ ଓ ଶେଷରେ ଏହା ସତ୍ୟରେ ପରିଣତ ହୁଏ । ଆଜି କେଉଁଠାରେ ଝୁଣ୍ଟି ପଡ଼ିଥିଲେ ସଦାବେଳେ ଏହି ମନହିଁ ପୁନରାବୃତ୍ତି କରେ, ''ମୁଁ ପୁଣି ନିଶ୍ଚୟ ପଡ଼ିଯିବି'' ଓ ଶେଷରେ ଏହା ସତ୍ୟ ହୋଇଯାଏ । ଯାହା ସ୍ଥୂଳ ଜୀବନରେ ସତ୍ୟ ହୋଇଯାଏ ତାହାକୁ ଆଉ ପରିବର୍ତ୍ତିତ କରି ହୁଏନା । ଏପରିକି ଜୀବନରେ ମୃତ୍ୟୁ ମଧ୍ୟ ଅବଶ୍ୟମ୍ଭାବୀ ସତ୍ୟ ହୋଇଯାଇଛି । କିନ୍ତୁ ଅତିମାନସ ଜଗତରେ ତାହା ମଧ୍ୟ ରୂପାନ୍ତରିତ ହେବ । ମୃତ୍ୟୁର ଭୟାନକ ଅବବୋଧ ଆଉ ସତ୍ୟ ହୋଇ ରହିବ ନାହିଁ । ଭୌତିକ ମାନସର ଆବରଣରେ ଜୀବନର ସମସ୍ତ ସଂଘର୍ଷର ଛାପ ରହିଯାଇଛି, ତେଣୁ ଏହା ପରାସ୍ତବାଦୀ, ହତାଶାବାଦୀ । ଯଦି ଆମେ ନିଜର ଜୀବକୋଷ ସମ୍ବନ୍ଧରେ ସଚେତନ ହେବା, ଏହି ମନ୍ତ୍ରଟିକୁ ନିରବଚ୍ଛିନ୍ନ ଭାବରେ ଉଚ୍ଚାରଣ କରିବା ତେବେ ଆମର ଭୌତିକ ମାନସ ଏହି ମନ୍ତ୍ରଟିକୁ (ଯାହାକି ଏକ ଚରମ ଅସ୍ତିବାଚକ ଦିବ୍ୟ ମନ୍ତ୍ର) ଗ୍ରହଣ କରି ନେବ ଓ ସର୍ବଦା ତାହାକୁ ସ୍ମରଣ କରୁଥିବ । ଜୀବକୋଷ ଉପରେ ରହିଥିବା ଅନ୍ୟାନ୍ୟ ଆବରଣଗୁଡ଼ିକ ପରିଚ୍ଛନ୍ନ ହୋଇଗଲା ପରେ ଏହି ଭୌତିକ ମାନସ ମଧ୍ୟ ପୋଛି ହୋଇଯିବ, ତା'ପରେ ଏକ ବିଶୁଦ୍ଧ ଜୀବକୋଷ ରହିବ ଯାହା ଦ୍ୱାରା ନୂତନ ଅତିମାନସ ସତ୍ତାର ଶରୀର ଗଠିତ ହେବ ।

ଏସବୁ ସମ୍ଭବ ହେବା ପାଇଁ ବର୍ଷ ବର୍ଷ ଲାଗିଯିବ । କିନ୍ତୁ ଆମେ ମନ୍ତ୍ର ଜପକୁ ଏହି ଅନନ୍ତ ଯାତ୍ରା ପଥର ଅପରିହାର୍ଯ୍ୟ ଅବଲମ୍ବନ ଭାବରେ ଧରି ରଖିବାକୁ ହେବ ଓ ପୂର୍ଣ୍ଣଯୋଗର ଶେଷ ପର୍ଯ୍ୟାୟର ସମ୍ପୂର୍ଣ୍ଣତା ନିମିତ୍ତ ଆମର ଆତ୍ମାକୁ ପ୍ରସ୍ତୁତ ରଖିବାକୁ ହେବ । ❖

''ଯଥାର୍ଥରେ ଯେଉଁମାନେ ମନ୍ତ୍ରଜପ କରନ୍ତି ଓ ଯେଉଁମାନେ କରନ୍ତି ନାହିଁ, ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ତୁମେ ତତ୍‌କ୍ଷଣାତ୍ ଦେଖି ପାରିବ । ଯେଉଁମାନେ ମନ୍ତ୍ରଜପ କରନ୍ତି ନାହିଁ ସେମାନଙ୍କର ଧ୍ୟାନ ତଥା ଏକାଗ୍ରତାର ଦୃଢ଼ ଅଭ୍ୟାସ ଥିଲେ ବି ସେମାନଙ୍କ ଚତୁଃପାର୍ଶ୍ୱରେ କିଛି କୁହୁଡ଼ିଆ ଓ ଅସ୍ପଷ୍ଟତା ରହିଥାଏ । ଅନ୍ୟ ପକ୍ଷରେ ଯେଉଁମାନେ ଜପ କରନ୍ତି ସେମାନଙ୍କୁ ଜପ ଦ୍ୱାରା ସୁନିଶ୍ଚିତତା, ଘନୀଭୂତତା ଯାହାକି ଏକ ବର୍ମାବୃତ (କବଚାବୃତ) ସଦୃଶ ପ୍ରାପ୍ତ ହୁଏ । ସେମାନେ ଯେପରି ଶକ୍ତିର ପ୍ରଲେପାବୃତ ସଦୃଶ ହୋଇଯାଆନ୍ତି ।''

— ଶ୍ରୀମା

# ବିଶ୍ୱଗତ ଆତ୍ମା

## ଶ୍ରୀଅରବିନ୍ଦ

ମୁଁ ଏକ ଅଦ୍ୱୟ ଆତ୍ମା ଭରିଛି ଯେ ସମଗ୍ର ପ୍ରକୃତି ।
ଅପ୍ରମେୟ, ଅବିଚଳ ସାକ୍ଷୀ ସେ ଆସୀନ :
ପ୍ରକୃତିର ଶୈଳଶିରେ ସ୍ତବ୍ଧତା ସେ ଅଟେ ଧ୍ୟାନରତ
ସେ ତ ଚକ୍ରାବର୍ତ୍ତ-ଗତି ପ୍ରକୃତିର ବିଶ୍ୱମୟ ଶକ୍ତିର ଅଧୀନ ।

ସାକାର ମନର ସୀମା ଦେଇଛି ତୁଟାଇ
ନୁହେଁ ଆଉ ମୁହିଁ ଏକ ଆତ୍ମାର ବିଗ୍ରହ ।
ନୀହାରିକାମାନଙ୍କର ରୂପରେଖା ଜ୍ୱଳମାନ ମୋ ଭିତରେ ଥାଇ;
ମୋ ବିରାଟ ସମଗ୍ରହିଁ ବିଶ୍ୱ-ସମାରୋହ ।

ପଲ୍ଲୀ-ପରିସରେ ଆଉ ମହାଦେଶେ ଯେ ପ୍ରାଣ-ପ୍ରବାହ, ସେ ପ୍ରାଣ ମୋହର,
ପୃଥିବୀର ଯନ୍ତ୍ରଣା ମୁଁ, ମୁଁ ତାହାର ଆନନ୍ଦ ସ୍ପନ୍ଦନ;
ଶୋକେ ଓ ସନ୍ତୋଷେ ମୁହିଁ ଅଂଶ ନିଏ ସକଳ ଜୀବର
ଅନୁଭବ କରେ ମୁହିଁ ଆଘାତ ଓ ଚୁମ୍ବନର ପ୍ରତି ସଂଘଟନ ।

ଉଦାସୀନ, ସହେ ମୁହିଁ ପ୍ରତି ଭାବଭଙ୍ଗୀ ଆଉ କ୍ରିୟା ଓ ଚିନ୍ତନ;
ନିଃଶବ୍ଦ ଆନନ୍ତ୍ୟ ମୋର ମହାକାଳ ବିହାର-ପ୍ରାଙ୍ଗଣ ।

[ଶ୍ରୀଅରବିନ୍ଦଙ୍କ ରଚିତ '**The Cosmic Spirit**'
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ❖

I always look upward. Beauty, Peace, Light are there, they are ready to come down. So, always aspire and look up, in order to manifest them upon this earth.

(CWM. Vol. 13. p. 68) –The Mother

ମୁଁ ସବୁବେଳେ ଊର୍ଦ୍ଧ୍ୱରେ ଦୃଷ୍ଟି ନିବଦ୍ଧ କରେ । ସେହିଠାରେହିଁ ସୌନ୍ଦର୍ଯ୍ୟ, ଶାନ୍ତି, ଆଲୋକ ରହିଛନ୍ତି । ସେଗୁଡ଼ିକ ଅବତରଣ ଲାଗି ପ୍ରସ୍ତୁତ ହୋଇ ରହିଛନ୍ତି । ତେଣୁ ପୃଥିବୀପୃଷ୍ଠରେ ସେଗୁଡ଼ିକର ଅଭିବ୍ୟକ୍ତି ସମ୍ଭବ ହେବା ପାଇଁ ତୁମେ ଅନୁକ୍ଷଣ ଅଭୀପ୍ସା ରଖିବ ଓ ଊର୍ଦ୍ଧ୍ୱଦ୍ରଷ୍ଟା ହେବ ।

(ମାତୃରଚନାବଳି, ଭାଗ ୧୩, ପୃ. ୬୫) – ଶ୍ରୀମା

# ମା'ହିଁ ଚେତନାର ଅମୃତ ଦିଗନ୍ତ

## ଶ୍ରୀ ବିମଳ ପ୍ରସନ୍ନ ଦାସ

''ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମାମୃତଂ ଗମୟ ।''

ଅର୍ଥାତ୍ :

''ମୋତେ ଅସତ୍ୟରୁ ସତ୍ୟକୁ ନିଅ
ଅନ୍ଧାରରୁ ଆଲୋକକୁ ନିଅ
ମୃତ୍ୟୁରୁ ଅମୃତତ୍ୱକୁ ନେଇଯାଅ ।''

କାହିଁ କେଉଁ ଅତୀତକାଳରୁ ବୃହଦାରଣ୍ୟକ ଉପନିଷଦ୍‌ରେ ଆର୍ଯ୍ୟଋଷିଙ୍କ କଣ୍ଠରୁ ନିର୍ଗତ ହୋଇଛି ଏହି ମଙ୍ଗଳମୟୀ ମନ୍ତ୍ର ।

ଏହାକୁ ସ୍ୱୀକାର କରି ମହାଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି, – 'ତଥାସ୍ତୁ' (''So be it'') ।

ଯୁଗ ଯୁଗ ଧରି ମୁନି, ଋଷି, ସିଦ୍ଧ-ସାଧକମାନଙ୍କର ଆଜୀବନ ଆନ୍ତରିକ ଅଭୀପ୍‌ସା ଓ ଉପଲବ୍ଧିର ଅଭିବ୍ୟକ୍ତିରେ ଭାରତୀୟ ଚେତନା ସମୃଦ୍ଧ ଓ ସମୁନ୍ନତ । ବାସ୍ତବତଃ ଏହାହିଁ ଆମ ସଂସ୍କୃତିର ନିର୍ଯାସ । ମାତ୍ର ସଂପ୍ରତି ଆମ ଚେତନାର ଅବସ୍ଥା ଏପରି ଯେ ଆମେ କିଛି ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନୋହୁଁ । ଦିବ୍ୟଜନନୀ ଶ୍ରୀମା ଆମକୁ ଆହ୍ୱାନ କରି କହୁଛନ୍ତି, ''Are you ready ?''– ମାତ୍ର ଆମେ ନିରୁତ୍ତର । ଆହୁରି ସ୍ପଷ୍ଟ କରି କହୁଛନ୍ତି, ''The world is preparing for a big change. Will you help ?'' ''ଏ ପୃଥିବୀ ଏକ ମହାନ୍ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି – ତୁମେ ଏଥିରେ ସହଯୋଗ କରିବ କି ?'' ଏ ଆହ୍ୱାନର ଉତ୍ତର ଦେବାକୁ ଆମେ ଅସମର୍ଥ । ପରଂବ୍ରହ୍ମ ଶ୍ରୀକୃଷ୍ଣ ଠିକ୍ ଯେପରି କୁରୁକ୍ଷେତ୍ର ଯୁଗାନ୍ତକାରୀ ସଂଗ୍ରାମ ପୂର୍ବରୁ ଅର୍ଜୁନଙ୍କୁ ନିମିତ୍ତ ମାତ୍ର ହେବା ପାଇଁ କହିଛନ୍ତି, ''ନିମିତ୍ତ ମାତ୍ର ଭବ ସବ୍ୟସାଚୀ'' । ଅର୍ଜୁନ ବାରଂବାର ପ୍ରତ୍ୟାଖ୍ୟାନ କଲେ ମଧ୍ୟ ଦିବ୍ୟ ଆହ୍ୱାନ ତାଙ୍କଠାରୁ ଅପସରି ନଯାଇ ଶେଷରେ ନିଜର ସ୍ୱରୂପ ପ୍ରକାଶ କରନ୍ତେ, ପାର୍ଥ ନିଜେ ସମ୍ପୂର୍ଣ୍ଣ ସମର୍ପଣପୂର୍ବକ ଦିବ୍ୟକର୍ମର ଯନ୍ତ୍ରଟିଏ ହୋଇଯାଇଛନ୍ତି ।

ଏତେସବୁ ଆଦର୍ଶ ଓ ଉଦାହରଣ ସତ୍ତ୍ୱେ ଆମର ଦୁର୍ଭାଗ୍ୟ ଯେ ଆମେ ବସ୍ତୁବାଦକୁ ସମ୍ପୂର୍ଣ୍ଣ ଗ୍ରହଣ କରିପାରୁ ନାହୁଁ କିଂବା ମାୟାବାଦକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରିପାରୁ ନାହୁଁ । ବର୍ତ୍ତମାନ ମାନବଜାତି ଏକ ଛଳନାମୟ ମାୟା ମଧ୍ୟରେ ଛନ୍ଦି ହୋଇଯାଇଛି । ଏଇଥିପାଇଁ ସମାଜରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପୀ ଚାଲିଛି । ମାତ୍ର ଶ୍ରୀଅରବିନ୍ଦଙ୍କ ଅମୃତମୟ ଦୃଷ୍ଟିରେ ଭାରତରେ ଏ ଅବସ୍ଥା ଦୀର୍ଘସ୍ଥାୟୀ ହେବ ନାହିଁ । ବିବର୍ତ୍ତନର ଅଲଂଘନୀୟ ନିୟମରୁ ଉଦ୍‌ବର୍ତ୍ତନ ହେବା ପାଇଁ ମଣିଷକୁ ଏହି ମାୟାବାଦର ଊର୍ଦ୍ଧ୍ୱକୁ ଯିବାକୁ ହେବ । ଶ୍ରୀମା'ଙ୍କ ଦିବ୍ୟ ମାତୃଶକ୍ତିର ଅଂଶସ୍ୱରୂପ ମାତୃଜାତିହିଁ ଏହି ପରିବର୍ତ୍ତନର ବାର୍ତ୍ତାବହ ହେବ । କୌଣସି ଧର୍ମ ନୁହେଁ, କେବଳ ସତ୍ୟକୁହିଁ ଶ୍ରୀଅରବିନ୍ଦ ଆମକୁ ଦେଖାଇଛନ୍ତି । ପ୍ରକୃତ ଚେତନା କ'ଣ ତାହାକୁ ମାନବଜାତି ଆଗରେ ଉତ୍‌ଥାପିତ କରିଛନ୍ତି । ଯେପର୍ଯ୍ୟନ୍ତ ଚେତନାର ଗୁଣାବଳୀରେ ପରିବର୍ତ୍ତନ ନହୋଇଛି ସେପର୍ଯ୍ୟନ୍ତ ମନ୍ଦ ଚେତନା ମଣିଷକୁ ଧ୍ୱଂସମୁଖୀ କରୁଥିବ । ଏସବୁକୁ ହୃଦୟଙ୍ଗମ କରି ମଣିଷର ଚେତନା ସଦାଜାଗ୍ରତ୍ ରହିବା ଆବଶ୍ୟକ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୁଗ୍ମ ସତ୍ତାକୁ ଯେଉଁମାନେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସର୍ବୋତ୍ତମ ସମନ୍ୱୟ ବୋଲି କହୁଛନ୍ତି, ତାହା ନିଶ୍ଚୟ ଆଂଶିକ ସତ୍ୟ । ମାତ୍ର ଆଧ୍ୟାତ୍ମିକତାର ଦୁଇଟି ଦିଗ – ଯୋଗ ଓ ତନ୍ତ୍ରର ଏକ ପୂର୍ଣ୍ଣାଙ୍ଗ ସତ୍ୟ ହେଉଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ । ସେଥିପାଇଁ ମା' ନିଜେ କହିଛନ୍ତି ଶ୍ରୀଅରବିନ୍ଦଙ୍କ ବ୍ୟତିରେକେ ତାଙ୍କର ସ୍ଥିତି ନାହିଁ ଓ ତାଙ୍କ (ଶ୍ରୀମାଙ୍କ) ବିନା ଶ୍ରୀଅରବିନ୍ଦଙ୍କର ପ୍ରକାଶ ନାହିଁ ।

ଭାରତରେ ଯୁଗ ଯୁଗ ଧରି ଚେତନାର ଭିତ୍ତିଭୂମି ଉପରେ ଗବେଷଣା ଚାଲିଛି ଓ ବହୁ ମୁନି-ଋଷି ଭିନ୍ନ ଭିନ୍ନ ସତ୍ୟର ପ୍ରତିଷ୍ଠା କରିଛନ୍ତି । ଏହିସବୁ ସତ୍ୟ କହିଛି ଯେ ବର୍ତ୍ତମାନର ସ୍ଥୂଳ ଜୀବନ ସର୍ବଶେଷ କଥା ନୁହେଁ । ଏହି ଜୀବନ ମୃତ୍ୟୁରେ ଶେଷ ହୁଏ ନାହିଁ, କିଂବା ନିର୍ବାଣ ଏହାର ଚୂଡ଼ାନ୍ତ ପର୍ଯ୍ୟାୟ ନୁହେଁ । ଶ୍ରୀମା, ଶ୍ରୀଅରବିନ୍ଦ ଏହି ଜୀବନ ଓ ଜଗତର ରୂପାନ୍ତର ଏବଂ ମଣିଷକୁ ଦିବ୍ୟଜୀବନ ପ୍ରତିଷ୍ଠାର ନିଶ୍ଚୟତା ଦେବା ସହିତ ଅମୃତତ୍ୱର ପ୍ରତିଶ୍ରୁତି ଦେଇଛନ୍ତି । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦୀର୍ଘ ସାଧନାମୟ ଜୀବନର ମହାନ୍ ଅବଦାନ

ହେଉଛି ମାତୃ ମହାମନ୍ତ୍ର । ତାଙ୍କ ଦିବ୍ୟଦୃଷ୍ଟିରେ ମା'ହିଁ ଚେତନାର ଅମୃତ ଦିଗନ୍ତ । ମହାକାବ୍ୟ 'ସାବିତ୍ରୀ'ରେ ଏହି ଅମୃତମୟତା ବେଶ୍ ସୁସ୍ପଷ୍ଟ । ମହାଯୋଗୀଙ୍କ ଅନୁପମ ଭାଷାରେ :—

''The undying Truth appeared,
the enduring Power
Of all that here is made and then destroyed,
The Mother of all godheads and all strengths
Who, mediatrix, binds earth to the Supreme.''

(Savitri, P. 313)

ଅର୍ଥାତ୍ :

''ସୃଷ୍ଟ ଯା' ଏଠାରେ ହୁଏ, ପୁଣି ଯା' ବିନଷ୍ଟ
ହୁଏ ତା'ର ଅବିନାଶୀ ସତ୍ୟ ପ୍ରକଟିତ,
ଆବର ତା' ଶକ୍ତି ଯାହା ରହେ ଚିରକାଳ ।
ନିଃଶେଷ ଦେବତା ଶକ୍ତି, ଆଦିମାତା ସେ ଯେ
ମଧ୍ୟସ୍ଥାରୂପିଣୀ ଯୋଡ଼େ ପୃଥିବୀକୁ ଆମ
ପରାତ୍ପର ତତ୍ତ୍ୱ ସଙ୍ଗେ;...''

(ସାବିତ୍ରୀ, ପଦ୍ୟାନୁବାଦ, ଶ୍ରୀ ନିମାଇ ଚରଣ ମହାପାତ୍ର)

ଏବଂ ଯାହାଙ୍କ ଭିତରେ ସାକାର ଓ ନିରାକାର ପୂର୍ଣ୍ଣ ସମନ୍ୱିତ :

''The Formless and the Formed were
joined in her:.''

(ibid, P.-314 )

ଜଗତ୍ ଓ ଜୀବନର କଲ୍ୟାଣ ପାଇଁ ଦିବ୍ୟ ଜନନୀ ଶ୍ରୀମା ମାନୁଷୀ ରୂପରେ ଅବତରଣ କରିଛନ୍ତି । ଋଷି କବିଙ୍କ ଉକ୍ତିରେ –

''A WORLD'S desire
compelled her mortal birth.''

(ibid, P. 22)

ଅର୍ଥାତ୍ :

''ବାଧ୍ୟ କରିଥିଲା ଏକ ବିଶ୍ୱର ଆସ୍ପୃହା
ସାବିତ୍ରୀଙ୍କ ଜନ୍ମ ଏଥି ମର୍ତ୍ତ୍ୟ ଜଗତରେ ।''

(ସାବିତ୍ରୀ, ପଦ୍ୟାନୁବାଦ, ଶ୍ରୀ ନିମାଇ ଚରଣ ମହାପାତ୍ର)

At the head she stands of birth
and toil and fate,
In their slow round the cycles
turn to her call;
Alone her hands can change
Time's dragon base.
Hers is the mystery the Night conceals;
The spirit's alchemist energy is hers;
She is the golden bridge, the wonderful fire.
The luminous heart of the Unknown is she,
A power of silence in the depths of God;
She is the Force, the inevitable Word,
The magnet of our difficult ascent,
The Sun from which we kindle all our suns,
The Light that leans from
the unrealised Vasts,
The joy that beckons from the impossible,
The Might of all that never yet
came down.
All Nature dumbly calls to her alone
To heal with her feet the
aching throb of life''

(Savitri, P. 314)

''ଶିରୋଭାଗେ ଉଭା ସେ ଯେ ଜନମ, ପ୍ରୟାସ
ନିୟତି ଧାରାର; ଘୂରେ ମନ୍ଥର ଗତିରେ,
ଯୁଗଚକ୍ର ଡାକେ ତା'ରେ; କେବଳ ତା' କର
ରୂପାନ୍ତର କରିପାରେ ମହାକାଳ-କୁଳ-
କୁଣ୍ଡଳିନୀ ମୂଳାଧାର; ମହାନିଶା ତା'ର
ସମାବୃତ କରି ରଖେ ରହସ୍ୟସକଳ;
ଶକ୍ତି ତା'ବହନ କରେ ବ୍ରହ୍ମ-ରସାୟନ;
ହିରଣ୍ମୟ ସେତୁ ସେ ଯେ, ବିଚିତ୍ର ଅନଳ ।
ଭାସ୍ୱର ହୃଦୟ ସେ ଯେ ଅଜ୍ଞାତ ତତ୍ତ୍ୱର ।
ନୀରବତା ଶକ୍ତି ଏକ ପରମ ସତ୍ତାର
ଗହନ ଗଭୀରେ; ମହାବୀର୍ଯ୍ୟ ମନ୍ତ୍ରମୟୀ,
ଅୟସ୍କାନ୍ତ ସୁକଠିନ ଆରୋହଣ ପଥେ,
ଆଦିସୂର୍ଯ୍ୟ ପ୍ରଭାରେ ଯା' ହୁଏ ଅନୁଭାତ
ଅପର ସକଳ ରବି, ପରମ ଆଲୋକ
ଆନତ ଯା' ଅପ୍ରକଟ ଦୂର ଉରୁଲୋକୁ
ଆନନ୍ଦ ସେ ଆଣେ ବହି ସଙ୍କେତ ଯା' କାହିଁ

ଦୂର ଅସମ୍ଭବ ଧାମୁ, ମହାଶକ୍ତି ସେ ଯେ
ଅବତୀର୍ଣ୍ଣା ଏ ଯାବତ୍ ନ ଥିଲା ଯେ କେବେ ।
ନିର୍ବାକେ ଡାକଇ ତା'ରେ ନିଖିଳ ପ୍ରକୃତି
ପ୍ରଶମିତ କରିବାକୁ ପଦସ୍ପର୍ଶେ ତା'ର
ପ୍ରାଣପୀଡ଼ା ପରିସ୍ପନ୍ଦ; କରିବାକୁ ଭଙ୍ଗ
ମୋହମୁଦ୍ରା ପରିସୁପ୍ତ ମାନବ-ଆତ୍ମାର ।

(ସାବିତ୍ରୀ, ପଦ୍ୟାନୁବାଦ, ଶ୍ରୀ ନିମାଇ ଚରଣ ମହାପାତ୍ର)

ପରମ କରୁଣାମୟୀ ଏଇ ମର୍ତ୍ତ୍ୟମାଟିକୁ ଅବତରି ଆସିଛନ୍ତି ଏଇ ବେଦନାକ୍ଲିଷ୍ଟ, ଧୂଳିଧୂସରିତ ଧରଣୀରେ ଦିବ୍ୟଜୀବନର ସୃଷ୍ଟି ସକାଶେ । ମଣିଷର ସମ୍ଭାବନାକୁ ମୂର୍ତ୍ତରୂପ ଦେବା ପାଇଁ ତାଙ୍କର ପ୍ରାର୍ଥନା, ସାଧନା ତଥା କରୁଣାର ପଟାନ୍ତର ନାହିଁ ।

ଏ ପ୍ରସଙ୍ଗରେ ଦିବ୍ୟ-ଜନନୀଙ୍କର ଜାନୁଆରୀ ୭, ୧୯୧୪ରେ ଲିପିବଦ୍ଧ ଦିନଲିପିରୁ କିଛି ଉଦ୍ଧୃତି :

''ହେ ଭଗବାନ୍ ! ସେହି ସମସ୍ତଙ୍କୁ ଶାନ୍ତି ଦିଅ, ଆଲୋକ ଦିଅ, ସେମାନଙ୍କ ଅନ୍ଧ ଚକ୍ଷୁ ଓ ମେଘାଛନ୍ନ ବୁଦ୍ଧି ଖୋଲିଦିଅ, ସେମାନଙ୍କ ନିଷ୍ଫଳ ଆତ୍ମପୀଡ଼ନ ଓ ନିରର୍ଥକ ଦୁଶ୍ଚିନ୍ତା ଶାନ୍ତ କରିଦିଅ । ସେମାନଙ୍କ ନିଜ ଉପରେ ଆବଦ୍ଧ ଦୃଷ୍ଟିକୁ ଫେରାଇ ଦିଅ, ତୁମ କାର୍ଯ୍ୟରେ ବିନା ହିସାବରେ, ବିନା ସଙ୍କୋଚରେ ଆତ୍ମୋତ୍ସର୍ଗର ଆନନ୍ଦ ସେମାନଙ୍କୁ ଦିଅ । ତୁମର ସୁଷମା ସକଳ ବସ୍ତୁ ମଧ୍ୟରେ ବିକଶିତ ହେଉ, ଆଉ ସକଳ ହୃଦୟରେ ତୁମର ପ୍ରେମ ଜାଗରିତ ହେଉ ଯଦ୍ୱାରା ତୁମର ଚିରନ୍ତନ ଉନ୍ନତଶୀଳ ବିଧାନ ପୃଥିବୀ ଉପରେ ସିଦ୍ଧ ହେବ, ଏବଂ ତୁମର ସୁସଂଗତି ପ୍ରସାରିତ ହେଉ ସେହିଦିନ ପର୍ଯ୍ୟନ୍ତ ଯେଉଁଦିନ ପର୍ଯ୍ୟନ୍ତ ଶାନ୍ତି ଓ ଶୁଦ୍ଧି ସହ ସକଳ ବସ୍ତୁ ତୁମେହିଁ ହୋଇ ନ ଯାଇଛ ।

''ଆହା ! ସକଳ ଆଖିରୁ ଲୁହ ଶୁଖିଯାଉ, ସକଳ ବେଦନା ଦୂର ହୋଇଯାଉ, ସକଳ ଯନ୍ତ୍ରଣା ମିଳାଇ ଯାଉ, ସକଳ ହୃଦୟରେ ବିରାଜିତ ହେଉ ସ୍ଥିର ପ୍ରଶାନ୍ତି ଏବଂ ସକଳ ମଣିଷ ସୁଦୃଢ଼ ହୋଇଉଠନ୍ତୁ ଏକ ଶକ୍ତିଶାଳୀ ନିଃସଂଶୟତାରେ । ସଞ୍ଜୀବନୀଧାରା ତୁଲ୍ୟ ପ୍ରବାହିତ ହେଉ ସକଳଙ୍କ ମଧ୍ୟରେ ତୁମର ଜୀବନ, ସକଳେ ତୁମର ଅଭିମୁଖୀ ହୁଅନ୍ତୁ, ଯଦ୍ୱାରା ତୁମର ଧ୍ୟାନରେ ସେମାନେ ଅର୍ଜନ କରିବେ ଯାବତୀୟ ପ୍ରକାର ବିଜୟର ଶକ୍ତି ।''

ମା'ଙ୍କ ସହ ଆମେ ଯେତିକି ନିରନ୍ତର ନିବିଡ଼ ଓ ଘନିଷ୍ଠ ଭାବରେ ଏକାତ୍ମ ହୋଇଯିବା, ସେତିକି ମା'ଙ୍କ ସାନ୍ନିଧ୍ୟ ଅନୁଭବ କରିବା । ଆମର ଆଚରଣ ଓ ଉଚ୍ଚାରଣକୁ 'ମା' ତୁମରି ଇଚ୍ଛା ପରିପୂର୍ଣ୍ଣ ହେଉ – "Let thy will be done'' ଉକ୍ତିଟି କେବଳ ନିୟନ୍ତ୍ରଣ କରିବ ନାହିଁ, ପ୍ରତି ମୁହୂର୍ତ୍ତରେ ବରଂ ସ୍ପନ୍ଦିତ କରୁଥିବ । ତାହାହିଁ ହେବ ''ସ୍ମରଣ ଓ ସମର୍ପଣ'' "Remember and Offer" । ଏଇ ପରିପ୍ରେକ୍ଷୀରେ ନଭେମ୍ବର ୧୭, ୨୦୧୧ ମସିହାରେ ମା'ଙ୍କର ପବିତ୍ର ''ମହାପ୍ରୟାଣ ଦିବସ ଉପଲକ୍ଷେ ବିତରିତ ବାର୍ତ୍ତା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ମା'ଙ୍କର ଦିବ୍ୟବାଣୀଟି ଏହିପରି :

''It is a great mistake to think that physical nearness is the one thing indispensable for the progress. It will do nothing for you if you do not establish the inner contact, for without that you could remain from morning to night with me and yet you will never truly meet me. It is only by the inner opening and contact that you can realise my presence.''

(MCW - 13, P. 78)

ଅର୍ଥାତ୍, ''ପ୍ରଗତି ସକାଶେ ଯାହା ଅପରିହାର୍ଯ୍ୟ ତାହାହେଲା ସ୍ଥୂଳ ସାନ୍ନିଧ୍ୟ, ଏମିତି ଭାବିବା ଏକ ବିରାଟ ଭୁଲ୍ । ତୁମେ ଯଦି ଆନ୍ତର ସମ୍ପର୍କ ସ୍ଥାପନ ନ କରିବ, ତେବେ ତାହା ତୁମ ପାଇଁ କିଛିହିଁ କରିବ ନାହିଁ, କାରଣ ଆନ୍ତର ସମ୍ପର୍କ ବିନା ତୁମେ ମୋ ସହ ସକାଳଠୁଁ ରାତି ପର୍ଯ୍ୟନ୍ତ ରହିପାର କିନ୍ତୁ ତା' ସତ୍ତ୍ୱେ ତୁମେ ସତରେ ମୋତେ ଭେଟିପାରିବ ନାହିଁ । କେବଳ ମାତ୍ର ଆନ୍ତର ଉନ୍ମୀଳନ ଏବଂ ଯୋଗାଯୋଗ ଦ୍ୱାରା ତୁମେ ମୋ ଉପସ୍ଥିତି ଉପଲବ୍ଧି କରିପାରିବ ।''

– ଶ୍ରୀମା

ଦିବ୍ୟ ଜନନୀଙ୍କର ଉପସ୍ଥିତି ଓ ଉପଲବ୍ଧିହିଁ ଆମର ଏକାନ୍ତ କାମ୍ୟ ହୋଇରହୁ - ଏତିକି ପ୍ରାର୍ଥନା । ❖

# ଚାରିଗୋଟି ବଡ଼ ଅସୁର

## ଶ୍ରୀମା

*ପ୍ରଶ୍ନ : ସେମାନଙ୍କୁ (ବିରୋଧୀ ସତ୍ତାଙ୍କୁ) ପରିବର୍ତ୍ତନ କରିବା ଅପେକ୍ଷାକୃତ ଉତ୍ତମ ହୁଅନ୍ତା ନାହିଁ କି ?*

ଶ୍ରୀମା : ହେ ମୋର ସନ୍ତାନ, ନିଶ୍ଚିତ ରୂପେ ଏହା ଅପେକ୍ଷାକୃତ ଉତ୍ତମ, ଯଥେଷ୍ଟ ଉତ୍ତମ ହୁଅନ୍ତା । କିନ୍ତୁ ତା'ପରେ ...

ଏହା ଏପରି ଗୋଟିଏ ରାଜ୍ୟ ଯାହା ସମ୍ବନ୍ଧରେ ମୋର ପୂର୍ଣ୍ଣ ଅଭିଜ୍ଞତା ରହିଛି । ୪୦ ବର୍ଷ ଧରି ଅବିରତ ଉଦ୍ୟମ କରିବା ପରେ ମୁଁ ଜାଣି ପାରୁଛି ଯେ ଯଦି କେହି ବାସ୍ତବିକ ନିଜେ ଆନ୍ତରିକଭାବେ ଚେଷ୍ଟା ନ କରନ୍ତି, ତେବେ ତାଙ୍କୁ ପରିବର୍ତ୍ତନ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଯଦି ଜଣେ ପୂର୍ଣ୍ଣ ଆନ୍ତରିକତା ସହ ଏହି କାର୍ଯ୍ୟ କରିବା ପାଇଁ ମନୋନିବେଶ ନ କରନ୍ତି, ଅବଶ୍ୟ ମୁଁ ୪୦ ବର୍ଷ ଧରି ଚେଷ୍ଟା କରିଛି, କେହି ୧୪୦ ବର୍ଷ ଧରି ମଧ୍ୟ ଏଦିଗରେ ଚେଷ୍ଟା କରିପାରନ୍ତି, କିନ୍ତୁ ସେହି ଏକା କଥା ହେବ – ସେ କେବେ ବି ଅଗ୍ରସର ହୋଇ ପାରିବେ ନାହିଁ । ନିଜ ବିଷୟରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବା ଏ ପ୍ରକାର ସତ୍ତାମାନଙ୍କର ସ୍ୱଭାବ । ସେମାନେ ଇଚ୍ଛା କରନ୍ତି ନାହିଁ, ସେମାନଙ୍କର ପରିବର୍ତ୍ତନ ହେବା ଦିଗରେ ଆଦୌ ଆଗ୍ରହ ନ ଥାଏ । ବର୍ତ୍ତମାନ ମଧ୍ୟ ପୃଥିବୀ ସହିତ ସଂପୃକ୍ତ ଥିବା ସତ୍ତାମାନଙ୍କ ମଧ୍ୟରେ ଯେଉଁ ଆସୁରିକ ଶକ୍ତିମାନେ କାର୍ଯ୍ୟ କରୁଛନ୍ତି ସେମାନଙ୍କ ଭିତରୁ ଯିଏ ସବୁଠାରୁ ବଡ଼, ଯିଏକି ହେଉଛି ମିଥ୍ୟାଚାରର ଅସୁର, ଯିଏ ନିଜକୁ 'ରାଷ୍ଟ୍ରମାନଙ୍କର ପ୍ରଭୁ' ବୋଲି କହୁଛି । ସେ ଏକ ସୁନ୍ଦର ନାମ ନେଇଛି, ଅର୍ଥାତ୍ ସେ ହେଉଛି 'ରାଷ୍ଟ୍ରମାନଙ୍କର ପ୍ରଭୁ' – ଯେଉଁଠାରେ କିଛି ଅସୁବିଧା ସୃଷ୍ଟି ହେଉଛି ସେଠାରେ ସେ ନିଜେ କିଂବା ତା'ର ଜଣେ ପ୍ରତିନିଧି ଥାଏ । ଏହା ମଧ୍ୟ ନିଶ୍ଚିତ ଯେ ଅତି ଶୀଘ୍ର ସେହି ସମୟ ଆସି ଯାଉଛି ଯେତେବେଳେ କି ତା' ପାଇଁ ସବୁକିଛି ଶେଷ ହୋଇଯିବ, ଅର୍ଥାତ୍ ସେ ଅଦୃଶ୍ୟ ହୋଇଯିବ । କିନ୍ତୁ ସେ ସ୍ପଷ୍ଟ ଭାବରେ ଘୋଷଣା କରୁଛି ଯେ ଅଦୃଶ୍ୟ ହେବା ପୂର୍ବରୁ ସେ ଯାହାପାରେ ସବୁକିଛି ନଷ୍ଟ କରିଦେବ । ପ୍ରକୃତରେ ଯଦି ତା' ସହିତ ଅନ୍ୟସବୁ କିଛି ଅଦୃଶ୍ୟ ନହୁଏ, ତେବେ ସେ ନିଜେ ଅଦୃଶ୍ୟ ହେବାକୁ ହୃଦୟର ସହିତ ଇଚ୍ଛା କରିବ ନାହିଁ । ଦୁର୍ଭାଗ୍ୟବଶତଃ ଏହା ସମ୍ଭବ ନୁହେଁ । କିନ୍ତୁ ତା'ର ସବୁ ବଳ ଖଟାଇ ସେ ଚାହେଁ ଯେତେ ପାରିବ ସେ ସମସ୍ତ ନଷ୍ଟ କରିବ, ଭାଙ୍ଗିଦେବ, ଚୂର୍‌ମାର୍ କରିଦେବ, ବିକୃତ କରିଦେବ – ଏହା ନିଶ୍ଚିତ । ତା'ପରେ ଏହାର ହେବ ପତନ । ସେ ଏହି ସର୍ତ୍ତରେ ପତନକୁ ଗ୍ରହଣ କରେ । ତା'ର ଯେ ପରିବର୍ତ୍ତନ ହୋଇ ପାରିବ, ଏକଥା ତା' ମସ୍ତିଷ୍କରେ ପ୍ରବେଶ କରେ ନାହିଁ । ଏହା ହେଲେ ସେତେବେଳେ ସେ ଆଉ 'ସେ' ହୋଇ ରହିବ ନାହିଁ, ତୁମେ କ'ଣ ତାହା ଦେଖିପାରୁ ନାହଁ, ସେ ଯାହା ଥିଲା, ତାହା ହୋଇ ଆଉ ରହିବ ନାହିଁ ।

ଏକ ମାନବ ସତ୍ତା ଏବଂ ପ୍ରାଣ ଜଗତର ଏହିସବୁ ସତ୍ତାମାନଙ୍କ ମଧ୍ୟରେ ବେଶ୍ ପ୍ରଭେଦ ରହିଛି । ମୁଁ ତୁମକୁ ଏହା ଅନେକ ବାର କହିଛି, ବର୍ତ୍ତମାନ ମୁଁ ପୁଣି ତା'ର ପୁନରାବୃତ୍ତି କରିବାକୁ ଯାଉଛି ।

ମାନବସତ୍ତା ମଧ୍ୟରେ ଯେଉଁ ଭଗବତ୍ ଉପସ୍ଥିତି ଏବଂ ଚୈତ୍ୟସତ୍ତା ରହିଛି ପ୍ରାଥମିକ ଅବସ୍ଥାରେ ତାହା ଭ୍ରୂଣ ଭାବରେ ଥାଏ, କିନ୍ତୁ ଶେଷରେ ପୂର୍ଣ୍ଣ ରୂପେ ତିଆରି ହୋଇଥିବା ଏକ ସତ୍ତା ହୁଏ ଯେକି ସଚେତନ, ସ୍ୱତନ୍ତ୍ର ଏବଂ ବ୍ୟକ୍ତିତ୍ୱ-ସମ୍ପନ୍ନ ହୋଇଥାଏ । ପ୍ରାଣଜଗତରେ ଏପରି ହୋଇ ନଥାଏ । ଜଡ଼ରେ ଏବଂ ପୃଥିବୀ ଉପରେ ବାସ କରୁଥିବା ମାନବସତ୍ତାମାନଙ୍କୁ ଏହି ସ୍ୱତନ୍ତ୍ର କୃପା ଦିଆଯାଇଛି । ଏବଂ ଏହି କାରଣରୁ ଏପରି କୌଣସି ମାନବସତ୍ତା ନାହିଁ ଯେକି ଇଚ୍ଛା କଲେ ପରିବର୍ତ୍ତିତ ହୋଇ ପାରିବ ନାହିଁ; ଅର୍ଥାତ୍ ତା'ର ଇଚ୍ଛା କରିବାର ସମ୍ଭାବନା ଅଛି ଏବଂ ସେ ଯେଉଁ ମୁହୂର୍ତ୍ତରେ ଇଚ୍ଛା କରିବ ଏହା ସେ କରିପାରେ । ସେ ଇଚ୍ଛା କରିବା ସଙ୍ଗେ ସଙ୍ଗେ ନିଶ୍ଚୟ କୃତକାର୍ଯ୍ୟ ହେବ । ଯେହେତୁ ପ୍ରାଣ-ଜଗତରେ ଥିବା ସତ୍ତାମାନଙ୍କ ଭିତରେ ଚୈତ୍ୟସତ୍ତା ନଥାଏ, ସେମାନଙ୍କର ସିଧାସଳଖ ଭଗବତ୍ ଉପସ୍ଥିତି ନଥାଏ (ପ୍ରକୃତରେ ପ୍ରାରମ୍ଭରେ ସେମାନେ ସିଧାସଳଖ ଭଗବାନଙ୍କଠାରୁ ଆସିଥିଲେ କିନ୍ତୁ ତାହା ଥିଲା କେବଳ ପ୍ରାରମ୍ଭରେ, ଯାହାକି ବହୁତ ଦୂରରେ ରହିଲାଣି) । ସେମାନଙ୍କ ଭିତରେ ଥିବା ଭଗବାନଙ୍କ ସହିତ

ତାଙ୍କର ସମ୍ପର୍କ ନଥାଏ, ସେମାନଙ୍କର ଚୈତ୍ୟସତ୍ତା ନଥାଏ । ସେମାନେ ଯଦି ପରିବର୍ତ୍ତିତ ହୁଅନ୍ତି ସେମାନଙ୍କର ଆଉ କିଛି ପଡ଼ା ରହିବ ନାହିଁ ! କାରଣ ସେମାନେ ସମ୍ପୂର୍ଣ୍ଣ ରୂପେ ବିପରୀତ ସ୍ପନ୍ଦନ ଦ୍ୱାରା ଗଠିତ; ସେମାନେ ବ୍ୟକ୍ତିଗତ ଆତ୍ମ-ଦୃଢ଼ୋକ୍ତିସମ୍ପନ୍ନ ତଥା ନିରଙ୍କୁଶ କ୍ଷମତାସମ୍ପନ୍ନ ଓ ମୂଳସତ୍ତାରୁ ବିଚ୍ଛିନ୍ନ ହୋଇ ତିଆରି ହୋଇଥା'ନ୍ତି । ଏବଂ ଯାହାକିଛି ପବିତ୍ର, ସୁନ୍ଦର, ଉଦାର ତା' ପ୍ରତି ସେମାନଙ୍କର ଘୃଣା ରହିଥାଏ । ମଣିଷ ଭିତରେ ଏପରିକି ସବୁଠାରୁ ନିକୃଷ୍ଟ ମଣିଷ ଭିତରେ ଯେଉଁ ମୌଳିକ ଚୈତ୍ୟିକ ଉପାଦାନ ଥାଏ ଯାହା ତାକୁ ସୁନ୍ଦର ଏବଂ ପବିତ୍ର ପଦାର୍ଥକୁ ସମ୍ମାନ ଦେବାରେ ସାହାଯ୍ୟ କରେ, ସେମାନଙ୍କର ତାହା ନଥାଏ । ସବୁଠାରୁ ନୀଚ ସ୍ୱଭାବ ବିଶିଷ୍ଟ ବ୍ୟକ୍ତି ମଧ୍ୟ ତା'ର ସମସ୍ତ ନୀଚତା ସତ୍ତ୍ୱେ ଯାହାକିଛି ପବିତ୍ର, ଉଦାର ଓ ସୁନ୍ଦର ତାହାକୁ ନିଜର ଇଚ୍ଛା ବିରୋଧରେ ସମ୍ମାନ ଜଣାଇଥାଏ । କିନ୍ତୁ ପ୍ରାଣଜଗତର ସତ୍ତାମାନଙ୍କର ତାହା ନଥାଏ । ସେମାନେ ସମ୍ପୂର୍ଣ୍ଣରୂପେ ଅପର ପାର୍ଶ୍ୱରେ ଥାଆନ୍ତି, ସମ୍ପୂର୍ଣ୍ଣରୂପେ ଅନ୍ୟ ପାର୍ଶ୍ୱରେ ଥାଆନ୍ତି । ଏହା ସବୁପ୍ରକାରେ ସେମାନଙ୍କୁ ବିରକ୍ତ କରାଏ । ତାଙ୍କ ପାଇଁ ଏସବୁ ଏପରି ଜିନିଷ ଯାହାକୁ ସ୍ପର୍ଶ କରିବା କଥା ନୁହେଁ, କାରଣ ଏହା ଧ୍ୱଂସ କରେ; ଏହା ଦ୍ୱାରା ସେମାନେ ଅଦୃଶ୍ୟ ହୋଇଯିବେ । ସଦିଚ୍ଛା, ଆନ୍ତରିକତା, ପବିତ୍ରତା ଏବଂ ସୌନ୍ଦର୍ଯ୍ୟ ଏଭଳି ଜିନିଷ ଯାହାଦ୍ୱାରା ସେମାନେ ଅଦୃଶ୍ୟ ହୋଇଯିବେ । ତେଣୁ ସେମାନେ ଏସବୁକୁ ଘୃଣା କରନ୍ତି ।

ବର୍ତ୍ତମାନ ମୁଁ ଜାଣିପାରୁ ନାହିଁ କି ଉପାୟରେ ସେମାନଙ୍କୁ ପରିବର୍ତ୍ତନ କରିହେବ । କେଉଁ କ୍ଷେତ୍ରରୁ ଏଥିପାଇଁ ସମର୍ଥନ ମିଳିବ ? ଏପରିକି ସବୁଠାରୁ ବିରାଟ କ୍ଷେତ୍ରରେ ମଧ୍ୟ ମୁଁ ତାହା ଖୋଜି ପାଉ ନାହିଁ । ଅର୍ଥାତ୍ ପୃଥିବୀପୃଷ୍ଠରୁ ଘୃଣା ନଯିବା ପର୍ଯ୍ୟନ୍ତ ଏମାନଙ୍କ ଭିତରୁ କେତେକ ସତ୍ତା ଅଦୃଶ୍ୟ ହେବେ ନାହିଁ । ... ଏହାକୁ ଅନ୍ୟପ୍ରକାର କୁହାଯାଇପାରେ । ଏହା ହେଲା – ସେହିସବୁ ସତ୍ତା ନଷ୍ଟ ହେଲେ ପୃଥିବୀପୃଷ୍ଠରୁ ଘୃଣା ଚାଲିଯିବ । କିନ୍ତୁ ମୁଁ ବର୍ତ୍ତମାନ ଯେଉଁ କାରଣ କଥା କହିଲି – ଅନ୍ଧକାର ସ୍ଥାନରେ ଆଲୋକର ଉତ୍ପତ୍ତି ପାଇଁ, କୁତ୍ସିତତା ପରିବର୍ତ୍ତେ ସୌନ୍ଦର୍ଯ୍ୟ ଆଣିବା ପାଇଁ, ଅସତ୍‌କୁ ସତ୍‌ରେ ପରିଣତ କରିବା କ୍ଷମତା ମଣିଷର ରହିଛି କିନ୍ତୁ ଅସୁରର ନାହିଁ । ଅତଏବ ମଣିଷକୁହିଁ ସେ କାର୍ଯ୍ୟ କରିବାକୁ ପଡ଼ିବ । ମଣିଷହିଁ ପରିବର୍ତ୍ତିତ ହେବ । ସେହିଁ ପୃଥିବୀକୁ ରୂପାନ୍ତର କରିବ । ସେହିଁ ଅସୁରଙ୍କୁ ଅନ୍ୟ ଜଗତକୁ ଚାଲିଯିବା ପାଇଁ କିଂବା ବିଲୀନ ହେବା ପାଇଁ ବାଧ କରିବ । ତା'ପରେ ସବୁକିଛି ଶାନ୍ତ ହେବ । ଏଇ ହେଲା କଥା ।

୧୦ ଜୁନ୍, ୧୯୫୩

(M.C.W., Vol. 5, pp. 97 - 99)

*

*ପ୍ରଶ୍ନ : ଅସୁର ଭିତରୁ ଯଦି ଭଗବାନ୍ ନିଜକୁ ପ୍ରତ୍ୟାହାର କରିନିଅନ୍ତି ତେବେ ଅସୁର ଧ୍ୱଂସ ପାଇଯିବ – ନୁହେଁ କି ? – ତାହାହେଲେ ଅସୁରମାନଙ୍କ ଭିତରେ ଥିବା ଭଗବାନଙ୍କର କି ଅବସ୍ଥା ହେବ ?*

**ଶ୍ରୀମା** : ମୁଁ ଏପରି ଲୋକଙ୍କୁ ଜାଣେ ଯେଉଁମାନେ କି ସେମାନଙ୍କର ଚୈତ୍ୟସତ୍ତାକୁ ପରିତ୍ୟାଗ କରିଛନ୍ତି ଏବଂ ତଥାପି ସେମାନେ ବଞ୍ଚି ରହିଛନ୍ତି । ଯୁକ୍ତିଛଳରେ କହିବାକୁ ଗଲେ ଚୈତ୍ୟସତ୍ତା ବିନା ଏକ ମାନବ ସତ୍ତାର ମୃତ୍ୟୁ ହୋଇଥାଏ । ତଥାପି ସେମାନେ ବଞ୍ଚିରହନ୍ତି । ଜଗତରେ ଥିବା ଏହି ଆସୁରିକ ଶକ୍ତିମାନଙ୍କୁ ସମ୍ପୂର୍ଣ୍ଣରୂପେ ନିଶ୍ଚିହ୍ନ କରିବା ପାଇଁ ସମ୍ଭବତଃ ଏହା ଆବଶ୍ୟକ ହୋଇପାରେ ଯେ ଭଗବାନଙ୍କୁ ତାଙ୍କର ସମସ୍ତ ସୃଷ୍ଟିକୁ ନିଜ ଭିତରକୁ ଫେରାଇ ଆଣିବାକୁ ପଡ଼ିବ । କାରଣ ଏହି ଆସୁରିକ ଶକ୍ତିମାନେ ସୃଷ୍ଟିର ଉତ୍ପତ୍ତି ସମୟରୁହିଁ ଅଛନ୍ତି ।

*ପ୍ରଶ୍ନ : ଯଦି ଭଗବାନ୍ ନିଜ ଭିତରକୁ ନିଜେ ଫେରି ନ ଆସନ୍ତି ତେବେ ରୂପାନ୍ତର ତ ହୋଇ ପାରିବ ନାହିଁ ?*

**ଶ୍ରୀମା** : ସେକଥା କାହିଁକି ? ତାହା ତ ହେବ ପ୍ରଳୟ ! ଏହା ରୂପାନ୍ତର ନୁହେଁ, ଏହା ପୃଥିବୀର ବିଲୟ । କୁହାଯାଇ ଥାଏ ଯେ ଅତୀତରେ ଛଅ ଥର ସୃଷ୍ଟି ହୋଇଥିଲା । ଅର୍ଥାତ୍ ବିଶ୍ୱର ହୋଇଥିଲା ଛଅ ଥର ବାହ୍ୟ ପ୍ରକାଶ ଏବଂ ଛଅ ଥରଯାକ ବିଶ୍ୱ ପଛକୁ ଫେରି ଯାଇଥିଲା । ଏହା ଧର୍ମପୁସ୍ତକମାନଙ୍କରେ ବର୍ଣ୍ଣନା କରାଯାଇଛି । ତୁମେ ଏ କଥା ଜାଣିଛ – ଭଗବାନଙ୍କ ଆଡ଼କୁ ଏହା ଫେରି ଯାଇଥିଲା । କିନ୍ତୁ କୁହାଯାଇଛି ଏଥର ହେଉଛି ଶେଷ । ଅବଶ୍ୟ ଏହା ସ୍ପଷ୍ଟତଃ ଶେଷ । କିନ୍ତୁ ଏହା ପୂର୍ଣ୍ଣ ସମାପ୍ତି ନୁହେଁ । ତା'ର କାରଣ ହେଲା ସୃଷ୍ଟିରେ କିଛି ଅଭାବ ରହିଯାଉଥିଲା ଏବଂ ତା'କୁ ଫେରାଇ ଅଣାଯାଇ ପୁଣିଥରେ ତିଆରି କରାଯାଉଥିଲା । ଏବଂ ଏହା

କୁହାଯାଇଥାଏ ଯେ ଆମର ବର୍ତ୍ତମାନ ସୃଷ୍ଟି ହେଉଛି ସପ୍ତମ, ଏବଂ ସପ୍ତମ ହୋଇଥିବାରୁ ଏହା ହେଉଛି ପ୍ରକୃତ ସୃଷ୍ଟି, ଅର୍ଥାତ୍ ଏହା ଶେଷ ସୃଷ୍ଟି, ଏହାକୁ ପୁଣି ଆଉ ଥରେ ଫେରାଇ ନିଆଯିବ ନାହିଁ । ଏହା ରୂପାନ୍ତର ହେବାରେ ଲାଗିଥିବ ଏବଂ ଅଧିକରୁ ଅଧିକ ପୂର୍ଣ୍ଣତା ପ୍ରାପ୍ତ ହେଉଥିବ । ତେଣୁ ତାହାକୁ ଆଉ ଫେରାଇ ନିଆଯିବ ନାହିଁ ।

*ପ୍ରଶ୍ନ : ଯାହା କୁହାଯାଇଛି, ତାହା କେତେଦୂର ସତ୍ୟ ?*

ଶ୍ରୀମା : ସେକଥା ଆମେ ପରେ ଦେଖିବା !

*ପ୍ରଶ୍ନ : କିନ୍ତୁ ଗତ ଛଅ ଥର ଯାକ କ'ଣ ଏହିପରି ଘଟିଥିଲା ?*

**ଶ୍ରୀମା** : ପ୍ରଥମ ଛଅ ଥର, ହଁ ଏହା ସତ୍ୟ । ଏପରିକି ତା'ର କ୍ରମ ମଧ୍ୟ ଦିଆଯାଇଛି, ଯେଉଁ କ୍ରମ ଅନୁସାରେ ... ... କାରଣ ପ୍ରତ୍ୟେକ ସୃଷ୍ଟି କେତେକ ବିଶେଷତ୍ୱ ନେଇ ତିଆରି ହୋଇଛି । ଏବଂ ଏହି ବିଶେଷତ୍ୱମାନଙ୍କର କ୍ରମ ଦିଆଯାଇଛି । ମୁଁ ସେସବୁ ଜାଣେ, ମୁଁ ତାହା କେଉଁଠାରେ ଲେଖିଛି । କିନ୍ତୁ ସେସବୁ ବର୍ତ୍ତମାନ ମୋ ପାଖରେ ନାହିଁ । ତେଣୁ ମୁଁ ତାହା ତୁମକୁ ଦେଇପାରିବି ନାହିଁ । କାରଣ ମୁଁ ଭୁଲ୍ କରିପାରେ । କିନ୍ତୁ ଦିନେ ମୁଁ ତୁମକୁ ଦେଖାଇ ପାରିବି ଯେଉଁ କାଗଜରେ ତାହା ଲେଖା ହୋଇଛି । ମୁଁ ଯାହା ଜାଣିଛି ଏହି ଥର ଯେଉଁ ସୃଷ୍ଟି ହୋଇଛି ତାହା ସାମ୍ୟ ଉପରେ ପ୍ରତିଷ୍ଠିତ । କିନ୍ତୁ ଏହା ଏକ ବିଶେଷ ପ୍ରକାରର ସମତା, କାରଣ ଏହା ହେଉଛି ଏକ ପ୍ରଗତିଶୀଳ ସମତା । ଏହା ଏକ ସ୍ଥାଣୁ ସମତା ନୁହେଁ, ଏହା ହେଉଛି ବର୍ତ୍ତମାନ ସୃଷ୍ଟିର ଗୁଣ । ଏହା ହେଉଛି ସମତା, ସେଥିପାଇଁ କୁହାଯାଇଛି ଯେ ଏହି ସୃଷ୍ଟିରେ ଯଦି ପ୍ରତ୍ୟେକ ଜିନିଷ ଉପଯୁକ୍ତ ସ୍ଥାନରେ, ଠିକ୍ ସାମଞ୍ଜସ୍ୟ ରକ୍ଷା କରି ରହିଥିବ ତେବେ ଆଉ କିଛି ଅନିଷ୍ଟ ହେବ ନାହିଁ । ଅନିଷ୍ଟ ଅର୍ଥ କଣ ? — ଏହା ହେଉଛି ସାମ୍ୟ ଅବସ୍ଥାରେ ନ ଥିବା ଅବସ୍ଥା । ଏପରି କିଛି ନାହିଁ ଯାହାକି ନିଜ ଗୁଣ ଯୋଗୁଁ ମନ୍ଦ, କେବଳ ଏହାର ସ୍ଥାନ ଯାହାକି ଭୁଲ୍ ଅର୍ଥାତ୍ ଯାହାକି ଉଚିତ ସ୍ଥାନରେ ନାହିଁ ।

*ପ୍ରଶ୍ନ : ତାହାହେଲେ ଅସୁରମାନଙ୍କର ସ୍ଥାନ କେଉଁଠାରେ ?*

ଶ୍ରୀମା : ସେମାନଙ୍କୁ ଭଗବାନଙ୍କ ନିକଟକୁ ଫେରାଇ ନେବା । ଚାରୋଟି ବଡ଼ ବଡ଼ ଅସୁର ଥିଲେ । ସେହି ଚାରୋଟିଙ୍କ ମଧ୍ୟରୁ ଦୁଇ ଜଣଙ୍କର ପରିବର୍ତ୍ତନ ହୋଇଛି । ସେମାନେ ଭଗବତ୍ କାର୍ଯ୍ୟରେ ଅଂଶ ଗ୍ରହଣ କରୁଛନ୍ତି । ଅନ୍ୟ ଦୁଇଜଣ କିନ୍ତୁ ଭଲ ଭାବରେ ନିଜର ଅସୁରତ୍ୱକୁ ଜାବୁଡ଼ି ଧରିଛନ୍ତି । ସେମାନେ କେତେଦିନ ପର୍ଯ୍ୟନ୍ତ ଏପରି ଜାବୁଡ଼ି ଧରିବେ ଆମେ ସେକଥା ଦେଖିବା । ତାହାହେଲେ ସେମାନଙ୍କର ବାଛିନେବା କଥା — ସେମାନେ ସମଷ୍ଟି ମଧ୍ୟରେ ପୂରା ସମତା ରକ୍ଷାକରି ପରିବର୍ତ୍ତିତ ହୋଇ ସ୍ଥାନ ଗ୍ରହଣ କରିବେ, ନଚେତ୍ ଯେଉଁଠାରୁ ସେମାନଙ୍କର ଉତ୍ପତ୍ତି ହୋଇଥିଲା ସେହିଠାରେ ଲୀନ ହୋଇ ମିଳେଇ ଯିବେ ।

ତାଙ୍କ ଭିତରୁ ଜଣେ ପ୍ରାୟ ପରିବର୍ତ୍ତିତ ହେବାକୁ ଚେଷ୍ଟା କରିଥିଲା । ମାତ୍ର ସେ କୃତକାର୍ଯ୍ୟ ହୋଇପାରିଲା ନାହିଁ । ଯେତେବେଳେ ଏହା ହେବାକୁ ଥିଲା ତାହା ତାକୁ ସମ୍ପୂର୍ଣ୍ଣ ଅପ୍ରୀତିକର ବୋଧ ହେଲା । ତେଣୁ ସେ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ସେହି ପରିବର୍ତ୍ତନକୁ ଘୁଞ୍ଚାଇ ଦେଲା ।

ଅନ୍ୟ ଅସୁରଟି କଥା କହିବାକୁ ଗଲେ, ସେ ଚେଷ୍ଟା କରିବାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରେ । ସେ ପୃଥିବୀରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦଖଲ କରିଛି, କାରଣ ଯେଉଁମାନେ ଏହି ପରିସ୍ଥିତି ଜାଣି ନାହାନ୍ତି, ସେମାନେ ତାକୁ କହନ୍ତି 'ରାଷ୍ଟ୍ରମାନଙ୍କର ପ୍ରଭୁ' । ବାସ୍ତବିକ କିଛି ସମୟ ପୂର୍ବରୁ ମୁଁ ସେହି ଶକ୍ତିମାନଙ୍କ କଥା କହୁଥିଲି, ଯେଉଁମାନେ କି ପୃଥିବୀକୁ ଶାସନ କରୁଛନ୍ତି ଏବଂ କେବେ ହେଲେ ନିଜର ଶାସନକୁ ଛାଡ଼ିବାକୁ ଚାହାନ୍ତି ନାହିଁ । ଲୋକମାନେ ଏଥିରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ — ଏହା ନୁହେଁ ଯେ ଦିନେ ନା ଦିନେ ତା'ର ଶେଷ ଅବସ୍ଥା ଆସି ପହଞ୍ଚିବ ବୋଲି ସେ ଜାଣେ ନାହିଁ, କିନ୍ତୁ ତଥାପି ଯେତେଦିନ ପର୍ଯ୍ୟନ୍ତ ପାରୁଛି ସେ ସର୍ବଦା ସେହି ଦିନକୁ ଘୁଞ୍ଚାଇ ଘୁଞ୍ଚାଇ ଚାଲିଛି ।

କିନ୍ତୁ ସେମାନଙ୍କର ମାନବିକ ପରିସର ନ ଥିବାରୁ ବହୁଦିନ ପର୍ଯ୍ୟନ୍ତ ଏପରି ଭାବରେ ଚାଲିଥିବ, ନୁହେଁ କି ? ଯେତେଦିନ ପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ଏକ ମାନବିକ-ଚେତନା ତାଙ୍କ ପ୍ରଭାବର ଉତ୍ତର ଦେବା ପାଇଁ ପ୍ରସ୍ତୁତ ହୋଇ ରହିଥିବ ସେମାନେ ସେତେଦିନ ପର୍ଯ୍ୟନ୍ତ ରହିବେ । ତେଣୁ ତୁମେ ବର୍ତ୍ତମାନ ସମସ୍ୟାଗୁଡ଼ିକୁ ଅନୁମାନ କରିପାରୁଥିବ ! ବର୍ତ୍ତମାନ ସେମାନେ ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ନୁହେଁ, ରାଷ୍ଟ୍ର ମାଧ୍ୟମରେ ତାଙ୍କର ପ୍ରଭାବକୁ ଜାହିର କରୁଛନ୍ତି । [... ...]

ଏହି ଚାରି ଅସୁରଙ୍କର ମୂଳ ଉତ୍ପତ୍ତି କେଉଁଠାରୁ ହୋଇଛି ତୁମେ ତାହା ଜାଣିଛ କି ? [... ...]

*ପ୍ରଶ୍ନ : ଆପଣ କହିଥିଲେ ଚାରିଗୋଟି ଦିବ୍ୟଶକ୍ତି ଅଛି : ପ୍ରେମ, ଆଲୋକ, ସତ୍ୟ ଏବଂ [... ...] ଜୀବନ [... ...] ତା' ପରବର୍ତ୍ତୀ ଅବସ୍ଥାରେ ଏହି ଚାରୋଟି ଶକ୍ତି ଭଗବାନଙ୍କଠାରୁ ପୃଥକ୍ ହୋଇଗଲେ ଏବଂ ମିଥ୍ୟାରେ ପରିଣତ ହେଲେ ... ...*

**ଶ୍ରୀମା** : ହଁ, ଏହା ସେହିପରି କିଛି ! ଏହା ସେହିପରି କିଛି ! ଆଲୋକ କିଂବା ଚେତନା, ଆନନ୍ଦ କିଂବା ପ୍ରେମ, ଜୀବନ ଏବଂ ସତ୍ୟ ।

ତାହା ପରେ ଆଲୋକ କିଂବା ଚେତନା ପରିଣତ ହେଲା ଅନ୍ଧକାର ଏବଂ ନିଶ୍ଚେତନାରେ । ପ୍ରେମ ଏବଂ ଆନନ୍ଦ ହେଲା – ଘୃଣା ଏବଂ ଯନ୍ତ୍ରଣା, ସତ୍ୟ ହେଲା ମିଥ୍ୟା ଏବଂ ଜୀବନ ହେଲା ମୃତ୍ୟୁ । ହଁ, ଏହା ହେଲା ପ୍ରଥମ ଦୁଇ ... କିନ୍ତୁ ସେହି ଅବସ୍ଥାରେ ନୁହେଁ । ପ୍ରଥମଟି ପରିବର୍ତ୍ତିତ ହୋଇ କାର୍ଯ୍ୟ କରେ, କିନ୍ତୁ ସେ ଏକ ମାନବ ଶରୀର ଗ୍ରହଣ କରିବା ପାଇଁ ଅସ୍ୱୀକାର କରିଥାଏ । ସେ କହେ – ତା' କାର୍ଯ୍ୟରେ ଏହା ଏକ ବାଧା ସ୍ୱରୂପ; ସମ୍ଭବତଃ ଦିନେ ନା ଦିନେ ସେ ଏକ ମାନବ ଶରୀର ଧାରଣ କରିବ, କିନ୍ତୁ ବର୍ତ୍ତମାନ ପାଇଁ ସେ ଅଗ୍ରାହ୍ୟ କରୁଛି । ଦ୍ୱିତୀୟଟି ପରିବର୍ତ୍ତିତ ହୋଇଅଛି ଏବଂ ତା' ସ୍ୱେଚ୍ଛାରେ ଲୀନ ହୋଇଯାଇଛି । ସେ ତା' ନିଜ ଉତ୍ପତ୍ତିସ୍ଥଳରେହିଁ ଲୀନ ହୋଇଯାଇଛି । ଏବଂ ଶେଷ ଦୁଇଜଣ ଭଲ ଭାବରେ ନିଜର ପୁରୁଣା ସତ୍ତାକୁ ଜାବୁଡ଼ି ଧରିଛନ୍ତି ।

ସେମାନଙ୍କ ଭିତରୁ 'ମୃତ୍ୟୁ' ରୂପ ଗ୍ରହଣ କରିବା ପାଇଁ ଚେଷ୍ଟା କରିଥିଲା । କିନ୍ତୁ ସେ ପରିବର୍ତ୍ତିତ ହୋଇପାରିଲା ନାହିଁ । ସେ ଯେ ଶରୀର ଧାରଣ କରିବାକୁ ଚେଷ୍ଟା କରୁଥିଲା – ଏହା କ୍ୱଚିତ୍ ଦେଖା ଯାଇଥାଏ । ଏହା ଥିଲା ଆଂଶିକ ଭାବରେ, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ଶରୀର ଧାରଣ କରିବା ନୁହେଁ । ପୂର୍ଣ୍ଣ ଶରୀର ଧାରଣ ସେମାନଙ୍କ ପକ୍ଷରେ କଷ୍ଟସାଧ୍ୟ । କାରଣ ମାନବ ଶରୀର ଖୁବ୍ କ୍ଷୁଦ୍ର, ମାନବ ଚେତନା ମଧ୍ୟ ଖୁବ୍ କ୍ଷୁଦ୍ର ।

ଅନ୍ୟଟି ସମ୍ପର୍କରେ କହିବାକୁ ଗଲେ ତା'ଠାରୁ ଆସୁଥିବା ଶକ୍ତି କେତେକ ମାନବ ଶରୀରରେ ବେଶ୍ କ୍ରିୟାଶୀଳ । ପୃଥିବୀର ସାମ୍ପ୍ରତିକ ଇତିହାସରେ ସେ ଏକ ବିରାଟ ଭୂମିକା ଗ୍ରହଣ କରିଛି !

*ପ୍ରଶ୍ନ : ଅସୁରମାନେ କ'ଣ ନିଜ ନିଜ ଭିତରେ କଳହ କରନ୍ତି ନାହିଁ ?*

ଶ୍ରୀମା : ହଁ ! ହଁ ! ଆସୁରିକ ପ୍ରଭାବରେ ଥିଲେ ମଣିଷମାନେ ଯେପରି କରିଥା'ନ୍ତି ଠିକ୍ ସେହିପରି । ସେମାନେ ନିଜ ନିଜ ଭିତରେ ସବୁଠାରୁ ଅଧିକ ଶତ୍ରୁତା କରିଥା'ନ୍ତି । ଆମେ ନିଶ୍ଚୟ କହିବା ଏହା ଏକ ଆଶୀର୍ବାଦ, କାରଣ ଯଦି ସେମାନଙ୍କ ଭିତରେ ବୁଝାମଣା ଥାଆନ୍ତା, ତେବେ ଘଟଣାସବୁ ବହୁତ ଜଟିଳ ହୋଇଥା'ନ୍ତା । ବୋଧହୁଏ ଏପରି ହୋଇଛି ତା'ର କାରଣ ଏହା ହେଲା ସମତା ରକ୍ଷା କରିବାର ନିୟମ, ଯାହାକି ପୃଥିବୀକୁ ଶାସନ କରୁଛି । ସେମାନଙ୍କର ପ୍ରଭାବ ହ୍ରାସ କରିବା ପାଇଁ ଏପରି କରାଯାଇଛି । କିନ୍ତୁ ତଥାପି ! [... ...]

*ପ୍ରଶ୍ନ : କିନ୍ତୁ ବିରୋଧୀ ଶକ୍ତିମାନଙ୍କ ପାଇଁ ମଣିଷ କାହିଁକି ଆକର୍ଷଣର କେନ୍ଦ୍ର ହୋଇଛି ? ସେ ତ ଏତେ ସୀମିତ !*

ଶ୍ରୀମା : ହଁ । ସେମାନେ ଅବଶ୍ୟ ସାଧାରଣତଃ କୌଣସି ଜଣେ ମଣିଷ ଉପରେ କାର୍ଯ୍ୟ କରନ୍ତି ନାହିଁ । କିନ୍ତୁ ସେମାନେ ପାର୍ଥିବ ବାତାବରଣକୁ ଅଧିକାର କରିବାକୁ ଚେଷ୍ଟା କରନ୍ତି; ବୁଝି ପାରିଲ, ଏବଂ ସେମାନେ ମଣିଷମାନଙ୍କୁ ଅଧିକାର ନକଲେ ପାର୍ଥିବ ବାତାବରଣକୁ ଅଧିକାର କରିପାରିବେ ନାହିଁ; କାରଣ ମଣିଷ ଭିତରେହିଁ ସବୁଠାରୁ ଉଚ୍ଚତମ ପାର୍ଥିବ ଶକ୍ତି ପ୍ରକାଶିତ ହେଉଅଛି । ଏକ ମାନବ ଶରୀରକୁ ପରିବର୍ତ୍ତନ କରିବା ବିଷୟ, ତାହା ବାସ୍ତବିକ ... ତା'ର ଉତ୍ତର ବଡ଼ ସରଳ । ତାହାର କାରଣ ହେଲା – ମଣିଷ ଭିତରେ ଏକ ଚୈତ୍ୟସତ୍ତା ରହିଛି ଏବଂ ଏପରି କୌଣସି ଅସୁର ନାହିଁ ଯେକି ଅନାଦି କାଳ ପର୍ଯ୍ୟନ୍ତ ଚୈତ୍ୟସତ୍ତାର ପ୍ରଭାବକୁ ପ୍ରତିରୋଧ କରିପାରିବ । ଯେତେଦୂର ପାରେ ସେ ସମର୍ପଣ କରି ନିଜକୁ ଘନିଷ୍ଠଭାବେ ବାନ୍ଧି ରଖିବା ପାଇଁ ପ୍ରତ୍ୟାଖ୍ୟାନ କଲେ ମଧ୍ୟ, ସେ ତାହା ପାରିବ ନାହିଁ । କାରଣ ଏହାହିଁ ହେବ ସେମାନଙ୍କର ଅସ୍ତିତ୍ୱକୁ ନିଶ୍ଚିତରୂପେ ଅସ୍ୱୀକାର କରିବା ।

*୧୬ ଜୁନ୍, ୧୯୫୪*

(M.C.W., Vol. 6, pp. 170-74)

ଅନୁବାଦ : ଶ୍ରୀମତୀ ପ୍ରୀତି ପଟ୍ଟନାୟକ

**ସାଧନା-ପରମ୍ପରା :**

# ଦଶ ମହାବିଦ୍ୟା

ଭାରତର ପ୍ରାଚୀନ ପରମ୍ପରାରେ ତନ୍ତ୍ର-ସାଧନା ଓ ଶକ୍ତି-ଉପାସନାର ଏକ ବିଶେଷ ସ୍ଥାନ ରହିଆସିଛି । ତାହାର ଏକ ବିଶିଷ୍ଟ ଅଙ୍ଗ ହେଉଛି ଦଶ ମହାବିଦ୍ୟା । ସେହି ଏକ ଆଦ୍ୟା ପରାଶକ୍ତି ଦିବ୍ୟଜନନୀଙ୍କର ଯେଉଁ ଅନନ୍ତ ସ୍ୱରୂପ ରହିଛି, ତାହାର ଅସଂଖ୍ୟ ବିଭାବ ଓ ଗୁଣକୁ ରୂପାୟିତ କରୁଥିବା ସ୍ୱତନ୍ତ୍ର ମାତୃମୂର୍ତ୍ତିସବୁକୁ ପୃଥକୀଭୂତ ଭାବେ ପୂଜା ଓ ଆରାଧନା କରାଯାଇଥାଏ । ସେମାନଙ୍କର ପୀଠ, ପୂଜା-ପଦ୍ଧତି ମୁଦ୍ରା, ମନ୍ତ୍ର, ଯନ୍ତ୍ର, ଜପ ଆଦି ସବୁ ମଧ୍ୟ ପୃଥକ୍ ଓ ଭିନ୍ନ ଭିନ୍ନ । ଆରାଧ୍ୟା ଦେବୀ ଓ ସାଧକ ଭିତରେ ଏକ ଅତ୍ୟନ୍ତ ଗୋପନ ଓ ବ୍ୟକ୍ତିଗତ ସଂପର୍କ ଗଢ଼ିଉଠିବା ଉପରେ ଜୋର୍ ଦିଆ ଯାଇଥାଏ । ଯେହେତୁ ମଣିଷର ସ୍ୱଭାବ ଓ ପ୍ରକୃତିରେ ନାନା ଭିନ୍ନତା ଓ ସ୍ୱତନ୍ତ୍ରତା ରହିଥାଏ, ଭିନ୍ନ ଭିନ୍ନ ଆଗ୍ରହ, ରୁଚି ଓ ଆକର୍ଷଣ ଆଦି ରହିଥାଏ, ତେଣୁ ତାହାର ସାଧନାର ଲକ୍ଷ୍ୟ, ଯାତ୍ରାପଥ ଓ ବର-ପ୍ରାର୍ଥନା ତଥା ବର-ପ୍ରାପ୍ତିର ଧାରା ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ତେଣୁ ସାଧକର ସ୍ୱଭାବ ଅନୁଯାୟୀହିଁ ସ୍ୱୟଂ ସାଧକ ବା ତା'ର ଗୁରୁ ନିରୂପଣ କରିଦିଅନ୍ତି ତା'ର ଇଷ୍ଟ ଓ ଲକ୍ଷ୍ୟ ସିଦ୍ଧିର ମାର୍ଗ — ସେ ଲକ୍ଷ୍ୟ ଆଧ୍ୟାତ୍ମିକ ମୁକ୍ତି ବା ପାର୍ଥିବ ଅଭିଳାଷର ପୂରଣ ଆଦି — ତାହା ଯାହା ବି ହେଉନା କାହିଁକି ।

ତେବେ ସବୁ ଲକ୍ଷ୍ୟ ସିଦ୍ଧିର ମୂଳରେ ରହିଛି କୃପା । ସେହି କୃପା ଓ ଶକ୍ତିର ମୂଳଉତ୍ସ ହେଲେ ପରମେଶ୍ୱରଙ୍କର ମହାଶକ୍ତି ସେହି ଏକ ଆଦ୍ୟା ଜନନୀ, ଭଗବତୀ ପରମେଶ୍ୱରୀ । ସେହିଁ ଆଦି ମହାବିଦ୍ୟା — ସମସ୍ତ ସୃଷ୍ଟି, ପାଳନ ଓ ସଂହାରର କର୍ତ୍ତ୍ରୀ; ବିଶ୍ୱପ୍ରକୃତିକୁ ଜନ୍ମଦେଇ ତାହାର ରକ୍ଷଣା-ବେକ୍ଷଣର ଭାର ନେଇଥିବା ଓ ତାହାକୁ ଅତିକ୍ରମ କରିଥିବା ପରା ପ୍ରକୃତି । ସେହିଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ପ୍ରମୁଖ ଭଗବତ୍ ସ୍ୱରୂପ ଓ ଅନ୍ୟାନ୍ୟ ଦେବଗଣଙ୍କ ଜନ୍ମଦାତ୍ରୀ, ପୁଣି ସେମାନଙ୍କର ଶକ୍ତି ରୂପେ ସୃଷ୍ଟି-ପାଳନ-ସଂହାର କ୍ରିୟାରେ ଆବିର୍ଭୂତା । ସେହିଁ ଅସୁର-ବିନାଶିନୀ ରୂପେ ସୃଷ୍ଟି ଓ ତାହାର କ୍ରମବିକାଶକୁ ସମସ୍ତ ଅପଶକ୍ତିର ପ୍ରାଦୁର୍ଭାବ ଓ ଆକ୍ରମଣରୁ ରକ୍ଷା କରନ୍ତି । ସେହିଁ ଅଭୟ ବରଦାୟିନୀ ରୂପେ ସମସ୍ତ ଜୀବକୁଳକୁ ସେମାନଙ୍କ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ପଥରେ ଆଗେଇ ନିଅନ୍ତି । ତାଙ୍କରି ମହାଶକ୍ତିର ଗୋଟିଏ ଗୋଟିଏ ଦିଗ ବା ଗୁଣ ଓ ବିଭାବର ପ୍ରାଧାନ୍ୟ ନେଇ ଏହି ଦଶ ମହାବିଦ୍ୟାରୂପିଣୀ ଶକ୍ତିମାନେ ଆବିର୍ଭୂତା । ଏହି ଦଶ ମହାବିଦ୍ୟାମାନଙ୍କ ଭିତରେ ତାଙ୍କରି ଶକ୍ତିହିଁ ସଂଚାରିତା ଓ କ୍ରିୟାଶୀଳା । ତାଙ୍କରି ମହାଶକ୍ତି ବ୍ୟକ୍ତିରୂପ ଗ୍ରହଣ କରିଥିବା ଏହି ଦଶ ମହାବିଦ୍ୟାମାନଙ୍କର ପୂଜା, ଆରାଧନା ଓ ସନ୍ତୋଷ ବିଧାନ କରି ସାଧକ ନିଜ ଚେତନାରେ ସେମାନଙ୍କୁ ଆବିର୍ଭୂତା କରାଇଥାଏ, ସେମାନଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରିଥାଏ, ଅଭିଳଷିତ ବର ପ୍ରାର୍ଥନା କରିଥାଏ ଓ ସେହି ବରପ୍ରାପ୍ତ ହୋଇଥାଏ । କେତେକ ସାଧନାର କ୍ଷେତ୍ରରେ ଏହି ଦଶ ମହାବିଦ୍ୟାମାନଙ୍କ ଭିତରୁ, ସାଧକ ନିଜର ଆରାଧ୍ୟା ଦେବୀଙ୍କ ସହ ଏକାତ୍ମତା ଲାଭକରି ନିଜର ଚେତନା ଓ କର୍ମରେ ତାଙ୍କରି ବିଶେଷ ଗୁଣଗୁଡ଼ିକୁ ପ୍ରକାଶ ଓ ଅଭିବ୍ୟକ୍ତ କରିଥାଏ ଓ ସେହି ମହାବିଦ୍ୟା ସାଧନାରେ ସେ ସିଦ୍ଧ ବୋଲି ଗଣ୍ୟ ହୁଏ । ଆଉ ମଧ୍ୟ କୌଣସି ସାଧକ ଯଦି ଚାହେଁ ତେବେ ସେ ନିଜକୁ କୌଣସି ଗୋଟିଏ ମହାବିଦ୍ୟାର ସାଧନାରେ ଆବଦ୍ଧ ନ କରି ମହାବିଦ୍ୟାର ଅନ୍ୟ ଦେବୀଙ୍କର ମଧ୍ୟ ଆରାଧନା କରିପାରେ ଓ ସେ ସମସ୍ତଙ୍କୁ ଅତିକ୍ରମ କରି ଭଗବତୀ ଜନନୀଙ୍କୁ ଆଦ୍ୟା, ଏକ ଅଦ୍ୱୈତା ପରମା ମହାବିଦ୍ୟାଙ୍କୁ ଉପାସନା କରିପାରେ ।

ଦଶ ମହାବିଦ୍ୟାର ଦେବୀମାନଙ୍କର ସ୍ୱରୂପ ଓ ଗୁଣାବଳୀର ପରିଚୟ ପାରମ୍ପରିକ କ୍ରମାନୁସାରେ ସଂକ୍ଷେପରେ ପ୍ରଦତ୍ତ ହେଲା : —

## (୧) କାଳୀ :

ଅଙ୍ଗର ବର୍ଣ୍ଣ କଳା । ରୂପ ଭୟଙ୍କର ଓ ଶିବଙ୍କର ପୃଷ୍ଠଶାୟୀ ଶରୀରର ବକ୍ଷ ଉପରେ ଦଣ୍ଡାୟମାନା, ଚତୁର୍ଭୁଜା । ତାଙ୍କର ଊର୍ଦ୍ଧ୍ୱ ବାମ ହସ୍ତରେ ଏକ ରକ୍ତରଞ୍ଜିତ ଖଡ୍‌ଗ ଓ ନିମ୍ନ ବାମହସ୍ତରେ ଏକ ଛିନ୍ନମୁଣ୍ଡ । ଊର୍ଦ୍ଧ୍ୱ ଦକ୍ଷିଣ ହସ୍ତରେ ଅଭୟ ମୁଦ୍ରା ଓ ନିମ୍ନ ଦକ୍ଷିଣ ହସ୍ତରେ ବରଦାନ ମୁଦ୍ରା । ସେ ଉଲଗ୍ନା, ଗଳାରେ ନରମୁଣ୍ଡର ଏକ ମାଳ ଏବଂ ଅଣ୍ଟାରେ ଛିନ୍ନ ନରବାହୁର ଏକ ମାଳ, ତାଙ୍କର କେଶ ମୁକୁଳା ଓ ଅଯତ୍ନ ବିନ୍ୟସ୍ତ; ଅଧିକାଂଶ ବେଳେ ଶ୍ମଶାନ ବା ରଣଭୂମିରେ ଉଭା ହୋଇଥାଆନ୍ତି ।

ମହାବିଦ୍ୟାମାନଙ୍କ ଭିତରେ ତାଙ୍କର ସ୍ଥାନ ପ୍ରଥମ ଓ କେତେକ ଗ୍ରନ୍ଥରେ ଅନ୍ୟ ସମସ୍ତ ମହାବିଦ୍ୟା ତାଙ୍କଠାରୁ ଉତ୍ପନ୍ନ ବୋଲି ସୂଚିତ ।

### (୨) ତାରା :

ଏ ହେଉଛନ୍ତି ଦ୍ୱିତୀୟ ମହାବିଦ୍ୟା । ରୂପ ଓ ଆକୃତିରେ ପ୍ରାୟ କାଳୀଙ୍କ ସଙ୍ଗେ ସମାନ । କୃଷ୍ଣବର୍ଣ୍ଣା, ତାଙ୍କର ବାମପାଦ ଏକ ଶବ ଉପରେ ବା ଶିବଙ୍କ ଉପରେ ସ୍ଥାପିତ, ବ୍ୟାଘ୍ରଚର୍ମ ପରିଧାୟିନୀ; ତାଙ୍କର କେଶ ମୁକୁଳା, ଦୀର୍ଘ ଓ ଅବିନ୍ୟସ୍ତ । ଚତୁର୍ଭୁଜା, ଦୁଇ ବାମହସ୍ତରୁ ଗୋଟିକରେ କୃପାଣ ଓ ତଳଟିରେ ଛିନ୍ନ ମସ୍ତକ, ଦକ୍ଷିଣ ଦୁଇ ହସ୍ତରେ ବର ଓ ଅଭୟ । ଅଧିକାଂଶ ସମୟରେ ଶ୍ମଶାନର ଚିତା ନିକଟରେ ଦଣ୍ଡାୟମାନା ।

### (୩) ଷୋଡ଼ଶୀ :

କେତେକ ଗ୍ରନ୍ଥରେ ଲଳିତା, ତ୍ରିପୁର ସୁନ୍ଦରୀ ଓ ରାଜରାଜେଶ୍ୱରୀ ନାମରେ ଏହାଙ୍କୁ ନାମିତ କରାଯାଇଛି । ଏହାଙ୍କର ଅଙ୍ଗକାନ୍ତି ରକ୍ତିମ । ଷୋଡ଼ଶ ବର୍ଷ ବୟସ୍କା ଏହି କିଶୋରୀ ସକଳ ଦେବୀଙ୍କ ମଧ୍ୟରେ ଅତ୍ୟନ୍ତ ସୁନ୍ଦରୀ । କେତେକ ବର୍ଣ୍ଣନାରେ ଏହାଙ୍କର ସିଂହାସନକୁ ବ୍ରହ୍ମା, ବିଷ୍ଣୁ, ରୁଦ୍ର ଓ ଯମ ଧାରଣ କରିଥିବାର କୁହାଯାଇଛି । ଆଉ କେତେକ ସ୍ଥାନରେ ଶିବଙ୍କ ନାଭିକମଳରୁ ଉତ୍ପନ୍ନ ଏକ ପଦ୍ମ ଉପରେ ଏହି ଦେବୀ ଆସୀନା ବୋଲି ବର୍ଣ୍ଣିତ ହୋଇଛି, ଯେଉଁଠି ଶିବ ଏହାଙ୍କ ତଳେ ଶାୟିତ । ଏହି ଦେବୀ ନିଜ ଚତୁର୍ଭୁଜରେ ପାଶ, ଅଙ୍କୁଶ, ଧନୁ ଓ ତୀର ଧାରଣ କରିଥାଆନ୍ତି । ତାଙ୍କର ଅଙ୍ଗକାନ୍ତି ଉଦୀୟମାନ ସୂର୍ଯ୍ୟଙ୍କ ତେଜଃ ପରି ।

### (୪) ଭୁବନେଶ୍ୱରୀ :

ସୃଷ୍ଟ ବିଶ୍ୱ, ପଞ୍ଚ ମହାଭୂତ ଓ ବିଶ୍ୱପ୍ରକୃତି ସଙ୍ଗରେ ଏହାଙ୍କର ଶକ୍ତି ଓ ଗତିଶୀଳ ସକ୍ରିୟତାର ଏକତ୍ୱ ଉପରେ ବିଭିନ୍ନ ବର୍ଣ୍ଣନାରେ ଜୋର୍ ଦିଆ ଯାଇଛି । ଉର୍ଣ୍ଣନାଭର ଗର୍ଭରୁ ସୂକ୍ଷ୍ମତନ୍ତୁ ବା ଅଗ୍ନିରୁ ସ୍ଫୁଲିଙ୍ଗ ଜାତ ହେଲା ପରି ସମଗ୍ର ବିଶ୍ୱପ୍ରକୃତି ଏହାଙ୍କଠାରୁ ଉଦ୍ଭୂତ । ତ୍ରିଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟର କର୍ତ୍ରୀ ରୂପରେ ଚତୁର୍ଭୁଜା ଏହି ଦେବୀ ଗୋଟିଏ ହସ୍ତରେ ଫଳ, ଗୋଟିଏ ହସ୍ତରେ ବରାଭୟର ମୁଦ୍ରା ଓ ଅନ୍ୟ ଦୁଇଟି ହସ୍ତରେ ପାଶ ଓ ଅଙ୍କୁଶ ଧାରଣ କରିଛନ୍ତି ବୋଲି ବର୍ଣ୍ଣିତ । ଏହାଙ୍କର ସ୍ତନଦ୍ୱୟ ସୁବୃହତ୍ ଓ ସର୍ବଦା ଏଥିରୁ ଦୁଗ୍ଧ କ୍ଷରିତ ହେଉଥାଏ । ଏହାଙ୍କର ବର୍ଣ୍ଣ ବିଦ୍ୟୁତ୍‌ପ୍ରଭା ପରି ଉଜ୍ଜ୍ୱଳ ଓ ଏହି ଦେବୀ ନିତ୍ୟ- ପ୍ରସନ୍ନା ଓ ସ୍ମିତହାସ୍ୟଯୁକ୍ତା ।

### (୫) ଛିନ୍ନମସ୍ତା :

ଖଡ୍‌ଗ ଦ୍ୱାରା ନିଜ ହସ୍ତରେ ନିଜର ମସ୍ତକ ଛେଦନ କରି ତାହାକୁ ବାମ ହସ୍ତରେ ଥିବା ଏକ ଥାଳି ଉପରେ ରଖିଛନ୍ତି । ନିଜ ମସ୍ତକ ଛେଦନ କରିଥିବା ଖଡ୍‌ଗଟିକୁ ଦକ୍ଷିଣ ହସ୍ତରେ ଧାରଣ କରିଛନ୍ତି । ନିଜ ଗ୍ରୀବା ଦେଶରୁ ଉଦ୍‌ଗତ ତିନୋଟି ଊର୍ଦ୍ଧ୍ୱମୁଖୀ ରକ୍ତଧାରାରୁ ଗୋଟିଏ କଟା ହୋଇଥିବା ନିଜ ମସ୍ତକର ମୁଖରେ ପଡୁଛି ଓ ଅନ୍ୟ ଦୁଇଟି ଧାରା ନିଜର ପାର୍ଶ୍ୱସ୍ଥ ସଖୀମାନଙ୍କ ମୁଖରେ ପତିତ ହେଉଛି । ଛିନ୍ନମସ୍ତା ଦଣ୍ଡାୟମାନା ହୋଇଛନ୍ତି ମୈଥୁନଯୁକ୍ତ ରତି ଓ କାମଦେବଙ୍କ ଶଯ୍ୟା ଉପରେ । ଏ ଦୁଇଜଣ କେତେବେଳେ ପଦ୍ମ ଉପରେ ବା କେତେବେଳେ ଶ୍ମଶାନ ଚିତା ଉପରେ ନିଜର ଶୟନ ରଚନା କରିଥାଆନ୍ତି । ଛିନ୍ନମସ୍ତା ଉଲଗ୍ନା ଓ ତାଙ୍କର କେଶ ମୁକୁଳା ।

### (୬) ଭୈରବୀ :

ରୂପ ଓ ଆକୃତିରେ ଦେବୀ ଭୈରବୀ ଭୀଷଣା ଓ ଭୟଙ୍କରୀ । ଧ୍ୱଂସ ଓ ବିନାଶ ହେଉଛି ବିଶ୍ୱକ୍ରିୟାରେ ତାଙ୍କର ଭୂମିକା । ତାଙ୍କର ଅଙ୍ଗକାନ୍ତି ସହସ୍ର ଉଦୀୟମାନ ସୂର୍ଯ୍ୟଙ୍କ ତେଜଃ ସଙ୍ଗେ ତୁଳନୀୟ । ସେ ଏକ ଖପୁରିର ମାଳ ଓ ନିଜେ ନିହତ କରିଥିବା ଅସୁରମାନଙ୍କ ଚର୍ମକୁ ବସ୍ତ୍ରରୂପେ ପରିଧାନ କରି ଥାଆନ୍ତି । ତାଙ୍କର ପଦଯୁଗଳ ଓ ସ୍ତନଦ୍ୱୟ ରକ୍ତରେ ରଞ୍ଜିତ । ତାଙ୍କର ଚାରିଟି ହାତରୁ ଗୋଟିକରେ ମାଳା, ଗୋଟିକରେ ପୁସ୍ତକ ଓ ଅନ୍ୟ ଦୁଇଟିରେ ବର ଓ ଅଭୟ ମୁଦ୍ରାଧାରଣ କରି ଥାଆନ୍ତି । ସେ ଶିବାରୂଢ଼ା ଓ କୋଟରାକ୍ଷୀ ।

### (୭) ଧୂମାବତୀ :

ଦୀର୍ଘ ଉଚ୍ଚତା-ବିଶିଷ୍ଟା ଏହି ଦେବୀଙ୍କର ଅଙ୍ଗକାନ୍ତି ମଳିନ ଓ ମୁଖ ଅତ୍ୟନ୍ତ ଗମ୍ଭୀର ଓ ହାସ୍ୟହୀନ । ଅଳଙ୍କାର-ବିହୀନ ହୋଇ ଶୁଭ୍ରବସ୍ତ୍ର ପରିଧାନ କରି ବିଧବାର ବେଶ ଧାରଣ କରିଥା'ନ୍ତି । ତାଙ୍କର ବସ୍ତ୍ର ମଳିନ ଓ କେଶ ଅଯତ୍ନ ବିନ୍ୟସ୍ତ । ସେ ଦନ୍ତହୀନା, ତାଙ୍କର ଦୀର୍ଘସ୍ତନ ତଳକୁ ଝୁଲି ପଡ଼ିଥାଏ, ତାଙ୍କର ନାସିକା ଦୀର୍ଘ ଓ ବକ୍ର । ସେ ସଦା କ୍ଷୁଧାତୁରା ଓ

ତୃଷାତୁରା । ତାଙ୍କର ସ୍ୱଭାବ କଳହପ୍ରିୟ । କାକ ହେଉଛି ତାଙ୍କର ବାହନ ଓ ସେ ରଥାରୂଢ଼ା ମଧ୍ୟ ହୋଇଥା'ନ୍ତି । ବର୍ଣ୍ଣ କଳା, ଚାରି ହାତରେ ତ୍ରିଶୂଳ, ଖଡ୍‌ଗ, ଏକ ପାତ୍ର ଓ ପାଛୁଡ଼ା କୁଲା ଧରି ଥାଆନ୍ତି ।

(୮) **ବଗଳାମୁଖୀ :**

ବକପକ୍ଷୀର ମସ୍ତକ ପରି ମସ୍ତକ ଥିବା ଏହି ଦେବୀ ଏକ ମଣିମୁକ୍ତାଖଚିତ ସିଂହାସନରେ ଉପବିଷ୍ଟା । ଅନେକ ସମୟରେ ଏହି ସିଂହାସନ ଜଳ ମଧ୍ୟରେ ରହିଥାଏ । ସେ ହଳଦୀ ରଙ୍ଗର ଶାଢ଼ି ପିନ୍ଧିଥାଆନ୍ତି, ହଳଦୀ ବର୍ଣ୍ଣ ତାଙ୍କର ପ୍ରିୟରଙ୍ଗ, ହଳଦୀରଙ୍ଗର ଫୁଲ ଓ ଉପଚାର ଆଦିରେ ତାଙ୍କୁ ପୂଜା କରାଯାଏ । ଗୋଟିଏ ହାତରେ ଗଦା ଧାରଣ କରି ସେ ଶତ୍ରୁକୁ ସଂହାର କରିବାକୁ ଉଦ୍ୟତ ହୋଇଥିବା ବେଳେ ଅନ୍ୟ ହାତରେ ସେହି ଶତ୍ରୁର ଜିହ୍ୱାକୁ ଟାଣି ଧରିଥାଆନ୍ତି । ତନ୍ତ୍ରବିଦ୍ୟାର ସ୍ତମ୍ଭନ, ଉଚ୍ଚାଟନ, ମାରଣ, ବଶୀକରଣ ଆଦି ଗୁହ୍ୟବିଦ୍ୟାରେ ପାରଙ୍ଗମ ବୋଲି ସେ ଦେବୀଙ୍କୁ ଗଣ୍ୟ କରାଯାଏ । କେତେକ ବର୍ଣ୍ଣନାରେ ତାଙ୍କୁ ଶବାରୂଢ଼ା ବୋଲି କୁହାଯାଉଥିବା ବେଳେ କେତେକ ସ୍ଥାନରେ ତାଙ୍କର ବାହନ ବକପକ୍ଷୀ ବୋଲି କୁହାଯାଏ ।

(୯) **ମାତଙ୍ଗୀ :**

ମାତଙ୍ଗୀଙ୍କର ବହୁ ବିଭିନ୍ନ ରୂପର ବର୍ଣ୍ଣନା ଅଛି । ସାଧାରଣତଃ ସେ କୃଷ୍ଣବର୍ଣ୍ଣା ଓ ଅତ୍ୟନ୍ତ ସୁନ୍ଦରୀ । ତାଙ୍କର ଦୀର୍ଘକେଶ ଜ୍ୟୋତ୍ସ୍ନାମଣ୍ଡିତ । ସେ ମଣିମୁକ୍ତା ଖଚିତ ସିଂହାସନରେ ଉପବିଷ୍ଟା । ଅତ୍ୟନ୍ତ ସୁନ୍ଦର ବେଶରେ ସୁସଜ୍ଜିତା ଓ ପୁଷ୍ପମାଲ୍ୟ ଧାରଣ କରିଥାଆନ୍ତି । ତାଙ୍କର ଚାରିଟି ହସ୍ତରେ ପାଶ, ଅଙ୍କୁଶ, ଖଡ୍‌ଗ ଓ ଗଦା ଶୋଭା ପାଉଥାଏ । ତାଙ୍କର ଚକ୍ଷୁଯୁଗଳର ଆକର୍ଷଣ ସର୍ବଜନଙ୍କୁ ମୋହିତ କରେ ।

(୧୦) **କମଳା :**

ସ୍ୱର୍ଣ୍ଣାଭ ଅଙ୍ଗକାନ୍ତି ବିଶିଷ୍ଟା ଏହି ଦେବୀ ସୌନ୍ଦର୍ଯ୍ୟ ଓ ତାରୁଣ୍ୟର ମୂର୍ତ୍ତିମନ୍ତ ରୂପ । ଉଭୟ ପାର୍ଶ୍ୱରେ ଦୁଇଟି ହସ୍ତୀ ଛିଡ଼ା ହୋଇ ଏହାଙ୍କ ଉପରେ ଜଳ ବର୍ଷଣ କରୁଥାଆନ୍ତି । ପଦ୍ମ ଉପରେ ଆସୀନା ହୋଇ ହସ୍ତରେ ପଦ୍ମପୁଷ୍ପ ଧାରଣ କରିଥା'ନ୍ତି । ଅନ୍ୟ ଦୁଇ ହସ୍ତରେ ବର ଓ ଅଭୟ ମୁଦ୍ରା । ଦେବୀ ଲକ୍ଷ୍ମୀଙ୍କ ସହ ତାଙ୍କର ତାଦାତ୍ମ୍ୟ ଅତି ସ୍ପଷ୍ଟ ।

*

ଦଶ ମହାବିଦ୍ୟାମାନଙ୍କର ଏହିସବୁ ନାମ ଓ ବର୍ଣ୍ଣନାରେ ବିଭିନ୍ନ ତନ୍ତ୍ରଶାସ୍ତ୍ରରେ କିଛିଟା ପାର୍ଥକ୍ୟ ରହିଥିଲେ ମଧ୍ୟ ସାଧାରଣତଃ ଉପରୋକ୍ତ ନାମରୂପ ଓ ବର୍ଣ୍ଣନା ବହୁ ଅଧିକ ଭାବରେ ଗୃହୀତ ଓ ପ୍ରଚଳିତ । କେତେକ ଶାସ୍ତ୍ରରେ ଦୁର୍ଗା, ଅନ୍ନପୂର୍ଣ୍ଣା ଓ କାମାକ୍ଷାଙ୍କୁ ଦଶ ମହାବିଦ୍ୟାରେ ଗ୍ରହଣ କରାଯାଇଛି । ନିରୁତ୍ତର ତନ୍ତ୍ରରେ ମହାବିଦ୍ୟାଙ୍କ ସଂଖ୍ୟା ଅଠର ବୋଲି କୁହା ଯାଉଥିବା ବେଳେ ନାରଦ ପଞ୍ଚରାତ୍ରରେ ସାତ ନିୟୁତ ଅର୍ଥାତ୍ ସତୁରି ଲକ୍ଷ ମହାବିଦ୍ୟା ରହିଥିବା କଥା କୁହାଯାଇଛି ।

ଅଧ୍ୟାତ୍ମବାଦୀ ଯେଉଁ ସାଧକମାନେ ଦିବ୍ୟଜନନୀଙ୍କର ନିତ୍ୟ-ପ୍ରସନ୍ନା, କଲ୍ୟାଣମୟୀ ରୂପର ଆରାଧନା କରିଥାଆନ୍ତି, ସେମାନଙ୍କ ମନରେ ଦଶ ମହାବିଦ୍ୟାରେ ବର୍ଣ୍ଣିତ ଦେବୀଙ୍କର ଭୀଷଣା ଓ ଭୟଙ୍କରୀ ରୂପ ବା ଉଗ୍ର କାମ ଭାବ ଆଦିର ବିସ୍ତାରିତ ଉଲ୍ଲେଖ ନାନା ପ୍ରଶ୍ନ ଓ କୌତୂହଳ ଜାଗ୍ରତ୍ କରିବା ସ୍ୱାଭାବିକ । କିନ୍ତୁ ମନେରଖିବାକୁ ହେବ ଯେ ପୃଥିବୀରେ ତଥା ଆମ ମନ, ପ୍ରାଣ ଓ ଦେହରେ ରହିଥିବା ନାନା ଅଜ୍ଞାନ ଓ ନିଶ୍ଚେତନାକୁ, କ୍ରିୟାଶୀଳ ନାନା ଅପଶକ୍ତିକୁ ଧ୍ୱଂସ କରି ତାହାକୁ ଦିବ୍ୟତାରେ ରୂପାନ୍ତରିତ କରିବା ପ୍ରକ୍ରିୟାରେ ଦିବ୍ୟଜନନୀଙ୍କୁ ସେଗୁଡ଼ିକ ଭିତରେ ପ୍ରବେଶ କରି, ନିଜ ଭିତରେ ସେଗୁଡ଼ିକର ଉପଦ୍ରବ ଓ ଆକ୍ରମଣକୁ ଗ୍ରହଣ କରି, ସେଗୁଡ଼ିକ ଭିତରେ ସୁପ୍ତ ଓ ନିହିତ ଥିବା ଦିବ୍ୟତାକୁ ଉଦ୍ରେକ ଓ ଉତ୍ଥିତ କରିବାକୁ ହୋଇଥାଏ । ତେଣୁ ମା'ଙ୍କର ରୂପାନ୍ତରକାରିଣୀ ଶକ୍ତି ଦଶ ମହାବିଦ୍ୟାଙ୍କର ଏହି ସମସ୍ତ ରୂପ ଓ ଗୁଣକୁ ଧାରଣ କରି ସେହି ଏକ ସଙ୍ଗରେ ଅସୁର-ବିନାଶିନୀ ଓ ବରାଭୟ ପ୍ରଦାୟିନୀ ରୂପ ପ୍ରକଟ କରିବାରେ ଅସ୍ୱାଭାବିକତା କିଛି ନାହିଁ ।

ଉପସ୍ଥାପନା : ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଶେଷ ପୃଷ୍ଠା :

# ଦିବ୍ୟ ଉପସ୍ଥିତିର ପ୍ରକାଶ ପାଇଁ ବାଟ ଛାଡ଼ିଦେବା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଏହା ଏକ ଦେବ ମୁହୂର୍ତ୍ତ, କାରଣ ସ୍ୱୟଂ ଭଗବାନ୍, ଭଗବତୀ ଦିବ୍ୟ ଜନନୀଙ୍କ ସହ ଏକତ୍ର ଅବତାର ଗ୍ରହଣ କରିଛନ୍ତି ଓ ପୃଥିବୀପୃଷ୍ଠରେ ଏକ ନୂତନ ଦିବ୍ୟ ଚେତନା ଅତିମାନସ ଚେତନାର ସ୍ଥାପନ ଓ ପ୍ରତିଷ୍ଠା ପାଇଁ କ୍ରିୟା କରି ଚାଲିଛନ୍ତି ଯାହାର ଶେଷ ପରିଣତି ହେବ ଏକ ନୂତନ ରୂପାନ୍ତରିତ ଚେତନା ଓ ଶରୀର ନେଇ ଏହି ଧରାପୃଷ୍ଠରେହିଁ ଏକ ନୂତନ ଅତିମାନବ ଜାତିର ଆବିର୍ଭାବ ।

ତେଣୁ ଆମେ ଏପରି ଏକ ଯୁଗସନ୍ଧିରେ ବାସ କରିବାର ସୌଭାଗ୍ୟ ଓ ସୁଯୋଗ ପାଇଛେ ଯେତେବେଳେ କି ବିବର୍ତ୍ତନରେ ଆଉ ଏକ ନୂତନ ପଦକ୍ଷେପ ପାଇଁ, ଏକ ନୂତନ ଅତିମାନବ ଜାତିର ସୃଷ୍ଟି ପାଇଁ ଭଗବାନଙ୍କ ଶକ୍ତି ପ୍ରତ୍ୟକ୍ଷ ଭାବରେ କ୍ରିୟାଶୀଳ । କ୍ରମବିକାଶର ଯେଉଁ ଯୁଗସନ୍ଧିରେ ମନର ଅବତରଣ ଦ୍ୱାରା ପଶୁ ସ୍ତରକୁ ଅତିକ୍ରମ କରା ହୋଇ ମାନବଜାତିର ଆବିର୍ଭାବ ହୋଇଥିଲା, ବର୍ତ୍ତମାନ ସେହିଭଳି ଏକ ସମୟ, ଯେତେବେଳେ ଅତିମାନସର ଅବତରଣ ଦ୍ୱାରା ମାନବସ୍ତରକୁ ଅତିକ୍ରମ କରାଇ, ବିଶ୍ୱ ପ୍ରକୃତିରେ ଆଉ ଏକ ନୂତନ ଅତିମାନବ ଜାତିର ଆବିର୍ଭାବ ହେବ । ଆଉ ଏକ ଦୃଷ୍ଟିରୁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ସେତେବେଳେ ମନୁଷ୍ୟଜାତିର ଆବିର୍ଭାବ ପାଇଁ ବିଶ୍ୱ ପ୍ରକୃତି ସହ ସଚେତ ସହଯୋଗ ଦେବାକୁ ପଶୁ ଜଗତ୍ ଆଗରେ କୌଣସି ସୁଯୋଗ ନଥିଲା । କିନ୍ତୁ ସଚେତ ମନର ଅଧିକାର ମାନବସମାଜ ଆଗରେ ସେହି ସୁଯୋଗ ରହିଛି ଯାହା ଫଳରେ ଅତିମାନବ ସୃଷ୍ଟି ପାଇଁ ଭଗବାନଙ୍କ ସଙ୍କଳ୍ପ ସହ ସେ ସଚେତ ସହଯୋଗ ଦେଇ ପାରିବ । ମାନବ ଚେତନାର ସେହି ସଚେତ ସହଯୋଗକୁହିଁ ବାସ୍ତବ ରୂପ ଦେବା ପାଇଁ ମାନବ ଶରୀର ଧରି ଶ୍ରୀଅରବିନ୍ଦ ଓ ଶ୍ରୀମା ପୃଥିବୀରେ ଅବତୀର୍ଣ୍ଣ ହୋଇଥିଲେ ଓ ମାନବ ସମାଜକୁ ମନ ଚେତନାର ବହୁ ଊର୍ଦ୍ଧ୍ୱକୁ ଉଠିଯାଇ ଅତିମାନସ ଚେତନାରେ ପହଞ୍ଚିବା ପାଇଁ ଆହ୍ୱାନ ଜଣାଇବା ସଙ୍ଗେ ସଙ୍ଗେ ନିଜର କର୍ମ ଓ ସାଧନା ଭିତର ଦେଇ ସେହି ଦିବ୍ୟ ଚେତନା ଲାଭ କରିବାର ଓ ଭଗବତ୍ ସଙ୍କଳ୍ପ ସହ ସଚେତ ସହଯୋଗର ପଥଟି ମଧ୍ୟ ପରିଷ୍କାର କରି ଦେଇଥିଲେ ।

କିନ୍ତୁ ଯେପର୍ଯ୍ୟନ୍ତ ବିବର୍ତ୍ତନର ସେହି ପରବର୍ତ୍ତୀ ପଦକ୍ଷେପ ଅତିମାନବ ଜାତିର ଆବିର୍ଭାବ ହୋଇ ନାହିଁ ସେ-ପର୍ଯ୍ୟନ୍ତ ଅବତାରଙ୍କ କାମ ଶେଷ ହୋଇ ନାହିଁ । ଅନ୍ୟ କଥାରେ କହିଲେ ସ୍ଥୂଳ ଶରୀର ତ୍ୟାଗ କରିଥିଲେ ମଧ୍ୟ ସୂକ୍ଷ୍ମ ସ୍ତରରେ ଶ୍ରୀଅରବିନ୍ଦ ଓ ଶ୍ରୀମା ଆମମାନଙ୍କ ସଙ୍ଗରେ, ଏହି ପୃଥିବୀ ଚେତନା ଓ ବାତାବରଣରେ ଜାଗ୍ରତ୍, ଜୀବନ୍ତ ଓ ପ୍ରତ୍ୟକ୍ଷ ଭାବରେହିଁ ରହିଛନ୍ତି ଓ ଆମ ଉପରେ ତାଙ୍କର କୃପା ଓ ଶକ୍ତି ଅବିରାମ ବର୍ଷଣ କରି ଚାଲିଛନ୍ତି । ନାନା ବାଧାବିଘ୍ନ ଓ ବିପଦକୁ ଅତିକ୍ରମ କରାଇ ଆମମାନଙ୍କୁ ଆଗେଇ ନେଇ ଚାଲିଛନ୍ତି ଅତିମାନସ ଚେତନାର ସିଦ୍ଧି ପଥରେ । ଶ୍ରୀମା'ଙ୍କ ଭାଷାରେ, "Sri Aurobindo is constantly among us and reveals himself to those who are ready to see and hear him." ''ଶ୍ରୀଅରବିନ୍ଦ ଆମମାନଙ୍କ ମଧ୍ୟରେ ନିରନ୍ତର ରହିଛନ୍ତି ଏବଂ ଯେଉଁମାନେ ତାଙ୍କୁ ଦେଖିବା ପାଇଁ ଓ ଶୁଣିବା ପାଇଁ ପ୍ରସ୍ତୁତ ସେମାନଙ୍କ ଆଗରେ ସେ ନିଜକୁ ପ୍ରକାଶ କରନ୍ତି ।''

ଆମ ସାଧନାର ପ୍ରଧାନ କଥା ହେଲା ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ସେହି କୃପା ଓ ଶକ୍ତି ସମ୍ପର୍କରେ ସଚେତ ହେବା ଓ ଏକ ନିଃଶେଷ ସମର୍ପଣ ତଥା ଆତ୍ମନିବେଦନର ଭାବ ନେଇ, ବିଶ୍ୱସ୍ତ ଓ ଅନୁଗତ ଭାବରେ ତାଙ୍କର ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିବା ।

କୁହାଯାଇଥାଏ ଯେ ଧର୍ମର ଗ୍ଲାନି ଘଟିଲେ, ସେହି ଧର୍ମ-ସଙ୍କଟ ସମୟରେ ଭଗବାନ୍ ଅବତାର ଗ୍ରହଣ କରନ୍ତି ଓ ସମସ୍ତ ବାଧାବିଘ୍ନ ଦୂର କରିଦେଇ ଧର୍ମାଚରଣର ପଥକୁ ପ୍ରଶସ୍ତ କରି ଦିଅନ୍ତି ଓ ସତ୍ୟ ଧର୍ମର ନୂତନ ପଥ ଖୋଲି ଦିଅନ୍ତି । କିନ୍ତୁ ବର୍ତ୍ତମାନ ଆମେ ଯେଉଁ ଯୁଗରେ ବାସ କରୁଛୁ ତହିଁରେ କେବଳ ଧର୍ମର ଗ୍ଲାନି ଓ ସଙ୍କଟ ନୁହେଁ, ଦେଖା ଦେଇଛି ଏକ ବିବର୍ତ୍ତନର ସଙ୍କଟ । ଆଜି ମଣିଷ ପାଇଁ, ସାରା ପୃଥିବୀ ପାଇଁ ଯେଉଁ ଅଲଙ୍ଘ୍ୟ ସମସ୍ୟାସବୁ ଦେଖା ଦେଇଛି ମଣିଷ ତା'ର ସର୍ବୋଚ୍ଚ ମନର ଚେତନା ନେଇ ମଧ୍ୟ ସେଗୁଡ଼ିକର ସମାଧାନ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ । ଅଜସ୍ର ଅନୁଭୂତି ଭିତର ଦେଇ ଏହା ପ୍ରମାଣିତ ।

ମଣିଷ ସେହି ମନପ୍ରଧାନ ମଣିଷଟିଏ ହୋଇ ରହିଥିବା ପର୍ଯ୍ୟନ୍ତ ତା'ର ବ୍ୟକ୍ତି ଜୀବନର, ସାମୂହିକ ବିଶ୍ୱ ଜୀବନର କୌଣସି ସମସ୍ୟାର ପ୍ରକୃତ ସମାଧାନ କରି ପାରିବ ନାହିଁ । ତା' ଆଗରେ ଏକମାତ୍ର ବାଟ ହେଉଛି ମନୁଷ୍ୟକୁ ଅତିକ୍ରମ କରି ମନର ଊର୍ଦ୍ଧ୍ୱରେ ରହିଥିବା ଅତିମାନସ ଚେତନାରେ ପହଞ୍ଚିବା ଓ ସେହି ଦିବ୍ୟ ଚେତନାରେ ପ୍ରତିଷ୍ଠିତ ହୋଇ ସଂସାର ଜୀବନରେ ସାର୍ଥକ ଅଂଶ ଗ୍ରହଣ କରିବା । ଏହାହିଁ ବିବର୍ତ୍ତନର ସଙ୍କଟକୁ ଦୂର କରି ପୃଥିବୀ ଉପରେ ଏକ ନୂତନ ଅତିମାନବ ଜାତିର ଆବିର୍ଭାବର ପଥକୁ ସୁଗମ ଓ ପ୍ରଶସ୍ତ କରିବ । କିନ୍ତୁ ଏହି କାମଟି ମଣିଷ କ'ଣ ତା'ର ମନର ସୀମା ଦ୍ୱାରା ଆବଦ୍ଧ ଚେତନା ଦ୍ୱାରା କରିବାକୁ ସମର୍ଥ ? ଆଦୌ ନୁହେଁ । ସେଇଥିପାଇଁ ସ୍ୱୟଂ ଭଗବାନ୍ ଅବତାର ଗ୍ରହଣ କରିଛନ୍ତି ମଣିଷ ଆଗରେ ଚୈତ୍ୟ, ଆଧ୍ୟାତ୍ମିକ, ଅତିମାନସ ଆଦି ଦିବ୍ୟ ଚେତନାର ନୂତନ ଦ୍ୱାରସବୁ ଖୋଲି ଦେବା ପାଇଁ; ଯାହା ଫଳରେ ସେ ସେହିସବୁ ଦିବ୍ୟ ଚେତନାରେ ପ୍ରବେଶ କରି, ତାହାକୁ ଧାରଣ କରି ନିଜର ମାନୁଷୀ ସତ୍ତାକୁ କ୍ରମଶଃ ରୂପାନ୍ତରିତ କରିବା ଏକ ଦିବ୍ୟ ଅତିମାନବ ସତ୍ତାରେ । ତେଣୁ ଧର୍ମର ଗ୍ଲାନି ବା ସଙ୍କଟ ଦୂର କରିବାକୁ ଭଗବାନଙ୍କର ଅବତାର ଗ୍ରହଣ ଯେ କେତେ ମହତ୍ତ୍ୱପୂର୍ଣ୍ଣ ତାହାକୁ ଆମ ମନ କଳନା କରିପାରିବ ନାହିଁ ।

ତେବେ ଏତିକିଟି ସମ୍ପର୍କରେ ଆମେ ସଚେତ ରହିବାକୁ ଚେଷ୍ଟା କରିବା ଯେ ସ୍ୱୟଂ ଭଗବାନହିଁ ବିବର୍ତ୍ତନରେ ଏକ ନୂତନ ପଦକ୍ଷେପ ପାଇଁ ଆମ ମାନୁଷୀ ସତ୍ତା ଭିତରେ ନିଜର ଅତିମାନସ ଶକ୍ତି ନେଇ କ୍ରିୟା କରୁଛନ୍ତି । ଆମ ଭିତରେ ସ୍ୱୟଂ ମା'ହିଁ ସାଧନା କରୁଛନ୍ତି । ପ୍ରତିଟି ମାନୁଷୀ ସତ୍ତା ଭିତରେ ଚିରନ୍ତନ ଭାବରେ, ନିତ୍ୟ ନିରନ୍ତର ଭାବରେ ଯେଉଁ ଭଗବତ୍ ଦିବ୍ୟ ଉପସ୍ଥିତି ରହିଛି ତାହା ସମ୍ପର୍କରେ ଆମେ ଯେପରି ଅଧିକରୁ ଅଧିକ ସଚେତ ହେଉ, ତାହାର ପ୍ରକାଶ ପାଇଁ, ବାସ୍ତବ ଜୀବନରେ ତାହା ପ୍ରକଟିତ ହେବା ପାଇଁ ଯେପରି ବାଟ ଛାଡ଼ି ଦେଉ, ଅହଂର ପ୍ରେରଣା ଓ ପରାମର୍ଶକୁ ଗ୍ରହଣ ନକରି କେବଳ ଭଗବାନଙ୍କ ପ୍ରେରଣା ଦ୍ୱାରା ଚାଳିତ ହେବା ପାଇଁ ଅଭୀପ୍ସା ରଖୁ ଓ ନିଜକୁ ମା'ଙ୍କ ଶକ୍ତିର କ୍ରିୟା ହାତରେ ପୂରା ଅର୍ପଣ କରିଦେଉ, ତାହାହିଁ ଆମ ସାଧନାର ମୂଳ ଓ ସାର କଥା । ଅତିମାନସ ଅବତରଣ ଫଳରେ ଆମ ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ଭଗବତ୍ ଦିବ୍ୟ ଉପସ୍ଥିତି ଆଜି ଆହୁରି ଶକ୍ତିଶାଳୀ ଭାବରେ ନିଜକୁ ବାସ୍ତବ ଜୀବନରେ ସାବ୍ୟସ୍ତ ଓ ପ୍ରକଟ କରିବାକୁ ଚାହେଁ; କିନ୍ତୁ ଆମେହିଁ ନିଜ ଅଜ୍ଞାନତାବଶରେ ତା'ର ଚତୁଃପାର୍ଶ୍ୱରେ ଅହଂ ଓ କାମନାବାସନାର ପ୍ରାଚୀରସବୁ ଛିଡ଼ା କରୁଛୁ । ଦିନେ ନା ଦିନେ ସେହି କାନ୍ଥ ଓ ପ୍ରାଚୀରସବୁ ଭୁଶୁଡ଼ି ପଡ଼ିବ ଓ ଆମେ ଭଗବତ୍ ଦିବ୍ୟ ଆଲୋକରେ ପ୍ରବେଶ କରିବୁ ଓ ସେହି ଆଲୋକ ଆମ ଭିତରେ ପ୍ରବେଶ କରିବ । ଏହା ଅନିବାର୍ଯ୍ୟ, କାରଣ ଏହାହିଁ ଭଗବାନଙ୍କର ସଙ୍କଳ୍ପ ଓ ବିବର୍ତ୍ତନର ଅଲଘ୍ୟ ବିଧାନ । କିନ୍ତୁ ଆମେ କାହିଁକି ଭଗବାନଙ୍କ ସେହି ସଂକଳ୍ପ ସହ ସଚେତ ସହଯୋଗ ନକରି ନିର୍ବୋଧଙ୍କ ପରି କାଳକ୍ଷେପଣକାରୀ ଆମ ଚାରିପଟେ ଯତ୍ନର ସହ ଅହଂ ଓ କାମନାବାସନାର କାନ୍ଥ ଓ ପ୍ରାଚୀର ସବୁ ଛିଡ଼ା କରାଇ ତା' ଭିତରେ ନିଜକୁ ଅବରୁଦ୍ଧ କରୁ ଓ ପୁଣି ସେହି ବନ୍ଦିଗୃହରୁ ମୁକ୍ତି ପାଇବା ପାଇଁ ସେହି କାନ୍ଥ ଉପରେ ମଥା ପିଟୁ ? ଏହାହିଁ କ'ଣ ଅନିର୍ବଚନୀୟ ମାୟା ?

## ତୃତୀୟ ସତ୍ୟ

ଅଧ୍ୟାତ୍ମକୁ ବାଦ୍ ଦେଇ କେବଳ ଜଡ଼ ଓ ଜୀବନ ସତ୍ୟରେ ବା ଜୀବନକୁ ବାଦ୍ ଦେଇ କେବଳ ଅଧ୍ୟାତ୍ମର ସତ୍ୟରେ ସନ୍ତୁଷ୍ଟ ନ ହୋଇ ଯେଉଁମାନେ ସତ୍ୟର ଏକ ପୂର୍ଣ୍ଣାଙ୍ଗ ରୂପ ଖୋଜନ୍ତି, ଜୀବନ ଓ ଜଗତରେ ସେହି ସତ୍ୟର ପ୍ରକାଶ ଓ ଅଭିବ୍ୟକ୍ତି ଚାହାନ୍ତି, ସେମାନଙ୍କ ପାଇଁ ପ୍ରଧାନ ସମସ୍ୟା ହେଲା ସେହି ଦିବ୍ୟ ଶାଶ୍ୱତ ଅବିନାଶୀ ପରମ ସତ୍ୟ ଏହି ଅନିତ୍ୟ ବିନାଶଶୀଳ ସ୍ଥୂଳ ଜଡ଼ ଭିତରେ ତା'ର ନିଜ ସ୍ୱରୂପ ନେଇ ଅଭିବ୍ୟକ୍ତ ଓ ରୂପାୟିତ ହେବ କିପରି ? ଆତ୍ମାର ସତ୍ୟ ଓ ଜଡ଼ର ସତ୍ୟ, ଏ ଦୁଇଟିର ମିଳନ କେନ୍ଦ୍ର କେଉଁଠି ?

ଯେଉଁ ରକ୍ଷଣଶୀଳ ଅଧ୍ୟାତ୍ମବାଦୀମାନେ ଜଡ଼ ଓ ଜୀବନକୁ ଏକ ଭ୍ରମ ବୋଲି କହି ଉଡ଼ାଇ ଦିଅନ୍ତି ବା ଯେଉଁ ନୈଷ୍ଠିକ ଜଡ଼ବାଦୀମାନେ ଆତ୍ମାକୁ ଏକ ମିଥ୍ୟା ବୋଲି କହି ଅସ୍ୱୀକାର କରନ୍ତି – ଏହି ଦୁଇ ଚରମପନ୍ଥୀ ବିଚାରକୁ ବାଦ୍ ଦେଲେ ମଧ୍ୟ ଯେଉଁମାନେ ଉଭୟର ସତ୍ୟକୁ ସ୍ୱୀକାର କରନ୍ତି ବା ଯେଉଁମାନେ ଚେତନାର କ୍ଷେତ୍ରରେ ଏହି ସ୍ଥୂଳ ଜଡ଼ ଜଗତକୁ ସେହି ପରମ ଦିବ୍ୟ ସତ୍ୟରହିଁ ଏକ ପ୍ରତିରୂପ ବୋଲି ଉପଲବ୍ଧି କରନ୍ତି ସେମାନଙ୍କ ପାଇଁ ମଧ୍ୟ ବାସ୍ତବ ଓ ବ୍ୟବହାରିକ କ୍ଷେତ୍ରରେ ଏ ଦୁଇଟି ଭିତରେ ରହିଥିବା ବ୍ୟବଧାନକୁ ଦୂର କରାଯାଇ ଉଭୟେ ପରସ୍ପର ସହିତ କିପରି ଏକୀଭୂତ ଓ ସମନ୍ୱିତ ହେବେ

ତାହା ଏକ ଦୁରୂହ ଓ ଜଟିଳ ସମସ୍ୟା ହୋଇ ରହିଛି । ନିଃସନ୍ଦେହ ଭାବରେ ଭାରତର ମହାନ୍ ଓ ବିପୁଳ ଆଧ୍ୟାତ୍ମିକ ପରମ୍ପରାରେ ସତ୍ୟର ପୂର୍ଣ୍ଣାଙ୍ଗ ରୂପ ଖୋଜିବା ପାଇଁ, କୌଣସି ଏକମୁଖୀ, ଏକଦେଶଦର୍ଶୀ ଚରମପନ୍ଥୀ ମନୋଭାବ ନରଖି ଏକ ସମନ୍ୱୟାତ୍ମକ ସୌଷମ୍ୟମୂଳକ ଦୃଷ୍ଟିକୋଣ ନେଇ ଆଗେଇବା ପାଇଁ ବହୁ ସାଧନା ହୋଇ ଯାଇଛି । କିନ୍ତୁ ସମାଧାନ ମିଳି ନାହିଁ ।

ଏପରିକି ଶ୍ରୀରାମକୃଷ୍ଣ ପରମହଂସଙ୍କ ତୁଲ୍ୟ ମହାପୁରୁଷ ଯେ କି ଦ୍ୱୈତ, ଅଦ୍ୱୈତ, ଜ୍ଞାନ, ଭକ୍ତି ଆଦି ସାଧନାର ସମସ୍ତ ପଥ ଦେଇ ଭଗବାନଙ୍କର ସାକାର, ନିରାକାର, ସଗୁଣ, ନିର୍ଗୁଣ, ସମସ୍ତ ସ୍ୱରୂପ ଓ ଶକ୍ତି ସହ ଏକାତ୍ମତା ଲାଭ କରିଥିଲେ, ସେ ମଧ୍ୟ କହିଛନ୍ତି ଯଦି ସଚ୍ଚିଦାନନ୍ଦଙ୍କର ସେହି ପରମ ଦିବ୍ୟ ଚେତନା ସହ ଅହରହ ନିରନ୍ତର ଏକାତ୍ମ ହୋଇ କେହି ବାସ କରେ ତା'ହେଲେ ସାତ ଦିନ ବା ଖୁବ୍ ବେଶୀ ହେଲେ ଏକୋଇଶ ଦିନ ଭିତରେ ଏହି ସ୍ଥୂଳ ଦେହ ଏକ ଶୁଖିଲା ପତ୍ର ପରି ଝଡ଼ି ପଡ଼ିବ ।

ତେଣୁ ସମସ୍ୟାଟି ହେଲା ବସ୍ତୁ ଓ ଆତ୍ମା, ଜଡ଼ ଓ ଦିବ୍ୟ, ଭଗବତ୍ ଚେତନାର ଅମୃତତ୍ୱ ଓ ଏହି ମର ଶରୀର ଏ ଦୁଇଟି ଭିତରେ ଚେତନାର କୌଣସି ମିଳନ-ସେତୁ ରହିଛି କି ନାହିଁ, ଯାହା ଦ୍ୱାରା ଅଚେତନ ଜଡ଼କୁ ଚେତନାର ଦିବ୍ୟ ଧର୍ମରେ ରୂପାନ୍ତରିତ କରାଯାଇ ପାରେ ।

ଲେଖିବା ବାହୁଲ୍ୟ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ପୂର୍ଣ୍ଣ ଯୋଗରେ ଏହି ଲକ୍ଷ୍ୟକୁହିଁ ଗ୍ରହଣ କରାଯାଇଛି । ଶ୍ରୀମା ତାଙ୍କ ସାଧନାର ଶେଷ ପର୍ଯ୍ୟନ୍ତ ମଧ୍ୟ ଏ ସମସ୍ୟାଟିକୁ ବିଭିନ୍ନ ଦିଗରୁ ଦେଖିଛନ୍ତି ଓ ସମାଧାନର ନାନା ସୂଚନା ଦେଇଛନ୍ତି । ବରଂ କୁହାଯାଇପାରେ ନିଜ ସାଧନା ଓ ସିଦ୍ଧିସବୁର ଭିତର ଦେଇ ସମାଧାନର ପଥ ପରିଷ୍କାର କରି ଯାଇଛନ୍ତି ।

## ବନ୍ଦିଗୃହରୁ ବାହାରି ଆସିବାର ପ୍ରେରଣା

ଅତିମାନସ ଶକ୍ତିର ଅବତରଣ ଫଳରେ ଆମ ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ଭଗବତ୍ ଉପସ୍ଥିତି ଆଜି ଆହୁରି ଶକ୍ତିଶାଳୀ ହୋଇ ବାସ୍ତବ ଜୀବନରେ ନିଜକୁ ପ୍ରକଟିତ କରିବାକୁ ଚାହେଁ । ଆମେହିଁ ନିଜେ ନିଜର ଅଜ୍ଞାନତାବଶତଃ ତା'ର ଚାରି ପାଖରେ ଅହଂ ଓ କାମନାବାସନାର ପ୍ରାଚୀର ସବୁ ଛିଡ଼ା କରୁଛୁ ଓ ନିର୍ବୋଧ ପରି ତା' ଭିତରେ ନିଜକୁ ଅବରୁଦ୍ଧ କରୁଛୁ ଓ ପୁଣି ସେହି ବନ୍ଦିଗୃହରୁ ନିଜକୁ ମୁକ୍ତ କରିବା ପାଇଁ ତା'ର କାନ୍ଥ ଉପରେ ମଥା ପିଟୁଛୁ । 'ଯୋଗାବଶିଷ୍ଟ ରାମାୟଣ'ରେ ମଣିଷର ସ୍ୱଭାବ ସମ୍ପର୍କରେ ଦିଆ ଯାଇଥିବା ଏକ ଚିତ୍ର ମନେ ପଡ଼ୁଛି, ଯେଉଁଥିରେ ବର୍ଣ୍ଣିତ ହୋଇଛି ଯେ ମଣିଷ ନିଜେହିଁ ନିଜ ପିଠି ଉପରେ କାମନାବାସନାର ମୁଦ୍‌ଗର ପିଟି ତା'ର ଆଘାତରେ ବ୍ୟସ୍ତ ବିକଳ ହୋଇ ଏଣେ ତେଣେ ଦଉଡ଼ି ଚାଲିଛି । ପ୍ରକୃତରେ ଏହାଠାରୁ ଦୟନୀୟ ଅବସ୍ଥା ଆଉ କ'ଣ ଥାଇପାରେ ? ଏହା ଘଟି ଚାଲିଛି କେଉଁ ଆଦିମ କାଳରୁ, କାରଣ ମଣିଷ ନିଜ ଅବସ୍ଥା ସମ୍ପର୍କରେ ସଚେତନ ନୁହେଁ । ଥରେ ସଚେତ ହୋଇଗଲେ ସେ ଆଉ ନିର୍ବୋଧଙ୍କ ପରି ଏଭଳି କାମ କରନ୍ତା ନାହିଁ ।

ତା'ହେଲେ ସେ ସଚେତ ହେଉ ନାହିଁ କାହିଁକି ? ମା' କହିଥିଲେ ଯେ ଚେତନାର ବିକାଶ ପାଇଁ କାମନାବାସନାର ମଧ୍ୟ ଭୂମିକା ଅଛି । ଆରମ୍ଭରୁ ଯଦି କାମନାବାସନାକୁ ଦୂର କରି ଦିଆଯାଇ ଥାଆନ୍ତା ତେବେ ମଣିଷ ଭିତରେ ଆଉ କର୍ମର ପ୍ରବୃତ୍ତି ରହନ୍ତା ନାହିଁ ଓ ସେ ପୂରା ଜଡ଼, ତାମସିକତା ଭିତରେ ବୁଡ଼ି ଯାଆନ୍ତା । ଅହଂ କ୍ଷେତ୍ରରେ ମଧ୍ୟ ସେହିପରି । ଅଣ୍ଡା ଭିତରେ ଚଢ଼େଇ ଛୁଆଟି ଗଠିତ ନ ହେବା ପର୍ଯ୍ୟନ୍ତ ଯେପରି ଖୋଳପାଟିର ଆବଶ୍ୟକତା ଅଛି, ସେହିପରି ମଣିଷ ଭିତରେ ଏକ ବ୍ୟକ୍ତି-ରୂପ ଗଠନ ପାଇଁ ଅହଂର ମଧ୍ୟ ଆବଶ୍ୟକତା ଅଛି । ସେହି ବ୍ୟକ୍ତିରୂପଟି ଗଠିତ ହୋଇଗଲା ପରେ ତେଣିକି ଅହଂର ଖୋଳପାଟି ହୁଏ ତା'ର ମୁକ୍ତି ଓ ବିକାଶ ପଥରେ ବାଧା ସ୍ୱରୂପ, ଠିକ୍ ଯେମିତି ଚଢ଼େଇ ଛୁଆଟି ଗଠିତ ହୋଇଗଲା ପରେ ତେଣିକି ଅଣ୍ଡାର ଖୋଳପାଟିକୁ ଭାଙ୍ଗି ତା' ଭିତରୁ ତାକୁ ବାହାର କରି ଆଣିବାକୁ ହେବ ।

ଏଇଠି ଗୋଟିଏ ପ୍ରଶ୍ନ ଉଠୁଛି । ଅଧିକାଂଶ ମଣିଷ ତ ନିଜ କାମନା-ବାସନାକୁ ନେଇ, ଅହଂକୁ ନେଇ ସେହି କାରାଗାର ଭିତରେ ଖୁସିରେ ଜୀବନ ପରେ ଜୀବନ କଟାଇ ଚାଲିଛନ୍ତି — ତହିଁରୁ ବାହାରି ଆସିବା ପାଇଁ, ପ୍ରକୃତିର ସେହି କାରାଗାରରେ ଶ୍ୱାସରୋଧ ଅନୁଭବ କରି ତହିଁରୁ ମୁକ୍ତି ପାଇବା ପାଇଁ କେତେ ଜଣ ଚେଷ୍ଟା କରୁଛନ୍ତି ? ମଣିଷର ମନ ଓ ପ୍ରାଣ ତ ସେହି କାରାଗାରକୁ ଭଲ ପାଏ; କାରଣ କାମନାର ଉଦ୍ରେକ ଓ ଚରିତାର୍ଥକରଣରେ ସେ ଏତେ ଅଭ୍ୟସ୍ତ ଯେ ତା' ଛଡ଼ା ବା ତା' ବାହାରେ ଯେ ଆଉ କିଛି ଜୀବନ ଅଛି ସେ ସମ୍ପର୍କରେ ସେ ପ୍ରାୟ ଅଚେତ । କେବଳ ତା' ଭିତରେ ଯେଉଁ ଭଗବତ୍

ଦିବ୍ୟ ଉପସ୍ଥିତି ରହିଛି, ଆମ ଯୋଗରେ ଯାହାକୁ ଚୈତ୍ୟସତ୍ତା ବୋଲି କହୁ, କେବଳ ସେହିଁ ଜାଣେ ଯେ ଅହଂଚାଳିତ ଏହି ମନ, ପ୍ରାଣର କାମନା-ବାସନାମୟ ଜୀବନ ଅପେକ୍ଷା ସହସ୍ର ଗୁଣରେ ଜ୍ଞାନ, ଶକ୍ତି, ଶାନ୍ତି ଓ ଆନନ୍ଦରେ ପରିପୂର୍ଣ୍ଣ ଏକ ଜୀବନ ରହିଛି । ଜୀବନ ପରେ ଜୀବନ ଭିତର ଦେଇ ଚୈତ୍ୟସତ୍ତା ସେହି ସତ୍ୟକୁହିଁ ଖୋଜି ଚାଲିଛି । ତେଣୁ ଯେତେବେଳେ ଚେତନା ବିକାଶର ଗୋଟିଏ ପର୍ବରେ ଚୈତ୍ୟସତ୍ତାର ସେହି ଜ୍ଞାନ ଓ ଆଲୋକ ଆମର ମନ ଓ ପ୍ରାଣକୁ ସ୍ପର୍ଶ କରେ ସେତେବେଳେ ଆମକୁ ଲାଗେ ଆମେ ଯେପରି ଏକ ବନ୍ଦିଗୃହରେ ରହିଛୁ ଓ ତହିଁରୁ ମୁକ୍ତିର ବାଟ ଖୋଜୁଛୁ ।

ଅତିମାନସ ଶକ୍ତିର ଅବତରଣ ଫଳରେ ମୁକ୍ତିର ଏହି ବାଟ ଖୋଜିବାଟା ଆହୁରି ତୀବ୍ର ହେବ । ଆମର ଅନ୍ତରସ୍ଥ ଦିବ୍ୟ ଉପସ୍ଥିତି ପୃଥିବୀ ଉପରେ ଅତିମାନସର ଅବତରଣ ସମ୍ପର୍କରେ ସଚେତ ହୋଇ ଏହି ସଂସାର ଓ ଜୀବନକୁ ଦିବ୍ୟାୟିତ କରିବାକୁ ଚାହିଁବ । ଏହିଠାରେହିଁ ଦିବ୍ୟଜୀବନ-ସ୍ଥାପନ କାମରେ ଅଂଶ ଗ୍ରହଣ କରିବାକୁ ଚାହିଁବ । ସଂସାରକୁ ତୁଚ୍ଛ ମଣୁଥିବା ସନ୍ନ୍ୟାସୀର ବୈରାଗ୍ୟ ନୁହେଁ, ଭଗବାନଙ୍କ ଯନ୍ତ୍ର ରୂପେ ଏହି ଜୀବନ ଓ ସଂସାରକୁ ନୂଆ କରି ଗଢ଼ିବା ହେବ ତା'ର ଅଭୀପ୍ସା । ଭିତରର ଏହି ପ୍ରେରଣାକୁ ହୁଏତ ଅଜ୍ଞାନଗ୍ରସ୍ତ ମନ ଓ ପ୍ରାଣ ଭୁଲ୍ ଭାବରେ ଗ୍ରହଣ କରି ପ୍ରଚଳିତ ନୀତି, ନିୟମ ଓ ସମାଜ-ବ୍ୟବସ୍ଥା ଆଦି ବିରୋଧରେ ଅରାଜକତା ସୃଷ୍ଟି କରିବାରେ ମାତି ଯାଇ ପାରନ୍ତି । କିନ୍ତୁ ଏହା ନିଶ୍ଚିତ ଯେ କ୍ରମଶଃ ଅଧିକରୁ ଅଧିକ ସଂଖ୍ୟକ ଲୋକେ ଆଉ ଚିରାଚରିତ ଜୀବନ ଧାରାରେ ସନ୍ତୁଷ୍ଟ ରହିପାରିବେ ନାହିଁ । ତହିଁରୁ ବାହାରି ଯାଇ ନୂଆ କିଛି କରିବାର ବାଟ ଖୋଜିବେ ।

ଯେଉଁମାନଙ୍କର ମନ ଓ ପ୍ରାଣରେ ଅଜ୍ଞାନର ପ୍ରଭାବ, ପ୍ରତିପତ୍ତି ଅପେକ୍ଷାକୃତ କମ୍ ଓ ଅହଂର ଆବରଣ ଟିକେ ପତଳା ସେମାନଙ୍କୁ ମୁକ୍ତିର ଏହି ନୂତନ ବାଟ ଖୋଜିବାଟା ଲାଗିବ ଭିତରୁ ଏକ ଆହ୍ୱାନ ପରି; ଭିତରୁ ଏକ ସ୍ୱତଃସ୍ଫୂର୍ତ୍ତ ବୋଧ ଆସିବ ଯେ ଚେତନାର ଏକ ନବଜନ୍ମ ବ୍ୟତୀତ ସେମାନଙ୍କ ତୃଷିତ ହୃଦୟ ଆଉ କେଉଁଥିରେ ତୃପ୍ତ ହେବ ନାହିଁ । ତା'ର ଭିତରର ଏହି ଅବସ୍ଥାକୁ ହୁଏତ ଅନ୍ୟମାନେ ଜାଣି ପାରିବେ ନାହିଁ ବା ବୁଝି ପାରିବେ ନାହିଁ । କିନ୍ତୁ ଭଗବାନଙ୍କ କାମଟି ଭିତରେ ଚାଲିଥିବ । ଆତ୍ମାର ଆହ୍ୱାନ ପାଇଥିବା ସେହି ବ୍ୟକ୍ତି ଭିତରେ ଦିବ୍ୟ ଶକ୍ତିର କ୍ରିୟା ତା'ର ସତ୍ତାର ଅଦିବ୍ୟ ଅଂଶ ଉପରେ ଚାପ ଦେଉଥିବା ବେଳେ ହୁଏତ ତାହାକୁ କାମନାଗ୍ରସ୍ତ ଲୋକ ପରି ଛଟପଟ ଲାଗିପାରେ, ଶ୍ୱାସରୁଦ୍ଧ ହେଲା ପରି ଲାଗିପାରେ; କିନ୍ତୁ ଦୁଇଟି ଭିତରେ ଆକାଶ ପାତାଳର ପାର୍ଥକ୍ୟ – ଜଣେ କାମନାବାସନାର ଅନ୍ଧକାରରେ ଆହୁରି ଆରାମରେ ରହିବାକୁ ଛଟପଟ ହେଲା ବେଳକୁ ଅନ୍ୟ ଜଣକ ସେହି ଅନ୍ଧାରରୁ ବାହାରି ଆସିବା ଲାଗି ଛଟପଟ ହେଉଛି ।

ଶ୍ରୀମା ଏହି କଥାଟିକୁ ସୁନ୍ଦର ଭାବରେ ବୁଝାଇ କହିଛନ୍ତି ଯେ, ''ଯେଉଁମାନଙ୍କର ସ୍ୱଳ୍ପ ଅନୁଭବର କ୍ଷମତା ଅଛି ସେମାନେ ରୁଦ୍ଧ ହୋଇ ପଡୁଥିବାର ତୀବ୍ର ଅନୁଭବ ମଧ୍ୟ ପାଉଥିବେ, ତା' ମଧ୍ୟରୁ ବାହାରି ଆସିବାକୁ ଚେଷ୍ଟା କରି କାନ୍ଥରେ ବାଡ଼େଇ ହେଉଥିବା ଭଳି ଅନୁଭବ କରୁଥିବେ ।... ଅଧିକ ସତ୍ୟଟି ହେଲା, ଜଣେ ଖୋଳପାଟି ଭିତରେ ବନ୍ଦ ହୋଇ ରହିଛି ଏବଂ ଯାହାକିଛି ଭିତରେ ଭିତରେହିଁ ଘଟି ଚାଲିଛି, ଅଣ୍ଡା ଭିତରେ ଚଢ଼େଇ ଛୁଆଟି ଭଳି ତା'ରି ଭିତରେହିଁ ପ୍ରସ୍ତୁତି ଚାଲିଛି । କିଛି ଦେଖାଯାଉ ନାହିଁ । ଖୋଳପା ଭିତରେ ଯାହାକିଛି ଘଟୁଛି, ବାହାରେ କିଛି ଦିଶୁ ନାହିଁ । ଯେତେବେଳେ ସବୁ ପ୍ରସ୍ତୁତ ହୋଇଯାଏ, ସେତିକି ବେଳେହିଁ ଖୋଳପାଟିକୁ ଭେଦ କରିବାର ଓ ବାହାରର ଆଲୋକରେ ଜନ୍ମଗ୍ରହଣ କରିବାର ସାମର୍ଥ୍ୟ ଆସେ ।'' ❖

**ଜଣ ଜଣ କରି ମୋର ପ୍ରତ୍ୟେକ ସନ୍ତାନଙ୍କୁ**

ଯେତେବେଳେ ବି ହେଉ ଯଦି ସେମାନେ ମିଥ୍ୟାର ଆବେଶରେ ପଡ଼ି କିଛି ଭାବୁଛନ୍ତି, କହୁଛନ୍ତି ଅଥବା କରୁଛନ୍ତି, ସେତେବେଳେ ତାହା ଏକ ଆଘାତ ଆକାରରେ ମୋ ଶରୀରରେ ଆସି ବାଜୁଛି । (ମାତୃରଚନାବଳି, ଭାଗ ୧୩, ପୃ. ୬୫)


– ଶ୍ରୀମା



ବରୋଦାରେ ଶ୍ରୀଅରବିନ୍ଦ, ୧୯୦୧

ଶ୍ରୀଅରବିନ୍ଦଙ୍କ ବରୋଦା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।
(ଦ୍ୱିତୀୟ ପର୍ବ)

ଶ୍ରୀଅରବିନ୍ଦ ବରୋଦାରେ ସର୍ବପ୍ରଥମେ ବାପୁ ଭାଇ ମଜୁମ୍‌ଦାରଙ୍କ ଘରେ କିଛି ଦିନ ରହିଥିଲେ । ରାଜକାର୍ଯ୍ୟରେ ନିଯୁକ୍ତି ପାଇବା ପରେ କଲେଜ ପଶ୍ଚାତରେ 'କ୍ୟାମ୍ପ୍' ଆଡ଼କୁ ଯିବା ରାସ୍ତାରେ 'ଗଭର୍ଣ୍ଣମେଣ୍ଟ କ୍ୱାର୍ଟର୍ସ୍'ରେ ବସବାସ କରିଥିଲେ । ତା'ପରେ ତୃତୀୟ ବାସସ୍ଥାନଟି ଥିଲା ବଜାର ନିକଟସ୍ଥ 'କ୍ୟାମ୍ପ୍'ର ଏକ ବାସଭବନ । ଏହା ଥିଲା ଏକ ଦ୍ୱିତଳ ପ୍ରାସାଦ । ସେତେବେଳେ ଚିଠିପତ୍ର ଲେଖିବା ସମୟରେ ଶ୍ରୀଅରବିନ୍ଦ ତାଙ୍କ ଠିକଣାରେ ଉଲ୍ଲେଖ କରୁଥିଲେ 'ବରୋଦା କ୍ୟାମ୍ପ୍' ।



କଲେଜ ପଶ୍ଚାତରେ 'କ୍ୟାମ୍ପ୍' ଆଡ଼କୁ ଯିବା ଇଲାକା



ଦୀନେନ୍ଦ୍ର କୁମାର ରାୟ

୧୮୯୮ରେ ଶ୍ରୀଅରବିନ୍ଦଙ୍କର ବଙ୍ଗଳା ଶିକ୍ଷକ ଶ୍ରୀ ଦୀନେନ୍ଦ୍ର କୁମାର ରାୟ ଶୀତ ଦିନ ପ୍ରାରମ୍ଭରେ ବୋଧହୁଏ ଦୁର୍ଗାପୂଜାର କେତେ ସପ୍ତାହ ପୂର୍ବରୁ ବରୋଦାରେ ପହଞ୍ଚି ଉପରୋକ୍ତ 'କ୍ୟାମ୍ପ୍' ବାସଭବନରେହିଁ ବସବାସ କରିଥିଲେ । ଏହାଙ୍କର ମୁଖ୍ୟ କାର୍ଯ୍ୟ ଥିଲା ବଙ୍ଗଳା ଭାଷାରେ ଥିବା ଶ୍ରୀଅରବିନ୍ଦଙ୍କର ଜ୍ଞାନକୁ ସଂଶୋଧିତ ଏବଂ ଉତ୍କୃଷ୍ଟ ମାନର ରୂପ ଦେବା । ଏତତ୍ ବ୍ୟତୀତ ତାଙ୍କୁ ବଙ୍ଗଳା ଭାଷାରେ କଥାବାର୍ତ୍ତା କରିବାରେ ଅଭ୍ୟସ୍ତ କରାଇବା ।



ବଜାର ନିକଟସ୍ଥ 'କ୍ୟାମ୍ପ୍' ଇଲାକାର ଏକ ବାସଭବନ

ବରୋଦାରେ ଶ୍ରୀଅରବିନ୍ଦଙ୍କର ପରବର୍ତ୍ତୀ ବାସଭବନଟି ଥିଲା ଖାସେରାଓ ଯାଦବଙ୍କର ବାସଭବନ । ଖାସେରାଓ ସେତେବେଳେ ବରୋଦା ରାଜ୍ୟର କାଡ଼ି କିଂବା ଆମରେଲି ଜିଲାର ଚିଫ୍ କଲେକ୍ଟର ଥିଲେ ଏବଂ ତାଙ୍କ ପରିବାରବର୍ଗ ମଧ୍ୟ ସେଠାରେ ରହୁଥିଲେ । ଏହି ସମୟକାଳ ଭିତରେ ଶ୍ରୀଅରବିନ୍ଦ ଓ ଦୀନେନ୍ଦ୍ର କୁମାର ଏହି ବାସଭବନରେ ରହିଥିଲେ ।



ଶ୍ରୀଯୁକ୍ତ ଖାସେରାଓଙ୍କର ବାସଭବନ, ୧୫ ନମ୍ବର ଦାଣ୍ଡିଆ ବଜାର । (ଅଧୁନାତନ 'ଶ୍ରୀଅରବିନ୍ଦ ନିବାସ')





ଶ୍ରୀଯୁକ୍ତ ଖାସେରାଓ ଭଗବନ୍ତରାଓ ଯାଦବ ଏବଂ ଶ୍ରୀଯୁକ୍ତ ମାଧବରାଓ ଭଗବନ୍ତରାଓ ଯାଦବ : ବରୋଦାରେ ଯାଦବ ପରିବାର ସହିତ ଶ୍ରୀଅରବିନ୍ଦଙ୍କର ନିବିଡ଼ ବନ୍ଧୁତ୍ୱ ଥିଲା । ଖାସେରାଓ ଥିଲେ ବରୋଦାର 'ସର୍ ସୁବା' (ଚିଫ୍ କଲେକ୍ଟର) । ସେ ଶ୍ରୀଅରବିନ୍ଦଙ୍କୁ ସୋଦର ପ୍ରତିମ ଜ୍ଞାନ କରୁଥିଲେ । ତାଙ୍କର ଅନୁଜ ବରୋଦା ଆର୍ମିର ଲେଫଟ୍‌ନାଣ୍ଟ ମାଧବରାଓ ଥିଲେ ଶ୍ରୀଅରବିନ୍ଦଙ୍କର ଅନ୍ତରଙ୍ଗ ବନ୍ଧୁ ।

ଖାସେରାଓ ଆମରେଲିରୁ ବଦଳି ହୋଇ ବରୋଦାର ଚିଫ୍ କଲେକ୍ଟର ହେବାରୁ ଶ୍ରୀଅରବିନ୍ଦ ଏବଂ ଦୀନେନ୍ଦ୍ର କୁମାର ସେହି ବାସଭବନଟି ଛାଡ଼ି ବରୋଦା ନଗରର ଶିଆପୁରା ଇଲାକାରେ ଥିବା ଜନବହୁଳ ପଲ୍ଲୀର ଏକ ପୁରାତନ ଦ୍ୱିତଳ ଅଟ୍ଟାଳିକାରେ ବେଶ୍ କିଛି ଦିନ ବାସ କରିଥିଲେ । ଏହା ଥିଲା ଜନୈକ ମୁସଲମାନ ମିର୍ ବାକରଲିଙ୍କର ଓ୍ୱାଡ଼ାରେ ଏକ ବାସଭବନ ।



ଶିଆପୁରା ନିକଟସ୍ଥ ଜନବହୁଳ ପଲ୍ଲୀ ଅଞ୍ଚଳର ଏକ ଦୃଶ୍ୟ

ଖୁବ୍ ସମ୍ଭବତଃ ୧୮୯୬-୯୭ରେ ସହରରେ 'ପ୍ଲେଗ୍'ର ପ୍ରକୋପ କ୍ରମଶଃ ବୃଦ୍ଧି ପାଇବାରୁ ଶ୍ରୀଅରବିନ୍ଦ ଓ ଦୀନେନ୍ଦ୍ର କୁମାର ଉପରୋକ୍ତ ବାସଭବନଟି ଛାଡ଼ି ନଗରୋପକଣ୍ଠରେ ଥିବା 'କିଲ୍ଲାଦାର ବାଂଲୋ'କୁ ସ୍ଥାନାନ୍ତରିତ ହୋଇ ଆସିଲେ । ଏହି ବାସଭବନଟି ମାକରପୁରା ରାଜପ୍ରାସାଦକୁ ଯିବା ରାସ୍ତାରେ ଥିଲା ଖପର ଛାଉଣି ବିଶିଷ୍ଟ ଏକ ପ୍ରକାଣ୍ଡ ଜୀର୍ଣ୍ଣ ବାଂଲୋ । ଦୀନେନ୍ଦ୍ର କୁମାରଙ୍କର ବର୍ଣ୍ଣନାରେ : ''ଏହି ବସା ଦେଖି ତ ମୋ ଚକ୍ଷୁ ସ୍ଥିର ! ... କିନ୍ତୁ ଏପରି କଦର୍ଯ୍ୟ ଘରେ ବାସ କରିବାକୁ ଶ୍ରୀଅରବିନ୍ଦଙ୍କର ବିନ୍ଦୁ ମାତ୍ର ଆପତ୍ତି ବା କୁଣ୍ଠା ଦେଖି ନାହିଁ । ସେ ନିର୍ବିକାର ଚିତ୍ତରେ ଦୀର୍ଘ କାଳ ସେହି ଜୀର୍ଣ୍ଣ ଗୃହରେ ବାସ କରିଥିଲେ । ... ମୋର ପରମ ସୌଭାଗ୍ୟ ଯେ ଦୁଇ ବର୍ଷ କାଳ (୧୮୯୮ରୁ ୧୯୦୦ ବା ୧୯୦୧ର ପ୍ରାରମ୍ଭ ପର୍ଯ୍ୟନ୍ତ) ମୁଁ ତାଙ୍କ ସହିତ ବାସ କରିବାର ସୁଯୋଗ ଲାଭ କରିଥିଲି ।''



ନଗରୋପକଣ୍ଠ

୩୦ ଏପ୍ରିଲ ୧୯୦୧ରେ ଶ୍ରୀଅରବିନ୍ଦଙ୍କର ବିବାହ ପରେ ସେ ମୃଣାଳିନୀ ଓ ସରୋଜିନୀଙ୍କୁ ସଙ୍ଗରେ ନେଇ ନୈନିତାଲ ଯାଇଥିଲେ । ସେଠାରେ ସେ ମେ ୨୯ରେ ପହଞ୍ଚି ମାସେ ଅବଧି ରହି ବରୋଦାକୁ ସପରିବାରରେ ଜୁଲାଇରେ ଫେରି ଆସିଥିଲେ ।

ଏଠାରେ ଉଲ୍ଲେଖନୀୟ ଯେ ଖାସେରାଓ ଯାଦବଙ୍କ ବାସଭବନଟିକୁ ମହାରାଜା ବିଶେଷ କରି ତାଙ୍କ ସକାଶେ ନିର୍ମାଣ କରି ଦେଇଥିଲେ ଏବଂ ୧୮୯୬ରେ ନିର୍ମାଣ କାର୍ଯ୍ୟର ପରିସମାପ୍ତି ଘଟିଥିଲା । ଇତି ମଧ୍ୟରେ ଖାସେରାଓ ଏହି ବାସଭବନଟିକୁ ମହାରାଜାଙ୍କଠାରୁ ଖରିଦ କରି ନେଇଥିଲେ । ତା'ପରେ ସେ ଏହି ବାସଭବନଟିର ଉପର ମହଲାର ଏକ ନିର୍ଦ୍ଦିଷ୍ଟ ଅଂଶରେ ନୂତନ ଆସବାବପତ୍ର ଓ ଗୃହ ସରଞ୍ଜାମ ସହିତ ଶ୍ରୀଅରବିନ୍ଦଙ୍କୁ ବସବାସ କରିବାର ସୁବନ୍ଦୋବସ୍ତ କରି ଦେଇଥିଲେ । ଶ୍ରୀଅରବିନ୍ଦ ନୈନିତାଲରୁ ସପରିବାରରେ ବରୋଦାକୁ ଫେରି ଏହିଠାରେହିଁ ରହିଥିଲେ । ବରୋଦାରେ ଏହି ବାସଭବନଟି ଥିଲା ଶ୍ରୀଅରବିନ୍ଦଙ୍କର ଶେଷ ନିବାସସ୍ଥଳୀ । (ଜୁଲାଇ ୧୯୦୧ରୁ ୧୮ ଜୁନ୍ ୧୯୦୬)



ଶ୍ରୀଅରବିନ୍ଦଙ୍କର ବରୋଦାରେ ଶେଷ ବାସସ୍ଥାନ । ଉପର ମହଲାର ହଲ୍‌ଟି ଥିଲା ଶ୍ରୀଅରବିନ୍ଦଙ୍କର ପଢ଼ାଘର ।

ଦୀନେନ୍ଦ୍ର କୁମାରଙ୍କ ବର୍ଣ୍ଣନାରୁ : ''ବରୋଦାରେ ଶ୍ରୀଅରବିନ୍ଦ ଏତେ ବ୍ୟକ୍ତିଗତ ସମ୍ପର୍କ ରଖୁ ନଥିଲେ । ... କିନ୍ତୁ ତଥାପି ଯେଉଁ କତିପୟ ସୁହୃଦ୍ ବ୍ୟକ୍ତିଙ୍କ ସହ ତାଙ୍କର ବନ୍ଧୁତ୍ୱ ହୋଇଥିଲା, ସେଇ ଅକୃତ୍ରିମ ବନ୍ଧୁତ୍ୱ ପୃଥିବୀରେ ନିତାନ୍ତ ଦୁର୍ଲଭ । ...

''ଆମେ 'ବରୋଦା କ୍ୟାମ୍ପ୍'ରେ ରହୁଥିବା ବେଳେ ସୁପ୍ରସିଦ୍ଧ ଚିତ୍ରକର ଶ୍ରୀଯୁକ୍ତ ଶଶିକୁମାର ହେଶ୍ ମହାଶୟ ମହାରାଜାଙ୍କ ସହିତ ସାକ୍ଷାତ୍ କରିବାକୁ ଆସିଥିଲେ । ... ଶଶିକୁମାର ବାବୁ



ତଦାନୀନ୍ତନ ବରୋଦାର ଏକ ରାଜପଥ ।



ମହାରାଜାଙ୍କର 'ଗେଷ୍ଟ ହାଉସ୍' (ଅଧୁନା 'ମୋତି ମହଲ')

ଯେତେଦିନ ବରୋଦାରେ ଥିଲେ, ମହାରାଜାଙ୍କର 'ଗେଷ୍ଟ ହାଉସ୍'ରେହିଁ ବାସ କରୁଥିଲେ । ... ସେ ପ୍ରତ୍ୟହ 'ଗେଷ୍ଟ ହାଉସ୍'ରୁ ଦୂରବର୍ତ୍ତୀ 'ବରୋଦା କ୍ୟାମ୍ପ୍'ର ଆମ ବସାକୁ ବୁଲି ଆସୁଥିଲେ । ... ଶ୍ରୀଅରବିନ୍ଦ ମଧ୍ୟ ମଝିରେ ମଝିରେ 'ଗେଷ୍ଟ ହାଉସ୍'କୁ ଯାଇ ତାଙ୍କ ସହିତ ଆତ୍ମିକ ଆଳାପରେ ବେଶ୍ କିଛି ସମୟ ବିତାଉ ଥିଲେ । ... ଶଶି କୁମାର ଏହି 'ଗେଷ୍ଟ ହାଉସ୍'ରେ ଶ୍ରୀଅରବିନ୍ଦଙ୍କୁ ଏକାଦିକ୍ରମେ ଦୁଇ, ତିନି ଦିନ ନିଜ ସମ୍ମୁଖରେ ବସାଇ ତାଙ୍କର ତୈଳଚିତ୍ର ଅଙ୍କନ କରିଥିଲେ ।

''ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଦତ୍ତ ବରୋଦାକୁ ଆସିବା ପୂର୍ବରୁ ଶ୍ରୀଅରବିନ୍ଦଙ୍କର କବି ପ୍ରତିଭାର କିଛି ପରିଚୟ ପାଇଥିଲେ । ... ସୁତରାଂ ଦତ୍ତ ମହାଶୟ ସ୍ୱତଃସ୍ଫୂର୍ତ୍ତ ଭାବେ ଶ୍ରୀଅରବିନ୍ଦଙ୍କ କବିତା (ବିଶେଷ କରି ତାଙ୍କର ରାମାୟଣ ଓ ମହାଭାରତ ଅନୁବାଦ)ସବୁ ଦେଖିବାକୁ ଚାହିଁବାରୁ ସେ କିଞ୍ଚିତ୍ କୁଣ୍ଠିତ ଭାବରେ ତାଙ୍କୁ ସେସବୁ ଦେଖାଇ ଥିଲେ ! ସେସବୁକୁ ପାଠ କରି ଗୁଣଗ୍ରାହୀ ଦତ୍ତ ମହାଶୟ ମୁଗ୍ଧ ହୋଇ କହିଥିଲେ : 'ତୁମର ଏଇସବୁ କବିତା ଓ ଅନୁବାଦ ଦେଖିବା ପରେ ମୋତେ ଦୁଃଖ ଲାଗୁଛି ଯେ ମୁଁ କାହିଁକି ରାମାୟଣ ଓ ମହାଭାରତ ଅନୁବାଦରେ ପଣ୍ଡ ଶ୍ରମ କଲି ! ତୁମର ଏ କବିତାଗୁଡ଼ିକ ଆଗରୁ  ଦେଖିଥିଲେ ମୁଁ ମୋ ଲେଖାଗୁଡ଼ିକ କଦାପି ଛପାଇ ନଥା'ନ୍ତି । ...''




ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଦତ୍ତ (୧୮୪୮-୧୯୦୯) : ଦତ୍ତ ମହାଶୟ ଓଡ଼ିଶା ବିଭାଗର କମିଶନର ପଦ ଛାଡ଼ିବାର କିଛିଦିନ ପୂର୍ବରୁ ବୋଧହୁଏ ୧୮୯୯ ମସିହାର ଶେଷରେ ମହାରାଜାଙ୍କର ନିମନ୍ତ୍ରଣ କ୍ରମେ ବରୋଦା ବୁଲିବାକୁ ଆସିଥିଲେ । ସେ ୧୯୦୪-୦୬ ପର୍ଯ୍ୟନ୍ତ ବରୋଦା ରାଜ୍ୟର ରେଭେନ୍ୟୁ ମିନିଷ୍ଟର ଥିଲେ ।

୧୯୦୪ରେ ଭଗିନୀ ନିବେଦିତା ମହାରାଜାଙ୍କର ଅତିଥି ହିସାବରେ ବରୋଦା ଆସିଥିଲେ । ଶ୍ରୀଯୁକ୍ତ ଖାସେରାଓ ଓ ଶ୍ରୀଅରବିନ୍ଦ ତାଙ୍କୁ ସ୍ୱାଗତ କରିବା ସକାଶେ ଷ୍ଟେସନକୁ ଯାଇଥିଲେ । ... ମହାରାଜାଙ୍କ ସହିତ ସାକ୍ଷାତ୍ ସମୟରେ ଶ୍ରୀଅରବିନ୍ଦ ସେଠାରେ ଉପସ୍ଥିତ ଥିଲେ । ଭଗିନୀ ନିବେଦିତା ମହାରାଜାଙ୍କୁ ଗୁପ୍ତ ବୈପ୍ଳବିକ କ୍ରିୟାକଳାପରେ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ ଏବଂ ଶ୍ରୀଅରବିନ୍ଦଙ୍କ ମାଧ୍ୟମରେ ଚିଠିପତ୍ରର ସମ୍ପର୍କ ରଖି ପାରନ୍ତି ବୋଲି କହିଥିଲେ । କିନ୍ତୁ ବରୋଦା ମହାରାଜା ଏ ବିଷୟରେ ଶ୍ରୀଅରବିନ୍ଦଙ୍କ ସହିତ କେବେ ବି ଆଲୋଚନା କରି ନ ଥିଲେ ।

ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ‘‘... ସେହି ସମୟରେ ମୁଁ ନିବେଦିତାଙ୍କର ‘Kali The Mother’ ବହି ପ୍ରତି ଅତ୍ୟନ୍ତ ଆକୃଷ୍ଟ ହୋଇଥିଲି ଏବଂ ମୋର ମନେହୁଏ ଏହି ବହି ବିଷୟରେହିଁ ଆମେ ଆଲୋଚନା କରିଥିଲୁ । ସେ ଶୁଣିଥିଲେ ମୁଁ ଶକ୍ତିର ପୂଜାରୀ । ତାଙ୍କର କହିବାର ତାତ୍ପର୍ଯ୍ୟ ଥିଲା ଯେ ମୁଁ ତାଙ୍କ ଭଳି ଗୁପ୍ତ ବୈପ୍ଳବିକ ଦଳଭୁକ୍ତ ।’’

ବରୋଦାରେ ଏକ ‘ଅଫିସରସ୍ କ୍ଲବ୍’ ଥିଲା । ମହାରାଜା ସ୍ୱୟଂ ଏହାର ପୃଷ୍ଠପୋଷକ ଥିଲେ । ଯଦିଓ ଶ୍ରୀଅରବିନ୍ଦ ଏହି କ୍ଲବ୍‌ର ଜଣେ ସଦସ୍ୟ ହିସାବରେ ନିଜକୁ ତାଲିକାଭୁକ୍ତ କରିଥିଲେ ତଥାପି ସେ କ୍ୱଚିତ୍ ସେଠାକୁ ଯାଉଥିଲେ, ଏପରିକି ବିଶେଷ ବିଶେଷ ଘଟଣାରେ ମଧ୍ୟ । ସେପ୍‌ଟେମ୍ବର ୧୯୦୩ରେ କେମ୍ବ୍ରିଜର କିଙ୍ଗସ୍ କଲେଜର ପୁରାତନ ଛାତ୍ରଗଣଙ୍କର ‘ଆଲୁମିନି ରିପୋର୍ଟ’ ସକାଶେ କଲେଜ ତରଫରୁ ଶ୍ରୀଅରବିନ୍ଦଙ୍କୁ ନିଜର ଠିକଣା ଇତ୍ୟାଦି ପଠାଇବାକୁ ଅନୁରୋଧ କରାଯାଇଥିଲା ।



ଭଗିନୀ ନିବେଦିତା (୧୮୬୭-୧୯୧୧)

ଶ୍ରୀଅରବିନ୍ଦ କିନ୍ତୁ ନିଜର ଠିକଣା ଦେଇଥିଲେ : ରେସ୍ କୋର୍ସ୍ ରୋଡ଼ କିଂବା ‘ଅଫିସରସ୍ କ୍ଲବ’, ବରୋଦା ଜିମ୍‌ଖାନା ।



ରେସ୍ କୋର୍ସ୍ ରୋଡ଼
କିଂବା
‘ଅଫିସରସ୍ କ୍ଲବ୍’, ବରୋଦା
ଜିମ୍‌ଖାନା ।



ଲରେନ୍ସ ବିନିୟନ୍ (୧୮୬୯-୧୯୪୩)
୧୭ ବର୍ଷ ବୟସରେ,
ଅକ୍ସଫୋର୍ଡ଼ର ଛାତ୍ରାବସ୍ଥାରେ

ଆବାଲ୍ୟରୁ ଶ୍ରୀଅରବିନ୍ଦଙ୍କ ମଧ୍ୟରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଅଙ୍କୁରିତ ହୋଇ ଉଠୁଥିବା 'କବି-ପ୍ରତିଭା'ର ଅତ୍ୟନ୍ତ ଗୁଣମୁଗ୍ଧ ଥିଲେ ତାଙ୍କର ଅଗ୍ରଜ ମନମୋହନ ଏବଂ ପରେ ପରେ ମନମୋହନଙ୍କର ଘନିଷ୍ଠ କଲେଜ ସହପାଠୀ ଲରେନ୍ସ ବିନିୟନ୍ । ଥରେ ଲରେନ୍ସ ଶ୍ରୀଅରବିନ୍ଦଙ୍କର ଇଂରାଜୀ କବିତା 'Hecuba' ପାଠ କରି ଅତ୍ୟନ୍ତ ମୁଗ୍ଧ ହୋଇ ଶ୍ରୀଅରବିନ୍ଦଙ୍କୁ ଅଧିକ କବିତା ରଚନା କରିବାକୁ ଆନ୍ତରିକ ଭାବରେ ପ୍ରୋତ୍ସାହିତ କରିଥିଲେ ।


ଲରେନ୍ସଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଥିଲେ :



ଲରେନ୍ସ ବିନିୟନ୍ଙ୍କ ଦ୍ୱାରା ଅଙ୍କିତ
ମନମୋହନଙ୍କର ପେନ୍ସିଲ ରେଖାଚିତ୍ର
(ଅକ୍ସଫୋର୍ଡ଼ର ଛାତ୍ରାବସ୍ଥାରେ)

'I found him a competent critic of Indian architecture, painting and sculpture.'

ଛାତ୍ରାବସ୍ଥାରୁହିଁ ଶ୍ରୀଅରବିନ୍ଦଙ୍କର କବିତା ସୃଜନରେ ଦେଶାତ୍ମବୋଧ ଏବଂ ସ୍ୱଦେଶପ୍ରେମୀ ବିପ୍ଳବୀମାନଙ୍କ ପ୍ରତି ତୀବ୍ର ଅନୁରାଗର ପରିଚୟ ମିଳୁଥିଲା । ଉଦାହରଣସ୍ୱରୂପ : ଚାର୍ଲସ୍ ଷ୍ଟିୱାର୍ଟ ପାରନେଲ୍ ଥିଲେ ସ୍ୱନାମଖ୍ୟାତ ଆଇରିସ୍ ନେସନାଲିଷ୍ଟ । ତାଙ୍କର ମୃତ୍ୟୁ ୧୮୯୧ରେ ହୋଇଥିଲା । ଏଥି ନିମିତ୍ତ ଶ୍ରୀଅରବିନ୍ଦ 'Charles Stewart Parnell' କବିତା ଏବଂ ତାଙ୍କର କବର ସ୍ଥାନ ଉପରେ କବିତା ଲେଖିଥିଲେ : 'Hic Jacet' (ଲାଟିନ୍ ଶବ୍ଦ; ଇଂରାଜୀର ମର୍ମାନୁବାଦ 'Lies Here', ଅର୍ଥାତ୍ 'ଏଇଠାରେ ଶାୟିତ' । କବରଖାନାର ନାମ ଥିଲା 'Glasnevin Cemetery' ।




ଚାର୍ଲସ୍ ଷ୍ଟିୱାର୍ଟ୍ ପାରନେଲ୍
(୧୮୪୬-୧୮୯୧)




ଆୟର୍ଲାଣ୍ଡରେ ପାରନେଲ୍ଙ୍କର
କବର ସ୍ଥାନ 'ଗ୍ଲାସ୍ନେଭିନ୍ ସିମେଟେରୀ'

ପୁନଶ୍ଚ ଭାରତରେ ପଦାର୍ପଣ କରିବା ପରେ ପରେ ତାଙ୍କ ମାତାମହଙ୍କର ମୃତ୍ୟୁ ପରେ ରଚିତ ତାଙ୍କର କବିତା 'Transiit non Periit' (My Grand father, Rajnarayan Bose died in September 1899) । 'Transiit, non Periit' (ଲାଟିନ୍ ଶବ୍ଦ; ମର୍ମାର୍ଥ 'ଦେହାନ୍ତରପ୍ରାପ୍ତି, ବିନାଶ ନୁହେଁ') । ସେତେବେଳେ ଋଷି ରାଜନାରାୟଣ ଥିଲେ ବେଙ୍ଗଲରେ ଦେଶାତ୍ମବୋଧ ଜାଗରଣ ନିମିତ୍ତ ଜଣେ କିଂବଦନ୍ତୀ ପୁରୁଷ ।




ରାଜନାରାୟଣ ବସୁ (୧୮୨୬-୧୮୯୯)

ଶ୍ରୀଅରବିନ୍ଦଙ୍କ ବ୍ୟକ୍ତିତ୍ୱର ମୌଳିକ ଭାବଧାରା ଥିଲା ତାଙ୍କର 'କବି ପ୍ରତିଭା' ଓ 'ଦେଶାତ୍ମବୋଧ' । ପରବର୍ତ୍ତୀ କାଳରେ ତାଙ୍କ ଜୀବନଧାରାରେ ଆସିଥିବା ଅନ୍ୟାନ୍ୟ ଗତିବିଧି ତାଙ୍କର ଏହି ମୌଳିକ ପ୍ରତିଭା ଦ୍ୱୟକୁ କସ୍ମିନ୍‌କାଳେ ହ୍ରାସ କରି ପାରି ନଥିଲା । ବରଂ ସେସବୁର ଆଗମନ ଫଳରେ ତାଙ୍କର ଏହି ପ୍ରତିଭା ତା'ର ଗୁଣଧର୍ମରେ ଉତ୍ତରୋତ୍ତର ଅତିକ୍ରମି ଯାଉଥିଲା । ଫଳତଃ ସେ ତାଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟରେ ହୋଇ ଉଠିଥିଲେ କବି ପ୍ରତିଭାର ଦିବ୍ୟ ଦ୍ରଷ୍ଟା ଓ ସ୍ରଷ୍ଟା ଯାହାର ପୂର୍ଣ୍ଣ ପରିମଣ୍ଡଳର ଅତ୍ୟୁଜ୍ଜ୍ୱଳ ଦୀପ୍ତି ଆମର ଆନ୍ତର ଦୃଷ୍ଟି ଝଲସାଇ ଦିଏ ଏବଂ ତାଙ୍କର ଦେଶାତ୍ମବୋଧର ଗୁଣଧର୍ମ ତା'ର ଚରମ ସୀମାରେ ଉପନୀତ ହୋଇ ପରିଶେଷରେ ତାଙ୍କୁ ସମଗ୍ର ମାନବଜାତିର ତ୍ରାଣକର୍ତ୍ତା ରୂପେ ପ୍ରତିପାଦିତ କରିଥିଲା ।

ଶ୍ରୀଅରବିନ୍ଦ ଲଣ୍ଡନ ଛାଡ଼ିବା ପୂର୍ବରୁ ତାଙ୍କର ଶେଷ କବିତା 'Envoi' (ଫରାସୀ ଶବ୍ଦ; ଏହାର ଆକ୍ଷରିକ ଅର୍ଥ ମୁଖ୍ୟତଃ କାବ୍ୟର ଶେଷାଂଶ; ଶ୍ରୀଅରବିନ୍ଦଙ୍କ ରଚିତ ଏହି କବିତାର ମର୍ମାର୍ଥ ହେଉଛି ପାଶ୍ଚାତ୍ୟ ସଂସ୍କୃତିର ଜୀବନଧାରାରୁ ବିଦାୟ ନେଇ ପ୍ରାଚ୍ୟ ସଂସ୍କୃତିର ଜୀବନଧାରାରେ ଅନୁପ୍ରବେଶ) ।



କେମ୍ବ୍ରିଜର କେମ୍ ନଦୀ କୂଳରେ ପ୍ରତିଷ୍ଠିତ ଥିବା କିଙ୍ଗ୍‌ସ୍ କଲେଜ, କ୍ଲେୟାର୍ କଲେଜ, ଟ୍ରିନିଟି କଲେଜ ଇତ୍ୟାଦି ଥାଇ କେମ୍ବ୍ରିଜ୍ ୟୁନିଭରସିଟିର ଏକ ବିହଙ୍ଗ ଦୃଷ୍ଟି



ଋଷି ବଙ୍କିମଚନ୍ଦ୍ର (୧୮୩୮-୧୮୯୪)

ଦୀନେନ୍ଦ୍ର କୁମାରଙ୍କ ଉକ୍ତିରେ : ''ଯେତେଦିନ ମୁଁ ଶ୍ରୀଅରବିନ୍ଦଙ୍କ ସହିତ ଏକତ୍ର ବାସ କରିଛି, ତାଙ୍କୁ ଆତ୍ମତ୍ୟାଗୀ ସନ୍ନ୍ୟାସୀ ଭିନ୍ନ ଅନ୍ୟ କିଛି ଧାରଣା ହୋଇ ନାହିଁ; ଯେପରି ଜ୍ଞାନ ସଞ୍ଚୟ ତାଙ୍କ ଜୀବନର ବ୍ରତ । ... ଏମିତି ଅଦ୍ଭୁତ ପାଠାନୁରାଗ ଏବଂ ଏପରି ଅତିଶୟ ଆଗ୍ରହାନ୍ୱିତ ପାଠକ ମୁଁ ଆଉ କେଉଁଠି ଦେଖି ନାହିଁ । ...

''ବମ୍ବେର ବିଖ୍ୟାତ ପୁସ୍ତକ ବ୍ୟବସାୟୀ 'ଆତ୍ମାରାମ ରାଧାବାଈ ସେଗୁନ୍' ଓ 'ଥ୍ୟାକର୍ କମ୍ପାନୀ' ଶ୍ରୀଅରବିନ୍ଦଙ୍କ ସକାଶେ ପୁସ୍ତକ ସରବରାହ କରୁଥିଲେ । ... ଶ୍ରୀଅରବିନ୍ଦଙ୍କର ନିର୍ବାଚିତ ପୁସ୍ତକସବୁ କଦାଚିତ୍ 'ବୁକ୍ ପୋଷ୍ଟ'ରେ ଆସୁଥିଲା, ଅନେକ ସମୟରେ ବିଶାଳ ପ୍ୟାକିଂ ବାକ୍ସରେ ବୋଝେଇ ହୋଇ ମାସରେ ଦୁଇ, ତିନି ଥର ମଧ୍ୟ 'ରେଳ ପାର୍ଶଲ'ରେ ଆସୁଥିଲା । ଶ୍ରୀଅରବିନ୍ଦ ସେଇସବୁ ପୁସ୍ତକ ଆଠ, ଦଶ ଦିନ ମଧ୍ୟରେ ପଢ଼ି ଶେଷ କରି ପୁଣି ନୂଆ ନୂଆ ପୁସ୍ତକସବୁର ଅର୍ଡ଼ର ଦେଉଥିଲେ ।''

ଶ୍ରୀଅରବିନ୍ଦ କେମ୍ବ୍ରିଜରେ ଆଇ.ସି.ଏସ୍.ର ଏକ ଶିକ୍ଷାନବିସ ଥିବାବସ୍ଥାରେ 'ବେଙ୍ଗଲୀ' ଶିକ୍ଷା କରୁଥିଲେ । ତାଙ୍କ ପିତା ଡ଼ଃ. କୃଷ୍ଣଧନ ପୁତ୍ରଙ୍କ ନିକଟକୁ ବଙ୍କିମ ସାହିତ୍ୟ ପଠାଇ ଦେଉଥିଲେ । ଶ୍ରୀଅରବିନ୍ଦ ବଙ୍କିମଙ୍କର ଉପନ୍ୟାସ ସବୁ ନିଜେ ପାଠ କରି ଖୁବ୍ ମୁଗ୍ଧ ହୋଇଥିଲେ । ତାଙ୍କ ରଚିତ ଇଂରାଜୀ ପ୍ରବନ୍ଧ 'ଋଷି ବଙ୍କିମଚନ୍ଦ୍ର' (୧୮୩୮-୧୮୯୪)ରେ ସେ ଉଲ୍ଲେଖ କରିଥିଲେ ଯେ ପ୍ରାରମ୍ଭିକ ଜୀବନରେ ବଙ୍କିମ ଥିଲେ କେବଳ ଏକ କବି ଓ ଉଚ୍ଚକୋଟୀର ଉନ୍ନତ ସାହିତ୍ୟିକ – ପରବର୍ତ୍ତୀ ବଙ୍କିମ ଥିଲେ ଜଣେ ଦ୍ରଷ୍ଟା, ଋଷି ଏବଂ ରାଷ୍ଟ୍ର ନିର୍ମାତା ।

ମାଇକେଲ୍ ମଧୁସୂଦନ ଦତ୍ତଙ୍କ ଉପରେ ରଚିତ ଶ୍ରୀଅରବିନ୍ଦଙ୍କର ଏକ ଇଂରାଜୀ ପଦ୍ୟର ଶେଷ ପଂକ୍ତିଟି ଥିଲା :

'The God himself took up thy pen and wrote.'



ମାଇକେଲ୍ ମଧୁସୂଦନ ଦତ୍ତ
(୧୮୨୪-୧୮୭୩)

ସ୍ୱାମୀ ବିବେକାନନ୍ଦଙ୍କର ବଙ୍ଗଳା ରଚନାସବୁ ପାଠ କରି ଶ୍ରୀଅରବିନ୍ଦ ଅତ୍ୟନ୍ତ ପ୍ରୀତ ହୋଇ ମନ୍ତବ୍ୟ ଦେଇଥିଲେ ଯେ ସ୍ୱାମିଜିଙ୍କ ଭାଷାରେ ପ୍ରାଣପ୍ରାଚୁର୍ଯ୍ୟ ରହିଛି, ଭାଷାରେ ଏପରି ଝଙ୍କାର, ଶକ୍ତି ଓ ତେଜଃ ଅନ୍ୟତ୍ର ଦୁର୍ଲଭ ।

ବରୋଦାରେ ଶ୍ରୀଅରବିନ୍ଦଙ୍କ ପାଠାଗାରରେ ୟୁରୋପର ନାନା ଭାଷାର ଅସଂଖ୍ୟ କାବ୍ୟଗ୍ରନ୍ଥ, ଉପନ୍ୟାସ, ଇତିହାସ ଓ ଦର୍ଶନସବୁ ଭର୍ତ୍ତି ହୋଇ ରହିଥିଲା । ହୋମରଙ୍କର 'ଇଲିଅଡ୍' ଓ 'ଓଡ଼େସି', ଦାନ୍ତେଙ୍କର 'ଡିଭିନା କମେଡ଼ିଆ' ସାଙ୍ଗକୁ ଆମର 'ରାମାୟଣ', 'ମହାଭାରତ' ଏବଂ କାଳିଦାସ, ମାଘ, ଭର୍ତ୍ତୃହରି, ଭବଭୂତି ପ୍ରଭୃତି ମହାକବିମାନଙ୍କର ଗ୍ରନ୍ଥାବଳିସବୁ ଶ୍ରୀଅରବିନ୍ଦଙ୍କ ପାଠାଗାରରେ ସଂରକ୍ଷିତ ଥିଲା ।




ସ୍ୱାମୀ ବିବେକାନନ୍ଦ
(୧୮୬୩-୧୯୦୨)

ଶ୍ରୀଅରବିନ୍ଦ ସେଣ୍ଟ୍ ପଲ୍‌ସର ଛାତ୍ରାବସ୍ଥାରେ ସ୍ୱଚେଷ୍ଟାରେ ଇଟାଲିଆନ୍, ଜର୍ମାନ୍ ଓ ସ୍ପେନିସ୍ ଭାଷା ଶିଖି ହୋମର, ଦାନ୍ତେଙ୍କ ସଦୃଶ ମହାକବିମାନଙ୍କର ମୂଳ ଭାଷାରେ ରଚିତ କାବ୍ୟଗ୍ରନ୍ଥ ସବୁ ପାଠକରି ପାରୁଥିଲେ । ଠିକ୍ ସେମିତି ସେ ପ୍ରତ୍ୟକ୍ଷ ଭାବରେ ସଂସ୍କୃତ ଶିକ୍ଷା କରିଥିଲେ କିଂବା ଇଂରାଜୀ ମାଧ୍ୟମରେହିଁ ଶିକ୍ଷା କରିଥିଲେ । ଦୀନେନ୍ଦ୍ରଙ୍କ ଉକ୍ତିରେ : ''... ସେ କହୁଥିଲେ ଯେ ମହାକବି ଦାନ୍ତେଙ୍କର କବିତ୍ୱରେ ମୁଗ୍ଧ ହୋଇଥିଲି, ହୋମରଙ୍କର 'ଇଲିୟାଡ଼' ପଢ଼ି ପରିତୃପ୍ତ ହୋଇଥିଲି – ୟୁରୋପିଆନ୍ ସାହିତ୍ୟରେ ଏସବୁ ଅତୁଳନୀୟ । କିନ୍ତୁ କବିତ୍ୱରେ ବାଲ୍ମୀକି ସର୍ବଶ୍ରେଷ୍ଠ । 'ରାମାୟଣ' ତୁଲ୍ୟ ମହାକାବ୍ୟ ପୃଥିବୀରେ ଅଦ୍ୱିତୀୟ ।''


ପି. ବି. ଶେଲି (୧୭୯୨-୧୮୨୨) : ଶ୍ରୀଅରବିନ୍ଦ ମାଞ୍ଚେଷ୍ଟରରେ ଥିବାବସ୍ଥାରେ ପି. ବି. ଶେଲିଙ୍କ ରଚିତ 'Revolt of Islam' ତାଙ୍କର ଖୁବ୍ ପ୍ରିୟ ଥିଲା ।

ଅନ୍ୟତ୍ର ବ୍ୟାସଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ ଏହି ମର୍ମରେ ଉଲ୍ଲେଖ କରିଥିଲେ ଯେ ବ୍ୟାସ ହେଉଛନ୍ତି ମୁଖ୍ୟତଃ ଦୁଃସାହସିକ ଓ ବୀରୋଚିତ କାବ୍ୟ ସୃଜନରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ କବିଗଣଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ।

କିନ୍ତୁ ଯେଉଁ ମହାବ୍ରତ ସାଧନ କରିବାକୁ ପରମେଶ୍ୱର ଶ୍ରୀଅରବିନ୍ଦଙ୍କୁ ପୃଥିବୀପୃଷ୍ଠକୁ ପଠାଇଛନ୍ତି, ସେଇଟି ତାଙ୍କୁ ଏଗାର ବର୍ଷ ହୋଇଥିବା ବେଳେ ତାଙ୍କର ଅନ୍ତଃକରଣରୁ ଅଙ୍କୁରିତ ହେବାକୁ ଆରମ୍ଭ କରିଥିଲା ଏବଂ ଏହି ସମୟକାଳରେ ତାଙ୍କୁ ଯେଉଁ କତିପୟ ମନୀଷୀ ଓ ସ୍ୱଦେଶପ୍ରେମୀଙ୍କର ବିପ୍ଳବାତ୍ମକ ରଚନା ଓ କ୍ରିୟାକଳାପ ଗଭୀର ଭାବରେ ପ୍ରଭାବିତ କରିଥିଲା ତନ୍ମଧ୍ୟରୁ ଶେଲି, ମାଜିନି, ଜୋଆନ୍ ଅଫ୍ ଆର୍କ ଏବଂ ପାରନେଲ୍ ଇତ୍ୟାଦି ଅନ୍ୟତମ । ପରିଶେଷରେ ପିତାଙ୍କ ପାଖରୁ ଆସୁଥିବା ତତ୍କାଳୀନ 'ଦି ବେଙ୍ଗଲୀ'ରେ ପ୍ରକାଶିତ ଇଂରେଜମାନଙ୍କର ଭାରତୀୟଙ୍କ ପ୍ରତି ଅମାନୁଷିକ ଅତ୍ୟାଚାରର ଖବର କାଗଜର ଟୁକୁରା । – ଏସବୁ ତାଙ୍କୁ ଚଉଦ ବର୍ଷ ହେବା ବେଳକୁ ସର୍ବାଗ୍ରେ 'ଦେଶୋଦ୍ଧାର'ରେ ଦୃଢ଼ସଙ୍କଳ୍ପ ହେବାକୁ ପ୍ରବୃତ୍ତ କରାଇଥିଲା ।


ଗ୍ୟୁସେପ୍ ମାଜିନି (୧୮୦୫-୧୮୭୨) : ତାଙ୍କର 'Young Italy' ପ୍ରତିଷ୍ଠାନ ସମଗ୍ର ଇଟାଲୀର ଏକତ୍ରୀକରଣ ଘଟାଇ ଥିଲା ।

ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ବାସ୍ତବିକ, ସର୍ବସାଧାରଣରେ ଜୋଆନ୍ ଅଫ୍ ଆର୍କଙ୍କର ଆବିର୍ଭାବ ଘଟିବା ପରେହିଁ ଫ୍ରାନ୍‌ସ ଏକ ଦେଶ ରୂପେ ପରିଗଣିତ ହେଲା ।''

ପୁନଶ୍ଚ ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ମାଜିନି ଇଟାଲିର ଯୁବ ଗୋଷ୍ଠୀଙ୍କ ଉପରେ ନିର୍ଭର କରୁଥିଲେ । ... ଯେତେବେଳେ (ଦେଶର) ବୋଲୋଗ୍ନାରେ ଗଣବିଦ୍ରୋହ ଜାଗିଉଠିଲା ସେତେବେଳେ ମୁଖ୍ୟତଃ ୟୁନିଭରସିଟିର ଛାତ୍ରଗଣହିଁ ଥିଲେ ଅଗ୍ରଣୀ ବୀର । ...''

ଆନିବେସାନ୍ତଙ୍କ ଉକ୍ତିରେ :''ଶ୍ରୀଅରବିନ୍ଦ ହେଉଛନ୍ତି ଭାରତର ମାଜିନି ।''


ଜୋଆନ୍ ଅଫ୍ ଆର୍କ (୧୪୧୨-୧୪୩୧) : ଉନବିଂଶ ବର୍ଷୀୟା ମହିୟସୀ ଫରାସୀ କୁମାରୀ ଯାହାଙ୍କର ବୀରତ୍ୱ ସମଗ୍ର ଦେଶବାସୀଙ୍କୁ ଇଂରେଜମାନଙ୍କ ବିରୋଧରେ ବିପ୍ଳବ ଘଟାଇବାରେ ପ୍ରୋତ୍ସାହିତ କରିଥିଲା ।



ବରୋଦା କଲେଜର ବକ୍ତୃତା ହଲ୍‌ର ଉପର ମହଲା

୧୮୯୮ର ଫେବ୍ରୁଆରୀରେ ଶ୍ରୀଅରବିନ୍ଦ ଔପଚାରିକ ଭାବରେ ବରୋଦା କଲେଜରେ ଇଂରାଜୀ ଓ ଫ୍ରେଞ୍ଚର ଅଧ୍ୟାପକ ରୂପେ ନିଯୁକ୍ତି ପାଇଲେ । ଏହି ସମୟକାଳ ମଧ୍ୟରେ ସେ କଲେଜ ୟୁନିୟନ୍‌ର ସଭାପତି ଥିଲେ ଏବଂ ଏଥିସହ କଲେଜର ଡିବେଟିଂ ସୋସାଇଟିରେ ଓ 'ତରୁଣ ସଂଘ'ରେ ମଧ୍ୟ ସଭାପତିତ୍ୱ କରୁଥିଲେ ।


୧୮୯୯ରେ କଲେଜର ପ୍ରୀତି ସମ୍ମେଳନ (social gathering) ଉତ୍ସବରେ ଶ୍ରୀଅରବିନ୍ଦ ଅକ୍‌ସଫୋର୍ଡ଼ ଓ କେମ୍ବ୍ରିଜ ୟୁନିଭରସିଟିର ଉଦାହରଣ ଦେଇ ଛାତ୍ରଗଣଙ୍କୁ ଏକ ସାରଗର୍ଭକ ଭାଷଣ ଦେଇଥିଲେ ।



ବକ୍ତୃତା ହଲ୍‌ର ତଳ ମହଲାର ପ୍ଲାଟ୍‌ଫର୍ମ

ପୁନଶ୍ଚ ୧୯୦୪ରେ ସେ କଲେଜର ଭାଇସ୍-ପ୍ରିନ୍‌ସିପାଲ ଏବଂ ୧୯୦୫ ମାର୍ଚ୍ଚରୁ ୧୯୦୬ ଫେବ୍ରୁଆରୀ ପର୍ଯ୍ୟନ୍ତ ସାମୟିକ ଭାବରେ କଲେଜ ଅଧ୍ୟକ୍ଷ ଥିଲେ । ଏହି ସମୟରେ ଅଳ୍ପ ଦିନ ସକାଶେ ଅସ୍ଥାୟୀ ଭାବରେ ରାଜ୍ୟର ଶିକ୍ଷା ମନ୍ତ୍ରୀ ପଦରେ ନିଯୁକ୍ତି ପାଇଥିଲେ ।

ଛାତ୍ର ରାଜାରାମ ଏନ୍. ପାଟ୍‌କରଙ୍କର ସ୍ମୃତିକଥାରୁ ଉଦ୍ଧୃତି : ''... ସେ ଯେଉଁଦିନ କଲେଜର ଡିବେଟିଂ ସୋସାଇଟିର ପରିଚାଳନା କରୁଥିଲେ ସେଦିନ ବିଶାଳ ସେଣ୍ଟ୍ରାଲ ହଲ୍‌ଟି ଶ୍ରୋତାମାନଙ୍କ ଦ୍ୱାରା ପୂରା ଭର୍ତ୍ତି ହୋଇ ଯାଉଥିଲା । ଶ୍ରୋତା କହିଲେ କେବଳ ଛାତ୍ର ନଥିଲେ, ବରୋଦା ରାଜ୍ୟର ଅନେକ ଶିକ୍ଷିତ ବ୍ୟକ୍ତିଙ୍କର ମଧ୍ୟ ସମାଗମ ଘଟୁଥିଲା । ... ସେ ଭାଷଣ ଦେବାକୁ ଦଣ୍ଡାୟମାନ ହେଲେ ସମଗ୍ର ହଲ୍‌ଟି ଏକେବାରେ ନୀରବ ନିସ୍ତବ୍ଧ ହୋଇ ଯାଉଥିଲା ଏବଂ ଶ୍ରୋତୃମଣ୍ଡଳୀ ନିବିଷ୍ଟ ଚିତ୍ତରେ ତାଙ୍କ କଥା ଶୁଣିବାକୁ ଆଗ୍ରହାନ୍ୱିତ ହୋଇ ଉଠୁଥିଲେ । ଭାଷଣ ଦେବା ସମୟରେ କୌଣସି ଅଙ୍ଗପ୍ରତ୍ୟଙ୍ଗର ଚାଳନା ନଥାଇ ସେ ପ୍ରତିମୂର୍ତ୍ତି ସଦୃଶ ସ୍ଥିର ନିଶ୍ଚଳ ଭାବେ ଛିଡ଼ା ହୋଇ ରହୁଥିଲେ । ଏବଂ ଏକ ସ୍ୱାଭାବିକ ସ୍ୱାଚ୍ଛନ୍ଦ୍ୟ ଓ ମାଧୁର୍ଯ୍ୟ ସହିତ ତାଙ୍କର ଓଷ୍ଠାଧରରୁ ଗଭୀର ଭାବପ୍ରକାଶମୂଳକ ଶବ୍ଦ-ବିନ୍ୟାସ ଶ୍ରୋତୃମଣ୍ଡଳୀଙ୍କୁ ଏକେବାରେ ମନ୍ତ୍ରମୁଗ୍ଧ କରି ଦେଉଥିଲା । ...''




ଛାତ୍ର ରାଜାରାମ ଏନ୍. ପାଟ୍‌କର

ଛାତ୍ର ପେଶୁମଲ୍ ଚାନ୍ଦଓ୍ୱାଣୀଙ୍କ ଉକ୍ତିରେ : ''... ଶ୍ରୀଅରବିନ୍ଦ କ୍ଲାସରେ ବସି ସାମନା ଟେବୁଲ ଉପରେ ତାଙ୍କ ହସ୍ତ ଦୁଇଟିକୁ 'ଧ୍ୟାନ ମୁଦ୍ରା'ରେ ରଖୁଥିଲେ । ... ତାଙ୍କର ନେତ୍ରଦ୍ୱୟ ଆନତପ୍ରାୟ; ଏବଂ ପଢ଼ାଇବା ବେଳେ ଅର୍ଦ୍ଧଧ୍ୟାନସ୍ଥ ଅବସ୍ଥାରେ ଥିବା ଭଳି ପ୍ରତୀୟମାନ ହେଉଥିଲା ।''

୧୯୦୫ରେ ଡକ୍ଟର ସି. ଆର୍. ରେଡ୍ଡୀ ବରୋଦା କଲେଜର ଜଣେ ଅଧ୍ୟାପକ ହିସାବରେ ନିଯୁକ୍ତି ପାଇଥିଲେ । କଲେଜର ତଦାନୀନ୍ତନ ପ୍ରିନ୍‌ସିପାଲ ମିଷ୍ଟର୍ କ୍ଲାର୍କ କଥା ପ୍ରସଙ୍ଗରେ ରେଡ୍ଡୀ ମହାଶୟଙ୍କୁ କହିଥିଲେ, ''ଆପଣ ତା'ହେଲେ ଅରବିନ୍ଦ ଘୋଷଙ୍କୁ ଭେଟିଲେ । ଆପଣ ତାଙ୍କର ଆଖିକୁ ଲକ୍ଷ୍ୟ କରିଛନ୍ତି କି ? ସେଥିରେ ଭରି ରହିଛି ରହସ୍ୟମୟ ତେଜଃ ଓ ଦୀପ୍ତି; ସେଇ ଚକ୍ଷୁ ଦୁଇଟି ବିଚକ୍ଷଣ ଭାବରେ କେଉଁ ଅଜ୍ଞାତ ଜଗତରେ ନିବଦ୍ଧ ହୋଇ ରହିଥାଏ । ଯଦି ଜୋଆନ୍ ଅଫ୍ ଆର୍କ ଦିବ୍ୟ ବାଣୀ ଶ୍ରବଣ କରି ପାରୁଥିଲେ, ତେବେ ଖୁବ୍ ସମ୍ଭବତଃ ଅରବିନ୍ଦ ଦିବ୍ୟ ଦର୍ଶନ କରୁଥିବେ ।''



ଛାତ୍ର ପେସୁମଲ୍ ବି ଚାନ୍ଦଓ୍ୱାଣି
(୧୮୮୮-୧୯୭୩)



ଶ୍ରୀଅରବିନ୍ଦଙ୍କ ଅଫିସ୍ ଓ କ୍ଲାସ ରୁମ୍

୧୯୦୮ରେ ଡ଼ଃ. ରେଡ୍ଡୀ ବରୋଦା କଲେଜର ଭାଇସ୍-ପ୍ରିନ୍‌ସିପାଲ ହୋଇଥିଲେ । ୧୯୪୮ର ଡିସେମ୍ବରରେ ସେ ପଣ୍ଡିଚେରୀକୁ ଆସି ଶ୍ରୀଅରବିନ୍ଦଙ୍କୁ 'ସି. ଆର୍. ରେଡ୍ଡୀ ନେସ୍‌ନାଲ ପ୍ରାଇଜ୍ ଫର୍ ହ୍ୟୁମାନିଟି' ପୁରସ୍କାର ଅର୍ପଣ କରିଥିଲେ ।



ମି. କ୍ଲାର୍କ୍ ୧୯୦୫ରେ ବରୋଦା କଲେଜର ପ୍ରିନ୍‌ସିପାଲ ପଦରେ ନିଯୁକ୍ତି ପାଇଥିଲେ । ସେ ଥିଲେ ଜଣେ ସୁଦକ୍ଷ ଓ ଜନପ୍ରିୟ ଶିକ୍ଷାବିତ୍ ।

ଏ. ବି. କ୍ଲାର୍କ
(୧୮୭୬-୧୯୨୪)



ଡ଼ଃ. ସି. ଆର୍. ରେଡ୍ଡୀ
(୧୮୮୦-୧୯୫୧)



ରାଜା ସୁବୋଧ ଚନ୍ଦ୍ର ବସୁ ମଲ୍ଲିକ
(୧୮୭୯-୧୯୨୦)


ଛାତ୍ର ରାଜେନ୍ଦ୍ର ଦଲାଲଙ୍କ ସ୍ମୃତିକଥାରୁ ଉଦ୍ଧୃତି : ''... ଆମେ ବି. ଏ. କ୍ଲାସରେ ପଢୁଥିବା ବେଳେ ପ୍ରଫେସର ଘୋଷ (ଶ୍ରୀଅରବିନ୍ଦ)ଙ୍କର ଜନୈକ ବନ୍ଧୁ ମି. ସୁବୋଧ ଚନ୍ଦ୍ର ମଲ୍ଲିକ ଆମମାନଙ୍କୁ 'ସ୍ୱଦେଶୀ' ଉପରେ ଗୁରୁତ୍ୱପୂର୍ଣ୍ଣ ଭାଷଣ ଦେଇଥିଲେ । ... ସେହିଦିନ ମଧ୍ୟ ପ୍ରଫେସର ଘୋଷ ଆମମାନଙ୍କୁ ଭାଷଣ ଦେଇଥିଲେ । ଆମେ ତାଙ୍କର ଭାବପ୍ରବଣତା ଓ ଉଦ୍ଦୀପନାପୂର୍ଣ୍ଣ ବାଗ୍ମିତାରେ ମୋହିତ ହୋଇ ଉଠିଥିଲୁ ... । ତାଙ୍କର ଉଚ୍ଚାରିତ ପ୍ରତ୍ୟେକଟି ଶବ୍ଦରେ ସ୍ୱଦେଶ ପ୍ରେମର ତେଜଃ ଭରି ରହିଥିଲା । ...''

ଛାତ୍ର କେ. ଏମ୍. ମୁନ୍‌ସିଙ୍କ ସ୍ମୃତିକଥାରୁ ଉଦ୍ଧୃତି : ''ଦିନେ ମୁଁ ପ୍ରଫେସର ଘୋଷଙ୍କୁ ପ୍ରଶ୍ନ ପଚାରିଥିଲି, 'କେଉଁ ସ୍ୱାଭାବିକ କ୍ରମବିକାଶର ପଦ୍ଧତି ଅନୁସରଣ କରି ଜଣେ ସ୍ୱଦେଶାନୁରାଗୀ ହୋଇ ଉଠିବ ?' – ସାମନା କାନ୍ଥରେ ଝୁଲୁଥିବା ଭାରତ ମାନଚିତ୍ର ପ୍ରତି ମୋର ଦୃଷ୍ଟି ଆକର୍ଷଣ କରି ସେ ମୋତେ କହିଲେ, 'ଏହି ମାନଚିତ୍ର ମଧ୍ୟରେ ଭାରତମାତାଙ୍କର ପ୍ରତିରୂପ ଦେଖିବାକୁ ପ୍ରଯତ୍ନ କର । ସହରାଞ୍ଚଳ, ପର୍ବତମାଳା, ନଦନଦୀ, ଅରଣ୍ୟାନି ଦ୍ୱାରା ମା'ଙ୍କର ଶରୀର ଗଠିତ ହୋଇଛି । ... ଭାରତବର୍ଷକୁ ଏକ ଜୀବନ୍ତ ମାଆ ରୂପେ ଦେଖ, ତାଙ୍କ ଉପରେ ଧ୍ୟାନସ୍ଥ ହୁଅ ଏବଂ ନବଧା ଭକ୍ତିରେ ତାଙ୍କୁ ଆରାଧନା କର ।' ''



କେ. ଏମ୍. ମୁନ୍‌ସି
(୧୮୮୭-୧୯୭୧)

୧୮ ଜୁନ୍ ୧୯୦୬ରେ ଶ୍ରୀଅରବିନ୍ଦ ବିନା ବେତନରେ ବର୍ଷକ ସକାଶେ କଲେଜରୁ ଛୁଟିରେ ରହିଲେ । ଏହି ଦିନଟି ଥିଲା ଶ୍ରୀଅରବିନ୍ଦଙ୍କର ବିରୋଦା ଚାକିରିର ଅନ୍ତିମ ଦିବସ ।



ଶ୍ରୀଅରବିନ୍ଦଙ୍କ ସହିତ ତାଙ୍କର ଜୁନିଅର୍ ବି. ଏ. ଇଂରାଜୀର ଛାତ୍ରଗଣ

ଛାତ୍ର ଶଙ୍କର ବଲୱନ୍ତ ଡିଡ୍‌ମିସେଙ୍କ ସ୍ମୃତିକଥାରୁ ଉଦ୍ଧୃତି : ''... ଆମେ ନିଶ୍ଚିତ ଥିଲୁ ଯେ ଶ୍ରୀଅରବିନ୍ଦ ଆମମାନଙ୍କଠାରୁ ଚିର ବିଦାୟ ନେଉଛନ୍ତି । ... ତେଣୁ ଆମେ (ଆଠ ଜଣ) ସିଦ୍ଧାନ୍ତ ନେଲୁ ରାମ୍‌ଜି ମନ୍ଦିରର ଅପର ପାର୍ଶ୍ୱରେ ଥିବା ପାଓ୍ୱାର୍ସ ୱାଡ଼ାରେ ଅବସ୍ଥିତ 'ବିବିଧ କଳା ମନ୍ଦିର ଷ୍ଟୁଡ଼ିଓ'ରେ ତାଙ୍କ ସହିତ ଆମେ (ସିନିଅର୍ ଓ ଜୁନିୟର୍ ଇଂରାଜୀ ଛାତ୍ରଗଣ ଏବଂ ଫରାସୀ ଛାତ୍ରଗଣ) ସମସ୍ତେ ଫଟୋ ଉଠାଇବୁ – ତିନୋଟି ଗ୍ରୁପ୍ ଫଟୋ ନିଆ ଯାଇଥିଲା ।''




ଶଙ୍କର ବଲୱନ୍ତ ଡିଡ୍‌ମିସେ

Vol. LXVI, No. 1, NAVAJYOTI – 21 February, 2023, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**